ନନ୍ଦକିଶୋର ସାମଲ

ରଚନାବଳୀ

Digitized by srujanika@gmail.com

ନନ୍ଦକିଶୋର ସାମଲ

"ଓଡ଼ିଆ ସାହିତ୍ୟ ଜଗତର ଆପଣ ଜଣେ ସମର୍ଥ ସଫଳ ସାଧକ । ଶିଶୁ ପ୍ରାଣସ୍ପର୍ଶୀ ସରଳ, ସରସ, ଓ ସାବଲୀଳ ସୃଷ୍ଟି ପାଇଁ ଆପଣ ସୁପରିଚିତ । ଆପଣଙ୍କ ଲେଖାରେ ଆଧୁନିକ ଚେତନା ଯେପରି ପ୍ରାଣବନ୍ତ, ଗଭୀର ମନସ୍ତାତ୍ତ୍ୱିକ ବିଭବ ଓ ଶବ୍ଦ ଶିଳ୍ପର କାରୁକାର୍ଯ୍ୟ ସେଇପରି ଉପଭୋଗ୍ୟ ।"

-ଉତ୍କଳ ସାହିତ୍ୟ ସମାଜ

ଶ୍ରୀରାମଚନ୍ଦ୍ର ଭବନ,କଟକ

ଶ୍ରୀ ନନ୍ଦିକିଶୋର ସାମଲଙ୍କ ଶ୍ରେଷ୍ଠ ଶିଶୁ ସାହିତ୍ୟ "ମୋତେ ଯେତେବେଳେ ଦଶ ବରଷ" ପୁସ୍ତକ ...."

ଓଡ଼ିଶା ସାହିତ୍ୟ ଏକାଡେମୀ,

ଭୁବନେଶ୍ୱର

"ସମକାଳୀନ ଓଡ଼ିଶା ଶିଶୁ ସାହିତ୍ୟ ଜଗତରେ ଆପଣଙ୍କର ସାଧନା, ନିଷ୍ଠା ଓ ଆନ୍ତରିକତା ଆପଣଙ୍କୁ ଜଣେ ଯଶସ୍ୱୀ ଶିଶୁ ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରିଛି ।"

୪୭ତମ ବିଷୁବ ମିଳନ

ପ୍ରଜାତନ୍ତ୍ର ପ୍ରଚାର ସମିତି,କଟକ

"ଅବହେଳିତ ଓ ଅବିକଶିତ ଓଡ଼ିଆ ଶିଶୁ ସାହିତ୍ୟକୁ ଆପଣଙ୍କ ଅବଦାନ ଅବିସ୍ମରଣୀୟ । ଶିଶୁ ମନସ୍ତତ୍ତ୍ୱକୁ ବୁଝି ସେମାନଙ୍କ ଉପଯୋଗୀ ସରସ, ସାବଲୀଳ କବିତା, ନାଟକ, ଗୀତିନାଟ୍ୟ ରୂପକ ଆଦି ଲେଖି ଆପଣ ସମୃଦ୍ଧ କରିଛନ୍ତି ଆମ ଶିଶୁ ସାହିତ୍ୟ ଭଣ୍ଡାରକୁ ।"

ଫକୀର ମୋହନ ସାହିତ୍ୟ ପରିଷଦ,

ବାଲେଶ୍ୱର

Digitized by srujanika@gmail.com

ନନ୍ଦକିଶୋର ସାମଲ ରଚନାବଳୀ

(ପ୍ରଥମ ଖଣ୍ଡ)

ନନ୍ଦକିଶୋର ସାମଲ ସ୍ମୃତିନ୍ୟାସ
ବର୍ଷା ନିଳୟମ୍
କୁସୁପୁର, କଟକ-୭୫୪୨୮୫

Digitized by srujanika@gmail.com

ନନ୍ଦକିଶୋର ସାମଲ ରଚନାବଳୀ (ପ୍ରଥମ ଖଣ୍ଡ)

ସଂପାଦନା: ଡକ୍ଟର ବସନ୍ତ କିଶୋର ସାହୁ

ପ୍ରକାଶିକା: ଶ୍ରୀମତୀ ମମତା ସାମଲ
କବି ନନ୍ଦକିଶୋର ସାମଲ ସ୍ମୃତିନ୍ୟାସ,
ବର୍ଷା ନିଳୟମ୍, କୁସୁପୁର, କଟକ-୭୫୪ ୨୮୫

ସ୍ୱତ୍ୱାଧିକାରୀ: ପ୍ରଦୀପ୍ତ କିଶୋର ସାମଲ, ଭ୍ରାମ୍ୟ: ୯୪୩୭୮୭୯୬୯୬

ପ୍ରଥମ ପ୍ରକାଶ : ୧୨ ଜୁନ୍ ୨୦୦୭

ଅକ୍ଷର ଓ ମୁଦ୍ରଣ : ସେନ୍ ଗ୍ରାଫିକ୍ସ, କେଶରପୁର, କଟକ-୧

ମୂଲ୍ୟ : ଟ ୨୦୦.୦୦ ଙ୍କା

Nanda Kishore Samal Rachanabali (Part - I)

Editor : **Dr. Basanta Kishore Sahoo**

Publisher : **Smt. Mamata Samal**
Kabi Nanda Kishore Samal Foundation Trust
Barsha Nilayam , At/Po- Kusupur, Dist. Cuttack - 754 285

Copy Rights : **Pradipta Kishore Samal,** Mob:9437879696

First Edition : **12th June 2007**

Printed by : **Sen Graphics, Kesharpur, Cuttack -1**

Price : **Rs. 200.00**

Digitized by srujanika@gmail.com

କବି ନନ୍ଦକିଶୋର

Digitized by srujanika@gmail.com

ସପରିବାର

Digitized by srujanika@gmail.com

ଶିଶୁସାହିତ୍ୟର ସ୍ରଷ୍ଟା ନନ୍ଦକିଶୋର

Digitized by srujanika@gmail.com

ଅନ୍ୟ ଏକ ମୁହୂର୍ତ୍ତରେ ପତି-ପତ୍ନୀ

ଆସାମର ଉତ୍ତର ଲକ୍ଷ୍ମୀପୁରଠାରେ ଜ୍ୟେଷ୍ଠପୁତ୍ର ପ୍ରଦୀପ୍ତ କିଶୋର ଓ
ବୋହୂ ପ୍ରଭାତୀଙ୍କ ସହ କବି ଓ କବିପତ୍ନୀ

Digitized by srujanika@gmail.com

ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର ସିଂହଙ୍କ ଠାରୁ ଓଡିଶା
ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣ

ପଞ୍ଚାୟତ ହାଇସ୍କୁଲ ମଣିଝୋରୀଠାରେ ତତ୍କାଳୀନ ମନ୍ତ୍ରୀ
ସେକ୍ ମତଲୁବ୍ ଅଲ୍ଲୀଙ୍କ ଦ୍ୱାରା ସମ୍ବର୍ଦ୍ଧନା

Digitized by srujanika@gmail.com

ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନାର ଉତ୍ତରରେ

ନିଖିଳ ଉତ୍କଳ ଶିଶୁମେଳା ସମିତି ଚଣ୍ଡିଖୋଲଠାରେ ମୁଖ୍ୟମନ୍ତ୍ରୀ
ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧନା

Digitized by srujanika@gmail.com

କୋଣାର୍କ ମନ୍ଦିର ପରିସରରେ

Digitized by srujanika@gmail.com

କନିଷ୍ଠ ପୁତ୍ର ସୁକୁମାର ଓ ବୋହୂ ମମତାଙ୍କ ସହ
ବିବାହ ଅବସରରେ

Digitized by srujanika@gmail.com

ଜୟନ୍ତୀ ଉତ୍ସବ

ନାତି-ନାତୁଣୀଙ୍କ ସହ

Digitized by srujanika@gmail.com

ପତ୍ନୀଙ୍କ ସହ କବି ନନ୍ଦକିଶୋର

Digitized by srujanika@gmail.com

ପ୍ରକାଶିକାଙ୍କ କଲମରୁ.......

କବିଙ୍କ ପ୍ରକାଶିତ ଓ ଅପ୍ରକାଶିତ ରଚନାକୁ ନେଇ ନନ୍ଦକିଶୋର ରଚନାବଳୀର ପ୍ରଥମ ଭାଗ ଆଜି ପ୍ରକାଶ ପାଉଛି । ସମଗ୍ର ରଚନାବଳୀ ଚାରିଖଣ୍ଡରେ ପ୍ରକାଶ ପାଇବ । ପ୍ରଥମ ଖଣ୍ଡ ପ୍ରକାଶନ ସମ୍ଭବ ହୋଇଛି କେବଳ ନନ୍ଦକିଶୋରଙ୍କୁ ଭଲ ପାଉଥିବା ଛାତ୍ରଛାତ୍ରୀ, ସାହିତ୍ୟାନୁରାଗୀ ଓ ଆତ୍ମୀୟ ସ୍ୱଜନଙ୍କ ଆନ୍ତରିକ ସ୍ନେହ ଓ ଆଗ୍ରହ ଯୋଗୁ ।

ଏହି ରଚନାବଳୀର ପରିକଳ୍ପନା ୧୯୯୭ ମସିହାରୁ କରାଯାଇଥିଲେ ହେଁ ତାହା ଦୀର୍ଘ ୧୦ ବର୍ଷ ପରେ ସମ୍ଭବ ହେବାକୁ ଯାଉଛି । ଏହାର ପରିକଳ୍ପନା ଓ ସଫଳତା ସହିତ ଯେଉଁମାନେ ଆନ୍ତରିକତା ସହିତ ଜଡିତ ସେମାନେ ହେଲେ ସ୍ୱର୍ଗତ ବଳରାମ ସାହୁ, ଡଃ. ବିଜୟାନନ୍ଦ ସିଂହ, କବି ବ୍ରଜନାଥ ରଥ, ଶ୍ରୀ କେଶବାନନ୍ଦ ସାହୁ, ଶ୍ରୀ କୃଷ୍ଣଚନ୍ଦ୍ର ସାହୁ, ପ୍ରକାଶନ ସଂପାଦକ ଡଃ. ବସନ୍ତ କିଶୋର ସାହୁ, ସଂପାଦକ ଶ୍ରୀ ସଦାନନ୍ଦ ସାହୁ ଓ ଶ୍ରୀ ଚିତ୍ତରଞ୍ଜନ ମହାନ୍ତି । ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞ ।

ବିଶିଷ୍ଟ ଶିଶୁସାହିତ୍ୟିକ ଓ ଶିକ୍ଷାବିତ୍ ଡଃ. ମହେଶ୍ୱର ମହାନ୍ତି ବହୁ ଶ୍ରମ ସ୍ୱୀକାର କରି ପୁସ୍ତକଟିର ମୁଖବନ୍ଧ ରଚନା କରି ଆମକୁ ଅନୁଗୃହୀତ କରିଥିବାରୁ ତାଙ୍କୁ ଏହି ଅବସରରେ ସାଧୁବାଦ ଜଣାଉଛି ।

ପୁସ୍ତକଟିର ପ୍ରକାଶନରେ ମୋର ଦେଢଶୁର ଶ୍ରୀ ପ୍ରଦୀପ୍ତ କିଶୋର ସାମଲ ଓ ବଡ ଯା' ଶ୍ରୀମତୀ ପ୍ରଭାତୀ ସାମଲଙ୍କର ପ୍ରେରଣା ଓ ଆର୍ଥିକ ସହାୟତା ପୁସ୍ତକଟିକୁ ଲୋକଲୋଚନକୁ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସେମାନଙ୍କ ନିକଟରେ ମୁଁ ଚିର ଋଣୀ ।

ପୁସ୍ତକଟିକୁ ସର୍ବାଙ୍ଗ ସୁନ୍ଦର କରି ପ୍ରକାଶ କରିବାରେ ସେନ୍ ଗ୍ରାଫିକ୍ସ, କଟକର ସତ୍ତ୍ୱାଧିକାରୀ ଶ୍ରୀ ହରିହର ସେନ ଓ ପ୍ରୁଫ ରିଡର ଶ୍ରୀ ଗୋପୀନାଥ ମିଶ୍ର ସହାୟତା ପ୍ରଦାନ କରିଛନ୍ତି । ସେମାନଙ୍କୁ ମଧ୍ୟ ସାଧୁବାଦ ଜଣାଉଛି ।

ପରିଶେଷରେ ମୋର ସ୍ୱାମୀ ଶ୍ରୀ ସୁକୁମାର ସାମଲଙ୍କ ଚେଷ୍ଟା ଓ ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ରଚନାବଳୀଟି ଆଜି ଲୋକଲୋଚନକୁ ଆସିପାରିଛି । ନିଜର ଓ ଆପଣାର ଲୋକ ହେଲେ ମଧ୍ୟ ତାଙ୍କୁ ମୁଁ ଏହି ଅବସରରେ ସାଧୁବାଦ ଜଣାଉଛି ।

ଅଜ୍ଞାତରେ ପୁସ୍ତକଟିରେ କିଛି ଦୋଷ ତ୍ରୁଟି ରହିଯାଇଥାଇପାରେ-ଆଶା ସହୃଦୟ ପାଠକଗଣ ତାକୁ ଉଦାର ଚିତ୍ତରେ ଗ୍ରହଣ କରି ଆମକୁ କ୍ଷମା ପ୍ରଦାନ କରିବେ ।

ଆଶା ରଚନାବଳୀର ପ୍ରଥମଭାଗ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ, ୨ୟ ଖଣ୍ଡ ପ୍ରକାଶ ଦିଗରେ ଆମକୁ ଉତ୍ସାହିତ ଓ ଅନୁପ୍ରେରିତ କରିବ ।

କୁସୁପୁର

୧୨ ଜୁନ୍ ୨୦୦୭ **ଶ୍ରୀମତୀ ମମତା ସାମଲ**

Digitized by srujanika@gmail.com

ସୂଚୀପତ୍ର

ମୁଖବନ୍ଧ-୧୭, କବି ନନ୍ଦକିଶୋରଙ୍କ ସୃଷ୍ଟି, ଦୃଷ୍ଟି ଓ ଜୀବନୀ-୨୫, ସଂକ୍ଷେପରେ କବି ନନ୍ଦକିଶୋର-୪୭, ବଂଶାବଳୀ-୫୬, (୧୭-୫୬)

ଆମଘର-୫୭ (୫୭-୬୦)

ଗୁଣ୍ଡୁଚିମୂଷାର ପିଠିରେ ଗାର - ୧୯୬୪ (୬୧-୯୫)

ମୋ ଦେଶ- ୬୫, କା-କା ଡାକୁ କାଉ -୬୬, ପାରା ଦଳେ ଥିଲେ-୬୭, ପୁଷି ମୋର ସୁନାପିଲା -୬୯, ପେଁ-ପେଁ କେଁ-କେଁ ଗୀତ -୭୦, ମାରିଦେଲି ଡିଆଁ-୭୩,ଚକା ଚକା ଭଉଁରୀ - ୭୪, ଗହ୍ଳା ପୂନେଇଁ- ୭୬, ଆଜି କଲୁ ଟିକେ ଅରୁଆଜାଉ-୭୭, କୁନି କହେ, 'ଟୁନିନାନୀ ଯୋଗାଡରେ ରହିବ' -୭୯,ଆମ ଘରେ କିଆଁ ବଳଦ ନାହିଁ ?-୮୦, ଆମ କଥା - ୮୧, ଚକୁଳିଆ ପଣ୍ଡା-୮୩, ନିମ, ସଜନା, ନେଉଟିଆ-୮୪, ମା' ପରି କିଏ ହବ ? -୮୬, ସକାଳ ହେଲା-୮୭,ଦୀପ ଜଳୁଥିଲା, ପୁଅ ଖେଳୁଥିଲା-୮୮, ଗୁରୁ କହୁଥିଲେ -୮୯, ଶଗଡ଼ ମଟର -୯୦, କୋଣାରକ ବୋଲି ଦେଉଳଟିଏ-୯୧, ପଖାଳ, ତତଲା-୯୩, ଗୁଣ୍ଡଚିମୂଷାର ପିଠିରେ ଗାର -୯୪ ।

ସରଗ ଫୁଲ - ୧୯୭୯ (୯୭-୧୨୬)

ଭାରି ଭଲ ଲାଗେ ମତେ ମୋ' ଘର - ୧୦୧, ଗାଁ ହାଟ -୧୦୩, ଗଛର ଜୀବନ ଅଛି କି ନାହିଁ -୧୦୫, ଆଲମାରି-୧୦୭, ତାଙ୍କରି ଜୀବନୀ ପଢରେ ପିଲେ -୧୦୮, ଦୁଧ ଦେଉଥିଲା ବଉଳି ଗାଈ -୧୦୯, ଏଠି ଥିଲେ ଜଣେ ମହାପୁରୁଷ -୧୧୦, ମଣ୍ଟୁର ଶଗଡ-୧୧୧, କରିବ ତ କିଛି କର -୧୧୨, ମୁଁ ମାଗିବି ପେଁ-କାଳି-୧୧୪, ସକାଳ ହେଲା-୧୧୫, ବଗଟିଏ ଥିଲା ଭାରି ଧୋବଲା -୧୧୬, ଆମେ ଏ ଦେଶର ସ୍ୱାଧୀନ ପିଲା-୧୧୭,ବରଷା ହେଲା-୧୧୯, ଫଗୁଣ ପୂନେଇଁ -୧୨୦, ସଭା ବସିଥିଲା ସରଗପୁରେ- ୧୨୧, ସରଗ-ଫୁଲ -୧୨୬ ।

ମୁଁ କହିବି କଥାଟିଏ ତୁ କହିବୁ ହୁଁ - ୧୯୮୫ (୧୨୭-୧୬୦)

ବାଲି ମୁଁ ଚାହିଁଚି ବଲବଲ କରି -୧୩୧, ଏଇ କି ସେଇ ? -୧୩୨, ଆମେ ତ ମଣିଷ, ସିଏ ତ.ମଣିଷ -୧୩୪, ସୋଲ ଦେଖିଥିବ ସୋଲ -୧୩୫, ଛତା-୧୩୬, ମତେ ତମେ ଫୁଲଟିଏ କର - ୧୩୭, ଜଣେ ଥିଲେ ରାଜା -୧୩୯, ବାଘ- ୧୪୧, ବାରିରେ ସଜନା, ପିଢାରେ ପୋଇ -୧୪୩, କୂଅକୁ ଫିଟିଛି ଝର -୧୪୪,ତମେ ସବୁ

Digitized by srujanika@gmail.com

ସାନ ସାନ ପିଲା -୧୪୫, ବଡ ବୋଲି ତମେ ଯାହାକୁ କହୁଚ -୧୪୬, ତାରାଫୁଲ-୧୪୭, ଖଡ଼ି ଦିଅ ମତେ ଦିଅ ଖଡ଼ି-୧୪୯, ନଈବଢ଼ି ହେଲା -୧୫୦,ବରଷା ଆସିଲା -୧୫୧, ଘଷି-ଚାଳି -୧୫୩, ଫୁଲଟିଏ ଫୁଟିଥିଲି ମୁହିଁ -୧୫୪, ଘମ -୧୫୫, ମହୁମାଛି -୧୫୬, ଗଛଟିଏ ହୋଇଥାନ୍ତି ଯେବେ -୧୫୮, ମୁଁ କହିବି କଥାଟିଏ, ତୁ କହିବୁ ହୁଁ- ୧୫୯, ତୋଟାରେ ମୁଁ ଶୁଖିଲା ପତର -୧୬୦ ।

ମୋତେ ଯେତେବେଳେ ଦଶ ବରଷ - ୧୯୯୦ (୧୬୧-୧୮୮)

ମୋତେ ଯେତେବେଳେ ଦଶ ବରଷ -୧୬୩, ଘରେ -୧୬୫, ରୋଷେଇଘରେ-୧୬୭, ଗୁହାଳଘରେ -୧୬୮, ଫୁଲବଗିଚାରେ -୧୭୦, ପଢ଼ିଶାଘରେ -୧୭୩, ନଈଘାଟରେ -୧୭୫, ତୋଟାରେ -୧୭୭, ସଡ଼କରେ -୧୮୦, ଗାଧୁଆତୁଠରେ-୧୮୨, ଖେଳପଡ଼ିଆରେ -୧୮୩, ନଈକୂଳେ -୧୮୫, ହାଟ-ବଜାରରେ- ୧୮୮ ।

ଆମେ ଏ ମାଟିର ସୁନା ଫରୁଆ-୧୯୯୧ (୧୮୯-୨୧୦)

ଆମେ ଏ ମାଟିର ସୁନା-ଫରୁଆ-୧୯୧, କାହିଁକି ମୁଁ ଜାଣେନାହିଁ -୧୯୪,କାହିଁରେ ଏଠି ସେ ଖୁସି ?- ୧୯୮, ସେଥିରୁ ଦି'ଗଛ ଲଗାରେ ଭାଇନା -୨୦୦, ଦାନା ବି ଦେଇଚି ସଭିଙ୍କି ସେଇ -୨୦୩, ଖଟିବି ମୁଁ ଯେତିକି ପାରିବି -୨୦୬, ମୋ ଜୀବନ ସୁଆଦ ସେଇଠି - ୨୦୮ ।

ସିଏ ମୁଁ ତମେ - ୧୯୯୨ (୨୧୧-୨୩୮)

ମୋ ଗାଁ - ୨୧୩, ସହିବା ଗୁଣ ବେଶି -୨୧୫, ସତୁରି ବରଷ ତଳେ -୨୧୮, ଫୁଲ-୨୨୧, ଛୁଆଁ ଅଛୁଆଁର କଥା -୨୨୩, ସେ ହସ ଲିଭିଚି ଆଜି -୨୨୬, ବଉଳି- ୨୨୮, ସ୍ୱାଧୀନତା ସିନା ସେଇ -୨୩୦, ରଜକୁ ସୁନ୍ଦର ଦୋଳି -୨୩୨, ଗଛ ନାହିଁ, ନାହିଁ ଛାଇ -୨୩୫, ସିଏ ମୁଁ ତମେ -୨୩୭

ଆମ ଲାଗି ଯିଏ ଶହୀଦ ହେଲେ - ୧୯୯୨ ୨୩୯-୩୦୮

କେମିତି ଆସିବ ସ୍ୱାଧୀନତା ?-୨୪୧, ଦେଶ ପାଇଁ ଯିଏ ଜୀବନ ଦେଲା -୨୪୬, ଆଜି ରାତିରେ ମୁଁ ଘାଟ ଜଗିଯିବି -୨୫୧, ଶପଥ ନେଲି ମୁଁ ଉଦ୍ଧାମ ସିଂ -୨୫୫,ତାପଙ୍ଗର ଦଳବେହେରା ମୁଁ -୨୫୭, ମତେ ଦିଆଯାଉ ଫାଶି-୨୬୨, ମରି ଆଜି ଅମର ମହାନ -୨୬୬, ଭାରତମାତାର ସିଂହଛୁଆ -୨୭୦, ସବୁଠେଇଁ ସେଇ ତାଙ୍କରି କଥା -୨୭୩, ଅନ୍ୟାୟ ଆମେ ସହି ପାରିବୁନି - ୨୭୭, ଶାସନ ନକରି ଶୋଷଣ କଲା-

Digitized by srujanika@gmail.com

୨୮୨, ଚଳିବନି ବନ୍ଧୁକ ଶାସନ - ୨୮୫, ଯୁଝି ଯୁଝି ହାରିଗଲ ଜୟୀ- ୨୮୮,ଏ ଦେଶ ଆମର ଜନ୍ମଭୂଇଁ -୨୯୨, ଫାଶିଖୁଣ୍ଟରେ ମୁହିଁ -୨୯୬, ରାମ-ପରସାଦ କହିଲେ ଡାକି-୩୦୨, ବଞ୍ଚିତ କେଉଁପରି - ୩୦୬ ।

ହସି ହସେଇବା ଧରା - ୧୯୯୩ (୩୦୯-୩୨୮)

ହସି ହସେଇବା ଧରା - ୩୧୧, ମନେ ପଡିଯାଏ ମୋର- ୩୧୩, ସବୁ ଆମ ପାଇଁ ନୂଆ - ୩୧୫, ଆଲୁଅ କଲା ସେ ଘର ବାହାର - ୩୧୬,ହଳଦୀ ପତର ଲୁଗା ପିନ୍ଧିଛ କି ?-୩୧୮, ମଣିଷ ଭିତରେ ଜଣେ- ୩୨୧, ମାଛ ଧରି ଆଉ ନ'ଯା-୩୨୫ ।

ଅଙ୍କା ପଚାରିଲେ ଆଇକି - ୨୦୦୩ (୩୨୯-୩୫୨)

ଅଙ୍କା ପଚାରିଲେ ଆଇକି -୩୩୧, କୋଉଠି ସିଏ ? -୩୩୨, ସହିଯା'ରେ ବାପା-୩୩୪, ବିକିବି ନାହିଁ ମୁଁ ରଖିବି ତାକୁ -୩୩୫, ମଲ୍ଲୀଫୁଲଟିଏ ପରି- ୩୩୭, ଆମେ ଭଲପାଉ ଦେଶକୁ -୩୩୮, ଇଏ ମୋର ଅଙ୍କାବୁଢା-୩୪୦, ମରୁ-ବୋଇତ-୩୪୩, ମୁଁ ତୁମ ସବୁଜ ବଣ -୩୪୪, ମାଟି -୩୪୬, ପନିକି-୩୪୮, କିଏ ଆଉ ସିଏ କିଏ - ୩୫୦ ।

ଆମ ଘର-୩୫୩ (୩୫୩-୩୫୪)

ଆଦିବାସୀ ଆମେ ଆଦିବାସୀ -୩୬୨ (୩୫୫-୩୬୮)

(ଅପ୍ରକାଶିତ ପାଣ୍ଡୁଲିପିର ମୂଳ ରଚନା)

□□

Digitized by srujanika@gmail.com

ମୁଖବନ୍ଧ

ଶିଶୁସାହିତ୍ୟରେ ଗ୍ରନ୍ଥାବଳୀଟିଏ ପ୍ରକାଶ କରାଯିବାରେ ଏହା ହେଉଛି ଦ୍ୱିତୀୟ ଉଦ୍ୟମ । ପ୍ରଥମ କରି ୧୯୬୯ ମସିହାରେ ସୁଖ୍ୟାତ ଶିଶୁସାହିତ୍ୟିକ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କର ରଚନାଗୁଡ଼ିକ ଏକତ୍ର କରି ଗ୍ରନ୍ଥାବଳୀ ଆକାରରେ ପ୍ରକାଶ କରାଯାଇଥିଲା । ଦୀର୍ଘ ପ୍ରାୟ ଚାରି ଦଶନ୍ଧି ପରେ ଆଉ ଜଣେ ସୁଖ୍ୟାତ ଶିଶୁସାହିତ୍ୟ ଲେଖକ ସ୍ୱର୍ଗତ ନନ୍ଦକିଶୋର ସାମଲଙ୍କ ଲେଖାଗୁଡ଼ିକୁ ଏକତ୍ର ଗ୍ରନ୍ଥାବଳୀ ଆକାରରେ ସଂକଳନ କରାଯାଇଛି ଏହା ଏକ ପ୍ରଶଂସନୀୟ କାର୍ଯ୍ୟ ଅଟେ । ମୋର ସୌଭାଗ୍ୟ, ଏ ଦୁଇଟିଯାକ ଗ୍ରନ୍ଥର ମୁଖବନ୍ଧ ଲେଖିବାର ସୁଯୋଗ ମୋତେ ମିଳିଛି ।

କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳ କଳା, ସାହିତ୍ୟ ଓ ସଂସ୍କୃତି ଇତ୍ୟାଦି ବିଭିନ୍ନ ଦିଗରୁ ହେଉଛି ଐତିହ୍ୟପୂର୍ଣ୍ଣ । ଆଦିନାଟ୍ୟକାର ଜଗନ୍ମୋହନ ଲାଲଙ୍କଠାରୁ ଆରମ୍ଭକରି ପଲ୍ଲୀକବି ନନ୍ଦକିଶୋର ବଳ, ପ୍ୟାରୀମୋହନ ଆଚାର୍ଯ୍ୟ, ବାଗ୍ମୀ ବିଶ୍ୱନାଥ କର, ଗଣକବି ବୈଷ୍ଣବ ପାଣି, ଶିକ୍ଷାଗୁରୁ ବିଦ୍ୟାଧର ବର୍ମା ଓ କବି ଜ୍ଞାନୀନ୍ଦ୍ର ବର୍ମାଙ୍କ ସମେତ ବହୁ ପ୍ରତିଭାଧର ପୁରୁଷ ଏଠାରେ ଜନ୍ମ ଗ୍ରହଣକରି ଏହି ମାଟିର ମୁଖ ଉଜ୍ଜ୍ୱଳ କରିଛନ୍ତି । ସେମାନେ ସମସ୍ତେ ହେଉଛନ୍ତି କାଳଜୟୀ । ଏହି ସମସ୍ତ କୃତି ଓ କୀର୍ତ୍ତିର ଦାୟାଦ ସ୍ୱରୂପ ଗତ ଶତାବ୍ଦୀର ଶେଷାର୍ଦ୍ଧ ମାହାଙ୍ଗାର ସାଂସ୍କୃତିକ ଇତିହାସରେ ଆଉ ଗୋଟିଏ ପୃଷ୍ଠା ଯୋଡି ଦେଇଛନ୍ତି କୁସୁପୁରର ସ୍ୱର୍ଗତ ନନ୍ଦକିଶୋର ସାମଲ । ଏକାଧାରରେ ସେ ଥିଲେ ଜଣେ ଶିଶୁସାହିତ୍ୟ ଲେଖକ, ନାଟ୍ୟକାର ଓ ଗୀତିକାର । ପଲ୍ଲୀ ଥିଲା ତାଙ୍କର ଏକାନ୍ତ ଆପଣାର, ସତେ ଯେମିତି ତାଙ୍କର ଆତ୍ମା । ତେଣୁ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ରଚନାରେ ତାଙ୍କ ପଲ୍ଲୀପ୍ରାଣ ହୃଦୟର ନିବିଡ଼ ସ୍ପର୍ଶ ଅନୁଭୂତ ହୁଏ ।

ଏହି ଦୃଷ୍ଟିରୁ ସାରସ୍ୱତ ଜଗତରେ ସେ ହେଉଛନ୍ତି କବି ନନ୍ଦକିଶୋର ବଳଙ୍କର ଜଣେ ଯଥାର୍ଥ ଦାୟାଦ । ବଳ କବି ଓଡ଼ିଆ ସାହିତ୍ୟ ରାଜ୍ୟରେ ପଲ୍ଲୀକବି ଭାବରେ ସୁଖ୍ୟାତ । ପଲ୍ଲୀ ଜୀବନର ବହୁବିଧ ରୂପ, ରସ ଓ ଛନ୍ଦକୁ ସେ ନିଜ କାବ୍ୟ-କବିତାରେ ରୂପାୟିତ କରି ସାହିତ୍ୟର ଇତିହାସରେ କାଳଜୟିତ୍ୱ ଲାଭକରିଛନ୍ତି । ସେଇଭଳି କବି ନନ୍ଦକିଶୋର ସାମଲ ପଲ୍ଲୀଜୀବନର ବହୁବିଧ ବିଭବକୁ ଖୁବ୍ ସରଳ, ସାବଲୀଳ ଏବଂ ହୃଦୟଗ୍ରାହୀ ଭାବରେ ଶିଶୁମାନଙ୍କ ଆଗରେ ବାଢି ଦେଇଛନ୍ତି । ମନେହୁଏ କବି ନନ୍ଦକିଶୋର ବଳଙ୍କ ପଲ୍ଲୀପ୍ରାଣ କବିହୃଦୟର ଉତ୍ତରଣ ଘଟିଥିଲା କବି ସାମଲଙ୍କଠାରେ । ସାମଲଙ୍କ ଏହି କୃତିର ଆକଳନ କଲାବେଳେ ତାଙ୍କୁ ଦ୍ୱିତୀୟ ପଲ୍ଲୀକବି ବୋଲି କହିବାକୁ ମନ ବଳେବଳେ ଆଗ୍ରହୀ ହୋଇପଡ଼େ ।

Digitized by srujanika@gmail.com

କବି ସାମଲ ବୃତ୍ତିରେ ଥିଲେ ଜଣେ ଶିକ୍ଷକ । ଶିକ୍ଷକତା ବାହାରେ ସ୍ଥାନୀୟ ଭାବରେ ସେ ଅଧିକ ପରିଚିତ ଥିଲେ ଜଣେ ଗୀତିକାର ଓ ନାଟ୍ୟକାର ଭାବେ । ସେ ପ୍ରାୟ ୩୦ଟି ପର୍ଯ୍ୟନ୍ତ ନାଟକ, ବେତାର ନାଟକ, ରୂପକ ଓ ଗୀତାଭିନୟ ଇତ୍ୟାଦି ରଚନା କରିଛନ୍ତି । ସେଗୁଡ଼ିକ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇ ଦର୍ଶକମାନଙ୍କର ଆଦର ଲାଭକରିଛି । ତାଙ୍କ ରଚିତ ବହୁ ନାଟକ ବେତାର ଓ ଦୂରଦର୍ଶନ ମାଧ୍ୟମରେ ମଧ୍ୟ ପ୍ରଚାରିତ ହୋଇଛି । ତାଙ୍କର ଅନେକଗୁଡ଼ିଏ ରଚନା ଅପ୍ରକାଶିତ ରହିଛି ଏବଂ ସେଥିରୁ କିଛି ହଜିଯାଇଛି ମଧ୍ୟ । ସେଗୁଡ଼ିକୁ ସଂଗ୍ରହକରି ରଚନାବଳୀର ୨ୟ ଖଣ୍ଡରେ ସଂଯୋଜିତ କରିବାର ଉଦ୍ୟମ ହେଉଛି ।

ନାଟକ ରଚନା ବାହାରେ ସାଧାରଣ ପାଠକମାନଙ୍କ ନିକଟରେ କବି ସାମଲ ଜଣେ ପାଠ୍ୟପୁସ୍ତକ ରଚୟିତା ଏବଂ ଶିଶୁସାହିତ୍ୟ ଲେଖକ ଭାବରେ ଅଧିକ ପରିଚିତ । ପଲ୍ଲିକୈନ୍ଦ୍ରିକ ରଚନାଗୁଡ଼ିକ ତାଙ୍କର କବିସୁଲଭ କାଳ୍ପନିକତା ଅପେକ୍ଷା ଅଧିକ ବାସ୍ତବାଭିମୁଖୀ ଏବଂ ଅନୁଭୂତିମୂଳକ ଅଟେ । ଓଡ଼ିଆ ଶିଶୁସାହିତ୍ୟ କ୍ଷେତ୍ରରେ ଭାବ, ଭାଷା ଓ ଛନ୍ଦ ସଂଯୋଜନାରେ ସେ ଏକ ନୂତନ ଧାରାର ପ୍ରବର୍ତ୍ତକ ଅଟନ୍ତି । ଶିଶୁସାହିତ୍ୟରେ ଗତାନୁଗତିକ ରୀତିରେ ଚାଲି ଆସିଥିବା ରାଜାରାଣୀ, ଠାକୁର ଠାକୁରାଣୀ, ଅସୁର ଅସୁରୁଣୀ ଓ ପରୀକାହାଣୀ ଭଳି ବିଷୟବସ୍ତୁ ଆଡ଼େ ସେ ଦୃଷ୍ଟି ଦେଇନାହାନ୍ତି । ପ୍ରକୃତି, ପରିବେଶ, ପଶୁପକ୍ଷୀ ଓ ଗଛଲତାଙ୍କୁ ସେ ଏକ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି । ସେଇ ଦୃଷ୍ଟିରେ ରହିଛି ନିରାଟ ବାସ୍ତବତା ଏବଂ ସହୃଦୟତା । ବୁଢୀଗାଈଟି ପ୍ରତି ମମତା, ପୋଷା ବଳଦଟି ପ୍ରତି ଦରଦ, ବୃତ୍ତି ହରାଇଥିବା ସାପୁଆ କେଳା ପ୍ରତି ସହୃଦୟତା, ମମତା ଏବଂ ସର୍ବୋପରି ପରୋପକାରୀ ଦରିଦ୍ର ମଧୁଆ ଭୋଇର ଗୁଣଗାନ ସହିତ ତାର ସ୍ମୃତିଚାରଣ ଖୁବ୍ ହୃଦୟଗ୍ରାହୀ । ଗାଆଁର ଟିକି ଗାଡ଼ିଆ, କଅଁଳିଆ କଳମ ନଟୀ, ଅଦୂରର ନୀଳ ପାହାଡ଼, ଧାନ କିଆରି, ତାଳବଣ, ବେଣାପାଟ, ତୋଟାତଳ କିଆ ଗୋହିରୀ, ସନ୍ଧ୍ୟା ହେଲେ ସେଠାରେ ପଣପଣ ଜୁକୁଜୁଳାଙ୍କର ବିଚିତ୍ର ସମାରୋହ, ବାଡିର କେଉଟିଆ ଶାଗ, ପଖାଳ ଭାତ, ସଜନା ଛୁଇଁ, ପୋଇ ଓ ମଦରଙ୍ଗା ଶାଗ ଇତ୍ୟାଦିର ଚିତ୍ର ଖୁବ୍ ସରଳ ଓ ସାବଲୀଳ ଭାବରେ ତାଙ୍କ କବିତା ଗୁଡିକରେ ରୂପାୟିତ ହୋଇଛି । ତାଙ୍କ ଦୃଷ୍ଟି ପୁଣି ଲମ୍ବିଯାଇଛି ମଣ୍ଡା, ଏଣ୍ଡୁରି, କାକରା ଓ ଚକୁଳିପିଠା, ଅରୁଆ ଜାଉ, ଢିଙ୍କି, ଚକି, ଡିବିରି ଓ ଘଷି ଚାଳିଠାରୁ ଆରମ୍ଭକରି ନଈଘାଟ, ଗାଧୁଆ ତୁଠ, ରଜଦୋଳି, ଜାମୁକୋଳି, ପାଚିଲା କେନ୍ଦୁ, ଗୁଣ୍ଡୁଚି ମୂଷା ଓ ନେଉଳଛୁଆ ପର୍ଯ୍ୟନ୍ତ । ଏପରିକି ତୋଟାର ଶୁଖିଲା ପତର, ନଈର ସରୁବାଲି ଲେଖକଙ୍କ ଦୃଷ୍ଟିରୁ ବାଦ ଯାଇନାହିଁ । ସେଗୁଡ଼ିକ କେବଳ ନୀରସ ଅବତାରଣା ନୁହେଁ, ସେଥିରେ ଅଛି ଜୀବନ, ପୁଣି ଜୀବନର ସଂଗୀତ । ସେଇଥିପାଇଁ ସେଗୁଡ଼ିକ ପ୍ରାଣକୁ ଛୁଇଁବା ସହିତ ହୃଦୟକୁ ଆଲୋଡ଼ିତ କରିଥାଏ ।

Digitized by srujanika@gmail.com

ଆଜି ପ୍ରକୃତି ଓ ପରିବେଶ ଉଜୁଡ଼ି ଯାଇଛି । ଆଜି ହଳଦୀବସନ୍ତ ଚଢେଇ ନାହିଁ କି ଶଙ୍ଖଚିଲ ନାହିଁ । ଭଦଭଦଳିଆ ପକ୍ଷୀ କ୍ୱଚିତ୍ ଦେଖାଯାଉଛନ୍ତି । ଶାଗୁଣାବଂଶ କ୍ରମେ ଲୋପ ହୋଇଆସିଲାଣି । କାଠ ବାଉଁଶ ଦିଖଣ୍ଡ ସ୍ୱପ୍ନ ହୋଇଗଲାଣି । ସେଗୁଡ଼ିକ ପାଇଁ କବିଙ୍କର ପ୍ରାଣ ଝୁରି ହୋଇଛି । ଗ୍ରାମ ଉପାନ୍ତରେ ଥିବା କିଆବୁଦା, ସେଥିରେ ଆତ୍ମଗୋପନ କରିଥିବା ନେଉଳଛୁଆ, ତାଳବଣ, କଦମ୍ବଫୁଲ, ପାଚିଲା କେନ୍ଦୁ, ଗୁଣ୍ଡୁଚିମୂଷାର ନାଟ, ଗୋରୁଗୋଠ ଇତ୍ୟାଦି ଗୋଟିଗୋଟି ହୋଇ ତାଙ୍କ ଚକ୍ଷୁ ସମ୍ମୁଖରେ ଝଲସିଉଠିଛି ।

ମଣିଷ ଏବେ ଯନ୍ତ୍ରାଭିମୁଖୀ, ନଗରାଭିମୁଖୀ । ଆଧୁନିକତା ନାମରେ ସର୍ବତ୍ର କେବଳ ବସ୍ତୁବାଦର ଆବାହନ । ପଲ୍ଲିକୁ ଭାଙ୍ଗି ସହର ଗଢାଯାଉଛି । ପଲ୍ଲିଜୀବନ ଅପେକ୍ଷା ନଗର-ଜୀବନ ହୋଇଉଠିଛି ମଣିଷ ଚକ୍ଷୁରେ ଅଧିକ ରଙ୍ଗମୟ ଅଧିକ ଆକର୍ଷଣୀୟ । କବି କିନ୍ତୁ ହେଉଛନ୍ତି ଅଧିକ ବାସ୍ତବବାଦୀ । ପଲ୍ଲିପ୍ରତି ତାଙ୍କର ମମତାର ସୀମା ନାହିଁ । ସେ ନିଷ୍କପଟ ହୃଦୟରେ ଅତ୍ୟନ୍ତ ଆତ୍ମୀୟତାର ସହ କହିଛନ୍ତି -

"ଭାରି ଭଲଲାଗେ
ମୋତେ ମୋ ଗାଁ
ଆଲୁଅ ପବନ ତାର
ଯୋଉଠି ରହିଲେ
ଯୁଆଡ଼େ ଗଲେ
ମନେପଡ଼ିଯାଏ ମୋର ।
X X X
ନାଳ ସେପାରିର
ଧାନ କିଆରି
ଏ ପାରିର ତାଳବଣ
ସେଇଠି ପାଖର
କିଆ ଗୋହିରୀ
କଣ୍ଟିବୁଦା ପଣପଣ ।"

ମୋ ଗାଁ କବିତା ଭଳି କବି ସାମଲଙ୍କ ଲିଖିତ 'ଆମ ଘର' କବିତାଟି ଗୋଟିଏ ଉଲ୍ଲେଖଯୋଗ୍ୟ କୃତି । ଏଇଟି ପ୍ରାଥମିକ ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ପାଠ୍ୟପୁସ୍ତକରେ ଗତ ଚାରି ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ଅଧୀତ ହୋଇଆସୁଛି । ୧୯ଶ ଶତାବ୍ଦୀର ଜଣେ ଇଂରେଜୀ କବି John Howard Payneଙ୍କ ଲିଖିତ Home Sweet Home କବିତାଟି ସହିତ ଏଇଟି ତୁଳନୀୟ । ସେ ଲେଖିଥିଲେ "Home, Sweet Home, there is no

Digitized by srujanika@gmail.com

place like home." ତାଙ୍କର ଏହି ଆବେଗପୂର୍ଣ୍ଣ ଅଭିବ୍ୟକ୍ତିଟି ସାମଲଙ୍କ ରଚିତ 'ଆମ ଘର' କବିତାରେ ପ୍ରତିଫଳିତ ହୋଇଥିବା ଭଳି ମନେହୁଏ । Mr. Payne କବି ଭାବରେ ଇଂରାଜୀ ସାହିତ୍ୟରେ ସ୍ୱଳ୍ପ ପରିଚିତ ହୋଇଥିଲେ ମଧ୍ୟ ଏଇ ଗୋଟିଏ କବିତା ଯେପରି ତାଙ୍କୁ ବିଶେଷ ଭାବରେ ଖ୍ୟାତି ଓ ସ୍ୱୀକୃତି ଆଣିଦେଇଥିଲା, କବି ସାମଲଙ୍କୁ ଠିକ୍ ସେଇଭଳି ତାଙ୍କ 'ଆମ ଘର' କବିତାଟି ଅଶେଷ ଖାତି ଓ ଲୋକପ୍ରିୟତା ଆଣିଦେଇଛି ।

ସ୍ୱର୍ଗତ ସାମଲଙ୍କ ରଚିତ ଶିଶୁ କବିତାଗୁଡ଼ିକ ବହୁବିଧ ଭାବସଂପଦରେ ପରିପୂର୍ଣ୍ଣ । ପ୍ରକୃତି ଓ ପରିବେଶଠାରୁ ଆରମ୍ଭକରି ଅସ୍ପୃଶ୍ୟତା ନିବାରଣ, ଜୀବେ ଦୟା, ମାଟିର ମୂଲ୍ୟ, କୃଷିର ମହତ୍ତ୍ୱ, ସେବା ଓ ସାହସିକତା, ଜାତୀୟତା, ଶ୍ରମର ମର୍ଯ୍ୟାଦା, ସର୍ବୋପରି ମାନବିକ ସମ୍ବେଦନ ଓ ପଲ୍ଲିପ୍ରାଣତାରେ ଭରପୂର । 'ମାଟି' କବିତାରେ ସେ ଲେଖିଛନ୍ତି -

''ଏ ମାଟି ଆମକୁ କିସ ନ ଦେଇଛି
ଆଉ ଦେଇଥାନ୍ତା କିସ
ତାଆରି ଛାତିକି ଚିରିଦେଲେ ମିଳେ
ଯୁଗଯୁଗ ଇତିହାସ ।''

ଏହା ଯେତିକି ମମତାପୂର୍ଣ୍ଣ, ସେତିକି ବାସ୍ତବ । ମାଟି ସହିତ ଯୁଗଯୁଗ ଧରି ମଣିଷର ଆତ୍ମୀୟତାର ଏହା ପରିପ୍ରକାଶ । କବି ବ୍ୟାବହାରିକ ଜୀବନରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ଉତ୍ତମ ମଣିଷ ଏବଂ ସହୃଦୟ ବନ୍ଧୁ । ବହୁ କବିତାରେ ତାଙ୍କ ଆଦର୍ଶ ବ୍ୟକ୍ତିଚରିତ୍ର ଓ ଉଦାର ମାନବବାଦୀ ଦୃଷ୍ଟିକୋଣ ପ୍ରତିଫଳିତ ହୋଇଛି । ସମାଜରେ ଅସ୍ପୃଶ୍ୟ ବିବେଚିତ ଦରିଦ୍ର ହରିଜନଟିଏ ପ୍ରତି ଉଦାର ମାନବିକତା ପ୍ରକାଶ କରିବାକୁ ଯାଇ ସେ ଗୋଟିଏ ଶିଶୁ ତୁଣ୍ଡରେ କହିଛନ୍ତି -

ଆମେ କିଆଁ ତାକୁ ଛୁଇଁବା ନାହିଁ ମା'
କଅଣ ହୋଇଚି ତାର,
ଆମେ ତ ମଣିଷ, ସିଏତ ମଣିଷ
ଇଏ ମା' କୋଉ ବିଚାର ?''

ଏହା ବେଶ୍ ଯୁକ୍ତିପୂର୍ଣ୍ଣ । ଶିଶୁକୁ ପରିତୁଷ୍ଟ କଲାଭଳି ଏହାର ଉତ୍ତର ନାହିଁ । ତାଙ୍କ ଦରଦୀ ହୃଦୟର ଅଭିବ୍ୟକ୍ତି ଅଧିକ ମାର୍ମିକ ହୋଇଉଠିଛି ଘରର ପୋଷାବଳଦ ପ୍ରତି ପ୍ରକାଶ ପାଇଥିବା ସମବେଦନାରେ । ଶିଶୁଟି କହୁଛି-

''କାହିଁକି ଆଈ,
ବଳଦର କ'ଣ ଜୀବନ ନାହିଁ ?
ଖଟି ଖାଉଛି
ବେଶ୍ ତ ଅଛି

Digitized by srujanika@gmail.com

ବଳଦ କଅଣ ମିଛ କହୁଚି
ଚୋରି କରୁଚି,
ପରଧନ ନେଇ ଫାଙ୍କି ଦେଉଚି ?

x x x

ହେଲା ତ ହେଲା
ମଣିଷ ଅଧିକା କଅଣ କଲା ?
ସିଏ ଖାଇଲା,
ଇଏ ଖାଇଲା
ଦିନ ଆସିଲା
ବଳଦ ମଲା
ମଣିଷ ମଲା ।
କାହାର ଏଥିରେ କଅଣ ଗଲା ?''

ଶିଶୁକବିତାରେ ଏଭଳି ଏକ ବାସ୍ତବବାଦୀ ତଥା ବୈପ୍ଳବିକ ଚିନ୍ତାଧାରା ପ୍ରକୃତରେ ଅନନ୍ୟ ଅଟେ । ଏଇଟି ଚିନ୍ତାଶୀଳ ବୟସ୍କ ବ୍ୟକ୍ତିମାନଙ୍କର ଚିତ୍ତକୁ ମଧ୍ୟ ଆନ୍ଦୋଳିତ କରେ । ଗ୍ରୀକ୍ ଦାର୍ଶନିକ ପ୍ଳାଟୋ ବହୁଦିନ ତଳେ କହିଥିଲେ 'ବଳଦ ହେଉଛି କୃଷକର କ୍ରୀତଦାସ' । ଏହା ଥିଲା ଗୋଟିଏ ବାସ୍ତବ ଅଭିବ୍ୟକ୍ତି ; କିନ୍ତୁ କବି ସାମଲଙ୍କ ଉକ୍ତି ମଧ୍ୟରେ ଗୋଟିଏ ଖଟିଖିଆ ମୂକପ୍ରାଣୀ ପ୍ରତି କିଭଳି ଗଭୀର ସହାନୁଭୂତି ବା ସହୃଦୟତା ଭରିରହିଛି ତାହା ବେଶ୍ ଅନୁଭବ କରିହୁଏ ।

କବି ସାମଲଙ୍କର ଅନୁଶୀଳନ ଶକ୍ତି ଅତ୍ୟନ୍ତ ସୂକ୍ଷ୍ମ ଅଟେ । ଶିଶୁସାହିତ୍ୟର ଲେଖକ ଭାବରେ ତାଙ୍କ ପ୍ରତି 'ଦାର୍ଶନିକ' ଶବ୍ଦଟି ପ୍ରୟୋଗ କଲେ ତାହା ହୁଏତ କ୍ଲିଷ୍ଟ ହୋଇଯିବ ; କିନ୍ତୁ ବହୁକ୍ଷେତ୍ରରେ ତାଙ୍କର ଦୃଷ୍ଟିଭଙ୍ଗୀ ଏବଂ ଚିନ୍ତାଧାରା ଜଣେ ଦାର୍ଶନିକର ଚିନ୍ତାଧାରା ସହିତ ସମାନ । ଗଛଟିଏ ସଂପର୍କରେ ସେ ଲେଖିଛନ୍ତି -

''ଗଛ ବଢୁଚି
ଛୋଟିଆ ଗଛଟି ବଡ଼ ହେଉଚି
ଡାଳ କାଟିଦେଲେ
କ୍ଷୀର ଝରୁଚି ।
କ୍ଷୀର ନୁହେଁ ମ
ତା ରକତ ସେଇ ।
କେମିତି କହୁଚୁ ଜୀବନ ନାହିଁ ?''

ଶିଶୁଟି ବୟସରେ ସାନ ହେଲେ ମଧ୍ୟ ସେ ଏଇ ନିତିଦିନିଆ ସମାଜର ଜଣେ ଅଧିବାସୀ । ସେ ନିଜକୁ ଦେଖେ, ଅପରକୁ ଦେଖେ, ଅପର ସହିତ ନିଜକୁ ତୁଳନା

Digitized by srujanika@gmail.com

କରେ । ସମାଜରେ ଅର୍ଥ ଓ ଐଶ୍ୱର୍ଯ୍ୟର ସୀମା ନିର୍ଦ୍ଧାରଣ କରିବାର ସାମର୍ଥ୍ୟ ତାର ନଥିଲେ ମଧ୍ୟ ଅଭାବ ଓ ଅପୂର୍ଣ୍ଣତାକୁ ସେ ନିଜଠାରେ ଅନୁଭବ କରିପାରେ । ଗୋଟିଏ ଦରିଦ୍ର କୃଷକ ପରିବାରର ସରଳମନା ଶିଶୁହୃଦୟର ବେଦନାକୁ ସେ ଉଦ୍‌ଘାଟନ କରିବାକୁ ସମର୍ଥ ହୋଇଛନ୍ତି । ଶିଶୁଟି ତାର ମାଆକୁ ପଚାରୁଛି-

"କିଆରିରେ ଧାନ ପାଚି ଶୋଇଚି
ଭାରଭାର ଧାନ ବୁହା ଲାଗିଚି ।
ଲୋକଙ୍କ ଖଳାରେ ଗଦା ହୋଇଚି
କେମିତି ହେଲା,
ଆମ ଧାନ ସବୁ କୁଆଡ଼େ ଗଲା ?"

ଏଥିରେ ପ୍ରତ୍ୟକ୍ଷ ବିପ୍ଳବର ଆହ୍ୱାନ ନାହିଁ, ଅଛି କେବଳ ଜିଜ୍ଞାସା ଓ ସରଳ ମନର ନୀରବ ପ୍ରତିବାଦ । ଏଇ ପ୍ରତିବାଦ ଓ ପ୍ରତିକ୍ରିୟା ହେଉଛି ଗଠନମୂଳକ । ସ୍ୱାବଲମ୍ବନଶୀଳତା ନିମନ୍ତେ ଶିଶୁର ପ୍ରତିଜ୍ଞା ଓ ପ୍ରତିଶ୍ରୁତିବଦ୍ଧତା ବେଶ୍ ପ୍ରଶଂସନୀୟ । ଲେଖକ ତାର ଆତ୍ମବିଶ୍ୱାସକୁ ବଢାଇ ଦେଇଛନ୍ତି, ଆତ୍ମ ପ୍ରଚେଷ୍ଟା ଦିଗରେ ତାକୁ ଅନୁପ୍ରେରିତ କରିଛନ୍ତି । ଶ୍ରମର ମର୍ଯ୍ୟାଦା ପ୍ରତି ତାକୁ ଆକର୍ଷଣ କରିଛନ୍ତି । ସେ କହିଛି,

"ଜମି କିଣିବି
ହଳିଆ ହେବି
ପାଠ ପଢ଼ିବି
ହଳ କରିବି
ଜାଉ ପିଠା ହେବ କେତେ ଖାଇବି ।"

ଏହା କମ ଶିକ୍ଷାପ୍ରଦ ନୁହେଁ । ଏଇ ସ୍ୱରଟି ସମାନ ଭାବରେ ଅନ୍ୟତ୍ର ପ୍ରତିଧ୍ୱନିତ ହୋଇଛି-

"ହାତ ଗୋଡ଼ ଚଳୁଥିବା ଯାଏ
ଖଟିବି ମୁଁ
ଯେତିକି ପାରିବି
ବସି ଶୋଇ
କେମିତିରେ ମୁହିଁ
ଏତେ ବଡ଼
ଦିନଟି ସାରିବି ?"

Digitized by srujanika@gmail.com

ଶିଶୁ ମନସ୍ତତ୍ତ୍ୱକୁ ଆଧାର କରି ଶିଶୁସୁଲଭ ଢଙ୍ଗରେ କବି ଏଇଭଳି ଅନେକ ଶିକ୍ଷାପ୍ରଦ ଓ ବାସ୍ତବ ବିଷୟର ଅବତାରଣା କରିଛନ୍ତି । ପ୍ରତ୍ୟେକଟି କବିତାରେ ଗୋଟିଏ ଗୋଟିଏ ବାର୍ତ୍ତା ନିହିତ ଥିବାର ଲକ୍ଷ୍ୟ କରାଯାଏ । ଶିଶୁସାହିତ୍ୟର ଗତାନୁଗତିକ ଧାରାଠାରୁ ଏଗୁଡ଼ିକ ସମ୍ପୂର୍ଣ୍ଣ ପୃଥକ୍ । ଓଡ଼ିଆ ଶିଶୁସାହିତ୍ୟକୁ ସେ ଏକ ମର୍ଯ୍ୟାଦାବନ୍ତ ଆସନ ଦେଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ସ୍ୱର୍ଗତ ସାମଲଙ୍କ ସଂକ୍ଷିପ୍ତ ଜୀବନୀ ସହିତ ତାଙ୍କ ସାହିତ୍ୟକୃତି ସଂପର୍କରେ ଡକ୍ଟର ବସନ୍ତ କୁମାର ସାହୁ ଏଇ ଗ୍ରନ୍ଥରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ତାଙ୍କ ରଚନାର ବିଭିନ୍ନ ଦିଗ ସଂପର୍କରେ ସେ ଆଲୋକପାତ କରିଛନ୍ତି । ସୁତରାଂ ସେ ସଂପର୍କରେ ଏଠାରେ ଅଧିକ ଆଲୋଚନା କଲେ ତାହାର ପୁନରାବୃତ୍ତି ମାତ୍ର ହେବ । ତେଣୁ ସେଭଳି ଉଦ୍ୟମରୁ ନିବୃତ୍ତ ହେବା ବାଞ୍ଛନୀୟ ବୋଲି ମନେକରୁଛି । ସର୍ବଶେଷରେ ଏତିକି କୁହାଯାଇପାରେ ଯେ ସେହି ପ୍ରତିଭାବାନ୍ ସାହିତ୍ୟସାଧକ ତଥା ଆଧୁନିକ ଓଡ଼ିଆ ଶିଶୁସାହିତ୍ୟର ଜଣେ ସଫଳ ଦିଗ୍‌ଦର୍ଶକ ସ୍ୱର୍ଗତ ନନ୍ଦକିଶୋର ସାମଲ ନିଜର କୃତି ନିମନ୍ତେ ଯେ ସ୍ମରଣୀୟ ଓ ବରଣୀୟ ହୋଇ ରହିବେ ଏହା ନିଃସନ୍ଦେହ ।

Digitized by srujanika@gmail.com

ସମ୍ବର୍ଦ୍ଧନା ଓ ସମ୍ମାନ ପ୍ରଦାନ ପରେ

Digitized by srujanika@gmail.com

କବି ନନ୍ଦକିଶୋରଙ୍କ ସୃଷ୍ଟି, ଦୃଷ୍ଟି ଓ ଜୀବନୀ

ନନ୍ଦକିଶୋର ସାମଲଙ୍କ ମାଟିଦେହ ମାଟିରେ ମିଶିଛି । ସେ ଏବେ ପାଲଟି ଗଲେଣି ସ୍ମୃତିର ମଣିଷ । ମାତ୍ର ଯଶ ଓ ଖ୍ୟାତିରେ ସେ ହୋଇଛନ୍ତି ଅଧିକ ଯଶସ୍ୱୀ ଓ ଖ୍ୟାତିସମ୍ପନ୍ନ । 'ଆମଘର' କବିତାର କାଳଜୟୀ ସ୍ରଷ୍ଟା ତଥା "ମୋତେ ଯେତେବେଳେ ଦଶ ବରଷ," "ଅଜା ପଚାରିଲେ ଆଇକି" ଆଦି ନଅଗୋଟି ଶିଶୁକବିତା ସଂକଳନର ସଫଳ ସ୍ରଷ୍ଟା ଭାବେ ସେ ବଞ୍ଚିରହିବେ ଆମ ଭିତରେ କାଳକାଳ ପାଇଁ ।

ସ୍ୱାଧୀନତା ପୂର୍ବରୁ (୧୯୩୯ ମସିହାରୁ) ଲେଖାଲେଖି ଆରମ୍ଭକରି ନନ୍ଦକିଶୋର ଓଡ଼ିଆ ସାହିତ୍ୟକୁ ଦେଇ ଯାଇଛନ୍ତି ବିପୁଳ ସମ୍ଭାର । ଶିଶୁକବିତା, ନାଟକ, ଗୀତିନାଟ୍ୟ, ଗୀତିକବିତା, ରୂପକ, ଆଧୁନିକ କବିତା ଓ ଗଳ୍ପ ଆଦି ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ନିଜ ପ୍ରତିଭାର ପରିଚୟ ସେ ଛାଡ଼ି ଯାଇଛନ୍ତି ଆମ ନିକଟରେ । ଜଣେ ସଫଳ ନାଟ୍ୟକାର, ପ୍ରତିଷ୍ଠିତ ଗୀତିକାର, ପ୍ରତିଭାସମ୍ପନ୍ନ ଶିଶୁସାହିତ୍ୟିକ ତଥା ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ଆମ ନିକଟରେ ଚିରସ୍ମରଣୀୟ ହୋଇ ରହିବେ ।

ସଂକ୍ଷିପ୍ତ ଜୀବନୀ :

କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳ ସାରସ୍ୱତ ପ୍ରତିଭାମାନଙ୍କର ଜନ୍ମଭୂମି ଓ କର୍ମଭୂମି ଭାବେ ଓଡ଼ିଶାର ସାହିତ୍ୟ, ସଂସ୍କୃତି ତଥା ରାଜନୀତିକୁ ସର୍ବଦା ସମୃଦ୍ଧ କରିଆସିଛି । ଏଠି ଜନ୍ମଗ୍ରହଣ କରିଛନ୍ତି ଆଦି ନାଟ୍ୟକାର ଜଗମୋହନ ଲାଲ, ଗଣକବି ବୈଷ୍ଣବ ପାଣି, ଐତିହାସିକ ପ୍ୟାରୀମୋହନ ଆଚାର୍ଯ୍ୟ, ସୁଦକ୍ଷ ସଂପାଦକ ବାଗ୍ମୀ ବିଶ୍ୱନାଥ କର, ସମାଜସେବୀ ବୈରାଗୀ ମିଶ୍ର, କଥାକାର ପ୍ରାଣକୃଷ୍ଣ ସାମଲ ଏବଂ ସପ୍ତସିନ୍ଧୁ ବିଜୟୀ ମିହିର୍ ସେନ ଆଦି ଯୋଗଜନ୍ମା ବ୍ୟକ୍ତିବିଶେଷ । ସେହି ମାହାଙ୍ଗା ଥାନାର 'କୁସୁପୁର' ଆହୁରି ନିଆରା ଗାଁଟିଏ । ଏହି ଗାଁ ହେଉଛି ସଂସ୍କୃତିସମ୍ପନ୍ନ ଏକ ଆଦର୍ଶ ଗ୍ରାମ । ଗ୍ରାମର ପଶ୍ଚିମ ଦିଗରେ ସୁରୂପା 'ବିରୂପା' କଳକଳ ନାଦରେ ପ୍ରବାହିତ । ଦକ୍ଷିଣ ଦିଗରେ ପଟ୍ଟାମୁଣ୍ଡାଇ କେନାଲ ଓ ଉତ୍ତର ଦିଗରେ ଜାତୀୟ ରାଜପଥ-୨ (ଦୈତାରୀ ପାରାଦ୍ୱୀପ)ଘେରି ରହି ଏକ ସୁନ୍ଦର ପ୍ରାକୃତିକ ପରିବେଶ ସୃଷ୍ଟିକରୁଛି । ଅଦୂରରେ ରହିଛି ଲଳିତଗିରି, ରତ୍ନଗିରି ଓ ବହଡ଼ିହ ପାହାଡ଼ର ମନଲୋଭା ଆକର୍ଷଣୀୟ ପ୍ରାକୃତିକ ପରିବେଶ, ଯାହାକି କାଳେକାଳେ

Digitized by srujanika@gmail.com

କବି ଲେଖକ ଓ ଚିତ୍ରଶିଳ୍ପୀ ସୃଷ୍ଟିକରିବାରେ ସହାୟକ ହୋଇଆସିଛି । ଏହି ରମଣୀୟ ପ୍ରାକୃତିକ ପରିବେଶ ପିଲାବେଳୁ ନନ୍ଦକିଶୋରଙ୍କ ହୃଦୟ ଓ ମନରେ କବି ହେବାର କଳ୍ପନା ଭରିଦେଇଥିଲା ।

କୁସୁପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ବରପୁତ୍ରମାନେ ବିଭିନ୍ନ ସମୟରେ ଓଡ଼ିଶାର ସାହିତ୍ୟ, ସଂସ୍କୃତି, କଳା, ସାମ୍ବାଦିକତା ତଥା ରାଜନୀତି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠା କରି ସ୍ୱନାମକୁ ଧନ୍ୟ କରିବା ସହିତ କୁସୁପୁର ଗ୍ରାମକୁ ମଧ୍ୟ ଧନ୍ୟ କରିଛନ୍ତି । ଏହି ଗ୍ରାମରେ ଜନ୍ମଗ୍ରହଣ କରିଛନ୍ତି ପଲ୍ଲୀକବି ନନ୍ଦକିଶୋର ବଳ, ଶିଳ୍ପୀଗୁରୁ ବିଦ୍ୟାଧର ବର୍ମା, କବି ଜ୍ଞାନୀନ୍ଦ୍ର ବର୍ମା, ସାମ୍ବାଦିକ ତଥା ଔପନ୍ୟାସିକ ରାଜେନ୍ଦ୍ର ବର୍ମା, ବିଦୂଷୀ ଲବଙ୍ଗଲତା ଦେବୀ, ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ସାହୁ, ମାହାଙ୍ଗା-ଗାନ୍ଧୀ ସଚ୍ଚିଦାନନ୍ଦ ଜେନା ଏବଂ ସାମ୍ବାଦିକ ତଥା ପ୍ରଗତିବାଦୀର ପ୍ରତିଷ୍ଠାତା ସଂପାଦକ ପ୍ରଦ୍ୟୁମ୍ନ କିଶୋର ବଳ । ଏମାନଙ୍କ ବ୍ୟତୀତ ଆଉ ଜଣେ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଏହି ଗାଁରେ ଜନ୍ମଗ୍ରହଣ କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି, ସେ ହେଉଛନ୍ତି ଶିଶୁସାହିତ୍ୟିକ ନନ୍ଦକିଶୋର ସାମଲ । ପୂର୍ବସୂରୀମାନଙ୍କଠାରୁ ତାଙ୍କ ଦୃଷ୍ଟିକୋଣ, ଲେଖାର ଶୈଳୀ, ଚିନ୍ତାଧାରା, ପ୍ରକାଶଭଙ୍ଗୀ ଓ ବିଚାରବୋଧ ଥିଲା ସ୍ୱତନ୍ତ୍ର ।

କବି ନନ୍ଦକିଶୋର ସାମଲ ୧୯୨୫ ମସିହା ଜୁନ୍ ମାସ ୧୨ ତାରିଖରେ ଏକ ନିମ୍ନ ମଧ୍ୟବିତ୍ତ କୈବର୍ତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟଦେଇ ସେ ନିଜର ଶିକ୍ଷାଗତ ଯୋଗ୍ୟତା ବୃଦ୍ଧିକରି ଜଣେ ଆଦର୍ଶ ଶିକ୍ଷକ ତଥା ପ୍ରତିଷ୍ଠିତ ସ୍ୱନାମଧନ୍ୟ ସାହିତ୍ୟିକର ମର୍ଯ୍ୟାଦା ଲାଭ କରିଥିଲେ । ପିତା ହରେକୃଷ୍ଣ ସାମଲ ଓ ମାତା ପଦ୍ମାବତୀ ଦେବୀଙ୍କର ସେ ଥିଲେ ଜ୍ୟେଷ୍ଠପୁତ୍ର । ଜନ୍ମବେଳେ କବିଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା । ୧୯୩୨ ମସିହାରେ କବି ଗ୍ରାମ ଚାଟଶାଳୀରେ ଅବଧାନ ଗୋକୁଳାନନ୍ଦ ଅଧିକାରୀଙ୍କ ନିକଟରେ ଖଡିଛୁଆଁ ପାଠ ଆରମ୍ଭ କରିଥିଲେ । ପିଲାବେଳେ ତାଙ୍କ ବାପାଙ୍କର ଚାଷ ଜମି ସହିତ ବେପାର ବଣିଜ ଥିଲା ; ମାତ୍ର କୌଣସି ଅଦେଖା କାରଣରୁ ମାଇନର ପଢ଼ିଲା ବେଳକୁ ତାଙ୍କ ପରିବାର ଏକ୍ ଦରିଦ୍ର ପରିବାରରେ ପରିଣତ ହୋଇ ସାରିଥିଲା, ଯାହାକି କବିଙ୍କ ଉଚ୍ଚଶିକ୍ଷା ପାଇଁ ମୁଖ୍ୟ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଥିଲା ।

କବିଙ୍କ ଅଜା ପ୍ରାଣକୃଷ୍ଣ ରାଉତ ଥିଲେ ଖୁବ୍ ଧନୀ ଓ ଜମିଦାର । ତାଙ୍କର ପ୍ରାୟ ଶହେ ଏକର ଚାଷଜମି ସହିତ କେନ୍ଦୁପାଟଣାଠାରେ ଏକ କାଠଗୋଲା ଥିଲା । ତା ସହିତ ଥିଲା ନଡିଆ-ଆମ୍ବ ବଗିଚା ଓ ଗୁହାଳରେ ଅନେକ ଗାଈ । ସେମାନଙ୍କର ଦେଖାଶୁଣା ପାଇଁ ୧୫/୧୬ ଜଣ ଚାକର ଥିଲେ । ଅଜାଘରେ ଟଙ୍କା ସବୁ ଅଖାମୁଣିରେ ପଶି ସିଲାଇ ହେଉଥିଲା

Digitized by srujanika@gmail.com

ବୋଲି ପିଲାବେଳର ସ୍ମୃତିକୁ ମନେପକାନ୍ତି କବି । ଏତେ ପ୍ରାଚୁର୍ଯ୍ୟ ସତ୍ତ୍ୱେ ନନ୍ଦକିଶୋର ପାଠ ପଢ଼ିବା ପାଇଁ ଅଜା କି ମାମୁ କାହାରିଠାରୁ ଆର୍ଥିକ ସାହାଯ୍ୟ ପାଇ ନଥିଲେ । ୧୯୩୯-୪୦ ମସିହାରେ ନନ୍ଦକିଶୋର ମାଇନର ପାଶ୍ କରି ଆଉ ଅଧିକ ପଢ଼ିବାର ସୁଯୋଗ ପାଇ ନଥିଲେ । ଦାରିଦ୍ର୍ୟ ଓ ଅର୍ଥାଭାବ କିନ୍ତୁ ଏହି ଜ୍ଞାନପିପାସୁ ତରୁଣଙ୍କୁ ଉଚ୍ଚଶିକ୍ଷାରୁ ବଞ୍ଚିତ କରିପାରି ନଥିଲା । ପରେ କୁସୁପୁର ଗ୍ରାମର ପ୍ରତିଷ୍ଠିତ ଶିକ୍ଷାବିତ୍ ସ୍ୱର୍ଗତ ବୈରାଗୀ ଚରଣ ସାହୁ (ଡି.ଆଇ) ଏବଂ ତାଙ୍କ ଧର୍ମପତ୍ନୀ ରେବା ଦେଇଙ୍କ ସହଯୋଗ ଓ ସାହଚର୍ଯ୍ୟ ପାଇ ନନ୍ଦକିଶୋର ଘରୋଇ ଭାବରେ ପରୀକ୍ଷା ଦେଇ ୧୯୪୭ ମସିହାରେ ଦ୍ୱିତୀୟ ଶ୍ରେଣୀରେ ମାଟ୍ରିକ ପାସ୍ କରିଥିଲେ ।

କବିଙ୍କର କର୍ମଜୀବନ :

ତା ପରେ ଆରମ୍ଭ ହୋଇଥିଲା ତାଙ୍କ ଚାକିରୀ ଜୀବନ । ୧୯୪୭ ମସିହାରେ ସେ 'ମାତୃଭୂମି' ଖବରକାଗଜ ଅଫିସ୍‌ରେ ଟ୍ରାନ୍ସଲେଟର ଏବଂ ପରେ କଟକ ହେଡ୍ ଅଫିସରେ କିରାଣି ଚାକିରୀ କରିଥିଲେ । ମଝିରେ ଟାଟା ଯାଇ ସେଠାରେ ମଧ୍ୟ କିଛିଦିନ କମ୍ପାନୀ ଚାକିରୀ କରିଥିଲେ । ମାତ୍ର ଏ ସମସ୍ତ ଚାକିରୀ ତାଙ୍କୁ ଭଲ ନ ଲାଗିବାରୁ ସେ ସମସ୍ତ ଚାକିରୀ ଛାଡ଼ି ସେହି ବର୍ଷ କୁସୁପୁର ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ସେଠାରୁ ଆଳି ଓ ଇନ୍ଦୁପୁର ହାଇସ୍କୁଲରେ କିଛିଦିନ ଶିକ୍ଷକତା କରି ୧୯୫୧ ମସିହାରେ ସି.ଟି. ଟ୍ରେନିଂ ନେବା ପାଇଁ ଚାକିରୀ ଛାଡିଥିଲେ । ୧୯୫୩ ମସିହାରେ ସି.ଟି. ପାଶ୍ ପରେ କେନ୍ଦୁଝର ଜିଲ୍ଲାର ଦେଓଗାଁ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ସେଠାରୁ ରାଇସୁଆଁ ଓ ହରିଚନ୍ଦନପୁର ବଦଳି ହୋଇ ୧୯୫୭ ମସିହା ଯାଏ ସେହି ଅଞ୍ଚଳରେ ଶିକ୍ଷକତା କରିଥିଲେ ।

ଦୂରତାର ବ୍ୟବଧାନ ତଥା ପାରିବାରିକ ଦେଖାଶୁଣା ପାଇଁ ସେ ସେଠିକାର ଚାକିରୀରୁ ଇସ୍ତଫା ଦେଇ ୧୯୫୭ ମସିହାରେ ନନ୍ଦକିଶୋର ବିଦ୍ୟାମନ୍ଦିର, କୁସୁପୁରରେ ଜଣେ ସହକାରୀ ଶିକ୍ଷକ ଭାବେ ଚାକିରୀ ଜୀବନ ଆରମ୍ଭ କରିଥଲେ । ଏହି ସ୍କୁଲରେ ଦୀର୍ଘ ପଚିଶ ବର୍ଷ ଶିକ୍ଷକତା କରି ତା ୩୦।୬।୧୯୮୩ ମସିହାରେ ଅବସର ଗ୍ରହଣ କରିଥିଲେ । ଏହି ୨୬ ବର୍ଷ ମଧ୍ୟରେ ସେ ବିଭିନ୍ନ ସମୟରେ ଜି.ଏସ୍. ବିଦ୍ୟାପୀଠ, ସିଦ୍ଧେଶ୍ୱରପୁର ଓ ଗାନ୍ଧୀ ଶିକ୍ଷାଶ୍ରମ, ଚମ୍ପାପୁରକୁ ବଦଳି ହୋଇ ପୁନର୍ବାର ନନ୍ଦକିଶୋର ବିଦ୍ୟାମନ୍ଦିରକୁ ଫେରି ଆସିଛନ୍ତି । ଚାକିରୀକାଳ ମଧ୍ୟରେ ସେ ବିଭିନ୍ନ ସମୟରେ ଘରୋଇ ଛାତ୍ର ଭାବେ ଆଇ.ଏ., ବି.ଏ ଓ ବି.ଇଡି. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି କରିଛନ୍ତି ; ମାତ୍ର, ଦୁଇ ଦୁଇଥର ଏମ୍.ଏ. ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ମଧ୍ୟ ଆବଶ୍ୟକୀୟ ଅର୍ଥ ଅଭାବରୁ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରି ନଥିଲେ । ଏହା ତାଙ୍କ ଜୀବନର ଏକ ବଡ ଅବଶୋଷ ଥିଲା ।

Digitized by srujanika@gmail.com

ପାରିବାରିକ ଜୀବନ :

୧୯୫୩ ମସିହାରେ କବି ନିଜ ଗ୍ରାମର ଗଣେଶ୍ୱର ମାଝୀଙ୍କର ବଡ଼ ଝିଅ ରେବା ଦେଈଙ୍କୁ ବିବାହ କରିଥିଲେ । ସେତେବେଳକୁ ସାମଲଙ୍କର ସାହିତ୍ୟିକ ପ୍ରତିଭାର ବିକାଶ ଆରମ୍ଭ ହୋଇ ସାରିଥିଲା । ଶିକ୍ଷକ ଚାକିରୀର ସ୍ୱଳ୍ପ ବେତନରେ ତାଙ୍କ ପରିବାର ଦୁଃଖେସୁଖେ ଚଳିଯାଉଥାଏ । ବେଳେବେଳେ ଆର୍ଥିକ ସଙ୍କଟ ଦେଖାଦେଲେ ହେଁ ତାହା ଉଭୟ ପତିପତ୍ନୀଙ୍କ ସ୍ନେହ ଶ୍ରଦ୍ଧାରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରୁନଥିଲା । କବିପତ୍ନୀ ସ୍ୱଳ୍ପଶିକ୍ଷିତା ହେଲେ ମଧ୍ୟ ଥିଲେ ସୁଗୃହିଣୀ । କବିଙ୍କର ଆର୍ଥିକ ଅନଟନ ତଥା ସଂଘର୍ଷମୟ ଜୀବନର ସମସ୍ତ ଅଭାବ ଅସୁବିଧାକୁ ସେ ସହ୍ୟକରି ପ୍ରକୃତ ଧର୍ମପତ୍ନୀର ପରିଚୟ ପ୍ରଦାନ କରୁଥିଲେ । ପରିବାରର ନାନା ଅଭାବ ଅସୁବିଧା ସତ୍ତ୍ୱେ ସେମାନେ ପିଲାମାନଙ୍କୁ ଉଚ୍ଚଶିକ୍ଷିତ ଓ ଯୋଗ୍ୟ କରିବାରେ କେବେ ଅବହେଳା କରିନାହାଁନ୍ତି । ବଡ଼ପୁଅ ବୁଲୁ (ପ୍ରଦୀପ୍ତ କିଶୋର ସାମଲ) ବର୍ତ୍ତମାନ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲାବେଳେ ସାନପୁଅ ସୁକ (ସୁକୁମାର ସାମଲ) ସମ୍ପ୍ରତି ଓରିଏଣ୍ଟାଲ ଇନସୁରାନସ କମ୍ପାନୀରେ ପ୍ରଶାସନିକ ଅଧିକାରୀ ପଦବୀରେ ଅଧିଷ୍ଠିତ । ସେହିପରି କବି ନିଜର ଦୁଇ କନ୍ୟା ମିନତି ଓ ନଳିନୀକୁ ସତ୍‌ପାତ୍ରରେ ବିବାହ ଦେଇ ନିଜର ପିତୃଧର୍ମ ସୁଚାରୁ ରୂପେ ସମ୍ପାଦନ କରିଛନ୍ତି ।

ଆଦର୍ଶ ଶିକ୍ଷକ :

ଜଣେ ଆଦର୍ଶ ଶିକ୍ଷକ ଥିଲେ ନନ୍ଦକିଶୋର । ଛାତ୍ରମାନଙ୍କୁ ହସାଇ ହସାଇ କଷ୍ଟ ପାଠକୁ ଏପରି ସହଜ ଭାବରେ ପଢ଼ାଇ ଦେଉଥିଲେ ଯେ ଛାତ୍ରମାନେ କଷ୍ଟ ବୋଲି କିଛି ଜାଣି ପାରୁନଥିଲେ । ଶିକ୍ଷାଦାନକୁ ଅଧିକ ସରସ ଓ ମନୋରଞ୍ଜକ କରିବା ପାଇଁ ତାଙ୍କର ଥିଲା ମନୋମୁଗ୍ଧକର ପରିବେଷଣ ଶୈଳୀ ଓ ସୁଲଳିତ କଣ୍ଠସ୍ୱର । ସାହିତ୍ୟ ପାଠ ପଢ଼ାଇଲାବେଳେ ସେ ବିଭିନ୍ନ କବିଙ୍କ କବିତାରୁ ଯେଉଁ ଉଦାହରଣମାନ ପ୍ରଦାନ କରୁଥିଲେ, ତାହା କୋମଳମତି ଛାତ୍ରଛାତ୍ରୀଙ୍କ ମନରେ ଏକ ସାହିତ୍ୟିକ ରୁଚିବୋଧ ସୃଷ୍ଟି କରିବା ସହିତ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଆନ୍ତରିକତା ବୃଦ୍ଧି କରିବାରେ ସହାୟକ ହେଉଥିଲା । ବେଳେବେଳେ ଗୋଟିଏ ଗୋଟିଏ ପଦ ବୁଝାଇବାରେ ତାଙ୍କର ଗୋଟିଏ ପିରିୟଡ଼ ଶେଷହୋଇ ଯାଉଥିଲା । କଥାରେ କଥାରେ ତାଙ୍କ କଣ୍ଠରୁ ଝରିପଡୁଥିଲା କବିତାର ସୁମଧୁର ପଙ୍‌କ୍ତି । ସତେ ଯେପରି ସେ ଭାବ ଗଦଗଦ ହୋଇ ତରଳି ଯାଉଥିଲେ । ଛାତ୍ରମାନଙ୍କୁ ସେ କ୍ୱଚିତ ଦଣ୍ଡିତ କରୁଥିଲେ । ପିଲାମାନେ ଶ୍ରେଣୀରେ ପାଟିକଲେ ଏପରି ପ୍ରଶ୍ନ ପଚାରି ଦେଉଥିଲେ ଯେ, ଯାହାର ଉତ୍ତର ଭାବୁଭାବୁ ପିଲାମାନେ ଚୁପ୍ ହୋଇଯାଉଥିଲେ । ଏହିଠାରେ ଥିଲା ତାଙ୍କ ଶିକ୍ଷାଦାନର ସ୍ୱାତନ୍ତ୍ର୍ୟ । ସେ ଯେଉଁ ସ୍କୁଲକୁ ବଦଳି ହୋଇ ଯାଉଥିଲେ, ସେଠାରେ ସମସ୍ତ ସହକର୍ମୀ ଓ ଛାତ୍ରଙ୍କୁ ଆପଣାର କରି ନେଉଥିଲେ ନିଜର ଆଶୁ କବିତ୍ୱ ଓ ସାରସ୍ୱତ ପ୍ରତିଭା ବଳରେ ।

Digitized by srujanika@gmail.com

କବି ନନ୍ଦକିଶୋର ସାମଲଙ୍କ ସାହିତ୍ୟିକ ଉତ୍ତରଣ :

ନନ୍ଦକିଶୋର ସାମଲ ବୃତ୍ତିରେ ଜଣେ ଶିକ୍ଷକ ହେଲେହେଁ କୃତିରେ ଥିଲେ ନାଟ୍ୟକାର, ଗୀତିକାର ଓ ଶିଶୁସାହିତ୍ୟିକ । ଆକାଶବାଣୀ କାର୍ଯ୍ୟକ୍ରମର ଜଣେ ସଫଳ ସହଯୋଗୀ ଭାବରେ ସେ ଶ୍ରୋତାମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ । ତାଙ୍କ ଠାରେ ସୃଜନଶୀଳତାର ଆଦ୍ୟ ରୂପ ପ୍ରକାଶ ପାଇଥିଲା ମାତ୍ର ୧୬ ବର୍ଷ ବୟସରେ । ୬ଷ୍ଠ ଶ୍ରେଣୀରେ ଅଧ୍ୟୟନ କାଳରେ ସେ ଦେଖନ୍ତି ତାଙ୍କର ଶିକ୍ଷକ ରଘୁନାଥ ପଣ୍ଡା ଛୋଟଛୋଟ ନାଟକ ଓ ଗୀତ ଲେଖି ପରିବେଷଣ କରାଉଛନ୍ତି । ଏହା ଦେଖି ନନ୍ଦକିଶୋରଙ୍କ ମନରେ ସେପରି ଲେଖାଲେଖି କରିବା ପାଇଁ ଭାବନା ଜାଗରିତ ହେଲା । ସାର୍ କିପରି ଗୀତ ଓ ନାଟକ ଲେଖୁଛନ୍ତି ବୋଲି ପ୍ରଶ୍ନ ପଚାରି ସାର୍‌ଙ୍କ ଠାରୁ ସେ ନିସ୍ତୁକ ମାଡ ଖାଇ ଥିଲେ । ସାରଙ୍କର ଏହି ନିଷ୍ଠୁର ଆଚରଣ ତାଙ୍କ ଲେଖାଲେଖି କରିବା ଆଗ୍ରହରେ ସାମାନ୍ୟ ଭଙ୍ଗା ପକାଇଦେଲା ; କିନ୍ତୁ ନିଜ ଭାବନାରୁ ସେ ସମ୍ପୂର୍ଣ୍ଣ ନିବୃତ୍ତ ହେଲେନାହିଁ ।

୧୯୩୯ ମସିହାରେ ସେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ପ୍ରଥମେ ଲେଖାଲେଖି ଆରମ୍ଭକଲେ । ଚାକିରୀକାଳ ମଧ୍ୟରେ ସେ ଲେଖାଲେଖି କରି ଯେତିକି ସୁଖ୍ୟାତି ଅର୍ଜନ କରିଥିଲେ, ଅବସର ପରେ ଅର୍ଥାତ୍ ୧୯୮୩ ମସିହାରୁ ୨୦୦୩ ମଧ୍ୟରେ ତାଙ୍କର ସୃଷ୍ଟିର ବିପୁଳତା ଓ ବ୍ୟାପକତା ଅଧିକ ଥିଲା । ଏହି କୋଡ଼ିଏ ବର୍ଷ ମଧ୍ୟରେ ସେ ସୃଷ୍ଟି କରିଥିଲେ ଅଜସ୍ର ଶିଶୁକବିତା, ନାଟକ, ଗୀତିନାଟ୍ୟ, ଗୀତିକବିତା ଇତ୍ୟାଦି । ମୃତ୍ୟୁ ଅପେକ୍ଷାରେ ଥାଇ ମଧ୍ୟ କବି ଆଉ ୧୫ଟି ଗୀତ ଲେଖିବା ପାଇଁ ଆଶା ପୋଷଣ କରିଥିଲେ; କିନ୍ତୁ ନିୟତି ନିକଟରେ ତାଙ୍କ ସେ ଆଶା ପୂରଣ ହୋଇ ପାରିନଥିଲା ।

ନାଟ୍ୟକୃତି :

ଘରର ଆର୍ଥିକ ଦୁରବସ୍ଥା ପାଇଁ ମାଇନର ପାଶ୍ କରିବା ପରେ ତାଙ୍କୁ ଆଉ ଅଧିକ ପଢ଼ିବାର ସୁଯୋଗ ମିଳିଲା ନାହିଁ । ସେତେବେଳେ ସମୟର ଅପଚୟ ନକରି ନିଜର ଅବଦମିତ ଇଚ୍ଛାକୁ ସାକାର କରିବାକୁ ସେ ଚେଷ୍ଟାକଲେ । ଏହି ସମୟରେ ଗଣକବି ବୈଷ୍ଣବ ପାଣିଙ୍କ ସମସ୍ତ ଗୀତିନାଟ୍ୟ ପଢ଼ି ତା ଦ୍ୱାରା ପ୍ରଭାବିତ ହେଲେ । ତା ସହିତ ପରିବାରର ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ସେ ଗାଁ ପିଲାମାନଙ୍କୁ ଟିଉସନ କରିଥିଲେ ।

'ମଲୁ ଖୋଜୁଥିଲା ଯାହା ବଇଦ ବତାଇଲା ତାହା' ନ୍ୟାୟରେ ଏହି ସମୟରେ ନିଜ ସୃଜନଶୀଳ ପ୍ରତିଭାର ପ୍ରତିଷ୍ଠା ପାଇଁ ତାଙ୍କୁ ଏକ ସୁଯୋଗ ମିଳିଲା । ସେ ସମୟରେ ନାରୀ-ଶିକ୍ଷାର ପ୍ରସାର ଘଟି ନଥିବାରୁ ଝିଅ ଓ ଅଭିଭାବକମାନଙ୍କୁ ପ୍ରଭାବିତ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ନାଟକ ଓ ଗୀତର ସାହାଯ୍ୟ ନେବାକୁ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଲେ ।

Digitized by srujanika@gmail.com

କବିଙ୍କର ବାଲ୍ୟବନ୍ଧୁ କେଶବାନନ୍ଦ ସାହୁ (କୁସୁପୁର ବାଳିକା ନି.ପ୍ରା. ସ୍କୁଲରେ ଶିକ୍ଷକ)ଙ୍କ ଅନୁରୋଧ ଓ ପ୍ରରୋଚନାରେ ନନ୍ଦକିଶୋର ୧୯୪୧-୪୨ମସିହାରେ 'କୁମାର ସମ୍ଭବ' ନାଟକ ଲେଖି କୁସୁପୁର ଦଶରା ସମିତି ପଡିଆରେ ଅଭିନୟ କରାଇଲେ ।

ଏହାପରେ ଉକ୍ତ ନାଟକଟି କୁସୁପୁରର ପୁରାତନ 'କୁମାର ଡ୍ରାମାଟିକ୍ କ୍ଲବ' ରଙ୍ଗମଞ୍ଚରେ ୧୯୪୪ ମସିହାରେ ମଞ୍ଚସ୍ଥ ହେଲା । ନାଟକ ମଞ୍ଚସ୍ଥ ପୂର୍ବରୁ ଯେଉଁ ସଭା ହୋଇଥିଲା ସେଥିରେ ମୁଖ୍ୟଅତିଥି ଭାବେ ଶିଳ୍ପୀଗୁରୁ ବିଦ୍ୟାଧର ବର୍ମା ଓ ବିଶିଷ୍ଟ କବି ମାୟାଧର ମାନସିଂହ ଯୋଗ ଦେଇଥିଲେ । ନାଟକଟି ବୈଷ୍ଣବ ପାଣିଙ୍କ ନାଟ୍ୟଶୈଳୀ ଅନୁସରଣରେ ରଚିତ ହୋଇଥିଲେ ହେଁ ତା'ର ସଂଳାପ, ପରିବେଷଣ ଶୈଳୀ ସ୍ୱତନ୍ତ୍ର ଥିଲା । ଏହି ନାଟକରେ ବ୍ୟବହୃତ ସ୍କ୍ରିନ୍‌କୁ ନିଜେ ଶିଳ୍ପୀ ବି.ବର୍ମା ପ୍ରସ୍ତୁତ କରିବା ସହିତ ଅଭିନେତାମାନଙ୍କର ବେଶଭୂଷା ଓ ପରିପାଟୀକୁ ସଜାଇ ଦେଇଥିଲେ ।

'କୁମାର ସମ୍ଭବ' ନାଟକ ଦେଖି ମାୟାଧର ମାନସିଂହ ଖୁସିହେବା ସହିତ ଯେତେବେଳେ ଜାଣିଲେ ଏହାର ନାଟ୍ୟକାର ହେଉଛନ୍ତି କୁସୁପୁର ଗ୍ରାମର ଜଣେ ୧୯ ବର୍ଷର ବାଳକ, ସେତେବେଳେ ସେଇ ନାଟ୍ୟକାରଙ୍କୁ ଦେଖିବା ପାଇଁ ଆଗ୍ରହ ପ୍ରକାଶ କଲେ । ମାନସିଂହଙ୍କର ସେ ସମୟରେ ଅନେକ ପ୍ରତିଷ୍ଠା । ଜଣେ ପ୍ରତିଷ୍ଠିତ କବିଙ୍କ ସମ୍ମୁଖରେ ନନ୍ଦକିଶୋର ଭୟ ଓ ସଙ୍କୋଚରେ ଯାଇ ଛିଡାହେଲେ । ନନ୍ଦକିଶୋରଙ୍କ ସଙ୍କୋଚ ଭାବ ଦେଖି ମାନସିଂହ ତାଙ୍କ ପିଠି ଥାପୁଡେଇ ଦେଇ କହିଲେ, ''ଲେଖି ଚାଲ ନିଶ୍ଚୟ ସଫଳତା ମିଳିବ ।'' ତା' ପର ଠାରୁ ନନ୍ଦକିଶୋର ଆଉ ପଛକୁ ଫେରି ଚାହିଁନାହାନ୍ତି । ମାନସିଂହଙ୍କ ଠାରୁ ଆଶୀର୍ବାଦ ପାଇ ସେ ଅତ୍ୟନ୍ତ ଉତ୍ସାହିତ ହୋଇ ତ୍ରିଭାଷୀ ବହିରୁ ବଙ୍ଗଳା ଭାଷା ଶିକ୍ଷା କରି ୧୯୪୮ ମସିହାରେ ବଙ୍ଗଳା ନାଟକ 'ଆତ୍ମାହୁତି'କୁ ଓଡ଼ିଆରେ ଅନୁବାଦ କରି ମଞ୍ଚସ୍ଥ କରାଇଥିଲେ । ବିଭିନ୍ନ ସମୟରେ ତାଙ୍କ ରଚିତ, ମଞ୍ଚସ୍ଥ ଓ ବେତାର ଦ୍ୱାରା ପରିବେଷିତ ନାଟକଗୁଡିକ ହେଲା -

- କୁମାର ସମ୍ଭବ -୧୯୪୪
- ପୋଷା ପୁଅ - ୧୯୪୫
- ସାବିତ୍ରୀ -୧୯୪୬
- ଆତ୍ମାହୁତି -(ଅନୁବାଦ)୧୯୪୮
- ସୁବର୍ଣ୍ଣ ହରିଣୀ - ୧୯୬୦
- ସାଧବ ଝିଅ - ୧୯୬୧
- ଶ୍ରୀୟା- ୧୯୬୨
- ନୀଳମାଧବ - ୧୯୬୩
- କଣାମାଠିଆ-୧୯୬୪
- ତାରକାସୁର - ୧୯୬୫
- ଶକୁନ୍ତଳା - ୧୯୬୬
- ଶେଷ ଦ୍ୱାପର -୧୯୭୨-୭୩
- ସୀତା- ୧୯୭୩-୭୪
- ହରିଶ୍ଚନ୍ଦ୍ର -୧୯୭୪
- ବାଲିରଥ - ୧୯୭୫
- ପଲ୍ଲୀକବି (ରୂପକ)-୧୯୭୬
- ମନର ମୂଳେ ଏ ଜଗତ - ୧୯୭୭
- ଏଇତ ଜୀବନ - ୧୯୭୮

Digitized by srujanika@gmail.com

- ❖ ଦୋଳ ମୁକୁଟ - ୧୯୮୮
- ❖ ମୃଗତୃଷ୍ଣା-୧୯୯୦-୯୧
- ❖ ନୀଳମାଧବ - ୧୯୯୩
- ❖ ମୁଁ ବଡ
- ❖ ସାରିପୁତ୍ର

ନନ୍ଦକିଶୋରଙ୍କ ନାଟ୍ୟପ୍ରତିଭା ବିକାଶ ଦିଗରେ ନନ୍ଦକିଶୋର ବିଦ୍ୟାମନ୍ଦିରର ସରସ୍ୱତୀ ପୂଜା, ପଲ୍ଲୀମଙ୍ଗଳ ସମିତିର ବାର୍ଷିକ ଉତ୍ସବ ଓ କୁମାର ଡ୍ରାମାଟିକ୍ କ୍ଲବର ରଙ୍ଗମଞ୍ଚ କ୍ଷେତ୍ର ପ୍ରସ୍ତୁତ କରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଏହି ଉତ୍ସବ ପାଇଁ ଯେଉଁ ନାଟକ, ଗୀତିନାଟ୍ୟ ଓ ନୃତ୍ୟନାଟିକା ପରିବେଷଣ କରାଯାଉଥିଲା ତାକୁ ନନ୍ଦକିଶୋର ହିଁ ରଚନା କରୁଥିଲେ । ବିରୂପା ରଙ୍ଗମଞ୍ଚରେ ମଧ ତାଙ୍କର କେତେକ ନାଟକ ମଞ୍ଚସ୍ଥ ହୋଇ ବ୍ୟାବସାୟିକ ସଫଳତା ଲାଭ କରିଥିଲା । ଏହି ନାଟକ ରଚନା ଓ ମଞ୍ଚସ୍ଥ କ୍ଷେତ୍ରରେ କୁସୁପୁରର ଉଦୀୟମାନ ତଥା ସଫଳ ନିର୍ଦ୍ଦେଶକ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ସାହୁଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ତାଙ୍କରି ପ୍ରେରଣାରେ ନନ୍ଦକିଶୋର ଅନେକ ନାଟକ ରଚନା କରିଥିଲେ । ତା ସହିତ ନନ୍ଦକିଶୋର ବିଦ୍ୟାମନ୍ଦିରର ହେଡ଼ମାଷ୍ଟର, ଶିକ୍ଷକବୃନ୍ଦ ତଥା କୁସୁପୁରର ଜନସାଧାରଣଙ୍କ ଅକୁଣ୍ଠ ପ୍ରଶଂସା ତାଙ୍କୁ ଖୁବ୍ ପ୍ରେରଣା ଯୋଗାଇଥିଲା । ଏହି ନାଟକ ରଚନାର ଧାରା ପ୍ରାୟ ୧୯୯୩ ମସିହା ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ମାତ୍ର, ଓଡ଼ିଶାରେ ଏକମୁଖୀ ରଙ୍ଗମଞ୍ଚର ଅବସାନ ସହିତ ସିନେମା ଓ ଟେଲିଭିଜନର ବହୁଳ ପ୍ରସାର ଫଳରେ ପ୍ରାୟ ୯୦ ଦଶକ ବେଳକୁ ତାଙ୍କ ନାଟକ ରଚନା ଧାରାରେ ଶିଥିଳତା ଆସିବା ସହିତ ଶୈଳୀରେ ମଧ ପରିବର୍ତ୍ତନ ଘଟିଲା ।

ଏହା ପରେ ନନ୍ଦକିଶୋର ବେତାର ଓ ଦୂରଦର୍ଶନ ଉପଯୋଗୀ ନାଟକ ରଚନା କରିଛନ୍ତି । ତାଙ୍କର ପ୍ରାୟ ୬/୭ଟି ବେତାର ନାଟକ ପରିବେଷିତ ହୋଇ ଶ୍ରୋତାମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ସେହି ନାଟକ ଓ ରୂପକଗୁଡ଼ିକ ହେଲା-

- ❖ ଦୋଳ ମୋକଟ - ୧୯୮୮
- ❖ ମୃଗତୃଷ୍ଣା - (୮ଟି ସିରିଏଲ୍) ୧୯୯୦
- ❖ ମର୍ତ୍ତ୍ୟମଣ୍ଡଳେ ଦେହ ବହି - ୧୯୯୧
- ❖ ଆମକୁ ହାତ ଦିଅ ପ୍ରଭୁ - ୧୯୯୭
- ❖ ବିରୂପା-(ରୂପକ) ୨୦୦୦
- ❖ ମୋ ଗାଁ
- ❖ ଗଛରେ ହସିବ ଫୁଲ-୨୦୦୧
- ❖ ଆମେ ଗଙ୍ଗା ଗୋଦାବରୀ କାବେରୀ -୨୦୦୨

Digitized by srujanika@gmail.com

ତାଙ୍କ ରଚିତ ସମସ୍ତ ନାଟକ, ଗୀତିନାଟ୍ୟ ଓ ରୂପକ ମଧ୍ୟରୁ କେବଳ 'ପଲ୍ଲୀକବି' ରୂପକ ଓ 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି' ନାଟକ ପୁସ୍ତକ ଆକାରରେ ପ୍ରକାଶ ପାଇଛି । ଅନ୍ୟ ନାଟକଗୁଡ଼ିକ ପ୍ରକାଶ ପାଇଲେ ତାଙ୍କ ନାଟ୍ୟ ପ୍ରତିଭାର ପ୍ରକୃତ ଆକଳନ କରିହେବ ।

ସି.ଟି. ଟ୍ରେନିଂ କାଳରେ ତାଙ୍କର ଅଧ୍ୟକ୍ଷ ଥାଆନ୍ତି ବିଶିଷ୍ଟ ଶିକ୍ଷାବିତ୍ ବୈଦ୍ୟନାଥ ରଥ । ତାଙ୍କରି ନିର୍ଦ୍ଦେଶରେ ନନ୍ଦକିଶୋର ଏକ 'ପାଲା' ଲେଖି ନିଜେ ଗାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ନନ୍ଦକିଶୋର ନାଟ୍ୟକାର ହେବା ସହିତ ନିର୍ଦ୍ଦେଶକ ଓ ଅଭିନେତା ମଧ୍ୟ ଥିଲେ । ଦେଓଗାଁ ସ୍କୁଲରେ ଶିକ୍ଷକତା କାଳରେ ସେ ସେଠାରେ 'ମୂଲିଆ' ନାଟକର ନିର୍ଦ୍ଦେଶନା ଦେବା ସହିତ ନିଜେ 'ମୂଲିଆ' ଭୂମିକାରେ ଅଭିନୟ କରିଥିଲେ ।

ପୁରସ୍କାର ଓ ସମ୍ମାନ :

ନନ୍ଦକିଶୋର ଥିଲେ ପ୍ରକୃତରେ ସ୍ୱାଭିମାନୀ ଓ ନିରଳସ ସାଧକ । ୧୯୯୨ ମସିହାରେ ସେ ତାଙ୍କ 'ମୋତେ ଯେତେବେଳେ ଦଶ ବରଷ' ଶିଶୁ କବିତା ସଂକଳନ ପାଇଁ ସମ୍ମାନଜନକ ଓଡ଼ିଶା ସାହିତ୍ୟ ଏକାଡେମୀ ଶିଶୁ-ସାହିତ୍ୟ ପୁରସ୍କାର ଲାଭ କରିଥିଲେ । 'ଆମେ ଏ ମାଟିର ସୁନା ଫୁରୁଆ' ଶିଶୁକବିତା ପୁସ୍ତକ ପାଇଁ ସେ ୧୯୯୩ ମସିହାରେ 'ବିଶ୍ୱଜିତା ଶିଶୁ-ସାହିତ୍ୟ ପୁରସ୍କାର' ଲାଭ କରିଥିଲେ । ଏହା ବ୍ୟତୀତ ନିଜର କୃତି ଓ କୃତିତ୍ୱ ପାଇଁ ସେ ଓଡ଼ିଶାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ତରଫରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି । ତନ୍ମଧ୍ୟରୁ କେତୋଟି ପ୍ରତିଷ୍ଠିତ ଅନୁଷ୍ଠାନ ହେଲା, ଗୋକର୍ଣ୍ଣିକା ସାହିତ୍ୟ ସମାଜ, ଧର୍ମଶାଳା (ଉପେନ୍ଦ୍ର ତ୍ରିପାଠୀ ଶିଶୁ-ସାହିତ୍ୟ ପୁରସ୍କାର)-୧୯୮୫, ଆଦି ନାଟ୍ୟକାର ସ୍ମୃତି ସଂସଦ, ମାହାଙ୍ଗା(୧୯୯୪), ଉତ୍କଳ ଭାରତୀ ସାଂସ୍କୃତିକ ସଂସଦ, ମାହାଙ୍ଗା (୧୯୯୬), ପ୍ରଜାତନ୍ତ୍ର ବିଷୁବ ମିଳନ, ନିଖିଳ ଉତ୍କଳ ଶିଶୁମେଳା ସମିତି, ଭୁବନେଶ୍ୱର ସାମ୍ୟାଦିକ ଓ ରାଜ୍ୟ ଲୋକସଂପର୍କ ବିଭାଗ (୧୯୯୭), ଓଡ଼ିଶା ଶିଶୁ-ଲେଖକ ଏକାଡେମୀ, ଭୁବନେଶ୍ୱର(୧୯୯୯), ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର (୨୦୦୦), ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, କଟକ(୨୦୦୨)ଆଦି ପ୍ରଧାନ ।

ପାଠ୍ୟପୁସ୍ତକରେ ସ୍ଥାନ ପାଇଥିବା ଗଳ୍ପ ଓ କବିତା :

କବିଙ୍କ 'ଆମ ଘର' କବିତାଟି ୧୯୬୩ ମସିହାରୁ ୨ୟ ଶ୍ରେଣୀ ସାହିତ୍ୟ ବହି (ଛବି ବହି)ରେ ସ୍ଥାନ ପାଇ ଆସିଛି । ସେହିପରି 'ମହାନଦୀର ନିଜକଥା' ଗଦ୍ୟ ରଚନାଟି ୧୯୬୩ ମସିହାରୁ ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଦ୍ୱିତୀୟ ଶ୍ରେଣୀ ସାହିତ୍ୟ ବହିରେ ଅନେକ ଦିନ ପର୍ଯ୍ୟନ୍ତ ସ୍ଥାନ ପାଇଥିଲା । ଏହି ସୃଷ୍ଟି ଦୁଇଟିର କପିରାଇଟକୁ ସେ

Digitized by srujanika@gmail.com

ମାତ୍ର ୭୦୦ଟଙ୍କାରେ ଓଡ଼ିଶା ସରକାରଙ୍କୁ ବିକ୍ରି କରିଦେଇଥିଲେ । ସେଥିପାଇଁ ଉକ୍ତ ଲେଖାରେ ତାଙ୍କ ନାମ ନଥିବାରୁ ଅନେକ ଦିନ ପର୍ଯ୍ୟନ୍ତ 'ଆମ ଘର' କବିତାର ସ୍ରଷ୍ଟାଙ୍କ ନାଁ କେହି ଜାଣି ନଥିଲେ ।

ଏହା ବ୍ୟତୀତ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଷଷ୍ଠ ଶ୍ରେଣୀ ସାହିତ୍ୟ ପୁସ୍ତକ 'ବଡଲୋକଙ୍କ ଜୀବନକଥା' ରେ ସ୍ଥାନ ପାଇଥିବା ପ୍ରଥମ ଚାରୋଟି ବିଷୟ ହେଉଛି ନନ୍ଦକିଶୋରଙ୍କ ଲେଖନୀ ନିସୃତ । ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, କବିବର ରାଧାନାଥ, ଶିଳ୍ପୀ ବିମ୍ବାଧର ଆଦି ଲେଖାରେ ଏହି ଯୋଗଜନ୍ମା ବ୍ୟକ୍ତିମାନଙ୍କ ବିଷୟରେ ଭାବଗର୍ଭକ ଉପସ୍ଥାପନା କରାଯାଇଛି । ଏଥିରୁ ତାଙ୍କ ଗଦ୍ୟଶୈଳୀ, ଦେଶପ୍ରୀତି ଓ ପ୍ରତିଭାପୂଜାର ପରିଚୟ ମିଳିଥାଏ ।

କାବ୍ୟକୃତି :

ନନ୍ଦକିଶୋରଙ୍କ କାବ୍ୟ ପ୍ରତିଭାର ଉନ୍ମେଷ ୧୯୫୧-୫୩ ରେ ସି.ଟି. ସ୍କୁଲରେ ଅଧ୍ୟୟନ କାଳରେ ହୋଇଥିଲା । ସବୁଜ କବିମାନଙ୍କ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ସି.ଟି. ସ୍କୁଲର ପାଞ୍ଚଜଣ ସମଧର୍ମା ସ୍ରଷ୍ଟା ଗଢ଼ିଥିଲେ 'ପଞ୍ଚସଖା' ନାମକ ଏକ ଅନୁଷ୍ଠାନ । ସେହି ପଞ୍ଚସଖା ହେଲେ ହରେକୃଷ୍ଣ ପଣ୍ଡା, ନରସିଂହ ମିଶ୍ର, ନନ୍ଦକିଶୋର ସାମଲ, ପଦ୍ମଲୋଚନ ପାଲଟାସିଂହ ଓ ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ । ଏଠାରେ ସେମାନେ ଏକ କବିତା ଓ ଗଳ୍ପ ସଂକଳନର ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ । ଏଥିରେ ନନ୍ଦକିଶୋରଙ୍କର 'ଉଡିଗଲେ ଶୁଆସାରୀ' କବିତା ସ୍ଥାନ ପାଇଥିଲା । ଉକ୍ତ ପାଣ୍ଡୁଲିପିଟି ପୁସ୍ତକ ଆକାରରେ ପ୍ରକାଶ ପାଇଛି କି ନାହିଁ ତାହା ଜଣାନାହିଁ ।

ସେହି ୧୯୫୧ ମସିହାରେ କଲିକତାରୁ ପ୍ରକାଶ ପାଉଥିବା 'ଆସନ୍ତାକାଲି' ପତ୍ରିକାରେ ନନ୍ଦକିଶୋରଙ୍କ 'ଗାଉଁଲୀ ଗୀତ' ୧୯୫୫ ମସିହା ମେ ମାସ ସଂଖ୍ୟାରେ ଓ 'ବଉଳକୁ ଚିଠି' ,୧୯୫୪ ମସିହା ନବବର୍ଷ ସଂଖ୍ୟାରେ କବିତା ଦୁଇଟି ପ୍ରକାଶ ପାଇଥିଲା । ଏହାହିଁ ହେଉଛି କବିଙ୍କର ପ୍ରଥମ ପ୍ରକାଶିତ ଲେଖା ।

ନାଟକ ରଚନା ସହିତ ନନ୍ଦକିଶୋର ଅନେକ କାବ୍ୟକବିତା ରଚନା କରିଥିଲେ । ମାତ୍ର ସେଗୁଡ଼ିକ କାଁ ଭାଁ ପତ୍ରପତ୍ରିକାରେ ପ୍ରକାଶ ପାଉଥିଲା । ତେଣୁ ତାଙ୍କ କାବ୍ୟକୃତି ସମ୍ପର୍କରେ ଅନେକଦିନ ପର୍ଯ୍ୟନ୍ତ କେହି ପରିଚିତ ନଥିଲେ । ୧୯୮୦ ମସିହାବେଳକୁ କୁସୁପୁର ଓ ଆଖପାଖ ଅଞ୍ଚଳର ସାହିତ୍ୟିକମାନଙ୍କୁ ନେଇ ଗଢ଼ିଉଠିଲା ସୌଖୀନ୍ ସାହିତ୍ୟ ସମାଜ । ଏହି ଅନୁଷ୍ଠାନ ନନ୍ଦକିଶୋରଙ୍କ କାବ୍ୟପ୍ରତିଭାର ବିକାଶ, ସଂପାଦନା ତଥା ଅନ୍ୟ ସତୀର୍ଥମାନଙ୍କ ସହିତ ଯୋଗାଯୋଗ ପ୍ରଦାନ କରିବାରେ ସହାୟତା ପ୍ରଦାନ କରି କବିଙ୍କର କାବ୍ୟପ୍ରତିଭା ବିକାଶର କ୍ଷେତ୍ର ପ୍ରସ୍ତୁତ କରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

Digitized by srujanika@gmail.com

କବିଙ୍କର ସଂଖ୍ୟାଧିକ ଭଜନ, ଜଣାଣ, ଓଡ଼ିଶୀ, ଆଧୁନିକ ଓ ପଲ୍ଲୀଗୀତ ଆକାଶବାଣୀ ଦ୍ୱାରା ପ୍ରସାରିତ ହୋଇ ଶ୍ରୋତାମାନଙ୍କର ପ୍ରଶଂସାଭାଜନ ହୋଇପାରିଥିଲା । କାରଣ ସାଙ୍ଗୀତିକତା ଥିଲା ତାଙ୍କ ଗୀତିକବିତାର ପ୍ରାଣ । ଭକ୍ତିସଙ୍ଗୀତ ଠାରୁ ଆରମ୍ଭ କରି ପଲ୍ଲୀଗୀତ ଓ ଆଧୁନିକ ଗୀତ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନନ୍ଦକିଶୋରଙ୍କର ଅପୂର୍ବ ପାରଦର୍ଶିତା ଥିଲା । ନନ୍ଦକିଶୋର ଥିଲେ ଆକାଶବାଣୀ ଓ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ।

ଆମ ଧର୍ମଧାରା ଓ ବିଶ୍ୱାସବୋଧରେ ତେତିଶ କୋଟି ଦେବଦେବୀଙ୍କ ପରିକଳ୍ପନା କରାଯାଇଛି । କିଏ କାହାକୁ ବିଶ୍ୱାସ କରେ ତାହା ବ୍ୟକ୍ତିବିଶେଷଙ୍କ ମନୋଭାବ ଉପରେ ନିର୍ଭର କରେ । ଭକ୍ତ ମନରେ ଠାକୁରଙ୍କ ବିଭିନ୍ନ ରୂପକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି [illegible] । ତଥାପି ଭଗବାନ ଭକ୍ତର ଭକ୍ତି-ଡୋରିରେ ସର୍ବଦା ବନ୍ଧା ପଡିଥାନ୍ତି । ନନ୍ଦକିଶୋରଙ୍କ ଭକ୍ତି[illegible]ରେ ସେଇ ଭାବଧାରା ସୁନ୍ଦର ଓ ସାବଲୀଳ ଶୈଳୀରେ ପ୍ରକାଶ ପାଇଛି -

ଶିବପୂଜା କରିବା ନା ବିଷ୍ଣୁପୂଜା କରିବା
କାହାକୁ ଡାକିବା ଆମେ କେଉଁ ନାମ ଧରିବା ?
\+ + +
ତୁ ଯେବେ ଡାକିବୁ ମୀରା ଦୟାମୟ ହରିକି
ମୁଁ ଡାକିବି ସଦାଶିବ ଦୁଇ ପାଦ ଧରିକି
ପରୀକ୍ଷାରେ ଜଣାଯିବ ଜିତିବା ନା ହାରିବା ॥

ଭକ୍ତ ଆଉ ଭଗବାନଙ୍କର ସମ୍ପର୍କର ସୂତ୍ର ଏତିକିରେ ସରିଯାଇ ନାହିଁ । ଭଗବାନଙ୍କୁ ନେଇ କବିଙ୍କ ମନରେ ଅନେକ ପ୍ରଶ୍ନ ଆଉ ସଂଶୟ ସୃଷ୍ଟିହୋଇଛି । ଭଗବାନଙ୍କର ଅସ୍ତିତ୍ୱ ସଂପର୍କରେ କବି ସଚେତନ ଥିଲେ ହେଁ, ଭଗବାନଙ୍କ ଠିକଣା ଜାଣିବାକୁ ତାଙ୍କ ମନରେ ଅହେତୁକ ଇଚ୍ଛା ଜାଗରିତ ହୋଇଛି -

ତୁହିତ କରିଚୁ ପ୍ରଭୁ ପାହାଡ ଝରଣା
ଗୋଲାପ ମାଳତି ମଲ୍ଲୀ ତୋହରି କରୁଣା ।
\+ + +
ମାଳମାଳ ଦଳଦଳ ଜାତିଜାତି ପକ୍ଷୀ
ଶୂନ୍ୟରେ ଉଡ଼େଇ ନେଉ ଆମେ ଅଛୁ ଦେଖି
ଆମେ ତ ଜାଣୁନା ପ୍ରଭୁ ତୋ ଘର ଠିକଣା ।

ମଣିଷ-ଜୀବନ ଅସାର, ଜନ୍ମ ଆଉ ମୃତ୍ୟୁ ଜୀବନର ଚିର ସହଚର । ମରଣ ଜାଣି ସୁଦ୍ଧା ମଣିଷ ଲୋଭ, ଅହଙ୍କାର, ଗର୍ବକୁ ନେଇ ବଞ୍ଚେ । କାହାକୁ ହସାଏ ତ କାହାକୁ କନ୍ଦାଏ । ଭଗବାନଙ୍କ ନିକଟରେ ନିଜର ମନସ୍କାମନା ପୂରଣ ପାଇଁ କେତେ ଅଳି ଅର୍ଦ୍ଦଳି କରେ । କବିଙ୍କ ଲେଖନୀରେ ମଧ୍ୟ ଏହି ଭାବ ବାଦ ଯାଇନାହିଁ ।

Digitized by srujanika@gmail.com

କିଏ ମାଗେ ଧନ ଦିଅ ବେଶି ବେଶି ଧନ
କିଏ ମାଗେ ଶାମଘନ ମତେ ଦିଅ ମନ
କିଏ କହେ ମହାପ୍ରଭୁ ମତେ କର ସାଥୀ ।
\+ \+ \+
ବଇକୁଣ୍ଠପୁରୁ ହାତେ ମିଳିଯାଉ ମତେ
ମତେ ଘେନି ଯାଅ ପ୍ରଭୁ ସତ୍ୟଧର୍ମ ପଥେ
ସବୁ ଦିନେ ବଞ୍ଚିବାକୁ କେ କରେ ମିନତି ।

ଐଶ୍ୱରିକ ସତ୍ତା ବା ଭଗବାନଙ୍କ ଅସ୍ତିତ୍ୱ ପ୍ରତି କବିଙ୍କର ଭାବବୋଧ ଯେଉଁପରି ବହୁମୁଖୀ, ସେହିପରି ଆତ୍ମ ସମର୍ପଣ ଭାବର ପ୍ରତିଧ୍ୱନି ଅନେକ କବିତାର ମର୍ମବାଣୀ । କେବଳ ବିଭୁସତ୍ତା ନୁହେଁ, ଅଧିକାଂଶ ଗୀତରେ ପରମ୍ପରାର ଚିତ୍ର ସୁସ୍ପଷ୍ଟ, ଯାହାକି କବିଙ୍କ ମହାନୁଭବତାର ପରିଚୟ ପ୍ରଦାନ କରେ । କିଛି କରିବାର କ୍ଷମତା କବିଙ୍କର ନଥିଲେ ମଧ୍ୟ ନିଜ ଲେଖନୀ ମାଧ୍ୟମରେ କବି ସଚେତନ କରାଇ ଦେଇଛନ୍ତି ଆମକୁ । ପରମ୍ପରାକୁ ତ୍ୟାଗ କରି ଆଜି ସମସ୍ତେ ପାଶ୍ଚାତ୍ୟାଭିମୁଖୀ, ସଂସ୍କୃତି ଆଜି ବିପର୍ଯ୍ୟସ୍ତ,ଅପସଂସ୍କୃତିରେ ଭାରାକ୍ରାନ୍ତ ଆମର ମସ୍ତକ । ସବୁଠି ମପାଚୁପା ତଥା ଦେବାନେବାର ବ୍ୟାବସାୟିକ ସମ୍ପର୍କ ; କିନ୍ତୁ କବିଙ୍କ ରଚନାରେ ପରମ୍ପରାର ଚିତ୍ର, ଆଈମା ଓ ନାତୁଣୀଙ୍କ ମଧୁର ସମ୍ପର୍କରେ ଭଟ୍ଟା ପଡିନାହିଁ-

ଆଈବୁଢ଼ୀ ରଡିକଲା ଟୁନିଆ ଲୋ ଟୁନିଆ
ସେଘର ଠଣାରେ ଅଛି ମୋର ଶିଙ୍ଘ ପାନିଆ ।
\+ \+ \+
ପାନିଆ ତୁ ଆଣିଦେଲେ କଥାଟିଏ କହିବି
କଥା ନଶୁଣିବୁ ଯେବେ ଗୀତଟିଏ ଗାଇବି
ଟୁନା ଲୋ ମୋ ସୁନାଝିଅ ଯା ଟିକେ ଘିନିଆ ।।

ଏ ସବୁ ବ୍ୟତୀତ କବି ଅନେକ ଆଧୁନିକ ଗୀତ ଓ କବିତା ମଧ୍ୟ ରଚନା କରିଛନ୍ତି । ସେ ସବୁର ରସମାଧୁର୍ଯ୍ୟ, ସାଙ୍ଗୀତିକତା ଉଚ୍ଚକୋଟୀର ଓ ଭାବ ଉଦ୍ରେକକାରୀ ।

ଶିଶୁ-ସାହିତ୍ୟର ଦିଗ ଦିଗନ୍ତ :

ଓଡ଼ିଆ ଶିଶୁସାହିତ୍ୟ କ୍ଷେତ୍ରରେ ନନ୍ଦକିଶୋର ବଳ, ଗୋପାଳଚନ୍ଦ୍ର ପ୍ରହରାଜ, ରାମକୃଷ୍ଣ ନନ୍ଦ, ଉଦୟନାଥ ଷଡଙ୍ଗୀ ଏବଂ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ପରେ ନନ୍ଦ କିଶୋର ସାମଲ ହେଉଛନ୍ତି ସେହିପରି ଜଣେ ଉଚ୍ଚକୋଟୀର ଓ ପ୍ରଭାବଶାଳୀ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ । ସାହିତ୍ୟର ବିଭିନ୍ନ ବିଭାଗ ଓ ବିଭାବରେ ଲେଖନୀ ଚାଳନା କରିଥିଲେହେଁ ଶିଶୁସାହିତ୍ୟ କ୍ଷେତ୍ରରେ ସେ ଥିଲେ ଅପୂର୍ବ ସିଦ୍ଧିର ଅଧିକାରୀ । ଅନ୍ୟ ଅର୍ଥରେ ସେ ଥିଲେ ଶିଶୁକବିତା ରଚନାର ଜଣେ ଦକ୍ଷ ବିନ୍ଧାଣୀ । ପଲ୍ଲୀକବିଙ୍କ ପରେ ନନ୍ଦକିଶୋର ସାମଲ ତାଙ୍କ ଲେଖାରେ

Digitized by srujanika@gmail.com

ସମସ୍ତ କଥା ଓ ଘଟଣାକୁ ସରଳ, ସାବଲୀଳ ଶୈଳୀରେ ଆମ ଆଗରେ ଉପସ୍ଥାପନ କରିଛନ୍ତି । ତାଙ୍କର ଶିଶୁସାହିତ୍ୟ ରଚନା କରିବା ପଛରେ ଏକ ଚମତ୍କାର ଘଟଣା ଘଟିଥିଲା ।

ଷାଠିଏ ଦଶକବେଳକୁ ଓଡ଼ିଆ ଶିଶୁସାହିତ୍ୟର ସେପରି ବିକାଶ ସାଧିତ ହୋଇନଥିଲା । ତେଣୁ ସରକାରୀ ସ୍ତରରେ ଶିଶୁସାହିତ୍ୟର ବିକାଶ ପାଇଁ ନାନା କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା । ୧୯୬୧ ମସିହା ଫେବୃଆରୀ ଓ ମାର୍ଚ୍ଚ ମାସରେ ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ ଏଜୁକେସନ ଓ ସାଇଣ୍ଟିଫିକ୍ ରିସର୍ଚ୍ଚ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ଶିକ୍ଷାବିଭାଗର ମିଳିତ ସହଯୋଗରେ କଟକଠାରେ ଏକ ସାହିତ୍ୟ ରଚନାଳୟର ଆୟୋଜନ କରାଯାଇଥିଲା । ଏହାର ବିଷୟ ବସ୍ତୁ ଥିଲା " Training for writers in technique of producing good literature for children" । ଯେଉଁ ଲେଖକଙ୍କର ଅନ୍ୟୂନ ୧୦ ଖଣ୍ଡ ପ୍ରକାଶିତ ପୁସ୍ତକ ଥିବ କେବଳ ସେଇମାନେ ଏହି ରଚନାଳୟରେ ଯୋଗଦେଇ ଶିଶୁସାହିତ୍ୟ ସମ୍ପର୍କରେ ଶିକ୍ଷାଲାଭ କରିପାରିବେ ବୋଲି ସରକାରୀ ସ୍ତରରେ ସ୍ଥିର କରାଯାଇଥିଲା ।

ନନ୍ଦକିଶୋରଙ୍କର କୌଣସି ପ୍ରକାଶିତ ପୁସ୍ତକ ନଥାଇ ମଧ୍ୟ, ଏହି ରଚନାଳୟରେ ଯୋଗଦେବା ପାଇଁ ସେ ଆବେଦନ କରିଥିଲେ । ନିଜର ସୃଜନଶୀଳତା ପ୍ରତି ଗଭୀର ବିଶ୍ୱାସ ରଖୁଥିବା କବି ନିମ୍ନଲିଖିତ ସ୍ୱୀକାରୋକ୍ତି ନିଜ ଆବେଦନ ପତ୍ର ସହିତ ସଂଯୋଗ କରିଥିଲେ- ''ରଚନାଳୟକୁ ଯେଉଁ ଲେଖକମାନେ ବଛାଯିବେ ସେମାନଙ୍କ ଲେଖା ପାଖରେ (ଯେ କୌଣସି ବିଷୟବସ୍ତୁ ହେଉନା କାହିଁକି) ମୋ ଲେଖା ଯଦି ନିମ୍ନମାନର ବିବେଚିତ ହେବ ତେବେ ସଂପୃକ୍ତ ଅଧିକାରୀ ମୋ ଯୋଗଦାନକୁ ବିନା ନୋଟିସ୍‌ରେ ବାତିଲ କରିପାରିବେ । ସେଥିରେ ମୁଁ କୌଣସି ଆପତ୍ତି କରିବି ନାହିଁ ।''

ନିଜର ସ୍ୱୀକାରୋକ୍ତି ଦ୍ୱାରା ସେ ଏହି ରଚନାଳୟରେ ଯୋଗଦାନ କଲେ ; କିନ୍ତୁ ସେତିକିରେ ଘଟଣାର ପରିସମାପ୍ତି ଘଟିଲା ନାହିଁ । ସେଠାରେ ପୁଣି ତାଙ୍କର ପ୍ରକାଶିତ ପୁସ୍ତକ ଖୋଜାଗଲା । କବି ସେଠାରେ ଏକ ଅଡୁଆ ପରିସ୍ଥିତିରେ ପଡ଼ି ରଚନାଳୟରୁ ବିଦାୟ ନେବା ପର୍ଯ୍ୟନ୍ତ କଥା ଗଲା, ମାତ୍ର, ସ୍ୱର୍ଗତ ବୈଦ୍ୟନାଥ ରଥ (ତତ୍କାଳୀନ ଅଧକ୍ଷ ରାଧାନାଥ ଟ୍ରେନିଂ କଲେଜ)ଙ୍କ ଅନୁକୂଳ ମତ ପ୍ରଦାନ ଫଳରେ କବି ସେଇ ଅପ୍ରୀତିକର ପରିସ୍ଥିତିରୁ ରକ୍ଷା ପାଇଲେ । ନିଜର ଦୃଢ଼ ମନୋବଳ, ଧୀଶକ୍ତି ଓ ସୃଜନଶୀଳତା ବଳରେ ସେ ''ଶିଶୁସାହିତ୍ୟ'' ସଂପର୍କରେ ଦୀର୍ଘ ୬ ସପ୍ତାହ ଧରି ଶିକ୍ଷା ଗ୍ରହଣ କରିଥିଲେ ।

ସେଠାରୁ ଫେରି ୧୯୬୨ ମସିହାରେ ସେ ''ତୁ ମାଛ ମୁଁ ଖାଲେଇ'' ଶୀର୍ଷକରେ ଏକ ଶିଶୁକବିତା ଲେଖି ଓଡ଼ିଶା ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହି ରଚନାଳୟ ନନ୍ଦକିଶୋରଙ୍କ ଆଖି ଖୋଲି ଦେଇଥିଲା ପୁସ୍ତକ ପ୍ରକାଶ ପାଇଁ । ରଚନାଳୟ ଦ୍ୱାରା ପ୍ରଭାବିତ ହୋଇ ସେ ଲେଖିଥିବା ଶିଶୁକବିତାଗୁଡ଼ିକ ''ଗୁଣ୍ଡୁଚି ମୂଷାର ପିଠିରେ ଗାର' ପୁସ୍ତକରେ ସ୍ଥାନ ପାଇଛି ।

Digitized by srujanika@gmail.com

ମୃତ୍ୟୁ ପର୍ଯ୍ୟନ୍ତ କବିଙ୍କର ନଅଗୋଟି ଶିଶୁକବିତା ପୁସ୍ତକ ପ୍ରକାଶ ପାଇଥିଲା । ସେଗୁଡ଼ିକ ହେଲା -

- ଗୁଣ୍ଡୁଚିମୂଷାର ପିଠିରେ ଗାର (୧୯୬୪)
- ସରଗଫୁଲ (୧୯୭୯)
- ମୁଁ କହିବି କଥାଟିଏ ତୁ କହିବୁ ହୁଁ (୧୯୮୫)
- ମତେ ଯେତେବେଳେ ଦଶ ବରଷ (୧୯୯୦)
- ଆମେ ଏ ମାଟିର ସୁନାଫରୁଆ (୧୯୯୧)
- ସିଏ ମୁଁ ତୁମେ (୧୯୯୨)
- ଆମ ଲାଗି ଯିଏ ଶହୀଦ ହେଲେ (୧୯୯୨)
- ହସିହସାଇବା ଧରା (୧୯୯୩)
- ଅଜା ପଚାରିଲେ ଆଇକି (୨୦୦୩)

ଏହି ସମସ୍ତ କବିତା ପୁସ୍ତକରେ ଗାଁ ମାଟିର ମହକ ସହିତ ଗ୍ରାମ୍ୟ ସଂସ୍କୃତିର ପରିପୂର୍ଣ୍ଣ ଚିତ୍ର ପ୍ରକାଶ ପାଇଛି । ଗାଁର ସଞ୍ଜ ସକାଳ, ପୂଜା ପାର୍ବଣ, ଗଛଲତା, ନଈ ଗଡ଼ିଆ କୌଣସି ଗୋଟିଏ ବି ତାଙ୍କ ଲେଖନୀରୁ ବାଦ ଯାଇନାହିଁ । ଗହ୍ମା ପୁନେଇଁ, ଫଗୁଣ ପୁନେଇଁ, ଦଶହରା ଓ ଦୋଳଯାତ୍ରାର ବର୍ଣ୍ଣନା ଆମକୁ ଆମ ସଂସ୍କୃତି ସହିତ ପରିଚିତ କରେଇ ମନରେ ଆଲୋଡ଼ନ ସୃଷ୍ଟିକରେ । ମଣ୍ଡା, ଏଣ୍ଡୁରି, ନିମ, ସଜନା, ନେଉଟିଆ, ପଖାଳ, ପୋଇ, ଘଷିଚାଳି, ଘମ, ବଉଳ, ବାଉଁଶ, ଜାମୁକୋଳି, ଘାସ, ମାଛରଙ୍କା, ନଅରକୋଳି ଆଦି ବିଷୟରେ କବିତା ଲୋପ ପାଇଯାଉଥିବା ଖାଦ୍ୟ ପଦାର୍ଥ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସହିତ ଆମକୁ ପରିଚିତ କରାଇ ଦିଏ । ତାଙ୍କ କବିତାର ଜୀବନଧର୍ମିତା କେତେ ବାସ୍ତବ ତାହା ନ ପଢ଼ିଲେ ଜାଣି ହେବନାହିଁ ।

ନିଜ ଗାଁ ମାଟିକୁ କବି ପ୍ରାଣ ଭରି ଭଲ ପାଉଥିଲେ । ଗାଁର ନଈ, ତୋଟା, କଳମ ନଟୀ, ଝୁମିକି ଝାଟି ସବୁ ତାଙ୍କ ଚେତନ ଓ ଅବଚେତନ ମନ ତଳେ ସ୍ମୃତି ହୋଇ ରହିଛି । ସେ ସବୁ ଚିର ସତେଜ ଓ ଜୀବନ୍ତ । ତାଙ୍କ କବିତାରେ ଗାଁ ମାଟି ପ୍ରତି ଯେଉଁ ମମତା, ଭାବ ପ୍ରବଣତା ଓ ଆବେଗ ରହିଛି, ତା' ଆମ ସମସ୍ତଙ୍କୁ ଗାଁ ମାଟି ସହିତ ପରିଚିତ କରାଇ ଦିଏ ।

ଭାରି ଭଲ ଲାଗେ
ମତେ ମୋ ଗାଁ
        ଆଲୁଅ ପବନ ତାର,
ଯୋଉଠି ରହିଲେ
ଯୁଆଡେ ଗଲେ
        ମନେ ପଡିଯାଏ ମୋର ।

Digitized by srujanika@gmail.com

ମନେପଡେ ତା'ର
ଟିକି ଗଡିଆ
　　　　କଅଁଳ କଳମ ନଟି
ଟିକିଏ ଦୂରର
ନୀଳ ପାହାଡ
　　　　ପାହାଡ ଝୁମୁକି ଝାଟି ।

କବି ପୁଣି ଚେତାଇ ଦେଇଛନ୍ତି ଯିଏ ଯେଉଁଠି ଯେପରି ରହିଲେ ମଧ୍ୟ ନିଜ ଗାଁ ଭୂଇଁକୁ ଭୁଲିପାରେ ନାହିଁ । କାରଣ ଗାଁର ପାଣି, ପବନ ଆମକୁ ବଞ୍ଚିବାର ଏବଂ ବଢ଼ିବାର ବାଟ ଦେଖାଇଛି । କବି ତାଙ୍କ ପ୍ରିୟ ଗାଁ 'କୁସୁପୁର'କୁ ଭୁଲିପାରି ନାହାନ୍ତି । ଗାଁର ସବୁ କଥା ଗୋଟିଗୋଟି ରୂପ ପାଇଛି ତାଙ୍କ କବିତାରେ । ସେଥିରେ ପ୍ରକାଶ ପାଇଥିବା ଗାଁ-ମାଟି ପ୍ରତି ମମତା ଓ ଆନ୍ତରିକତାର ଚିତ୍ର ମନରେ ସ୍ୱର୍ଗୀୟ ଭାବନା ସୃଷ୍ଟିକରେ-

ଭୁଲିନାହିଁ ମୋ ଗାଆଁକୁ
ତା'ର କୁସୁପୁର ବୋଲି ନାଆଁକୁ
ନୂଆ ନୂଆ ଦିଶେ ନିଇତି ମତେ ସେ
　　　　ଯେତେ ଦେଖୁଥିଲେ ତାହାକୁ ।
x　　x　　x　　x
ଭୁଲିନାହିଁ ତା'ର କବିକି
ତାର ସଞ୍ଜ ସକାଳ ରବିକି
ପଲ୍ଲୀକବିର ପଲ୍ଲୀଚିତର
　　　　ବି. ବର୍ମାଙ୍କ ଛବିକି ।।

ତାଙ୍କ ପ୍ରତ୍ୟେକ କବିତା ଗୋଟିଏ ଗୋଟିଏ ସାର୍ଥକ, ସଫଳ ଓ କାଳଜୟୀ ସୃଷ୍ଟି । ସେଥିରେ ଭରି ରହିଛି ବାସ୍ତବ ଜୀବନର ଚିରନ୍ତନ ସତ୍ୟ ତଥା ଆପଣାପଣର ହୃଦୟଖୋଲା ବର୍ଣ୍ଣନା । ସେହି କବିତାର ମାର୍ମିକ ଆବେଦନ, ସାବଲୀଳତା ତଥା ଅନୁଭବର କଥା ଯେପରି ପ୍ରକାଶ ପାଇଛି ତାହା ଅନ୍ୟତ୍ର ବିରଳ । ଦୈନନ୍ଦିନ ଜୀବନରୁ ଏପରି ଛୋଟଛୋଟ ଘଟଣା , ବସ୍ତୁ ଓ ଆଖ୍ୟାନକୁ ଆଣି କବି ଆମ ଆଗରେ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ଉକ୍ତ ବସ୍ତୁର ମୂଲ୍ୟ ବହୁଗୁଣିତ ହୋଇଛି । ଆଧୁନିକ ଯୁଗରେ ଢ଼ିଙ୍କି ଓ ଚକିର ବ୍ୟବହାର କ୍ରମେ କମିବାରେ ଲାଗିଛି । କବିଙ୍କ ସଚେତନ ଦୃଷ୍ଟି ଏହାକୁ ଗଭୀର ଭାବରେ ନିରୀକ୍ଷଣ କରିଛି ।

ଢ଼ିଙ୍କି ପଚାରିଲା ଚକି,
ଆଜିକାଲି ତୁହି କେମିତିରେ ଭାଇ
ନୂଆନୂଆ କଥା ଦେଖି
କୁଟିଖିଆ ଦିନ ସରିଚି

Digitized by srujanika@gmail.com

'କୁଟିଖିଆ' ବୋଲି କହୁଥିଲା ଯିଏ
ସିଏ ଏ ଧରାରୁ ମରିଚି ।

X X X

ଢ଼ିଙ୍କିକୁଟା ଧାନ ସପନ ହେଲାଣି
ଚକି କଥାଟି ବି ସେମିତି,
ଧାନ କୁଟେ ନାହିଁ ଘରର ଘରଣୀ
ଘରେଘରେ ଆଜି ଏମିତି ।
କଳ ପେଷିଦିଏ ଗହମ
କୋଉ ପାଣି ଏବେ କୁଆଡେ ଯାଉଚି
ଆଉ କିଛି ଦିନ ବଅମ ।

ଏତିକିରେ କବିଙ୍କର ସମାଜ ସଚେତନ ଦୃଷ୍ଟିଭଙ୍ଗୀର ଶେଷ ହୋଇନାହିଁ । କବିତା ମାଧମରେ ସେ ଏପରି ଘଟଣା ଶିଶୁମାନଙ୍କ ଆଗରେ ଉପସ୍ଥାପନ କରିଛନ୍ତି ଯେ ସେଗୁଡ଼ିକ ଆଦୌ ନୀତିଶିକ୍ଷା ପରି ମନେ ହୁଏନାହିଁ । ମଣିଷ ଆଜି ମାନବିକତା, ଦୟା, କ୍ଷମା, ପରୋପକାର ଆଦି ସ୍ୱର୍ଗୀୟ ଗୁଣ ଭୁଲି ଅମଣିଷ ପାଲଟି ଯାଇଛି । ନିଜର ସ୍ୱାର୍ଥ ହାସଲ ପାଇଁ ମାନବିକତା ପରି ମୂଲ୍ୟବୋଧକୁ ଭୁଲିଯିବାକୁ ବସିଲାଣି । ତେଣୁ ଏହି ସ୍ୱାର୍ଥପର ମଣିଷକୁ ଚେତେଇ ଦେବାପାଇଁ ଗାଈଟିଏ ପ୍ରଶ୍ନ ପଚାରିଛି -

ମୋତେ ଯିଏ କଲା ଗାଈ
ତତେ ସିଏ ଦେଲା
ମଣିଷ ଜନମ
　　　କାହିଁକି ମୁଁ ଜାଣେ ନାହିଁ ।
ଭଲ ଭଲ ଚିଜ
ଖୋଇଲୁ ମୋତେ
ଦୁଧ ଦୁହିଁନେଲୁ
ମୋ'ଠଉଁ ଯେତେ
　　　ନେଲୁ ବୋଲି କିଛି ଦେଲୁ,
ମୋତେ କାହିଁକିରେ
ବୁଢ଼ୀ ବୟସରେ
　　　ଆଜି ହଟହଟା କଲୁ ?

ନେଇନାଇ ସାରି
ଏଇଆ କଲୁ
କଂସେଇ ହାତକୁ
ଧରେଇ ଦେଲୁ

Digitized by srujanika@gmail.com

ମାଟି ମୁଠେ ଦେଲୁ ନାହିଁ,
ଆଶା କରିଥିଲି
ମଣିଷ ପଣିଆ
ତୋ ଠୁଁ ପାଇବା ପାଇଁ ।

ଏହା ଆମ ସମାଜର ନିତିଦିନିଆ ଘଟଣା । ଗାଈଟିଏ ବୁଢ଼ୀ ହେଲେ ତାର ଉପକାର କଥା ଭୁଲି ମଣିଷ ତାକୁ କଂସେଇ ହାତରେ ବିକିଦିଏ । ଏହି ଘଟଣା କବିଙ୍କ ହୃଦୟକୁ ବ୍ୟଥିତ କରିଛି । ସେ ମଣିଷର ଚିନ୍ତାଧାରାରେ ପରିବର୍ତ୍ତନ ପାଇଁ ଏହି ଛୋଟ କବିତାରେ ପ୍ରୟାସ କରି ଆମକୁ ଆମ ଦୋଷତ୍ରୁଟି ଦର୍ଶାଇ ଦେଇଛନ୍ତି ।

ବଡ଼ମାନଙ୍କର ଚିନ୍ତାଧାରା ଓ ବିଚାର ଦ୍ୱାରା ସରଳ ଅବୋଧ ଶିଶୁ କିପରି ବ୍ୟଥିତ ହୁଏ, ତାକୁ ମଧ କବି ନିରୀକ୍ଷଣ କରିଛନ୍ତି । ବଡ଼ମାନଙ୍କର ଚିନ୍ତାଧାରାକୁ ନେଇ ଶିଶୁ ମନରେ ଅନେକ ପ୍ରଶ୍ନ ଉଙ୍କିମାରେ ; ମାତ୍ର ତାର ସବୁ ପ୍ରଶ୍ନର ଉତ୍ତର ସେ ପାଏ ନାହିଁ । ଅନେକ କ୍ଷେତ୍ରରେ ତାର ଆଗ୍ରହ ଓ ଉତ୍କଣ୍ଠାକୁ ଜୋର ଜବରଦସ୍ତ ଚପେଇ ଦିଆଯାଏ । ଛୁଆଁ-ଅଛୁଆଁ ଭେଦଭାବକୁ ନେଇ ପିଲାଟି ମନରେ ଯେଉଁ ପ୍ରଶ୍ନ ଉଠିଛି, ତାହା କବି ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି-

ଆମେ କିଆଁ ତାକୁ ଛୁଇଁବା ନାହିଁ ମା'
କ'ଣ ହୋଇଚି ତା'ର ?
ଆମେ ତ ମଣିଷ, ସିଏ ତ ମଣିଷ
ଇଏ ମା' କୋଉ ବିଚାର ?

ସେହିପରି ଶିକ୍ଷା ଓ ସଭ୍ୟତାର ବିକାଶ ଫଳରେ ଆଜି ଆମର କୌଳିକ ଓ ପାରମ୍ପରିକ ବୃତ୍ତି ସବୁ ଲୋପ ପାଇବାରେ ଲାଗିଛି । ଲୋକମାନେ ନିଜର କୌଳିକ ବୃତ୍ତି ହରାଇ ନାନା ଦହଗଞ୍ଜ ହୋଇ ଦୁଃଖ କଷ୍ଟରେ ଜୀବନ ବିତାଉଛନ୍ତି । ଏହାର ଚିତ୍ର ତାଙ୍କ 'ସାପୁଆକେଳା' କବିତାରେ ପ୍ରକାଶ ପାଇଛି । ଏଥିରୁ ତାଙ୍କର ମାନବିକତା ଓ ମଣିଷକୁ ଭଲ ପାଇବାର ସ୍ପଷ୍ଟ ଚିତ୍ର ଆମେ ଦେଖିବାକୁ ପାଇଥାଉ -

ବାଟେ ଯାଉଥିଲି ଏକା,
ଗାଁ ବର ମୂଳେ -
କେଳାଟିଏ ହେଲା ଦେଖା ।
ପଚାରିଲି ଆରେ ଭାଇ
ଦୋ-ଦୋ ଚିହ୍ନା
ଟିକେ ହେଉଚି ମୁହିଁ
ସାପୁଆକେଳା କି ତୁହି ?

Digitized by srujanika@gmail.com

ହସି ହଁ କଲା କେଳା
ସାପ ତ ନାହିଁ ମୋ
ପେଡି ବି ନାହିଁ
ମତେ, କେମିତି ଚିହ୍ନିଲ ଭଲା ?

ସେହିପରି ପୃଥିବୀରୁ ଲୋପ ପାଇଯାଉଥିବା ଜୀବଜନ୍ତୁଙ୍କ କଥା ମଧ୍ୟ କବି ଗଭୀର ଭାବରେ ଅନୁଭବ କରିଛନ୍ତି । ଦ୍ରୁତ ଜଙ୍ଗଲ କ୍ଷୟ ଓ ପରିବେଶର ଅସନ୍ତୁଳନ ହେତୁ ପୃଥିବୀରୁ ଅନେକ ଜୀବଜନ୍ତୁଙ୍କର ବଂଶ ଧୀରେଧୀରେ ଲୋପପାଇ ଯାଉଛି । ଏହା ମଧ୍ୟ କବିଙ୍କୁ ବ୍ୟଥିତ କରିଛି -

ସେତ ହଳଦୀ ବସନ୍ତ ଚଢ଼େଇ
ତାକୁ କିଏ ସେ ନେଲାରେ ଉଡେଇ ?
ସେ'ତ ଦିଶେ ନାହିଁ କାହିଁ କୋଉଠି
ତାକୁ ଖୋଜୁଛି ମୁଁ ଯେତେ ଯୋଉଠି ।

କେବଳ ଜୀବଜନ୍ତୁ ନୁହଁନ୍ତି, ମଣିଷର ଅମଣିଷପଣିଆ ପାଇଁ ଆଜି ଅନେକ ଗଛଲତା ମଧ୍ୟ ଲୋପ ପାଇବାକୁ ବସିଲାଣି । ଆମର ଅତି ଆବଶ୍ୟକ ପଡୁଥିବା ବାଉଁଶ ଓ କାଠ ଖଣ୍ଡେ ମଧ୍ୟ ଆଜି ଆମେ ପାଉନାହୁଁ । କବି ନିଜ ପିଲାବେଳ କଥା ମନେପକାଇ ଲେଖିଛନ୍ତି -

କାଠ ଦି' ଖଣ୍ଡ
ବାଉଁଶ ଖଣ୍ଡେ
          କଷ୍ଟ ଆଜି ମିଳିବାକୁ ।
କେତେ ଯେ ବାଉଁଶ ବୁଦା,
ଏଠି ସେଠି ଥିଲା
ସବୁଠିଁ ଥିଲା,
          ଆଜି, ସେଇ ସେଇ ଜାଗା ପଦା ।।

ଆଧୁନିକ ସଭ୍ୟତାର ଦ୍ରୁତ ବିକାଶ ଫଳରେ ଲୋକମାନଙ୍କ ରୁଚି ଓ ଚାଲିଚଳଣିରେ ଦ୍ରୁତ ପରିବର୍ତ୍ତନ ଘଟିବାରେ ଲାଗିଛି । ବସ୍ତୁବାଦୀ ମଣିଷ ଆଜି ନିଜର ସୌନ୍ଦର୍ଯ୍ୟଚେତନା, କଳ୍ପନାବିଳାସ ପରି ସୂକ୍ଷ୍ମ ଅନୁଭବକୁ ଭୁଲି ସାରିଲାଣି । ବସ୍ତୁବାଦୀ ହୋଇ ନିଜ ଅହମିକାର ଅଟ୍ଟାଳିକା ଗଢ଼ି (କୋଠାବାଡ଼ି ତିଆରି) ମଣିଷ ଆଜି ପ୍ରକୃତିଠାରୁ ଦୂରେଇ ଯାଉଛି । ସେ କଥା ମଧ୍ୟ କବିଙ୍କୁ ବ୍ୟଥିତ କରିଛି । ସେଥିପାଇଁ ସେ ଲେଖିଛନ୍ତି -

ସବୁଠେଇଁ ଖାଲି ଆଳୁ ବାଇଗଣ
ପିଆଜ ରସୁଣ ମେଞ୍ଚାକୁ ମେଞ୍ଚା,

Digitized by srujanika@gmail.com

ଏତେ ବଡ ତମ ଗାଆଁଟା ଭିତରେ
କାହିଁରେ କେଉଁଠି ଫୁଲ ବଗିଚା ?

ଯୋଉଠି ଦେଖୁଚି ପଥର-ପାଚିରି
ଯୋଉଠି ଦେଖୁଚି ପଥର କୋଠା,
ଲୁହା-ଛଡ ଲୁହା-ରଡ ସହିତ
ଭିଡ ଜମେଇଚି ସିମେଣ୍ଟ ଇଟା ।।

ତା ସହିତ ଆମର ଅସାବଧାନତା ତଥା ଅସତର୍କତା ପାଇଁ ଜାତୀୟ ସମ୍ପତ୍ତିର ଅପଚୟ ଓ ଅପବ୍ୟୟ ହେବାରେ ଲାଗିଛି । ଆଜିଠାରୁ ଆମେ ସତର୍କ ନହେଲେ ତାହା ଦିନେ ଶେଷ ହୋଇଯିବ । ସେତେବେଳକୁ ଭାବିଲେ ବହୁତ ଡେରି ହୋଇଯାଇଥିବ । କବିଙ୍କ ସୂକ୍ଷ୍ମ ଦୃଷ୍ଟିରୁ ଏ କଥା ମଧ୍ୟ ବାଦ ଯାଇନାହିଁ-

ଅଜା ପଚାରିଲେ ଆଈ କି
ସେ ଘରେ ତ କେହି ଗୋଟିଏ ନାହିଁ
ପଙ୍ଖାଟି ଘୂରୁଚି କାହିଁକି ?

ଟି.ଭି. ବି ଲାଗିଚି
ସେ ଘରେ,
କେହି ତ ଦେଖୁନ
ଲାଗିଚି ଟି.ଭି.
ତମେ ତ ବସିଚ ଏ ଘରେ ?

ତୁଛାଟାରେ ଜଳେ ହିଟର
ରୋଷେଇବାସ ତ କରୁନ କେହି
ଅଯଥା ଉଠୁଚି ମିଟର ।

ପାଣି ଭାସିଯାଏ ଦାଣ୍ଡରେ
କଳଟାକୁ
କିଏ ମୋଡ଼ି ଦେଇଚ
ପାଣି ଯାଇ ଗାଁ ମୁଣ୍ଡରେ ।

କବିତାର ଭାବ, ଭାଷା, ପରିବେଷଣ ଶୈଳୀ ସବୁଠି ନାଚିନାଚି ଯାଇଛି । ଏହି କବିତାଗୁଡ଼ିକ କେବଳ ଶିଶୁଁ ନୁହଁନ୍ତି ବୟସ୍କମାନଙ୍କ ମନରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ ।

Digitized by srujanika@gmail.com

ଗ୍ରାମ୍ୟ ଜୀବନର ନିଛକ ସତ୍ୟ ଘଟଣାକୁ କାବ୍ୟରୂପ ପ୍ରଦାନରେ କବି ନିଜର ପାରଦର୍ଶିତା ପ୍ରକାଶ କରିଛନ୍ତି । ନିହାତି ସାଧାରଣ ଘଟଣା କବି ଲେଖନୀରେ ହୋଇଛି ଜୀବନ୍ତ ଓ ମନଛୁଆଁ । ଘଷିଚାଳି, ଡିବି, ଘମ ଓ ଶୁଖିଲାପତ୍ର, ବାଲି ପରି ନିହାତି ସାଧାରଣ ଦ୍ରବ୍ୟ ଯେ ଏତେ ଦରକାରୀ ଓ ଆବଶ୍ୟକ ବସ୍ତୁ ତାହା ତାଙ୍କର କବିତାରୁ ବାଦ୍ ଯାଇ ନାହିଁ । ଗାଁ ତୋଟାରେ ଥିବା ଶୁଖିଲା ପତ୍ରର ଅଭିବ୍ୟକ୍ତି କେତେ ଜୀବନ୍ତ ଓ ହୃଦ୍ୟ, ତାହା ନପଢ଼ିଲେ ଜାଣିହେବ ନାହିଁ ।

ତୋଟାର ମୁଁ
ଶୁଖିଲା ପତର
ଶୁଖି ଶୁଖି ସଳିତା ହେଲିଣି,
ମୋତେ ତମେ
ଗୋଟେଇ ନିଅରେ
ମୁଁ ହେବି ବଢ଼ିଆ ଜାଳେଣି ।

ମତେ ନେଇ
କାମରେ ଲଗାଅ
ମନଖୋଲା ହସଟେ ହସିବି,
ତମପରି
ଡରିବି ନାହିଁ ମୁଁ
ନିଆଁ ଦେଖି ଧସେଇ ପଶିବି ।

କବିଙ୍କର ବାଙ୍ମୟତା ଓ ପ୍ରକାଶଭଙ୍ଗୀ ମନରେ ଗଭୀର ରେଖାପାତ କରିଥାଏ । ଯେ କୌଣସି ବିଷୟକୁ ନେଇ କବିତା ହେଉନା କାହିଁକି ତାହା ପାଲଟି ଯାଏ ଅନନ୍ୟ । ସବୁଠି ତାଙ୍କ କବିତା ସରଳ, ତରଳ ଓ ରସ ଢ଼ଳଢ଼ଳ । ଛୋଟ ଜିନିଷକୁ ବଡ଼ କରି ପ୍ରକାଶ କରିବା, କ୍ଷୁଦ୍ରତା ମଧ୍ୟରେ ବିରାଟର ଅନୁସନ୍ଧାନ କରିବା କବି ଲେଖନୀର ଅନ୍ୟ ଏକ ବିଶେଷତ୍ୱ ।

ବାଲି ମୁଁ ଚାହିଁଛି ବଲବଲ କରି
ତମ ଏ ନଈର ଶେଯରେ ଶୋଇ
କାହିଁ କେତେ ଦୂରୁ ଠେଲିପେଲି ମତେ
ଆଣିଚି ତମ ଏ ବିରୂପା ନଈ ॥

ଜୀବନାନୁଭୂତିର ନନ୍ଦକିଶୋର ଜଣେ ସାର୍ଥକ ରୂପକାର । ଶବ୍ଦଗୁମ୍ଫନ ଓ ପ୍ରକାଶଭଙ୍ଗୀରେ ସ୍ୱାତନ୍ତ୍ର୍ୟ ନନ୍ଦକିଶୋରଙ୍କ କବିତାର ଅନ୍ୟତମ ବିଶେଷ ଦିଗ । ଉଭୟଧା ମିଳନ, ଛନ୍ଦ ଓ ଗୀତିମୟତା ପ୍ରାୟ ପ୍ରତ୍ୟେକ କବିତାର ପ୍ରାଣସ୍ପନ୍ଦନ । ସମାଜର ବାସ୍ତବ ଚିତ୍ର ପ୍ରଦାନରେ କବି କେବେ କାର୍ପଣ୍ୟ ପ୍ରକାଶ କରିନାହାନ୍ତି । ଗରିବ ପରିବାରର ଆର୍ଥନୀତିକ

Digitized by srujanika@gmail.com

ଅବସ୍ଥାର ଚିତ୍ର ପ୍ରଦାନରେ କବି ଅଧିକ ସଫଳ ହୋଇଛନ୍ତି । 'ଆଜି କଲୁ ଟିକେ ଅରୁଆ ଜାଉ' କବିତାରେ ଗରିବ ଘରର ଚିତ୍ର ପ୍ରକାଶ ପାଇଛି ।

ବୋଉଲୋ ବୋଉ
ଆଜି କଲୁ ଟିକେ ଅରୁଆ ଜାଉ,
ସେଥିରେ ପଡ଼ିବ ଗୁଡ଼ ନଡ଼ିଆ
ଭାରି ସୁଆଦିଆ ଭାରି ବଢ଼ିଆ ।।

ସେହିପରି 'ମୋତେ ଯେତେବେଳେ ଦଶ ବରଷ' କବିତାରେ ଓଡ଼ିଶା ମାଟିର ଶହଶହ ନିମ୍ନମଧ୍ୟବିତ୍ତ କୃଷିଜୀବୀ ପରିବାରର ଚିତ୍ର ପ୍ରଦାନରେ କବି ସଫଳତା ଲାଭ କରିଛନ୍ତି । ଉକ୍ତ କବିତାରେ ଦଶ ବର୍ଷର ବାଳକ ତାର ବାପାଙ୍କୁ ବିଲରେ ହଳ କରିବାରେ, ହାଟରେ ବେପାର କରିବାରେ ତଥା ସବୁ କ୍ଷେତ୍ରରେ ସାହାଯ୍ୟ କରିଛି । ଏହାହିଁ ଗ୍ରାମ୍ୟ ଜୀବନର ବାସ୍ତବ ଘଟଣା । ସହରର ପିଲା କେବଳ ପାଠ ଛଡା ଘରର କୌଣସି କାମ କରିବାକୁ ଆଗ୍ରହୀ ହେଉନଥିବାବେଳେ ଗାଁର ପିଲା ପରିବାରର ଦୁଃଖ ସୁଖର ସାଥୀ ହୋଇ ବାପମାଆଙ୍କୁ ସାହାଯ୍ୟ ସହଯୋଗ କରେ ।

ମତେ ଯେତେବେଳ
ଦଶ ବରଷ
ବାପାଙ୍କ ସାଙ୍ଗରେ
କରେ ମୁଁ ଚାଷ
ବେଳେବେଳେ ଧରେ ହଳ,
ହଳ ଛାଡିଦିଏ
ବାପାଙ୍କ ହାତକୁ
ହଟିଗଲାବେଳେ ବଳ ।

ଶବ୍ଦ ସଂଯୋଜନା ହିଁ ନନ୍ଦକିଶୋରଙ୍କ ଚମତ୍କାରିତା । ସେଠି ଟାଣି ଓଟାରି ପଦ ପକାଇବାର କୃତ୍ରିମତା ନାହିଁ । କବିତା ଏଠି ଡେଇଁଡେଇଁ ଯାଇଛି ପାହାଡୀ ଝରଣା ପରି ନୃତ୍ୟ କରି ଆଗକୁ ଆଗକୁ । ମନରେ ପକାଇ ଦେଇଛି ଗଭୀର ଛାପ । ଏହା ଜଣେ ବାଳକର କଥା ନୁହେଁ, ଓଡ଼ିଶା ମାଟିର ପ୍ରତି ଗାଁର ପ୍ରତ୍ୟେକ ପିଲାଙ୍କର କଥା । ଏହାହିଁ ଆମ ସଂସ୍କୃତିର ଚିରନ୍ତନ ସତ୍ୟ । ପିଲାର ସାହାଯ୍ୟ ସହଯୋଗରେ ବାପା ସନ୍ତୁଷ୍ଟ ହେବା ସହିତ ପିଲାର ପାଠପଢ଼ା କଥା ମଧ୍ୟ ପଚାରିବାକୁ ଭୁଲନ୍ତି ନାହିଁ -

ବାପା ପଚାରନ୍ତି "କୁନା,
ପାଠପଢା ଛାଡ଼ି
ବିଲରେ ଖଟୁଚୁ
ପାଠ ମାରାହେବ ସିନା ।"

Digitized by srujanika@gmail.com

"ମାରା ହେବା ଚିଜ
ନୁହେଁ ସେ ବାପା
ଭିତର ବାହାର
ସବୁ ତା ସଫା
ଜ୍ଞାନର ଭଣ୍ଡାର ସେହି,
ଥରେ ପଢିଦେଲେ ସବୁ ପାଠଯାକ
ମନେ ରଖିଦିଏ ମୁହିଁ।"

ସେହିପରି ମଣିଷ ନିଜର ଆନନ୍ଦ ଓ ସୁଖ ପାଇଁ ପକ୍ଷୀମାନଙ୍କୁ ପିଞ୍ଜରାରେ ବନ୍ଦୀ କରି ରଖେ । ଏଣେ ନିଜେ ସ୍ୱାଧୀନତା ପାଇଁ ଲମ୍ବାଲମ୍ବା ଭାଷଣ ଦିଏ । ସେହି ମଣିଷ କ'ଣ ପକ୍ଷୀର ସ୍ୱାଧୀନତା କଥା କେବେ ଭାବିଥାଏ ? ଏହି କଥାକୁ ପକ୍ଷୀମାନେ ମଣିଷକୁ ଚେତେଇ ଦେଇଛନ୍ତି । ବ୍ୟକ୍ତିତ୍ୱ ଆରୋପ, ସର୍ବପ୍ରାଣବାଦ ଓ ଶିଶୁ ମନସ୍ତତ୍ତ୍ୱର ଅପୂର୍ବ ସମନ୍ୱୟ ଘଟିଛି ଏହି କବିତାରେ-

ସ୍ୱାଧୀନ ଯୁଗର ମଣିଷ ତମେ
ସ୍ୱାଧୀନ ଯୁଗର ପକ୍ଷୀ ଆମେ
ଆମକୁ ବନ୍ଦୀ କରି-
କେମିତି ଗାଉଚ ସ୍ୱାଧୀନତା ଗୀତ
ଜାତୀୟ ପତାକା ଧରି ?

ସେହିପରି ସୁସ୍ଥ ନିରାମୟ ଜୀବନ ନିର୍ବାହ କରିବା ପାଇଁ କବି ମଧ୍ୟ ସର୍ତକବାଣୀ ଶୁଣାଇଛନ୍ତି, ଯାହାକି ଆଜିର ଯୁଗ ପାଇଁ ଏକାନ୍ତ ଆବଶ୍ୟକ ମନେ ହୋଇଥାଏ ।

ତମେ କାହିଁକିରେ ଭୁଲି ଯାଉଚରେ
ନଈକୂଳ ପବନକୁ,
ସୁନ୍ଦର ମଧୁର କରିଥାଏ ଯିଏ
ଏଇ ତମ ଜୀବନକୁ ॥
ତମେ କାହିଁକିରେ ଭୁଲି ଯାଉଚରେ
ସକାଳରେ ବୁଲିବାକୁ,
ଡରିଯାଅ କିଆଁ ନିଇତି ସକାଳୁ
ଦି' ଖୋଜ ଚାଲିବାକୁ ??

ନନ୍ଦକିଶୋରଙ୍କ କବିତାର ଭାଷା ଲୋକଭାଷା । ଶିଶୁର ଦରୋଟି କଥାପରି ତାହା ଅମୃତମୟ ଓ ମଧୁର । ତାର ପ୍ରତ୍ୟେକ ପଙ୍କ୍ତି ସହଜରେ ମନ ସିଲଟରେ ଲିପିବଦ୍ଧ ହୋଇଯାଏ । କବିତାଗୁଡ଼ିକ ସ୍ୱତସ୍ଫୂର୍ତ୍ତତା ଓ ସାଙ୍ଗୀତିକତାରେ ଭରପୂର ଏବଂ ନିଜସ୍ୱ ଶୈଳୀରେ ଭାସ୍ୱର । ପଢ଼ିଲା ମାତ୍ରେ ସେଥିରେ ଆପେଆପେ ସ୍ୱର ସୃଷ୍ଟି ହୋଇଯାଏ । ଏହି ପ୍ରକାଶଭଙ୍ଗୀ

Digitized by srujanika@gmail.com

ପାଇଁ ସେ ପହଞ୍ଚି ପାରିଛନ୍ତି ସମାଜର ସବୁ ଶ୍ରେଣୀର ପାଠକମାନଙ୍କ ନିକଟରେ । ନିଜ ପିଲାବେଳର କଥା ସ୍ମରଣ କରି ତାଙ୍କ 'ସତୁରୀ ବରଷ ତଳେ' କବିତାରେ ଲେଖିଛନ୍ତି -

ଆଦର ସେନେହ ଶ୍ରଦ୍ଧା,
ବହି ଯାଉଥିଲା
ଝରଣା ପରି
କୋଉଠି ନ ପାଇ ବାଧା ।

ସତୁରି ବରଷ ତଳେ
ଘିଅ ଦୁଧ ଆଉ
ମାଛ ମାଉଁସ
ଖାଇଲେ ବୋଇଲେ ବଳେ ।

୧୯୮୩ ମସିହାରେ ବୃତ୍ତିଗତ ଜୀବନରୁ ଅବସର ଗ୍ରହଣ କରିବା ପରେ ନନ୍ଦକିଶୋର ସାରସ୍ୱତ ସାଧନାରେ ଅଧିକ ସମୟ ପ୍ରଦାନ କରିଥିଲେ । ଏହି ପ୍ରଥିତଯଶା ତଥା କାଳଜୟୀ ସ୍ରଷ୍ଟାଙ୍କର ଦେହାନ୍ତ ହେଲା ୨୦୦୩ ମସିହା ମେ ମାସ ୧୯ ତାରିଖ ସୋମବାରରେ । କୁସୁପୁର ମାଟିର ଦ୍ୱିତୀୟ ନନ୍ଦକିଶୋର ତଥା ଶିଶୁକବିତାର ପ୍ରତିଷ୍ଠିତ, କ୍ରାନ୍ତିକାରୀ ଓ ମାନବବାଦୀ କବି ଆଜି ଆମ ଗହଣରେ ନାହାନ୍ତି । ତାଙ୍କ ମାଟି ଦେହ ଆଜି ମାଟିରେ ମିଶିଛି, କିନ୍ତୁ ତାଙ୍କ ଯଶ ପାଇଁ ସେ ଆମ ନିକଟରେ ସବୁଦିନ ପାଇଁ ନିଶ୍ଚୟ ବଞ୍ଚି ରହିବେ । ତାଙ୍କର ଅବର୍ତ୍ତମାନରେ ପଦଟିଏ ଲେଖି ତାଙ୍କର ସୃଷ୍ଟି ଓ ଦୃଷ୍ଟିର ସଂକ୍ଷିପ୍ତ ଆଲୋଚନାକୁ ଏଇଠି ଶେଷ କରୁଛି ।

ଶିଶୁ ସାହିତ୍ୟିକ 'ନନ୍ଦକିଶୋର' ଛାଡି 'କୁସୁପୁର' ମାଟି,
'ସରଗଫୁଲ'ର ସରଗ ସୁଷମା ଯାଇଛ ତୁମେତ ବାଣ୍ଟି ।।
ସ୍ୱର୍ଗଦ୍ୱାର ବାଟେ ସରଗପୁରକୁ ତୁମେ ଗଲ ଅବା ଚାଲି,
ତୁମ ବିନା ଆଜି 'ଆମଘର'ଗୀତ ଲାଗୁଅଛି ଖାଲି ଖାଲି ।।

Digitized by srujanika@gmail.com

ସଂକ୍ଷେପରେ କବି ନନ୍ଦକିଶୋର

୧. ଆବିର୍ଭାବ		୧୨ ଜୁନ୍ ୧୯୨୫ ମସିହା
୨. ଜନ୍ମ ସ୍ଥାନ		ଗ୍ରା:କୁସୁପୁର, ଥାନା:ମାହାଙ୍ଗା, ଜିଲ୍ଲା: କଟକ ।
୩. ପିତା		ହରେକୃଷ୍ଣ ସାମଲ ।
୪. ମାତା		ପଦ୍ମାବତୀ ଦେବୀ ।
୫. ଶିକ୍ଷା		(କ) ୧୯୩୯-୧୯୪୦ ମଧ୍ଯ ଇଂରାଜୀ ବିଦ୍ୟାଳୟ, କୁସୁପୁର (ଖ) ମାଟ୍ରିକ ପାସ୍ କଲେ ୧୯୪୭ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍, ଓଡ଼ିଶା । (ଗ) ଆଇ.ଏ.-ଜୁଲାଇ ୧୯୬୫ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର । (ଘ) ସି.ଟି.-୧୯୫୧-୧୯୫୩ ରାଧାନାଥ ଟ୍ରେନିଂ କଲେଜ,କଟକ । (ଙ) ବି.ଏ.-୧୯୭୧ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର । (ଚ) ବି.ଇଡି.- ୧୯୭୩ ରାଧାନାଥ ଟ୍ରେନିଂ କଲେଜ,କଟକ ।
୬. ବିବାହ		୧୯୫୩ ମସିହାରେ ନିଜ ଗ୍ରାମର ସ୍ୱର୍ଗତ ଗଣେଶ୍ୱର ମାଝିଙ୍କ ଜ୍ୟେଷ୍ଠାକନ୍ୟା ରେବା ଦେଈଙ୍କ ସହିତ ବିବାହ ।
୭. କର୍ମଜୀବନ	:	(କ) ୧୯୪୭-୧୯୪୮-''ମାତୃଭୂମି'' ଖବର କାଗଜ ଅଫିସରେ ଟ୍ରାନସଲେଟର ଭାବେ ଯୋଗଦାନ । (ଖ) ୧୯୪୮- କଟକ ହେଡ୍ ଅଫିସରେ କିରାଣି ଭାବେ କିଛି ଦିନ ପାଇଁ ନିଯୁକ୍ତି । (ଗ) ୧୯୪୮-୧୯୫୦- ଆଳି ମଧ୍ୟଇଂରାଜୀ ବିଦ୍ୟାଳୟରେ ସହକାରୀ ଶିକ୍ଷକ । (ଘ) ୧୯୫୦- ଟାଟାରେ ୨/୩ ମାସ କମ୍ପାନୀ ଚାକିରି । (ଙ) ୧୯୫୦-୧୯୫୧ ଚୌଦ୍ୱାର ମଧ୍ୟଇଂରାଜୀ ବିଦ୍ୟାଳୟରେ ଯୋଗଦାନ । (ଚ) ୧୯୫୩-୧୯୫୫ ଦେଓଗାଁ, କେନ୍ଦୁଝର ମଧ୍ୟଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା । (ଛ) ୧୯୫୫-୧୯୫୬ ହରିଚନ୍ଦନପୁର ମଧ୍ୟଇଂରାଜୀ ବିଦ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ।

Digitized by srujanika@gmail.com

(ଜ) ୧୯୫୬-୧୯୫୭ ରାଇସୁଆଁ ମଧ୍ୟଇଂରାଜୀ ବିଦ୍ୟାଳୟ, କେନ୍ଦୁଝରରେ ଶିକ୍ଷଦାନ ।

(ଝ) ୦୧.୧୧.୧୯୫୭ରେ ନନ୍ଦକିଶୋର ବିଦ୍ୟାମନ୍ଦିର, କୁସୁପୁର, କଟକରେ ଶିକ୍ଷକ ଭାବରେ ଯୋଗଦାନ ।

(ଞ) ୨୮.୦୧.୧୯୬୪ରେ ଜି.ଏସ୍. ବିଦ୍ୟାପୀଠ, ସିଦ୍ଧେଶ୍ୱରପୁର କଟକରେ ଶିକ୍ଷକତା ।

(ଟ) ୨୪.୦୩.୧୯୬୫ ନନ୍ଦକିଶୋର ବିଦ୍ୟାମନ୍ଦିର, କୁସୁପୁର, କଟକରେ ଯୋଗଦାନ ।

(ଠ) ୧୫.୦୧.୧୯୭୭ରେ ଗାନ୍ଧି ଶିକ୍ଷାଶ୍ରମ, ଚମ୍ପାପୁର, କଇଁଥା, କଟକରେ ଶିକ୍ଷକତା ।

(ଡ) ୦୧.୦୬.୧୯୭୯ରେ ପୁଣି ନନ୍ଦକିଶୋର ବିଦ୍ୟାମନ୍ଦିର, କୁସୁପୁରକୁ ପ୍ରତ୍ୟାବର୍ତ୍ତନ ।

(ଣ) ୩୦.୦୬.୧୯୮୩ ମସିହାରେ ଚାକିରି ଜୀବନରୁ ଅବସର ଗ୍ରହଣ ।

୮. ସାରସ୍ୱତ ସମ୍ମାନ ଓ ପୁରସ୍କାର

(୧) ପୁରସ୍କାର -୧୯୬୧ ଓଡ଼ିଶା ସରକାର (ଘରୋଇ ଓ ଲୋକସମ୍ପର୍କ ବିଭାଗ)

(୨) ପୁରସ୍କାର -୧୯୬୨ଓଡ଼ିଶା ସରକାର-(ଘରୋଇ ଓ ଲୋକସମ୍ପର୍କ ବିଭାଗ)

(୩) ଶିଶୁ ସାହିତ୍ୟିକ ସମ୍ମାନ -୧୯୬୩ ପଲ୍ଲି ମଙ୍ଗଳ ସମିତି, କୁସୁପୁର, କଟକ

(୪) ପୁରସ୍କାର-୧୯୬୪-ଓଡ଼ିଶା ସରକାର

(୫) ପୁରସ୍କାର-୧୯୬୬- ଓଡ଼ିଶା ସରକାର (ସ୍ୱାସ୍ଥ୍ୟ ବିଭାଗ)

(୬) ସାହିତ୍ୟିକ ସମ୍ମାନ-୧୯୮୨-ନନ୍ଦକିଶୋର ବିଦ୍ୟାମନ୍ଦିର, କୁସୁପୁର, କଟକ

(୭) ସାହିତ୍ୟିକ ସମ୍ମାନ-୧୯୮୪- ସଂଗ୍ରାମୀ ସଚ୍ଚି ଜେନା ସ୍ମୃତି ସଂସଦ, ବାଲିଚନ୍ଦ୍ରପୁର

(୮) ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ପୁରସ୍କାର -୧୯୮୫- ଗୋକର୍ଣ୍ଣିକା ସାହିତ୍ୟ ସମାଜ, ଜାରକା

(୯) ସାହିତ୍ୟିକ ସମ୍ମାନ-୧୯୮୫-ପୁନର୍ନବା ସାହିତ୍ୟ ସମାଜ, ଚାନ୍ଦୋଳ, କେନ୍ଦ୍ରାପଡ଼ା

(୧୦) ସାହିତ୍ୟିକ ସମ୍ମାନ-୧୯୮୯-ପ୍ରୋଗ୍ରେସିଭ ଇଉଥ୍ ଆସୋସିଏସନ, ପତରାଜପୁର

(୧୧) ଶିଶୁସାହିତ୍ୟିକ ପୁରସ୍କାର-୧୯୯୨-ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

(୧୨) ରାମଚନ୍ଦ୍ର ଆଚାର୍ଯ୍ୟ ସ୍ମୃତି ସମ୍ମାନ -୧୯୯୩-ଶିଶୁସାହିତ୍ୟ ସଂସଦ, ବ୍ରହ୍ମପୁର

(୧୩) ସାହିତ୍ୟିକ ସମ୍ମାନ-୧୯୯୩-ଶିଶୁସାହିତ୍ୟ ସଂସଦ, ବ୍ରହ୍ମପୁର

(୧୪) ସାରସ୍ୱତ ସମ୍ମାନ-୧୯୯୪-ଆଦିନାଟ୍ୟକାର ସ୍ମୃତି ସଂସଦ, ମାହାଙ୍ଗା, କଟକ

Digitized by srujanika@gmail.com

(୧୫) ସାହିତ୍ୟିକ ସମ୍ମାନ-୧୯୯୪-ରୂପାଥାଳିଆ ସାହିତ୍ୟ ସଂସଦ, ମୟୂରଭଞ୍ଜ
(୧୬) ଶିଶୁସାହିତ୍ୟିକ ସମ୍ମାନ-୧୯୯୪-ଝୁମୁକା, ଚୌଦ୍ୱାର, କଟକ
(୧୭) ସାହିତ୍ୟିକ ସମ୍ମାନ-୧୯୯୪-ପୂର୍ବ ନାନପୁର ସାରସ୍ୱତ ଉତ୍ସବ, ନାନପୁର, ଯାଜପୁର
(୧୮) ସାରସ୍ୱତ ସମ୍ମାନ-୧୯୯୪- ରୁପାଥାଳିଆ ସାହିତ୍ୟ ପ୍ରତିଷ୍ଠାନ, ଅଗିରାପଦା, ଔପଦା, ବାଲେଶ୍ୱର
(୧୯) ସାହିତ୍ୟିକ ସମ୍ମାନ-୧୯୯୫- ମାହାଙ୍ଗା ବଡ଼ଚଣା ସାହିତ୍ୟ ପରିଷଦ, ବାଲିଚନ୍ଦ୍ରପୁର, ଯାଜପୁର
(୨୦) ସାରସ୍ୱତ ସମ୍ମାନ-୧୯୯୫-ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ମଣିଯୋରି, ମାହାଙ୍ଗା
(୨୧) ସାହିତ୍ୟିକ ସମ୍ମାନ-୧୯୯୫-ପୂର୍ଣ୍ଣାହୁତି (୧୩ଶ) ଉଦ୍‌ଯାପନ ଉତ୍ସବ, ଭୁବନେଶ୍ୱର
(୨୨) ଶିଶୁସାହିତ୍ୟିକ ସମ୍ମାନ-୧୯୯୫-ଅରୁଣ ତରୁଣ ଶିଶୁ ସାହିତ୍ୟ ଅନୁଷ୍ଠାନ, ମୟୂରଭଞ୍ଜ,
(୨୩) ଶିଶୁସାହିତ୍ୟିକ ସମ୍ମାନ-୧୯୯୫-ସରସ୍ୱତୀ ଶିଶୁ ମନ୍ଦିର ସାରସ୍ୱତ ଉତ୍ସବ, ବାଲିଚନ୍ଦ୍ରପୁର, ଯାଜପୁର
(୨୪) ସାରସ୍ୱତ ସମ୍ମାନ-୧୯୯୫-ସ୍ୱର୍ଣ୍ଣତ୍ରିଭୁଜ ସାହିତ୍ୟ ସଂସଦ, ପତରାଜପୁର, ଯାଜପୁର
(୨୫) ସାରସ୍ୱତ ସମ୍ମାନ-୧୯୯୬-ଉତ୍କଳ ଭାରତୀ ସାଂସ୍କୃତିକ ସଂସଦ, ମାହାଙ୍ଗା, କଟକ
(୨୬) ସାରସ୍ୱତ ସମ୍ମାନ-୧୯୯୬-ପଞ୍ଚବଟୀ ତପୋବନ, କୁସୁପୁର, କଟକ
(୨୭) ପଲ୍ଲିପୁତ୍ର ସମ୍ମାନ-୧୯୯୬-ବୌଦ୍ଧ ବିହାର ସାହିତ୍ୟ ସଂସଦ, ରତ୍ନଗିରି, ଯାଜପୁର
(୨୮) ସାହିତ୍ୟିକ ସମ୍ମାନ-୧୯୯୬-କୁଶଳେଶ୍ୱର ସାହିତ୍ୟ ସଂସଦ, ଦେଓଗାଁ, କେନ୍ଦୁଝର
(୨୯) ମନୋଜା ସ୍ମାରକୀ ପୁରସ୍କାର-୧୯୯୬-ବିଷୁବ ମିଳନ ଉତ୍ସବ, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ
(୩୦) ସାରସ୍ୱତ ସମ୍ମାନ ଓ ପୁରସ୍କାର-୧୯୯୬-ଭଞ୍ଜ ଜୟନ୍ତୀ ଓ ରଜ ଉତ୍ସବ, କେନ୍ଦ୍ରୀୟ ଯୁବକ ସଂଘ, ମାହାଙ୍ଗା
(୩୧) ବିଶ୍ୱଜିତା ସ୍ମୃତି ପୁରସ୍କାର ଓ ସମ୍ମାନ-୧୯୯୬ (ରାଜ୍ୟସ୍ତରୀୟ)-ଶିଶୁସାହିତ୍ୟ ସମିତି, ଓଡ଼ିଶା, ଭୁବନେଶ୍ୱର
(୩୨) ଗୀତିକାର ସମ୍ମାନ-୧୯୯୭-ଅଭିନନ୍ଦନିକା, ପୁରୀ
(୩୩) ସାରସ୍ୱତ ସମ୍ମାନ-୧୯୯୭-ପଲ୍ଲୀଶ୍ରୀ ମହିଳା ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁର

Digitized by srujanika@gmail.com

(୩୪) ସାହିତ୍ୟିକ ସମ୍ମାନ-୧୯୯୭-ବାଣୀପୀଠ, ହଳଦୀପଦା, ମୟୂରଭଞ୍ଜ
(୩୫) ସାରସ୍ୱତ ସମ୍ମାନ-୧୯୯୭-ବାଣୀପୀଠ, ହଳଦୀପଦା, ମୟୂରଭଞ୍ଜ
(୩୬) ଶିଶୁସାହିତ୍ୟିକ ସମ୍ମାନ-୧୯୯୭-୯୯ତମ ମହତାବ ଜୟନ୍ତୀ, ଭୁବନେଶ୍ୱର
(୩୭) ଶିଶୁସାହିତ୍ୟ ଏକାଡେମୀ, ଓଡ଼ିଶା ଭୁବନେଶ୍ୱର-ସାରସ୍ୱତ ସମ୍ମାନ-୧୯୯୯
(୩୮) ସାହିତ୍ୟିକ ସମ୍ମାନ-୧୯୯୯-ଯୁଗାନ୍ତର ସାଂସ୍କୃତିକ ପରିଷଦ, ଘାଟକୂଳ, ରଇପୁର, ଯାଜପୁର
(୩୯) ସାରସ୍ୱତ ସମ୍ମାନ-୧୯୯୯-କଜଳପତା ଭଦ୍ରଲୋକ, ଝୋଲାସାହି, କଟକ
(୪୦) ସମ୍ମାନିତ-୧୯୯୮-ଶ୍ରୀମତୀ ଶୈଳବାଳା ମିଶ୍ର ବାଲିଚନ୍ଦ୍ରପୁର
(୪୧) ସାରସ୍ୱତ ସମ୍ମାନ-୧୯୯୯-ବିରୂପା ସାହିତ୍ୟ ସଂସଦ, ନାନପୁର
(୪୨) ସାରସ୍ୱତ ସମ୍ମାନ-୨୦୦୦-ମତର୍ଣ୍ଣ ରିକ୍ରେସନ କ୍ଲବ, କୁସୁପୁର, କଟକ
(୪୩) ଶିଶୁସାହିତ୍ୟିକ ସମ୍ମାନ -୨୦୦୦-ନିଖିଳ ଉତ୍କଳ ଶିଶୁ ମେଳା ସମିତି, ଚଣ୍ଡିଖୋଲ, ଯାଜପୁର
(୪୪) ପ୍ରତିଭା ଦାସ ସ୍ମୃତି ପୁରସ୍କାର-୨୦୦୦-**ଫକୀର ମୋହନ ସାହିତ୍ୟ ପରିଷଦ,** ବାଲେଶ୍ୱର
(୪୫) ସାରସ୍ୱତ ସମ୍ମାନ-୨୦୦୦-ସଂଗ୍ରାମୀ ବିଶ୍ୱନାଥ ପଣ୍ଡା ସ୍ମୃତି ସଂସଦ, ନାନପୁର, ଯାଜପୁର
(୪୬) ଶିଶୁସାହିତ୍ୟ ସମ୍ମାନ-୨୦୦୧-ଜଗା ଶିଶୁ ସାହିତ୍ୟ ସଂସଦ, ନାଥପୁର, ଯାଜପୁର
(୪୭) ଦାଶରଥି ପଟ୍ଟନାୟକ ସ୍ମୃତିସମ୍ମାନ-୨୦୦୧-ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ପୁରୀ
(୪୮) ସାରସ୍ୱତ ସମ୍ମାନ-୨୦୦୧-**"ଘୁଙ୍ଗୁର"** ଭୁବନେଶ୍ୱର
(୪୯) ସାରସ୍ୱତ ସମ୍ମାନ-୨୦୦୨-ଚୌଧୁରୀ ରାଧାନାଥ ବିଦ୍ୟାପୀଠ, ଭେଡ଼ା, କଟକ
(୫୦) **ରାମକୃଷ୍ଣ ନନ୍ଦ ଶିଶୁସାହିତ୍ୟ ସମ୍ମାନ**-୨୦୦୨-ଉତ୍କଳ ସାହିତ୍ୟ ସମାଜ, ଶ୍ରୀରାମଚନ୍ଦ୍ର ଭବନ, କଟକ
(୫୧) ସାହିତ୍ୟିକ ସମ୍ମାନ -୨୦୦୨-ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ, ମୁଣ୍ଡିଦା, ପଣ୍ଡୁଆ, ଜଗତ୍‌ସିଂହପୁର

୯. କଟକ ବେତାର କେନ୍ଦ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ:

(୧) ବିଦ୍ୟାଳୟ କାର୍ଯ୍ୟକ୍ରମରେ ଗପ ଓ କବିତା
(୨) ଶିଶୁ ସଂସାର (ହସଚାଙ୍ଗୁଡ଼ି)
(୩) କଳିକା (ଅଙ୍ଗନୱାଡ଼ି)
(୪) ଗାନ୍ଧି ଚର୍ଚ୍ଚା
(୫) ପ୍ରୌଢଶିକ୍ଷା କାର୍ଯ୍ୟକ୍ରମ

Digitized by srujanika@gmail.com

(୬) ପରିବାର କଲ୍ୟାଣ କାର୍ଯ୍ୟକ୍ରମ
(୭) ବିଭିନ୍ନ ସମୟରେ ନାଟକ ପ୍ରଚାର
(୮) ସଂଗୀତ (ବିଭିନ୍ନ ପ୍ରକାରର)
(୯) ବିଭିନ୍ନ ପ୍ରକାର ଆଲୋଚନାରେ ଅଂଶଗ୍ରହଣ
(୧୦) ଶିଶୁ ନାଟକ
(୧୧) ରୂପକ
(୧୨) ଗୀତିନାଟ୍ୟ
(୧୩) ଚକା ଚକା ଭଉଁରୀ
(୧୪) ଆକାଶବାଣୀ କଟକର ସ୍ୱୀକୃତି ପ୍ରାପ୍ତ ଗୀତିକାର

୧୦. ବାରିପଦା ବେତାର କେନ୍ଦ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ:

(୧) କବିତା
(୨) ଗଳ୍ପ-''ବାଘା ଯତୀନ''ଙ୍କ ଉପରେ ଆଧାରିତ
(୩) ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ

୧୧. କେନ୍ଦୁଝର ବେତାର କେନ୍ଦ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ:

(୧) ଗଳ୍ପ ଓ କବିତା
(୨) ଅନ୍ୟାନ୍ୟ କାର୍ଯ୍ୟକ୍ରମ

୧୨. ଟେଲିଭିଜନ:

(୧) ଶିଶୁ ସାହିତ୍ୟ ଉପରେ ଆଲୋଚନାରେ ଅଂଶ ଗ୍ରହଣ

୧୩. ଯୋଗଦେଇଥିବା ସାହିତ୍ୟ ଅନୁଷ୍ଠାନ:

(୧) ସାହିତ୍ୟ ରଚନାଳୟ-କଟକ (୨୬.୧୧.୧୯୬୧) (ଛଅ ସପ୍ତାହ)
(୨) All India Juvenile Literary Conference, (26.12.86 to 31.12.86)
(୩) Audio Script Writing Workshop (*SAP) Orissa, BBSR
(୪) RICOL, ORISSA, BBSR (04.10.87 to 07.10.87)
(୫) ସାହିତ୍ୟ ସନ୍ଧ୍ୟା, ପୁରୀ
(୬) ଶିଶୁ ସାହିତ୍ୟ ସମ୍ମେଳନ, ପୁରୀ
(୭) ସାହିତ୍ୟ ସମ୍ମେଳନ, ସମ୍ବଲପୁର
(୮) ସାହିତ୍ୟ ସମ୍ମେଳନ, ଶୁଆକାଟୀ, କେନ୍ଦୁଝର
(୯) ବ୍ୟାସକବି ଫକୀର ମୋହନ ଜୟନ୍ତୀ, ବାଲେଶ୍ୱର-୨୦୦୦
(୧୦) ଗୀତିକବିତା ପାଠୋତ୍ସବ, ଭୁବନେଶ୍ୱର (ଗୀତିକାର ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ)
(୧୧) କାବ୍ୟକବିତା ଲେଖକ କର୍ମଶାଳା, କେନ୍ଦ୍ରାପଡ଼ା-୧୯୮୨

Digitized by srujanika@gmail.com

(୧୨) ଶିଶୁସାହିତ୍ୟ ସମ୍ମେଳନ, ବ୍ରହ୍ମପୁର,ଗଞ୍ଜାମ
(୧୩) Aruna Taruna Workshop on Childrens' Literature, ବୁଢାରଜା, ସମ୍ବଲପୁର-୧୯୯୫
(୧୪) ଓଡ଼ିଶା ଶିଶୁସାହିତ୍ୟ ଗବେଷଣା ପରିଷଦ, ବଲାଙ୍ଗୀର-୧୯୯୪
(୧୫) Documentation & Information Processing Syndicate, BBSR, School Audio Project Sponsored by Ministry of Human Resources Development, Govt. of India 1991).
(୧୬) ୪୭ତମ ବିଷୁବ ମିଳନ ଉତ୍ସବ, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ

୧୪. ପାଠ୍ୟପୁସ୍ତକ ପ୍ରଣେତା:

(୧) "ଆମ ଘର" (କବିତା) ଓ " ମହାନଦୀର ନିଜ କଥା" (ଗଦ୍ୟ) ଦ୍ୱିତୀୟ ଶ୍ରେଣୀର ଦ୍ୱିତୀୟାର୍ଦ୍ଧ ସାହିତ୍ୟ ବହିରେ ୧୯୬୩ ମସିହାଠାରୁ ଆଜିଯାଏ,ଦୀର୍ଘ ୪୪ ବର୍ଷ ହେଲା ପଢାହୋଇ ଆସୁଛି । ସେଥିପାଇଁ ସେ ମଧ୍ୟ ଓଡିଶା ସରକାରଙ୍କଠାରୁ ପୁରସ୍କୃତ । (ଏହା ଓଡିଶା ସରକାରଙ୍କ ଦ୍ୱାରା ମୁଦ୍ରିତ)

(୨) ୧୯୮୯-୯୦ ମସିହାଠାରୁ ୬ଷ୍ଠ ଶ୍ରେଣୀର ସାହିତ୍ୟ ବହିରେ "ପାଦୁକା ପୂଜା" (ଗଦ୍ୟ) ଓ "ବଡ଼ଲୋକଙ୍କ ଜୀବନକଥା" ପୁସ୍ତକରେ ତାଙ୍କର ଲେଖା-ଉତ୍କଳ ଗୌରବ ମଧୁସୁଦନ, ଉତ୍କଳମଣି ଗୋପବନ୍ଧୁ, କବିବର ରାଧାନାଥ, ଶିଳ୍ପୀ ବିମ୍ବାଧର ଅଦ୍ୟାବଧି ଚଳିଆସୁଛି । (ଏହା ଓଡିଶା ସରକାରଙ୍କ ଦ୍ୱାରା ମୁଦ୍ରିତ)

(୩) ୧୯୮୩ ମସିହରେ -୬ଷ୍ଠ ଶ୍ରେଣୀ ସାହିତ୍ୟ ବହିରେ ବାଗ୍ମୀ ବିଶ୍ୱନାଥ (ଗଦ୍ୟ) ଓ ଆଦିବାସୀ ଆମେ (କବିତା) ପ୍ରଚଳିତ ଥିଲା ।

(୪) Language Writer ଭାବରେ ସେ ୮.୮.୬୫ରେ ୫ମ ଶ୍ରେଣୀ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିଲେ ।

୧୫. ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସ୍ୱୀକୃତି :

(୧) ଲେଖକଙ୍କର ଗୀତିନାଟ୍ୟ "ଶେଷ ଦ୍ୱାପର" କୁ ଚିଠି ନଂ.୮୬ ତା ୨୪.୧୨.୮୩ ରେ ସ୍ୱୀକୃତି ଦିଅନ୍ତି ଓ ଏହା ମଞ୍ଚସ୍ଥ ହୁଏ ବୋଲଗଡ଼ଠାରେ (ନୟାଗଡ଼ , ପୁରୀ)

୧୬. ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ମନୋନୀତ:

(୧) ଓଡ଼ିଶା ସାହିତ୍ୟ ଏକାଡେମୀ "ଓଡ଼ିଶା ଶିଶୁ ସାହିତ୍ୟ ସଂକଳନ" ରେ କବିତା ପ୍ରକାଶ କରିଛନ୍ତି । (ତାଙ୍କ ଚିଠି ନଂ.୨୬ ତା ୧୪.୦୩.୮୨) ତାଙ୍କର ଲେଖକ କର୍ମଶାଳା ଚିଠି ନଂ.୮୬ ତା୧୧.୦୨.୮୨

୧୭. ବିଭିନ୍ନ ପତ୍ରପତ୍ରିକାରେ ଲେଖକଙ୍କର ଲେଖା ପ୍ରକାଶିତ:

ସମାଜ (ଶିଶୁ ବିଭାଗ),ପ୍ରଗତିବାଦୀ (କବିତା ବିଭାଗ), ପ୍ରଜାତନ୍ତ୍ର (ଶିଶୁ ବିଭାଗ), ସାପ୍ତାହିକ (ସମାଜ ଓ ପ୍ରଜାତନ୍ତ୍ର), ଧରିତ୍ରୀ, ସମୟ, ସମ୍ବାଦ,

Digitized by srujanika@gmail.com

ସଂସାର, ଶିଶୁଲେଖା, ଟୁଉକୁ ମୂଷୀ, ଜନଚେତନା,କିଶୋର ଚକ୍ର, ସୁରକ୍ଷା, ଝୁମୁକା, ଶଂଖ, ବାନର ସେନା,ଲିଲୁ ରାଜା, ଆସନ୍ତାକାଲି, ମନପବନ, ବିଲୁଆ ନନା, ଗୁଣ୍ଡୁଚି ମୂଷା, ସୁନାପିଲା, କଣେଇ, କିଶୋର ଜ୍ୟୋତି, ଗୋକର୍ଣ୍ଣିକା ଏବଂ ଅନ୍ୟାନ୍ୟ ।

୧୮. **ଲେଖକଙ୍କର ମଞ୍ଚସ୍ଥ ହୋଇଥିବା ନାଟକ,ଗୀତିନାଟ୍ୟ,ରୂପକ ଓ ନୃତ୍ୟନାଟିକା:**

(୧) କୁମାର ସମ୍ଭବ-୧୯୪୪
(୨) ପୋଷାପୁଅ-୧୯୪୫
(୩) ସାବିତ୍ରୀ-୧୯୪୬
(୪) ଆତ୍ମାହୁତି (ବଙ୍ଗଳା ଅନୁବାଦ) -୧୯୪୮
(୫) ସୁବର୍ଣ୍ଣ ହରିଣୀ-୧୯୬୦
(୬) ସାଧବ ଝିଅ-୧୯୬୧
(୭) ଶ୍ରୀୟା (ଚଣ୍ଡାଳୁଣୀ)-୧୯୬୨
(୮) ନୀଳମାଧବ-୧୯୬୩
(୯) କଣାମାଠିଆ-୧୯୬୪
(୧୦) ତାରକାସୁର-୧୯୬୫
(୧୧) ଶକୁନ୍ତଳା-୧୯୬୬
(୧୨) ଶେଷ ଦ୍ୱାପର-୧୯୭୨-୧୯୭୩
(୧୩) ସୀତା(ବିଭିନ୍ନ ମଞ୍ଚରେ)-୧୯୭୩-୧୯୭୪
(୧୪) ହରିଶ୍ଚନ୍ଦ୍ର-୧୯୭୪
(୧୫) ବାଲିରଥ-୧୯୭୫
(୧୬) ମନର ମୂଳେ ଏ ଜଗତ-୧୯୭୬
(୧୭) ପଲ୍ଲିକବି (ରୂପକ)-୧୯୭୬
(୧୮) ଏଇତ ଜୀବନ-୧୯୭୮
(୧୯) ଦୋଳ ମୋକଟ (ବେତାର)-୧୯୮୮
(୨୦) ମୃଗତୃଷ୍ଣା ୮ମ ସିରିଏଲ (ବେତାର)-୧୯୯୦-୯୧
(୨୧) ମର୍ତ୍ତ୍ୟମଣ୍ଡଳେ ଦେହ ବହି (ବେତାର)-୧୯୯୧-୯୨
(୨୨) ଆମକୁ ହାତ ଦିଅ ପ୍ରଭୁ(ବେତାର)-୧୯୯୭
(୨୩) ବିରୂପା (ବେତାର)-୨୦୦୦
(୨୪) ଗଛରେ ହସିବ ଫୁଲ-୨୦୦୧

୧୯. **ପ୍ରକାଶିତ ପୁସ୍ତକ:**

Digitized by srujanika@gmail.com

(୧) ଗୁଣ୍ଡୁଚିମୂଷାର ପିଠିରେ ଗାର-୧୯୬୪

(୨) ପଲ୍ଲିକବି (ରୂପକ)-୧୯୭୬

(୩) ସରଗଫୁଲ-୧୯୭୯

(୪) ମୁଁ କହିବି କଥାଟିଏ ତୁ କହିବୁ ହୁଁ-୧୯୮୫

(୫) ମର୍ତ୍ତ୍ୟମଣ୍ଡଳେ ଦେହ ବହି (ରେଡିଓ ନାଟକ)-୧୯୮୭

(୬) **ମତେ ଯେତେବେଳେ ଦଶ ବରଷ-୧୯୯୦ (ଓଡ଼ିଶା ସାହିତ୍ୟ ଏକାଡେମୀ-୧୯୯୨ ପୁରସ୍କାର ପ୍ରାପ୍ତ)**

(୭) ଆମେ ଏ ମାଟିର ସୁନା ଫରୁଆ-୧୯୯୦ (ବିଶ୍ୱଜିତା ସ୍ମୃତି ପୁରସ୍କାରପ୍ରାପ୍ତ-୧୯୯୨)

(୮) ଆମ ଲାଗି ଯିଏ ଶହୀଦ ହେଲେ -୧୯୯୦

(୯) ହସି ହସାଇବା ଧରା-୧୯୯୧

(୧୦) ମୋ ଗାଁ ମୋ ଦେଶ-୧୯୯୩

(୧୧) ସିଏ ମୁଁ ତୁମେ-୧୯୯୩

(୧୨) ଶଗଡ଼ିଆ କଥା (ଗଳ୍ପ) -୨୦୦୨

(୧୩) ଅଳା ପଚାରିଲେ ଆଇକି-୨୦୦୩

(୧୪) ଶିଶୁ ସାହିତ୍ୟ ସଂକଳନରେ ପ୍ରକାଶିତ କବିତା (Edited by Govt. of Orissa)

୨୦. ପ୍ରକାଶ ଅପେକ୍ଷାରେ:

(୧) ଗୀତି କବିତା (୧ମ ଭାଗ, ୨ୟ ଭାଗ, ୩ୟ ଭାଗ, ୪ର୍ଥ ଭାଗ ଓ ୫ମ ଭାଗ)

(୨) ସାପ କହେ ମୁଁ ବଡ଼

(୩) ସାରୀପୁତ୍ତ (ନାଟକ)

(୪) ବୈଷ୍ଣବ ପାଣି (ରୂପକ)

(୫) ଉପେନ୍ଦ୍ର ତ୍ରିପାଠୀ (ରୂପକ)

(୬) ଫୁଲ (କବିତା ସଂକଳନ)

(୭) ଆମେ ଗଙ୍ଗା ଗୋଦାବରୀ କାବେରୀ (କବିତା ସଂକଳନ ଓ ରୂପକ) କଟକ ବେତାର କେନ୍ଦ୍ରରୁ ପ୍ରଚାରିତ, ୨୦୦୨

(୮) ଆଦିବାସୀ ଆମେ (ରୂପକ)

(୯) ସନ୍ଥ ଅରକ୍ଷିତ ଦାସ (ରୂପକ)

(୧୦) ଡାକେ ମୋତେ ମୋ ଗାଁ

(୧୧) ଆମେ ଆମ ଦେଶ

(୧୨) ଗଳ୍ପ କେଇଟି

Digitized by srujanika@gmail.com

(୧୩) ପୁରୁଷୋତ୍ତମ ଦେବ(ନାଟକ)
(୧୪) ମାଣିକ (ଗୀତିନାଟ୍ୟ)
(୧୫) ତୁଳସୀ ପତ୍ର ପାତ୍ର (ନାଟିକା)
(୧୬) ଫୁଲଶର (ନାଟିକା)
(୧୭) ରାଧିକା (ରୂପକ)
(୧୮) ସନ୍ଥ ବଳରାମ ଦାସ (ରୂପକ-ମଞ୍ଚସ୍ଥ)
(୧୯) ବିରୂପା (ରୂପକ-ବେତାରରୁ ପ୍ରଚାରିତ)
(୨୦) ମୋ ଗାଁ (ରୂପକ-ବେତାରରୁ ପ୍ରଚାରିତ)
(୨୧) ଭାରି ଭଲ ଲାଗେ ମୋତେ ମୋ ଗାଁ (କବିତା ସଂକଳନ)
(୨୨) ଗଛରେ ହସିବ ଫୁଲ (ନାଟକ-ବେତାର କେନ୍ଦ୍ରରୁ ତା୨୬.୦୨.୨୦୦୧ରେ ପ୍ରଚାରିତ)
(୨୩) କିଛି ପରିବର୍ତ୍ତନ (ନାଟିକା)
(୨୪) ଯୌତୁକ (ନାଟିକା)
(୨୫) ମରୁ ବୋଇତ
(୨୬) ପଚାରି ଦେଲି ଯାହାକୁ
(୨୭) ପାଦୁକା ପୂଜା (ଗଳ୍ପ) ୬ଷ୍ଠ ଶ୍ରେଣୀ ସାହିତ୍ୟ ବହିରେ ପଠିତ
(୨୮) ବଡ଼ଲୋକଙ୍କ ଜୀବନ କଥା (ଗଳ୍ପ ସଂକଳନ)
(୨୯) ଦୋଳ ମୋକଟ (ବେତାର କେନ୍ଦ୍ରରୁ ପ୍ରଚାରିତ)
(୩୦) ଶାଗ ପଖାଳ (ସଂଗୀତ ରୂପକ)
(୩୧) ଚିଲିକା (ସଂଗୀତ ରୂପକ)
(୩୨) କାହିଁକି ମୁଁ ଜାଣେ ନାହିଁ (ରୂପକ)

୨୧. ଆନୁଷ୍ଠାନିକ ସଂପୃକ୍ତି :

କ) ସୌଖୀନ ସାହିତ୍ୟ ସମାଜର ସକ୍ରିୟ ସଭ୍ୟ ।
ଖ) ସାହାସପୁର ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁର ପରିଚାଳନା କମିଟିର ସଭ୍ୟ ।
ଗ) ପଲ୍ଲିଶ୍ରୀ ମହିଳା ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁର ପରିଚାଳନା କମିଟିର ସଭ୍ୟ ।
ଘ) ପତରାଜପୁର ମହିଳା ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁର ପରିଚାଳନା କମିଟିର ସଭ୍ୟ ।
ଙ) ଗୋପୀନାଥ ସ୍ମୃତି ସଂସଦ, କୁସୁପୁର, ସ୍ମରଣିକାର ସଂପାଦନା ।

ତିରୋଧାନ : ୧୯ ମେ ୨୦୦୩ ମସିହା ସୋମବାର ପୂର୍ବାହ୍ଣ ୯.୪୯ ମିନିଟ ।

Digitized by srujanika@gmail.com

ବଂଶାବଳୀ

- ସୁଧୀର ଚନ୍ଦ୍ର ସାମଲ
  - ଆନନ୍ଦ ଚନ୍ଦ୍ର -ଦ୍ୱିତୀ ଦେଈ
    - ହରେକୃଷ୍ଣ-ପଦ୍ମାବତୀ ଦେବୀ
      - **ନନ୍ଦକିଶୋର-ରେବା ଦେଈ**
        - ମିନତି-ପୁରୁଷୋତ୍ତମ
          - ଝିଲି-ମିଲି- ଜୁଲି-ରିଙ୍କୁ-ପପୁ
        - ପ୍ରଦୀପ୍ତ କିଶୋର(ବୁଲୁ)-ପ୍ରଭାତୀ(ଲିନା)
          - ବ୍ୟୋମକେଶ(ବୁନ୍)
        - ସୁକୁମାର(ସୁକ)-ମମତା(ଲିଲି)
          - ବର୍ଷା
        - ନଳିନୀ-କାର୍ତ୍ତିକ ଚନ୍ଦ୍ର
          - ବିଶ୍ୱଜିତ୍-ସତ୍ୟଜିତ୍-ସୀମାରାଣୀ
      - ଗୋବିନ୍ଦ ଚନ୍ଦ୍ର-ଟଭା ଦେଈ
      - ଗେହ୍ଲେଇ -ଜୟରାମ
      - ଗୋପୀନାଥ
      - ଉପେନ୍ଦ୍ର-ତିଳୋତ୍ତମା
    - ଅର୍ଜୁନ-ଢେମା

Digitized by srujanika@gmail.com

'ଆମ ଘର' କବିତାର ମୂଳ ରୂପ

ଏଇ ଘରଟିରେ ଜନମ ମୋର
ମାଟି ଚାଳଘର ନଡା ଛପର
ଏଠି ବୋହିଥାଏ
ସ୍ନେହ ଆଦର
ଏଇଠେଇଁ ଆମେ
ଦିନରେ ରହୁ
ରାତିରେ ରହୁ
ଏଇଠି ଶୋଉ
ଏଇଠି ଖାଉ
ଏଇଠି ବସୁ
ଏଇଠି ହସୁ
ବୁଢୀମା ଆସେ
ଆମରି ପାଖରେ ଘଡିଏ ବସେ ।।

ଏଇଟି ଆମର ରୋଷେଇ ଘର
ଘର ଭିତରଟି ଭାରି ସୁତର
ଏଇଠେଇଁ ମାଆ
ପରିବା କାଟେ
ବେସର ବାଟେ
ଶାଗ ଖରଡେ
ଜାଇ ରଗଡେ
ତିଅଣ କରେ
ଡାଲି ବଘାରେ
ଗଢଇ ପିଠା
ଆରିସା କାକରା ଆହା କି ମିଠା ।।

Digitized by srujanika@gmail.com

ଏଇଟି ଆମର ଭାଗବତ ଘର
ଏ ଘରେ ରହନ୍ତି ଗାଦି ଠାକୁର
ଗାଦି ଠାକୁର
କେଉ କାଳର
ଡାକ ପକାଇଲେ
ଦିଅନ୍ତି ବର
ସଂଜିଆ ହେଲେ
ବୋଉ ମୋର ନେଇ
ଦୀପଟି ଜାଳେ
ଗାଦି ଗୋସେଇଁଙ୍କ ଚରଣ ତଳେ ।।

ଏଇଟି ଆମର ଟିକି ଗଡ଼ିଆ
ଏଇ ଗଡ଼ିଆଟି ଭାରି ବଢିଆ
ବଗୁଲୀ ଆସେ
ଏଇଠି ବସେ
ଏଇ ଗଡ଼ିଆରୁ
ପାଣି ପିଏ ସେ
ମାଛ ଖାଏ ସେ
ପାଣି ଚଢେଇ
ଭାରି ବୁଡ଼ଇ
ହଂସ ପହଁରେ
ଏଇ ପାଣିରେ
ନେଳିଆ କଇଁ
ଫୁଟି ବାସଇ
ଏଇ ଗଡ଼ିଆରେ
ଚାନ୍ଦ ପହଁରେ
ସୃରୁଯ ଉଠେ
ପଦୁଅଁ ଫୁଟେ
ସରଗୁ ଆସେ
ଏଇଠି ପଶେ
ଏଇଠି ହସେ
ଗଡ଼ିଆ ହସେ ବଢିଆ ଦିଶେ ।।

Digitized by srujanika@gmail.com

ଏଇଟି ଆମର ଫୁଲ ବଗିଚା
ଏଠି ଫୁଲ ଫୁଟେ ମେଞ୍ଚାକୁ ମେଞ୍ଚା
ଏଇଠି ଫୁଟଇ
ଧଳା ମନ୍ଦାର
ଶିଙ୍ଗଡାହାର
ଗେଣ୍ଡୁ କନିଅର
ହେନା ଟଗର
ମଧୁ ମାଳତି
ଫୁଲେ ଫୁଲେ ବସେ
ପରଜାପତି
ତରକା ଅତି
ସକାଳେ ଆସେ
ସଂଜରେ ଆସେ
ଫୁଲେ ଫୁଲେ ବୁଲି
ମହୁ ଚାଖେ ସେ
ଏଇଠି ଥାଏ, ଏଠି ନଥାଏ
ଅନଉ ଅନଉ କୁଆଡେ ଯାଏ ?

ଏଇ ଘରଟି ମୋ ପଢିବା ଘର
ଏଇଠି ରଖେ ମୁଁ ବହି ପତର
ସକାଳେ ଥରେ
ସଂଜରେ ଥରେ
ଏଇ ଘରଟି ମୁଁ
ସୁତୁରା କରେ ।
ଏ ଘରେ ମୁହିଁ
ଖାତା ବହିଯାକ
ରଖେ ସଜେଇ,
ଭାରି ଭଲ ଲାଗେ
ମୋତେ ମୋ ଘର
ପାଠପଢାକୁ ମୋ ଭାରି ଆଦର ।।

Digitized by srujanika@gmail.com

ଏଇଟି ଆମର ଗୁହାଳ ଘର
ଏଇ ଘର ଆମ ଗାଈ ମାଆର
ଘର ଭିତର
ସଫା ସୁତର
ଏଠେଇଁ ନଥାଏ
ମୂତ ଗୋବର,
ସକାଳେ ଥରେ
ସଂଜକୁ ଥରେ
ବୋଉ ମୋର ଯାକୁ
ସୁତୁରା କରେ ।
ଗାଈ-ମାଆଟି
ରହେ ଏଇଠି
କେବେ ଯାଏନାହିଁ
ପଘାରୁ ଫିଟି,
ଏ ଗାଈ-ମାଆର
ଦୁଇଟି ପିଲା
ଭାରି ଚଗଲା,
ରାତିରେ ଉଠି
କରନ୍ତି ପାଟି
ଗାଈ ମା' ଉଠେ
କଳିଆ ତୁଟେ
ଗୋବର ଖତ
ବିଲକୁ ହିତ
ବାଡ଼ିକୁ ହିତ
ଏଥିରେ ଫସଲ
ଫଳେ ବହୁତ
ଗାଈମା' କ୍ଷୀର
ଭାରି ମଧୁର
ଏଇ କ୍ଷୀର ଆମ ଭାରି ଆଦର ।।

(ଉକ୍ତ କବିତାଟି କବିଙ୍କର ମୂଳରଚନା, ଯାହାକି ୧୯୬୩ ମସିହାରୁ ଆଜିପର୍ଯ୍ୟନ୍ତ ଦ୍ୱିତୀୟ ଶ୍ରେଣୀ ମୋ ପାଠ (ସାହିତ୍ୟ)ବହିରେ ଚଳିଆସୁଛି, କବିତାର ରଚନା କାଳ ୧୯୬୧ ମସିହା । ଏହି କବିତା ପାଇଁ କବି ଓଡିଶା ସରକାରଙ୍କ ଠାରୁ ପୁରସ୍କୃତ ।)

Digitized by srujanika@gmail.com

ଗୁଣ୍ଡୁଚି ମୂଷାର ପିଠିରେ ଗାର

Digitized by srujanika@gmail.com

Digitized by srujanika@gmail.com

ଗୁଣ୍ଡୁଚିମୂଷାର ପିଠିରେ ଗାର

ପ୍ରଥମ ପ୍ରକାଶ-୧୯୬୪

ମୂଲ୍ୟ - ୧ଟଙ୍କା

ପ୍ରକାଶକ :
ପଲ୍ଲୀଜ୍ୟୋତି ପାଠାଗାର,କୁସୁପୁର

ଗ୍ରା

Digitized by srujanika@gmail.com

ଗୁଣ୍ଡୁଚିମୂଷାର ପିଠିରେ ଗାର

ପୁସ୍ତକଟି କବିଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ ।
ପୁସ୍ତକଟିର ପ୍ରଚ୍ଛଦପଟ ଅଙ୍କନ କରିଥିଲେ ବିଶିଷ୍ଟ ଚିତ୍ରଶିଳ୍ପୀ

ଶ୍ରୀଯୁକ୍ତ ବିପ୍ରଚରଣ ମହାନ୍ତି ।

ତା ସହିତ ଏହି ପୁସ୍ତକରେ ସ୍ଥାନ ପାଇଥିବା
'ଡିବି ନିଭିଗଲା'
ଏବଂ
'ଚକୁଳି, କାକରା, ମଣ୍ଡା, ଏଣ୍ଡୁରି'
କବିତା ଦୁଇଟିକୁ ଏଥିରୁ ବାଦ୍ ଦିଆଯାଇଛି ।

କାରଣ ଉକ୍ତ କବିତା ଦୁଇଟି
'ହସି ହସେଇବା ଧରା' ପୁସ୍ତକରେ
'ଆଲୁଅ କଲା ସେ ଘର ବାହାର'
ଏବଂ
'ହଳଦୀ ପତର ଲୁଗା ପିନ୍ଧିଛ କି ?'
ଶୀର୍ଷକରେ ସ୍ଥାନ ପାଇଛି ।

- ସଂପାଦକ

Digitized by srujanika@gmail.com

ମୋ ଦେଶ

ସ୍ୱାଧୀନ ଆମେ ସ୍ୱାଧୀନ ଆମେ
ସ୍ୱାଧୀନ ଏଇ ଦେଶ,
ଏଇ ଦେଶର ଶିଶୁଟି ମୁହିଁ
ଏଇ ଦେଶରେ ବାସ ।

ଏଇ ଦେଶର ଧୂଳିମାଟିରେ
ମଣିଷ ହେବି ମୁହିଁ,
ଏଇ ମାଟିର ଧାନ, ଗହମ
ଫସଲ ମୋର ପାଇଁ ।

ଏଇ ଦେଶର ପାଣି, ପବନ,
ଆଲୁଅ ପାଏ ନିତି,
ଏଇଥିରେ ମୁଁ ମଣିଷ ହେବି
ଗଢ଼ିବି ମୋର ଜାତି ।

ଏ ଦେଶ ପାଇଁ ଏ ଜାତି ପାଇଁ
କାମ କରିବି ମୁହିଁ,
ଦେଶର ଧନ, ମାନ, ମହତ
ସବୁ ଆମରି ପାଇଁ ।

❑❑

Digitized by srujanika@gmail.com

କା କା ଡାକୁ କାଉ

କା କା ଡାକୁ କାଉ
ସକାଳ ହେଲେ ତ ଉଡ଼ି ବୁଲୁଥାଉ
ରାତିରେ କୁଆଡ଼େ ଯାଉ ?
କା କା ଡାକୁ କାଉ
ମୁଁ ଶୁଏ ମୋର ଆଇମା' କତିରେ
ତୁ କେଉଁଠେଇଁ ଶୋଉ ?

କା କା ଡାକୁ କାଉ
ସକାଳୁ ଉଠି ମୁଁ ପାଠ ପଢ଼ି ଯାଏ
ତୁ ପାଠ ପଢ଼ି ଯାଉ ?
କା କା ଡାକୁ କାଉ
ସବୁବେଳେ ଖାଲି ଉଡ଼ି ବୁଲୁଥାଉ
କେଉଠି କଅଣ ଖାଉ ?

କା କା ଡାକୁ କାଉ
ମୁଁ ତ ଦେଖିଚି ସେ ଦିନ ସକାଳେ
ବରଷାରେ ଭିଜୁଥାଉ ।
କା କା ଡାକୁ କାଉ
ସେ ଦିନ ସଞ୍ଜରେ ଶୀତ ଦିନଟାରେ
ନଈରେ ଗାଧୋଉଥାଉ ।

କା କା ଡାକୁ କାଉ
ତୋ ପାଖକୁ ମୁଁ ଖେଳିବାକୁ ଗଲେ
କାଇଁକି ପଳେଇ ଯାଉ ?
କା କା ଡାକୁ କାଉ
ଏ ଗାଆଁ ସେ ଗାଆଁ ଉଡ଼ି ବୁଲିବୁଲି
କେତେ କଥା ଦେଖୁ ନାଉଁ ?

❑❑

Digitized by srujanika@gmail.com

ପାରା ଦଳେ ଥିଲେ

ପାରା ଦଳେ ଥିଲେ   କଥାଭାଷା ହେଲେ
ଆଜିଠଉଁ ଏଠି ରହିବା ନାହିଁ,
ପାଚିଲା ଧାନରୁ   ପେଟେ ପେଟେ ଖାଇ
ତୋଟା ବରଗଛେ ବସିବା ଯାଇଁ ।

ଭାଡ଼ିଟା ଭିତରେ   କେତେ ରହିବା ହୋ
ଝରକା ନାହିଁ କି ଦୁଆର ନାହିଁ,
ଖୋଲା ପବନଟା   ଦେହରେ ବାଜନ୍ତା
ବାଜିବାର ଏଠି ସୁବିଧା କାହିଁ ?

ଏଠି ଖାଇବାରେ   ଏତେ ହଇରାଣ
ପଦାକୁ ବାହାର ଯାହାକୁ ଯେତେ,
କାଲି ମୁଁ ଦେଖିଲି,   ପାଟ ବୁଲି ବୁଲି
ଧାନ, ବିରି, ମୁଗ ଶୋଇଚି କେତେ ।

ଖାଇବା ପାଇଁକି   ରହିବା ପାଇଁକି
ଦୁନିଆରେ ଜାଗା ଅଭାବ ନାହିଁ,
ବଳ ଥାଉଁ ଥାଉଁ   ଭାଡ଼ିରେ ମରିବା
ଆମେ ପରା ଭାଇ ଉଡ଼ା ଚଢ଼େଇ ।

Digitized by srujanika@gmail.com

କଥାଟା ସବୁରି ମନକୁ ପାଇଲା
ପାରାଯାକ ମିଳି ମାଇଲେ ତାଳି,
'ଆଉ ରହିବାନି' 'ଆଉ ରହିବାନି'
ଏତେ ଦିନେ ବାଗ ଅଛିରେ ମିଳି ।

ଏତେ କହି ପାରା ଉଡ଼ି ପଳେଇଲେ
ଯେତେ ମୁଁ ଡାକିଲି, 'ଆସରେ ପାରା,'
ଆଜିଠଉଁ ଭଲ ଖାଇବାକୁ ଦେବି
ଆଜିଠଉଁ ଦେବି ଛେନା କାକରା ।

ଅନାଉଁ ଅନାଉଁ ସବୁ ଉଡ଼ିଗଲେ
କାହିଁ କେତେ ଦୂରେ ଗଲେ ପଳେଇ,
କୁନି ପାରାଟି ମୋ କହିଦେଇ ଗଲା
''ଧାନ ସରିଗଲେ ଆସିବି ଭାଇ''

□□

Digitized by srujanika@gmail.com

ପୁଷି ମୋର ସୁନାପିଲା

ପୁଷି ମୋର ସୁନାପିଲା ଥିର ହୋଇ ବସିବ
ମାଆ ଯାହା ବାଢ଼ିଦେବେ ସେଇତକ ଖାଇବ ।

ସେଇ ଦିନ ସାନଦେଈ ତରକାରି ଖାଇଲା
ସେଇ ଦିନ କୁନିନାନୀ କେତେ ମାଡ଼ ମାଇଲା ।

ସେଇ ଦିନ ବାପା, ବୋଉ, ଦେଈ, ଆଈ ରାଗିଲେ
ଏଇ ନଈ ସେ ପାରିରେ ଛାଡ଼ିଦେବେ କହିଲେ ।

ବୋଉ ମୋର ମାଛ ଭାଜି ରଖିଥିଲା ଶିକାରେ
ଆଉ ଦିନେ ନୁଚି ନୁଚି ଖାଇଦେଲା ରାତିରେ ।

ତିଅଣ କରିବ ବୋଲି ସକାଳେ ସେ ଖୋଜିଲା
ପୁଷି ନାହିଁ, ମାଛ ନାହିଁ, ପୁଷିକି ସେ ଦୋଷିଲା ।

ମାଡ଼ ଡରେ, ଗାଳି ଡରେ ପୁଷି ମୋର ନୁଚିଲା
ତିନି ଚାରି ଦିନ ଗଲା, ନୁଚି ନୁଚି ଆସିଲା ।

ମୁଁ ଯେଉଁଠି ବହି ରଖେ ସେଇ ଥାକ ପଛରେ,
ପୁଷି ମତେ ଅନେଇଲା ଡରେ ଡରେ ଲାଜରେ ।

''ଖାଇଲେ ଖାଇଲୁ ମାଛ ଆ' ମୋର ପୁଷିରେ
ଖାଇବାକୁ ଦୁଧଭାତ ଦେବି ଆ' ଖୁସିରେ ।''

❑❑

Digitized by srujanika@gmail.com

ପେଁ-ପେଁ କେଁ-କେଁ ଗୀତ

ବିଜୁଳି ମାଇଲା
ଚକଚକ
ବେଙ୍ଗ ଡେଇଁଗଲା
ଫକଫକ
ଭାତ ତ ଫୁଟିଲା
ଟକମକ
ଆଈ ଚାହିଁଥିଲା
ମକମକ ।
କୁନି ନାନୀଟା ମୋ
ସକସକ
ଭାତ ଖାଇବାକୁ
ଟକ ଟକ
ଡାଲି ହେଇ ନାଇଁ
ଧକଧକ ।

ବାଉଁଶ କଣିଟା
ନକନକ
ଆଈ ଓକାଳିଲା
ଭକଭକ
ମୁନିଆଟା ଖାଲି
ବକବକ ।

ଚୁଚୁନ୍ଦୁରା କହେ
ଚେଁଚେଁ
କାହାଳି ବାଜିଲା
ପେଁପେଁ
ଶଗଡ଼ ଡାକିଲା
କେଁକେଁ

Digitized by srujanika@gmail.com

ଛେଳି ବୋବାଇଲା
ମେଁମେଁ
କୁନା କାନ୍ଦୁଥିଲା
ଭେଁଭେଁ ।

ମେଘ ବରଷିଲା
ଟପଟପ
ବୁଲା ଡେଇଁଗଲା
ଖପଖପ
ଜୋତା ପିନ୍ଧିଥିଲା
ଢପଢପ ।

ଢୋଲ ବାଜିଗଲା
ଢାଉଁଢାଉଁ
କୁନା ରଡ଼ିକଲା
କାଉଁକାଉଁ
କୁନା ହେବ ବୋଲି
'ନାଉଁ - ନାଉଁ'
ମା' ତା ପାଖକୁ
ଯାଉଁ ଯାଉଁ ।

ନିଶା ଗରଜଇ
ସାଇଁସାଇଁ
ବୁଲା କାନ୍ଦୁଥାଏ
କଇଁ କଇଁ
ଶାଶୁ କହେ ଆସି
ନଇଁ ନଇଁ
''କିଲୋ ବୋଉ ! ପୁଅ
ଶୋଇ ନାଇଁ ?''

Digitized by srujanika@gmail.com

ବାଆ ବହୁଥାଏ
ସନସନ
ହରିଣ ଛୁଆଟି
କନକନ
ଧରିବାକୁ ମନ
ଛନଛନ ।

ପୋଖରୀରେ ମାଛ
କଲକଲ
ଏ କୂଳ ସେ କୂଳ
ପଲପଲ
ଆମେ ଚାହିଁଥିଲୁ
ବଲବଲ
ଟେକି ଘେନିଗଲା
ଶଙ୍ଖଚିଲ ।

ଖେଣ୍ଟେଇ ବୁଢ଼ୀଟା
କଟକଟ
ରାତି ଦିନ ଚାହେଁ
ମଟମଟ
ମୂଷା କାଟିଯାଏ
ରଟରଟ
ବୁଢ଼ୀ ହେଉଥାଏ
ଭଟଭଟ ।

ତୋଟାରେ ପତର
ଖଡ଼ଖଡ଼
ଡାଳ ଭାଙ୍ଗିଗଲା
ମଡ଼ମଡ଼
ଚଡ଼ଚଡ଼ି ମାରେ
ଚଡ଼ଚଡ଼
ଘଡ଼ଘଡ଼ି କରେ
ଘଡ଼ଘଡ଼ ।

❑❑

Digitized by srujanika@gmail.com

ମାରିଦେଲି ଡିଅାଁ

ଖରାବେଳ ଖରା
ଭାରି ଟାଣ ଖରା
ଚଇତି ମାସ,
ମାଆ ଡାକିଦେଲେ
"ଆସରେ ପିଲାଏ
ଶୋଇବ ଆସ !"

ମନ ଛନଛନ
ଖେଳ ଖେଳିବାକୁ
ଆଲୁଅଟାରେ,
ଆଛା କଥା କଲା
ମାଆ ପକାଇଲା
ଅଡୁଆଟାରେ ।

କଅଣ କରିବି,
କଥା ତ ମାନିବି
ଗଲି ଶୋଇଲି,
ମାଆକୁ ମୋହର
ନିଦ ଲାଗିଗଲା
ଥିରେ ଉଠିଲି ।

ମାରିଦେଲି ଡିଅାଁ
ଏକା ଡିଅାଁକରେ
ତୋଟାରେ ଯାଇଁ,
ମାଆ କ'ଣ ସେଠି
ଅଛି ଯେ କହିବ
ଶୋଇବା ପାଇଁ ?

□□

Digitized by srujanika@gmail.com

ଚକା ଚକା ଭଉଁରୀ

ଚକା ଚକା ଭଉଁରୀ
ମାମୁଘର ଚଉଁରୀ,
ମାମୁ ମତେ ଗାଳି ଦେଲେ
ମାଈଁ ନେଲେ ଆଦରି ।

ଚକା ଚକା ଭଉଁରୀ
ମାମୁଘର ଚଉଁରୀ
ଅଳାର ପାକଲା ନିଶ
ଆଈ ବୁଢ଼ୀ ଦାନ୍ତୁରୀ ।

ଚକା ଚକା ଭଉଁରୀ
ମାମୁଘର ଚଉଁରୀ,
ଅଳାଟା ଟାଙ୍ଗରା ମୁଣ୍ଡା
ଆଈ ବୁଢ଼ୀ ଝାମ୍ପୁରୀ ।

ଚକା ଚକା ଭଉଁରୀ
ମାମୁଘର ଚଉଁରୀ,
ସାନ ମାମୁ ବାହାଘର
ବାଜିଲାଣି ମହୁରି ।

Digitized by srujanika@gmail.com

ଚକା ଚକା ଭଉଁରୀ
ମାମୁଘର ଚଉଁରୀ,
ବାହାଘର ଭୋଜିଭାତ
ଉଠିଲାଣି ଉତୁରି ।

ଚକା ଚକା ଭଉଁରୀ
ମାମୁଘର ଚଉଁରୀ,
ଖଟେଇ ଖାଇବ ବୋଲି
ଆଈ ମାଗେ ପଥୁରି ।

ଚକା ଚକା ଭଉଁରୀ
ମାମୁଘର ଚଉଁରୀ,
ଶୋଉ ଶୋଉ ବିଲେଇଟା
ଦେଲା ମତେ ଆମ୍ପୁରି ।

ଚକା ଚକା ଭଉଁରୀ
ମାମୁଘର ଚଉଁରୀ,
ବଉଳିର ସବୁ ଦୁଧ
ପିଇଲା ତ ବାଛୁରୀ ।

❑❑

Digitized by srujanika@gmail.com

ଗହ୍ମା ପୂନେଇଁ

ବଉଳି ଆମର ଭାରି ତରକି
ଚମକି ପଡ଼େ ।
ବାଜା ବାଜିଗଲେ ବେଶି ତରକେ
ଧୂଳିରେ ଗଡ଼େ ।

ବଉଳିର ଘରେ ଚିତର କଲା
ସେଦିନ ବୋଉ,
ମୁଁ ପଚାରିଲି "ସେ ଘରେ କିଆଁ
ଚିତର ଦେଉ" ?

ବୋଉ ମୋ କହିଲା "ଗହ୍ମା ପୂନେଇଁ
ଚିତର ହବ ।
ଆଜି ଏ ବଉଳି ଚିତା ନାଇବ
ପିଠା ଖାଇବ" ।

❑❑

Digitized by srujanika@gmail.com

ଆଜି କଲୁ ଟିକେ ଅରୁଆଜାଉ

ବୋଉ ଲୋ ବୋଉ
ଆଜି କଲୁ ଟିକେ ଅରୁଆଜାଉ !
ସେଥିରେ ପଡ଼ିବ ଗୁଡ଼, ନଡ଼ିଆ
ଭାରି ସୁଆଦିଆ ଭାରି ବଢ଼ିଆ ।

ମୁଁ ଖାଇଚି
ମଜା ପାଇଚି
ଆଉ ଖାଇବାକୁ ମନ କରିଚି ।

ମୋ ବାପ ଧନ
ଆମ ଘରେ ଯେବେ ଥାଆନ୍ତା ଧାନ
ଜାଉ, ପିଠା ପାଇଁ କରନ୍ତୁ ମନ ?

କିଆରିରେ ଧାନ ପାଚି ଶୋଇଚି
ଭାରଭାର ଧାନ ବୁହା ଲାଗିଚି
ଲୋକଙ୍କ ଖଳାରେ ଗଦା ହେଇଚି
କେମିତି ହେଲା
ଆମ ଧାନ ସବୁ କୁଆଡ଼େ ଗଲା ?

Digitized by srujanika@gmail.com

ଆମ ଘରେ ସିନା ନାହିଁ ଲୋ ଧନ
ଆମ ମନ କ'ଣ ନୁହେଁ ଲୋ ମନ ?
ଧନରେ ମୋର !
ଜମିବାଡ଼ି ନାହିଁ ବାପାର ତୋର ।
ଚାଉଳ କିଣିଲେ ଭାତ ଖାଇବା
ଆଉ କଥା ପାଇଁ ମନ ମାରିବା ।

ସେ କଥା ହବନି, ହବନି ବୋଉ
ମନକୁ ମାରିବା ହବନି ଆଉ
ଜମି କିଣିବି
ହଳିଆ ହେବି
ପାଠ ପଢ଼ିବି
ହଳ କରିବି
ଜାଉ, ପିଠା ହବ କେତେ ଖାଇବି ।

Digitized by srujanika@gmail.com

କୁନି କହେ, "ଟୁନିନାନୀ ଯୋଗାଡ଼ରେ ରହିବ"

କୁନି କହେ, ଟୁନିନାନୀ !
କି' ଖେଳ ଖେଳିବା ?
ତୋ' ଝିଅ ମୋ' ପୁଅ
ବାହାଘର ଖେଳିବା ।

ମୋ' ପୁଅ ବର ହବ
ଡୋଲି ଚଢ଼ି ଆସିବ,
କେତେ ବାଜା ରୋଶନୀରେ
ଗାଆଁ-ଦାଣ୍ଡ ହସିବ ।

ମୁଁ ଦେବି ସୁନାକାଚ
ସୁନାହାର ଝିଅକୁ,
ତୁ' ଦେବୁ ସୁନାଘଡ଼ି
ଶୂନୁଗାଡ଼ି ପୁଅକୁ ।

ଖିରି, ପୁରି, ପିଠା ହବ
ବାହାଘର ଭୋଜିରେ,
ତୋର, ମୋର ସବୁ କଥା
ଛିଡ଼ିଯାଉ ଆଜିରେ ।

ବାହାଘର ଦିନଧରା
ଆଉ ଦିନେ ହୋଇବ ।
କୁନି କହେ "ଟୁନିନାନୀ
ଯୋଗାଡ଼ରେ ରହିବ ।"

❑❑

Digitized by srujanika@gmail.com

ଆମ ଘରେ କିଆଁ ବଳଦ ନାହିଁ ?

ଆଈ ଲୋ ଆଈ
ଆମ ଘରେ କିଆଁ ବଳଦ ନାହିଁ ?
ଆର ଜନମକୁ ବଳଦ ହେବି
କୁଣ୍ଡା କୁଳୁଚିରୁ ପେଟେ ଖାଇବି ।

ଶୁଣ ଲୋ ଶୁଣ
ଶୁଣ ଲୋ ମାଇପେ କୁନିଆ ଗୁଣ ।
ବଳଦ ହବ
ଭାତ ଡାଲି ଛାଡ଼ି କୁଣ୍ଡା ଖାଇବ
ଘଣା ପେଲିବ
ଏଇଟା କଥାରେ କେତେ ହସିବ ?

କାହିଁକି ଆଈ,
ବଳଦର କ'ଣ ଜୀବନ ନାହିଁ ?
ଖଟି ଖାଉଚି ।
ବେଶ୍ ତ ଅଛି ।
ବଳଦ କ'ଣ ମିଛ କହୁଚି ?
ଚୋରି କରୁଚି ନା
ପର ଧନ ନେଇ ଫାଙ୍କି ଦେଉଚି ?

ବଳଦ ବେକରେ ପଘା ଲାଗିଚି,
ଖୁଣ୍ଟମୂଳଟାରେ ଠିଆ ହୋଇଚି,
ଦେଲେ ଖାଉଚି,
ନ ଦେଲେ ସେମିତି ଚାହିଁରହିଚି ।

ହେଲା ତ ହେଲା
ମଣିଷ ଅଧିକା କଅଣ କଲା ?
ସିଏ ଖାଇଲା
ଇଏ ଖାଇଲା
ଦିନ ଖସିଲା
ବଳଦ ମଲା
ମଣିଷ ମଲା
କାହାର ଏଥିରେ କ'ଣ ଗଲା ?

□□

Digitized by srujanika@gmail.com

ଆମ କଥା

ଏଇ ଘରଟି ମୋ ବଉଳି ମାଆର
ବଉଳି ମାଆର
ତିନୋଟି ପିଲା
ଭାରି ଚଗଲା,
ରାତିରେ ଉଠି
କରନ୍ତି ପାଟି
ବଉଳି ଉଠେ
କଜିଆ ତୁଟେ
ଦୁଧ ପିଅନ୍ତି
ପିଲେ ଶୁଅନ୍ତି ।

ଏଇଟି ଆମର ଜାଳରଖା ଘର
ତାଳ ବରଡ଼ାରେ ଘର ଛପର ।
ତାଳ ବରଡ଼ା
ବଡ଼ କରଡ଼ା
ଗୋବର ଘଷି
ଦେଇଚୁ କଷି
ଗୋବର ଗୁଣ୍ଡା
ମୁଣ୍ଡାକୁ ମୁଣ୍ଡା
ପତର ଚେକା
ଚାଳରେ ରଖା
ଜାଳେଣିଯାକ
ଥାକକୁ ଥାକ ।

ଏଇଟି ଆମର ଗୋବର ଖାତ
ବଉଳି ମାଆର ଗୋବର ଖତ ।
ଗୋବର ଆସେ
ଖାତରେ ପଶେ

Digitized by srujanika@gmail.com

ଦି’ ମାସ ଯାଏ
ଚକଟା ହୁଏ
ଖରାରେ ରହେ
ଜାଳେଣି ହୁଏ ।

ଗୋବର ଖତ
ବଢ଼ିଆ ଖତ
ବିଲକୁ ହିତ
ବାରିକୁ ହିତ
ବିଲରେ ପଡ଼େ
ବାରିରେ ପଡ଼େ
ଫସଲ ମାଡ଼େ ।

ଏଇଟି ମୋ’ର ଟିକି ଦୋକାନ
ଟିକି ଟିକି ସବୁ ଜିନିଷମାନ ।
ଦୋକାନ ଫିଟେ
ଗରାଖ ଯୁଟେ
ଖରା ବେଳରେ
ଦେଖା ତୋଟାରେ ।
ଲେବନଚୁସ୍
ବଢ଼ିଆ ଖୁସ୍
ଚୀନା ବାଦାମ
ମୁସ୍ ମୁସ୍ ।
ନଡ଼ିଆ କୋରା
ବୁନ୍ଦିଆ ଝରା
ଆଇସ୍‌କ୍ରିମ୍
ଉସ୍ ଉସ୍ ।
ଛେନାର ଗଜା
ପାମ୍ପଡ଼ ଭଜା
ବଢ଼ିଆ ମଜା
ଦିଲ୍ ଖୁସ୍ ।

❑❑

Digitized by srujanika@gmail.com

ଚକୁଳିଆ ପଣ୍ଡା

ଧରମ ମାସ ଏ କାର୍ତ୍ତିକ ମାସ
ଚକୁଳିଆ ପଣ୍ଡା ଦେଖରେ ଆସ ।

ମଇଳା କୋତରା ଲୁଗା ପିନ୍ଧିଚି
ପିନ୍ଧା କାନିଟାକୁ ଖୋଷି ଦେଇଚି ।

ଅଣ୍ଟାରେ ଚାଦର ଦେଇଚି ଭିଡ଼ି
ଚାଲିଯିବ ବୋଲି ଗିଇଡ଼ି ଗିଡ଼ି ।

ଦିହ ଗୋଟାଯାକ ଚିତା କାଟିଚି
ପାଦରୁ ଆଣ୍ଠୁକୁ ଧୂଳି ଉଠିଚି ।

ଓହଳି ପଡ଼ିଚି ଫାପୁଲା ପେଟ
ଆଟିକାଏ ଭାତ ହେବ ଅଘଟ ।

ଡାହାଣ କାନ୍ଧରେ ଚାଉଳ ମୁଣି
ହାତରେ ଗୋଟିଏ ପିତ୍ତଳ ପୁଣି ।

ପୁଟୁଳି ଭିତରେ କିସ ରଖିଚି
ବାଆଁ କାଖ ତଳେ ଯାକି ଧରିଚି ।

ମଥାରେ ଭିଡ଼ିଚି ଧଳା ପଗଡ଼ି
ବାଡ଼ିଟା ଧରିଚି ବାଉଁଶ ବାଡ଼ି
ଗାଁ ସଡ଼କରେ ଯାଉଚି ମାଡ଼ି
ସତେ ଯେମିତି କି ବୋଝେଇ ଗାଡ଼ି ।

❑❑

Digitized by srujanika@gmail.com

ନିମ, ସଜନା, ନେଉଟିଆ

''ନିମ ପତରରେ ନିମ ପତର,
ତୁ' କେବେଠଉଁ ଶାଗ ହୋଇଲୁଣି
କିଏ ତତେ କେବେ କରେ ଆଦର ?''

''କହନା ସଜନା ଆଉ କହନା,
ପିତାଟି ଦିହକୁ କାଳେ କାଳେ ହିତ
ତୁଚ୍ଛା କଥା କହି ବଡ଼ ହଅନା ।

ପିତାର ମଉଜ ପାଇନି କିଏ,
ବାଇଗଣ ଦେଇ ତେଲରେ ଭାଜିଲେ
ଶୂନେ ଶୂନେ ଭାତ ଉଠେଇ ନିଏ ।

ପତର ଦେଖିଚୁ ନିମ ପତର,
କେଡ଼େ କମ କମ ନାଲି ଗୁଲୁ ଗୁଲୁ
କଅଁଳିଆ ବେଳେ କେଡ଼େ ସୁନ୍ଦର ।''

''ଏତେ ଢମ କରୁ ନିମ ପତର,
ଅଲୋଡ଼ା ଅଖୋଜା କେବେ କାହିଁ ଖୋଜା
ସଜନାରେ ନାହିଁ ଲୋକ ଆଦର ?

Digitized by srujanika@gmail.com

ଶୁଣିଥିବୁ କି ନା ଶୁଉଣ୍ଡ ଆଜି,
ତିଅଣ ସାଙ୍ଗରେ ନିତି ସବୁ ଘରେ
ଯା’ ଦେଖିବୁ ରେ ସଜନା ଭାଜି ।

ରୋଗୀ ଖାଏ ମୋର ସଜନା ଛୁଇଁ
ବଜାରରେ ଛୁଇଁ ପାଇଁ ଧରାପରା
ନ ଦେଖିବୁ ଯେବେ ଦେଏଖେ ଯାଇଁ ।”

ବାରି ନେଉଟିଆ କହିଲା ଥାଇ,
“ବଡ଼ି ଚୂରା ଦେଇ ମୋତେ ଭାଜିଦେଲେ
କେଡ଼େ ସୁଆଦିଆ ଖାଇଚ କେହି ?”

□□

Digitized by srujanika@gmail.com

ମା ପରି କିଏ ହବ ?

ମା ପରି କିଏ ହବ ?
ମନ କଥା ଜାଣି ନ' ଡିଅଣରେ
ଛ' ଭଜା କରି ଦବ ।
ମା ପରି କିଏ ହବ ?
ପିଲାଝିଲା ପଛେ ଅସୁନ୍ଦର ହେଉ
ଚାନ୍ଦ ପରି ମଣୁଥିବ ।

ମା ପରି କିଏ ହବ ?
ଦିହରେ ପଡ଼ିଲେ ଗାଁ ଚଣ୍ଡୀ ପାଖେ
ବଡ଼ସିଂହାର ଯାଚିବ ।
ମା ପରି କିଏ ହବ ?
ଦିହରେ ମୁଣ୍ଡରେ ହାତ ମାରିଦେଲେ
ରୋଗ ଶୋକ ଉଡ଼ିଯିବ ।

ମା ପରି କିଏ ହବ ?
ନ ଖାଇ ନ ପିଇ ଭଲ ଭଲ ଚିଜ
ଶିକାରେ ସାଇତି ଥିବ ।
ମା ପରି କିଏ ହବ ?
ରୁଷି ଯାଉଥିଲେ କାଖେଇ ଦୋଳେଇ
ମନ ତରଳାଇ ନେବ ।

ମା ପରି କିଏ ହବ ?
ଖାଇବା ପାଇଁକି ଅଝଟ ଧରିଲେ
କେତେ କଥା ନ କହିବ ।
ମା ପରି କିଏ ହବ ?
ଘର ଛାଡ଼ି କେବେ ବାହାରକୁ ଗଲେ
ଡରି ଡରି ମରୁଥିବ ।

❑❑

Digitized by srujanika@gmail.com

ସକାଳ ହେଲା

ସକାଳ ହେଲା,
ତରା ନୁଚିଲା
ନାଲିଆ ସୂରୁଯ ହସି ଚାହିଁଲା ।

ସକାଳ ହେଲା,
ଅନ୍ଧାର ଗଲା
ଘାସପତରରୁ କାକର ଗଲା ।

ସକାଳ ହେଲା,
ଫରଚା ହେଲା
କାଉ, କୋଇଲିର ଡାକ ଶୁଭିଲା ।

ସକାଳ ହେଲା,
ପବନ ଦେଲା
ଆମ ବଗିଚାର ଫୁଲ ନାଚିଲା ।

ସକାଳ ହେଲା,
ଖରା ପଇଲା
ଚାହାଳି ଯିବାକୁ ବୋଉ କହିଲା ।

ସକାଳ ହେଲା,
ଖରା ପଇଲା
ହଳ ଯୋଚି ଚଷା ବିଲକୁ ଗଲା ।

❑❑

Digitized by srujanika@gmail.com

ଦୀପ ଜଳୁଥିଲା, ପୁଅ ଖେଳୁଥିଲା

ଦୀପ ଜଳୁଥିଲା
ପୁଅ ଖେଳୁଥିଲା
ଦୀପ ଆଲୁଅକୁ ଅନେଇ,
ମାଆ ଚାଲିଗଲେ
ଭାତ ଗାଳିବାକୁ
ଡାକି ଦେଇଗଲେ "ସନେଇ,
କୁନିଆ ପାଖରେ ଥିବୁଟି,
ରାଆ ଧରି ଯେବେ
ମୋ ଧନ କାନ୍ଦିବ
ମତେ ଟିକେ ଡାକି ଦବୁଟି ।"

ଦୀପ ଜଳୁଥିଲା
ପୁଅ ଖେଳୁଥିଲା
ହାତ, ଗୋଡ଼, ମୁହଁ ହଲେଇ,
ଆଖି ଲାଖିଥିଲା
ଦୀପ ଆଲୁଅରେ
ଡିଆଁ ମାରିଦେଲା ବିଲେଇ ।
ସେଇ ଆଖି ଥିଲା ସେଇଠି,
ଦୀପ ନେଇଗଲେ
କାନ୍ଦି ଉଠୁଥିଲା
କୁଆଁ କୁଆଁ ହୋଇ ପୁଅଟି ।

ଦୀପ ଜଳୁଥିଲା
ପୁଅ ଖେଳୁଥିଲା
ଆଈ ବସିଥିଲା ପାଖରେ,
ପୁଅଟା କାହିଁକି ଘର ଫଟେଇଲା
ଆଈ ବିଚାରିଲା ଭୋକରେ ।
ଦୁଧ ବୋତଲକୁ ଖୋଜିଲା,
ପୁଅଟି ପାଟିରେ
ବୋତଲ ଲଗାଇ
ଦୀପ ସଳିତାକୁ ତେଜିଲା ।

□□

Digitized by srujanika@gmail.com

ଗୁରୁ କହୁଥିଲେ

ଗୁରୁ କହୁଥିଲେ ପାଠ ପଢ଼ିବି
ମଣିଷଭଳିଆ ମଣିଷ ହେବି ।
ସତ କହିବି
ବଡ଼ ମଣିଷଙ୍କ କଥା ମାନିବି
ନିଜେ ଖଟିବି
ନିଜ ଅରଜନ ଯତନ ନେବି
ଆଉ କହୁଥିଲେ ସେବା କରିବି ।

ଯାହା ଘରେ ଆଉ ନ ଥିବେ କେହି
ରୋଗୀ ପଡ଼ିଥିବ ହାଲିଆ ହୋଇ
ଖାଇବା ପାଇଁକି ନ ଥିବ ଯା'ର
ତାହାରି ମୁହଁରେ ଦିଅ ଆହାର ।
ଖଟିବାକୁ ଯାର ନ ଥିବ ବଳ
ସେଇଠେଇଁ ତମ ସେବାଟି ଢାଳ ।

❑❑

Digitized by srujanika@gmail.com

ଶଗଡ଼ ମଟର

ମଟର

ଆରେ ହେ ଶଗଡ଼ ଗୋଡ଼ ଥାଉ ଥାଉ
ପର ଗୋଡ଼ରେ ତୁ ଚାଲୁ,
କାଦୁଅ ପାଣିରେ ନଟର ପଟର
ହୋଇଥାଉ ପରା ଓଲୁ ।

ଶଗଡ଼

ମୋ ଦେଶ ଭୂଇଁରେ ଗାଁ ସଡ଼କରେ
କାମ ମୋର କରି ଯାଏ,
ମୋହରି ଦେଶର ଗରିବ ଓ ଧନୀ
ସବୁରି ପାଖରେ ଥାଏ ।

ମଟର

ଗଛମୂଳେ ଓଳି - ତଳେ ରହୁ ତୁହି
ମୋର ପାଇଁ କୋଠାଘର,
ମୋର ସେବା ପାଇଁ ଲାଗି ପଡ଼ିଥାନ୍ତି
ତିନି ତିନିଟା ଚାକର ।

ଶଗଡ଼

ନିଜ କାମ ଯଦି ନିଜେ କରୁଥିବ
ଚାକର କରିବେ କିସ,
ସବୁ ଦିନେ କ'ଣ ଚହଟ ଚିକଣ
ରହିଥିବ ରେ ଏ ବେଶ ।

❑❑

Digitized by srujanika@gmail.com

କୋଣାରକ ବୋଲି ଦେଉଳଟିଏ

କୋଣାରକ ବୋଲି
ଦେଉଳଟିଏ
ତୂଳ ମରା ତାର
ସରି ନ ଥାଏ ।

ବାରଶ' ବଢ଼େଇ
ବାର ବରଷ
କାମ କଲେ ତୋଳା
ନ ହେଲା ଶେଷ ।

ବାର ବରଷର
ପୁଅ ଧରମା
କୋଣାରକ ଦେଖି
ନ ଥିଲା ଜମା ।

ବାପାଙ୍କୁ ଦେଖିବା
ଆଶାରେ ଆସି
ବାରଶ' ବଢ଼େଇ
ମେଳରେ ପଶି,

Digitized by srujanika@gmail.com

କହିଲେ ନ ସରେ
ଧରମା ଖୁସି
ବାରି ବରକୋଳି
ବିକିଲା ବସି ।

ଚୂଳ ମରା ଶେଷ
ନ ହେଲେ କାଲି
ବାରଶ' ବଢ଼େଇ
ପଡ଼ିବେ ଟଳି ।

ଧରମା ମାରିଲା
ଦେଉଳ ଚୂଳ
ଟଳମଳ ହେଲେ
ବଢ଼େଇ କୁଳ ।

ବଢ଼େଇ କୁଳର
ମହତ ପାଇଁ
ଧରମାଟି ଦେଲା
ଜୀବନ ଦେଇ ।

ବିଶୁ ମହାରଣା
ପୁଅ ଧରମା
କୋଣାରକ ଦେଖି
ନ ଥିଲା ଜମା ।

❑❑

Digitized by srujanika@gmail.com

ପଖାଳ, ତତଲା

ବଇଶାଖ ମାସ ଦିନ,
ପଖାଳ, ତତଲା କଜିଆ ଲାଗିଲେ
କିଏ ବଡ଼ କିଏ ସାନ ।

ଦିନ ଯାଉଥିଲା ଗଡ଼ି
ଶାଗ ଖରଡ଼ିଲା, ଶିମ ରାଇ କଲା,
ମାଛଭଜା କଲା ଖୁଡ଼ୀ ।

ସବୁ ଥୋଇଥାଇ ଦେଲା,
ସାବି ନାନୀ, ସେବି ଅପା, ଆଈ ସଂଗେ
ପୋଖରୀ ତୁଠକୁ ଗଲା ।

ନିଶାପ କରିବ କିଏ,
ପଖାଳ କହିଲା, 'ମାଛଭଜା କରୁ'
ତତଲାଟି ରାଜି ନୁହେଁ ।

ନିଶାପ ଆଜି ହବନି,
ଆଜିକା ନିଶାପ ଏକତରଫିଆ
ଏବେ ମୁଁ ରାଜି ହେବିନି ।

ଡାଲି, ତରକାରି ଭଜା,
ତିନିକି ତିନିହେଁ ନିଶାପ କରିବେ
ସେହିଥିରେ ଥିବ ମଜା ।

ସେ ଦିନଟି ଚାଲିଗଲା,
ତହିଁ ଆର ଦିନ ଦିନ ବାରଟାରେ
ନିଶାପ ଜମି ଆସିଲା ।

ନିଶାପରେ ଡାଲି ନାହିଁ,
'ଡାଲି କାହିଁ ଗଲା' ତତଲା ଖୋଜିଲା
ଡାଲି କାହିଁ, ଡାଲି କାହିଁ ?

ସଞ୍ଜୁଆ ସଜ ପଖାଳ,
ମହ ମହ ବାସ, ପଖାଳ ଡାକିଲା
''ଏଇତ ନିଶାପ ବେଳ''

Digitized by srujanika@gmail.com

ଗୁଣ୍ଡୁଚିମୂଷାର ପିଠିରେ ଗାର

ଗୁଣ୍ଡୁଚିମୂଷାର ପିଠିରେ ଗାର
ଆଖିକି ରୁଚଇ ଭାରି ସୁନ୍ଦର ।

ଲଙ୍କା ରାଇଜର ରାବଣ ରଜା
ଚୋରି କରି ନେଲା ରାମ ଭାରିଯା ।

ରାମ ସେଇଦିନୁ କରିଲେ ପଣ
ରାବଣକୁ ମାରି ରଖିବେ ଟାଣ ।

ସାତ ସମୁଦର ଦରିଆ ଡେଇଁ
ଲଙ୍କାରେ କେମିତି ପଶିବେ ଯାଇଁ ?

ହନୁମାନ୍ ସୀତା ଠାବ କରିଲା
ବିଭୀଷଣ ସବୁ ଖବର ଦେଲା ।

ମାଙ୍କଡ଼ ସଇନ ଆସିଲେ ଧାଇଁ
ଦରିଆରେ ସେତୁ ତୋଳିବା ପାଇଁ ।

ରାମ ନାଁ ଧରି ପଥର ନେଲେ
ଦରିଆ ପାଣିରେ ପକାଇ ଦେଲେ ।

'ରାମ ବୋଲ ଭାଇ ରାଘବ ବୋଲ'
ଭାସିଲା ପଥର ଯେମିତି ସୋଲ ।

ଏତିକି ବେଳର କଥାଏ ଶୁଣ
ଗୁଣ୍ଡୁଚିମୂଷାର କାଟଣ ପଣ ।

ପାଣିରେ ବୁଡ଼େ ସେ ବାଲିରେ ଗଡ଼େ
ସେଇ ବାଲି ସେତୁ ଉପରେ ଝାଡ଼େ ।

Digitized by srujanika@gmail.com

ଦେଖି ଦେଖି ରାମ କେତେ ହସିଲେ
ମୂଷା ଛୁଆଟିର ପାଖକୁ ଗଲେ ।

ଆଦରରେ ରାମ ଡାକିଲେ "ମୂଷା
କାହିଁପାଇଁ ତୋର ଏଡ଼େରେ ରୁଷା ?

ଏଠି କାହିଁପାଇଁ ବାଲିରେ ଗଡ଼ୁ
ପଥର ଉପରେ ଦିହ କଚାଡ଼ୁ ?

କେତେ ପାଣି ଏହି ଦରିଆ ଧରେ
ଗୁଣ୍ଡୁଚିମୂଷା ତୁ ବୁଡ଼ି ଯିବୁରେ ।"

"ପଥର ଭାସୁଚି, ବୁଡ଼ିବି ମୁହିଁ,
ଦରିଆ ପାଣିରେ ସେ କଥା ନାହିଁ ।

ଆହୁରି ଶୁଣ ହେ, କହିଲ ବୋଲି
ଛୋଟିଆ ଜୀବନେ କି ଧୂଳି ବାଲି ?

ଠାକୁର ଆମକୁ ଛୋଟିଆ କଲା ।
କି କାମ କରିବୁ କହ ତ ଭଲା ?"

ମୂଷା ଛୁଆଟିକି ଅତି ଆଦରେ
ଯତନେ ଧରିଲେ ଶ୍ରୀରାମ କରେ ।

ଛୋଟ ବଡ଼ କଥା କେଉଁଠି ନାହିଁ
କାମ କଲେ ଛୋଟ, ବଡ଼ ହୁଅଇ ।

କହି ଆଉଁଶିଲେ ପିଠିରେ ତାର
ଗୁଣ୍ଡୁଚିମୂଷାର ପିଠିରେ ଗାର ।

❑❑

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ସରଗ ଫୁଲ

ନନ୍ଦକିଶୋର ସାମଲ

ପ୍ରଥମ ପ୍ରକାଶ-୧୯୭୯

ମୂଲ୍ୟ - ଟ ୧.୨୫ ପ

ପ୍ରକାଶିକା :
ଶ୍ରୀମତୀ ସାବିତ୍ରୀ ଦେଈ
କ୍ୟାଣ୍ଟନମେଣ୍ଟ ରୋଡ଼, କଟକ-୧

Digitized by srujanika@gmail.com

ଅଭିମତ

ଶ୍ରୀ ନନ୍ଦକିଶୋର ସାମଲଙ୍କ 'ସରଗ ଫୁଲ' ବହିରେ ଥିବା କବିତାଗୁଡ଼ିକ ପଢ଼ିଲି । ମତେ ଲାଗିଲା ଯେପରି ସରଗ ଫୁଲର ସୁଷମା ନେଇ ଆମ ଗାଁ ମାଟିର ଫୁଲଗୁଡ଼ିକ ଏଥିରେ ଫୁଟିଉଠିଛି । ନନ୍ଦକିଶୋରବାବୁଙ୍କ ସରଳ, ତରଳ ରଚନା ଯେକୌଣସି କୋମଳମତି ଶିଶୁର ପ୍ରାଣକୁ ନିଶ୍ଚୟ ଛୁଇଁବ । ସାଧାରଣ ଗାଉଁଲୀ ଜୀବନର ହସକାନ୍ଦ, ସୁଖଦୁଃଖ, ଆଶା ଆକାଂକ୍ଷା ଏହି କବିତାଗୁଡ଼ିକରେ ରୂପ ପାଇଛି । ପିଲାମାନଙ୍କ ନିତିଦିନିଆ ଅନୁଭୂତିର ପରିସର ମଧ୍ୟରୁ କେତୋଟି ବିଷୟ ଗୋଟାଇ ଆଣି କବି ସେଥିରେ ଛନ୍ଦର ପ୍ରଲେପ ବୋଳିଦେଇ ତାକୁ ଯେପରି ପ୍ରାଣବନ୍ତ କରିପାରିଛନ୍ତି, ତାହା ତାଙ୍କ ଅନ୍ତର୍ନିହିତ କବିପ୍ରତିଭା ଓ ଉଜ୍ଜ୍ୱଳ ଭବିଷ୍ୟତ ର ସୂଚନା ଦିଏ । ସାବଲୀଳତା କବିଙ୍କ ରଚନାର ବିଶେଷତ୍ୱ । ଆଶା-କରେ ବହିଟି ଶିଶୁ କିଶୋର ମହଲରେ ନିଶ୍ଚୟ ଆଦୃତ ହେବ ।

ପ୍ରଥମାଷ୍ଟମୀ
ତା ୧୨ । ୧୧ । ୧୯୭୯

ରାମକୃଷ୍ଣ ନନ୍ଦ

Digitized by srujanika@gmail.com

ଶ୍ରୀମତୀ ସାବିତ୍ରୀ ଦେଈ ଏବଂ ସାଥୀ ଶ୍ରୀ ନିକୁଞ୍ଜ କିଶୋର ସାହୁ ଏ ବହିଟି ଛପେଇବାରେ ମତେ ବିଭିନ୍ନ ଭାବରେ ସହାନୁଭୂତି ଦେଖାଇଥିବାରୁ ମୁଁ ସେମାନଙ୍କୁ ମୋର ଶ୍ରଦ୍ଧା ଏବଂ ଆନ୍ତରିକତା ଜ୍ଞାପନ କରୁଅଛି ।

X X X

ବୟୋଜ୍ୟେଷ୍ଠ ସାହିତ୍ୟିକ ଶ୍ରୀ ରାମକୃଷ୍ଣ ନନ୍ଦ ଶିଶୁ କବିତା ରଚନା ସଂପର୍କରେ ମତେ କେତେକ ସୁଚିନ୍ତିତ ପରାମର୍ଶ ଦେଇଥିବାରୁ ମୁଁ ତାଙ୍କୁ ମୋର ହୃଦୟର କୃତଜ୍ଞତା ଜଣାଉଛି ।

-ନନ୍ଦକିଶୋର ସାମଲ

Digitized by srujanika@gmail.com

ଭାରି ଭଲ ଲାଗେ ମତେ ମୋ' ଘର

ଭାରି ଭଲ ଲାଗେ ମତେ ମୋ' ଘର
ନଡ଼ା ବାଉଁଶର ଘର ଛପର
କାରଣ ଜାଣେନା ତାର;
ଯୁଆଡ଼କୁ ଗଲେ ମନେ ପଡୁଥାଏ
ସେଇ ମୋର ଛୋଟ ଘର ।

ସକାଳରେ ଥରେ
ସଞ୍ଜରେ ଥରେ
ଘର ଲିପେ ମାଆ ଅତି ଆଦରେ ।
ସକାଳୁ କୁଆଡ଼େ ଯାଏ
ଗଲାବେଳେ ମତେ କହେ....
"ଦୁଆର ମୁହଁରେ ଖେଳୁଥିବୁ ବାପା
ମୋହର ଆସିବା ଯାଏ" ।

କାନିରେ ସେ କିଛି ଚାଉଳ ଧରି
ମାଆ ମୋର ଆସେ ଭାରି ଥକିଗଲି....
ଶୁଖି ଯାଇଥାଏ ମୁହଁ ;
ମତେ ଦେଖି ହସି ପଚାରି ଦିଏ ସେ
"ଖାଇଥିଲୁ ନାଁରେ ପୁଅ" ?

Digitized by srujanika@gmail.com

ଉତ୍ତର ପାଏ ।
ଖୁସିଟା ହୁଏ ।
ତୋରାଣି ଟୋପିଏ ପିଏ,
ଗାଈଗୋରୁ ଧନ୍ଦା ଛିଡ଼ାଇ ଚଞ୍ଚଳ
ରୋଷେଇ ବସେଇ ଦିଏ ।

(ଆମ) ଦୁଆର ମୁହଁରେ କବାଟ ତାଟି,
କାଛ କରିଅଛୁ ଝାଟିରେ ମାଟି ।
ଧାନ, ମୁଗ, ଚଣା, ବିରି ଓଳିଆ
ଆମ ଘରେ ନାହିଁ ଟିକେ ଅଳିଆ
ସୁନା, ରୁପା ନାହିଁ ଘରେ;
ସେଇ ଖାଲିଘରେ
ମନ ମୋର ପୂରେ
ଚାହିଁଦେଲେ ତା'ରେ ଥରେ ।

❑❑

Digitized by srujanika@gmail.com

ଗାଁ ହାଟ

ଗାଁ ତୋଟା ତଳେ ବସଇ ହାଟ
ବେପାରୀ ଗରାଖ ହୁଅନ୍ତି ଯୁଟ
ସଉଦାପତର ଧରି,
ବେପାରୀ ଆସନ୍ତି
ଗରାଖ ବସନ୍ତି
ସଉଦା ନବାକୁ ଘେରି ।

ବହୁତ ରକମ ଜିନିଷ ଆସେ
ପରିବା ପାଖରେ ପରିବା ବସେ
ତେଲ ଲୁଣ, ତେଲ ଲୁଣ,
ପାନ ପାଖେ ପାନ
ଧାନ ପାଖେ ଧାନ
ପିଆଜ ପାଖେ ରସୁଣ ।

ଲୁଗା ପାଖେ ଲୁଗା ଦୋକାନ ବସେ
ବିରି, ମୁଗ, ଚଣା, ମାଣ୍ଡିଆ ଆସେ
ଜିଲିପି ମିଠେଇ ଧରି,
ଗୁଡ଼ିଆ ପାଖରେ ଗୁଡ଼ିଆ ବସଇ
ସେ ପାଖକୁ ମନୋହରୀ ।

Digitized by srujanika@gmail.com

କୁମ୍ଭାର ବିକେ ତା ହାଣ୍ଡି ମାଠିଆ
କମାର ପକାଏ କଟୁରୀ ଦାଆ,
ବହି ବିକୁଥାଏ କେହି,
ବେଳେବେଳେ ଟୀକା ଗୋବିନ୍ଦଚନ୍ଦ୍ରରୁ
ଗୀତ ପଦେ ପଦେ ଗାଇ ।

ଗରାଖମାନଙ୍କ ସୁବିଧା ପାଇଁ
ଏଇଭଳି ବସେ ବେପାରୀ ତହିଁ
କିଣିବାକୁ ଭଲ ଲାଗେ,
ଯେତେ ଯାହା କିଣ
ଭାରି ସୁବିଧାରେ
କିଣା ସରେ ସେଇ ଲାଗେ ।

❑❑

Digitized by srujanika@gmail.com

ଗଛର ଜୀବନ ଅଛି କି ନାହିଁ

‘‘ଗଛର ଜୀବନ ଅଛି କି ନାହିଁ
କହିଲୁ ଆଈ ?’’
‘‘ନାହିଁ ରେ ନାହିଁ
ଗଛ ବୁରୁଛର ଜୀବନ ନାହିଁ’’
କହିଲା ଆଈ ।

‘‘ସାଧାରଣ ଜ୍ଞାନ ପଢ଼ିଚୁ ବହି ?
ନ ପଢ଼ିଚୁ ଯେବେ ପଢ଼ିଲୁ ଯାଇ
ସେଥିରେ ଅଛି,
ମୁଁ ପଢ଼ିଚି,
ଗଛର ପରା ଲୋ ଜୀବନ ଅଛି ।’’

‘‘ଗଛ ବଢ଼ୁଚି
ଛୋଟିଆ ଗଛଟି ବଡ଼ ହେଉଚି
ଡାଳ କାଟିଦେଲେ
କ୍ଷୀର ଝରୁଚି ।
କ୍ଷୀର ନୁହେଁ ମ
ତା’ ରକତ ସେଇ ।
କେମିତି କହୁଚୁ ଜୀବନ ନାହିଁ ?’’

Digitized by srujanika@gmail.com

"ଏଥର କହିଲୁ
ଆଉ କହୁଚି
ଖରା ହେଉଚି ।
ମେଘ ହେଉଚି ।
ଗୋଟିଏ ଜାଗାରେ
ଗଛ ତ ଅଛି ।
ତାକୁ କଣ ଖରା କାଟଇ ନାହିଁ ?"

"ଭଟରାଟା ଏଠୁ ଗଲୁରେ ଉଠି
ଯା' ତୋ ବାପାକୁ କହ ସେଇଠି ।
କଥା ଶୁଣିବ ।
ଉତ୍ତର ଦେବ ।
ନୂଆ ନୂଆ କଥା କେତେ କହିବ ।"

❑❑

Digitized by srujanika@gmail.com

ଆଲମାରି

ମୁହିଁ ଆଲମାରି କାଠରେ ତିଆରି
ରଖିଚି ତମର ମାନ
ଟଙ୍କା ସୁନା ରୁପା ସାଇତି ରଖିଚି
ଆଉ ଯେତେ ଯାହା ଧନ ।

ଠକି ଭଣ୍ଡି ଅବା ଚୋରି କରି ଆଣ
ଅବା ସତ ବାଟ ଧରି
ଅତି ଆଦରରେ ମୋ' ପେଟ ଭିତରେ
ରଖିଚ ସେ ସବୁ ଧରି ।

ଯିବା ଆସିବା ମୁଁ କରେ ନାହିଁ କାହିଁ
ଗୋଟିଏ ଜାଗାରେ ଥାଏ,
ତୁମ ଭଲ ମନ୍ଦ ଯେତେ ଯାହା କଥା
ସେଇଠି ମୁଁ ଦେଖୁଥାଏ ।

ତୁମେ ଶୁଣିଥିବ ନିଦା ଖୁଣ୍ଟାରୁ
ନରସିଂହ ବାହାରିଲେ,
କେତେ ନରସିଂହ ରଖି ମୁଁ ପାରିବି
ଭାବି ପାରୁଥିବ ଭଲେ ।

❑❑

Digitized by srujanika@gmail.com

ତାଙ୍କରି ଜୀବନୀ ପଢ଼ରେ ପିଲେ

ମୋହନ ଦାସ
ଛୋଟ ପିଲାଟିଏ, ଭାରି ସରସ ।
ମାଆ ଥିଲେ ତାର ଭାରି ସରଳ
ସବୁକୁ ଭାବନ୍ତି କରମ ଫଳ ।

ଧରମ କରମ କରନ୍ତି ନିତି
ଅଯଥା ନ ବସି କାହାରି କତି ।
ନିଜ କାମ ନିଜ ହାତରେ କରି
ନ ଦିଅନ୍ତି ଦୋଷ ଆଉ କାହାରି ।

ମିଛ କଥା ଦିନେ କହନ୍ତି ନାହିଁ
ମିଛ କହିବାକୁ ବେଳ ବା କାହିଁ ?
ଖାଆନ୍ତି ନାହିଁ ସେ ମାଛ ମାଉଁସ
ସେ ଘରେ ପଶେନି ଦିନେ ଆଇଁଷ ।

ଖାଇବାକୁ ମାଆ ଦିଅନ୍ତି ଯାହା,
ଯେଉଁ ଯେଉଁ କଥା କହନ୍ତି ମାଆ,
ଗୋଟିଗୋଟି ପାଳେ ମୋହନ ଦାସ
ସବୁବେଳେ ତାର ମନେ ସନ୍ତୋଷ ।

ଠାକୁର ପରି ସେ ଠାକୁର ହେଲେ
ଦେଶ ଗୋଟା ସାରା ପୂଜା ପାଇଲେ ।
ଆମ ଦେଶକୁ ସେ ସ୍ୱାଧୀନ କଲେ
ନାଥୁରାମ ଗୁଳି ଚୋଟରେ ମଲେ ।

ମଣିଷ ହୋଇ ସେ ଦେବତା ହେଲେ
ତାଙ୍କରି ଜୀବନୀ ପଢ଼ରେ ପିଲେ ।

❑❑

Digitized by srujanika@gmail.com

ଦୁଧ ଦେଉଥିଲା ବଉଳି ଗାଈ

"ଦୁଧ ଦେଉଥିଲା ବଉଳି ଗାଈ,
କାହିଁ, ସେ ତ ଆମ ଗୁହାଳେ ନାହିଁ ,
ବଉଳି କୁଆଡ଼େ ଗଲା ?
ଏ ଓଳି ସେ ଓଳି ଦୁଇ ଓଳିଯାକ
କେତେ ଦୁଧ ଦେଉଥିଲା ।
କୁହ ମାଆ କୁହ, ବଉଳି କାହିଁ ?
ହଜିଥିଲେ ଖୋଜି ଆଣିବି ମୁହିଁ
ଘାସ ମୁଁ ଆଣିବି ଆଗେ,
ବଉଳି ମାଆର ବାଛୁରୀ କେଉଁଠି
କୁହ ମାଆ କୁହ ବେଗେ ।"
"ଗାଈ ନାହିଁ କି ତା' ବାଛୁରୀ ନାହିଁ
ବିକିରି ହୋଇଚି ହାଟରେ ଯାଇ
ପଇସା ନ ଥିଲା ଘରେ,
ବଉଳିକି ନେଇ ହାଟରେ ବିକିଚି
ସୁଖ ନାହିଁ ମୋ'ମନରେ ।"
"କେତେ କାନ୍ଦୁଥିବ ବଉଳି ଗାଈ
ତତେ ଖୋଜୁଥିବ ବିକଳ ହୋଇ
ଶୋଉ ତ ନ ଥିବେ ସତେ,
କଅଁଳି ବାଛୁରୀ କେତେ ଖୋଜୁଥିବ
ଦୂବଘାସ ପାଇଁ ମତେ ।
ଦୂବଘାସ ପାଇଁ ନ ଯିବି ବୋଉ
ଗୁହାଳକୁ ଯିବି କାହିଁକି ଆଉ
କିଏ ସେ ନିଷ୍ଠୁର ଥିଲା
ଦୁଧ ଟୋପେ ଟୋପେ ପାଉଥିଲୁ ଆମେ
ତାକୁ ବି ଛଡ଼େଇ ନେଲା !"

□□

Digitized by srujanika@gmail.com

ଏଠି ଥିଲେ ଜଣେ ମହାପୁରୁଷ

ଆଜିକି ହେଲାଣି ଦଶ ବରଷ
ଏଠି ଥିଲେ ଜଣେ ମହାପୁରୁଷ
କଥା କହୁଥିଲେ ହସି,
ବାଟଗଲା ଲୋକ କଥା ଶୁଣୁଥିଲେ
ତାଙ୍କରି ପାଖକୁ ଆସି ।

ବାଡ଼ିବଗିଚାରେ ଗଛ କରିଥିଲେ
ଫଳ ଫଳୁଥିଲା ଭାରି ବଢ଼ିଆ,
କହୁଥିଲେ ସିଏ "ନିଅରେ ପିଲାଏ
ଭାରି ମିଠା ଏଇ ଗଛ ନଡ଼ିଆ ।"

ଫଳ ଫଳୁଥିଲା କଦଳୀ, ନଡ଼ିଆ
ପଣସ, ସପୁରି ମାଳକୁ ମାଳ,
ଯେତେ ଦେଉଥିଲେ, ସେତେ ବଢୁଥିଲା
ଆଦର ଯତନ ବେଳକୁ ବେଳ ।

ଫୁଟୁଥିଲା ନିତି କେତେ ଜାତି ଫୁଲ
ମହକୁଥିଲା ସେ ଫୁଲର ବାସ,
ଦଳ ଦଳ ପିଲା ଫୁଲ ତୋଳୁଥିଲେ
ଖୁସି ହେଉଥିଲେ ମହାପୁରୁଷ ।

ବେଶି କହୁଥିଲେ ରାମାୟଣ କଥା
ଆଉ ବେଳେବେଳେ ମହାଭାରତ,
ଭାରି ଭଲ ଲାଗେ ସଞ୍ଜିଆ ବେଳରେ
ମହାପୁରୁଷଙ୍କ ଉଛୁଳା ଗୀତ ।

❑❑

Digitized by srujanika@gmail.com

ମଣ୍ଟୁର ଶଗଡ଼

ମଣ୍ଟୁ ପଚାରିଲା ଭେଜ
"ଆଜି ମୋ ଏ ଗାଡ଼ି ପାରାଦୀପ ଯିବ
ଦେଖନି କେମିତି ସଜ ।

ତମେ ପାରାଦୀପ ଯିବ ?
ଭଡ଼ା ଏକା ମତେ ଦବ ।
ଯିବ ଯେବେ ଭେଜ
ବେଗେ ହୁଅ ସଜ
ଲାଜ ମାଡୁଚି କି, ଲାଜ ?"

"ଯିବାକୁ କରିଚି ମନ
ମୋ ପାଖରେ ନାହିଁ ଧନ
ଘନ ଗୋଳିଆକୁ
ଭାବିଚି ଯିବାକୁ
ଘେନ, ମତେ ଟିକେ ଘେନ ।"

"ପଇସା ଅଛି ତ ଭେଜ
ବେଗେ ଯାଇ ହୁଅ ସଜ;
ଅଛି ଯେବେ ଆସ
ନାହିଁ ଯେବେ ଖସ
ଜାଣେନା ମୁଁ ଭେଜ ଫେଜ ।"

❑❑

Digitized by srujanika@gmail.com

କରିବ ତ କିଛି କର

‘‘ମଣିଷ ଜୀବନ କାଲିକି ନାହିଁ
ସେଇଥି ପାଇଁ,
ଆମେ ସବୁ ପିଲେ ଭାବୁଛୁ ଭାଇନା
ଭଲ କାମ କିଛି କରିବା ପାଇଁ ।’’

‘‘କରୁନା କର
ସେଥିଲାଗି କିଛି ନ ରଖି ଡର ।’’

‘‘ତୁମେ ତ ଭାଇନା ବଡ଼ ହେଲଣି,
ପିଲାଦିନୁ କେତେ କାମ କଲଣି,
କୋଉଟା ଭଲ ?
ସେଇ କାମ ଆମେ କରନ୍ତୁ ଭାବିଛୁ
ଦୁନିଆ ଆଖିରେ ଥିବ ଯା’ ମୂଲ ।’’

‘‘ଏଇଟି ଆମର ଛୋଟିଆ ଗାଆଁ
ଭାଗବତପୁର ଏ ଗାଆଁ ନାଆଁ ।
ଏ ଗାଁରେ ଅଛି ଚାରିଶ’ ଘର
ତିନିଶ’ରୁ ବେଶି ନଡ଼ା ଛପର ।
ତମେ ଦେଖୁଥିବ ଅଛନ୍ତି ଲୋକ
ନିତି ନିତି ସହି ବହୁତ ଦୁଃଖ ।
ରୋଗୀ ପାଏ ନାହିଁ ପଥି,
ରାତିରେ ତା’ ଘରେ ଆଲୁଅ ଜଳେନି
କିରୋସିନି ପାଇଁ ପଇସା ମିଳେନି
କାନ୍ଦି କାନ୍ଦି ପାହେ ରାତି ।

Digitized by srujanika@gmail.com

ଆହୁରି ଦେଖ,
ଗାଆଁରେ ଅଛନ୍ତି କେତେକ ଲୋକ
ଯାହାଙ୍କର ଛୋଟ ପୁଅ,
ଦଶ ବରଷରୁ ମୂଲ ଲାଗି ଯାଏ
ଝିଅ ତା' ତୋଟାରେ ପତର ଗୋଟାଏ
ଓଳିଏ ଯାହାର ଖାଇବାକୁ ନାହିଁ
ଦୁଃଖ ଅଭାବରେ କାଳ କାଟୁଥାଇ
କି ପାଠ ପଢ଼ିବ କୁହ ?

ପଚାରିଲ ଯେବେ ମତେ
ଆହୁରି ଶୁଣହେ କେତେ,
ଖଟି ଖଟି ଲୋକ ମରେ
ତେବେ ତା' ପେଟ ନ ପୂରେ ।
ଯିଏ ଟାଣିନିଏ ସର
ପାରିବ ତ ତାକୁ ଧର ।
ଶାନ୍ତ, ସରଳ, ମଧୁର ଭାବନା ନେଇ
କରିବ ତ କିଛି କର ।''

❑❑

Digitized by srujanika@gmail.com

ମୁଁ ମାଗିବି ପେଁ-କାଳି

ଖୀରି ପିଠା ଆମର
ଡାଲି ଭାତ ଆମର
ଆଉ ଯେତେ ଯାହା ହବ
ସିଏ ହେଉ ତମର ।

କେତେ ବାଜା ବାଜିବ
ବର ବେଶ ସାଜିବ
ହାତୀ ହଉ, ଘୋଡ଼ା ହଉ
ବର ଚଢ଼ି ଆସିବ ।

ତୁ ଗୁନ୍ଥିବୁ ଗେଣ୍ଡୁହାର
ମୁଁ ଗୁନ୍ଥିବି ମନ୍ଦାର
ବରର ବେକକୁ ହେବ
ଭାରି ସିନା ସୁନ୍ଦର ।

ତୁ ଫୁଙ୍କିବୁ ସୁନାଶଙ୍ଖ
ମୁଁ ଫୁଙ୍କିବି ମହୁରୀ
ହୁଳହୁଳି ପକାଇବ
ଆମ ସଙ୍ଗେ ଗଉରୀ ।

ଧରିନେବା ବରକୁ
ଆମ କନ୍ଦିଘରକୁ
ସାଙ୍ଗରେ ନବାନି ଆମେ
ଆଉ ଜଣେ କାହାକୁ ।

ମୁଁ ମାଗିବି ପେଁ-କାଳି
ତୁ' ମାଗିବୁ ମିଠେଇ
ମିଠେଇ ତୁ ପାଇଗଲେ
ମୁଁ ମାଗିବି ଖଟେଇ ।

Digitized by srujanika@gmail.com

ସକାଳ ହେଲା

ସଂକାଳ ହେଲା
ତାରା ଲୁଚିଲା
ପୂରୁବ ଆକାଶ ନାଲି ପଡ଼ିଲା ।

ସକାଳ ହେଲା
ଅନ୍ଧାର ଗଲା
ଘାସ ପତରରେ କାକର ଥିଲା ।

ସକାଳ ହେଲା
ଫରଚା ହେଲା
କାଉ କୋଇଲିର ଡାକ ଶୁଭିଲା ।

ସକାଳ ହେଲା
ପବନ ଦେଲା
ଆମ ବଗିଚାରେ ଫୁଲ ନାଚିଲା ।

ସକାଳ ହେଲା
ଖରା ପଇଲା
ଚାହାଲି ଯିବାକୁ ମାଆ କହିଲା ।

ସକାଳ ହେଲା
ଖରା ପଇଲା
ଚାରିଆଡ଼େ କାମ ଲାଗି ଅଇଲା ।

❑❑

Digitized by srujanika@gmail.com

ବଗଟିଏ ଥିଲା ଭାରି ଧୋବଲା

ବଗଟିଏ ଥିଲା ଭାରି ଧୋବଲା
ଗଡ଼ିଆ ତୁଠରେ ବସି ସେ ଥିଲା
ବଡ଼ି ସକାଳରୁ ବସିଚି ସେଠି
ଉଡ଼ି ତ ଯାଉନି କାହିଁ ସେ ଉଠି ?

ପାଣି ଭିତରକୁ ଚାହିଁ ରହିଚି
ପାଣିରେ କି ତାର ହଜିଚି କିଛି ?

ବଗଟି ବସିଚି ମାଛ ଖାଇବ
ଗଡ଼ିଆ ପାଣିରୁ ଉଠେଇ ନେବ ।
ପଣସ ଗଛରେ ବସିବ ଯାଇ
ସେଇଠି ଖାଇବ ମାଛକୁ ନେଇ ।

ବଗର ତ ହାତ ଗୋଟିଏ ନାହିଁ
କେମିତି ମାଛକୁ ଧରିବ ସେହି ?

ଥଣ୍ଟରେ ଧରିବ ମାଛକୁ ଭିଡ଼ି
ପଣସଗଛକୁ ଯିବ ସେ ଉଡ଼ି
ନିଜେ ଖାଇ କିଛି ବସାକୁ ନେବ
ଭାଇ ଭଉଣୀ ଓ ମାଆକୁ ଦେବ ।

ମିଳିମିଶି ଖାଇ ହୋଇବେ ଖୁସି
କେଡ଼େ ଭଲ କଥା ଦେଖନି ବସି ।

ବଗର ମାଛକୁ ଭାରି ଶରଧା
ଦେଖ ତ ବସିଚି ନ ମାନି ବାଧା,
ହାତ ନାହିଁ ତାର ବନ୍ଧୁକ ନାହିଁ
କେମିତି ଶିକାରୀ ଦେଖରେ ଭାଇ ।

Digitized by srujanika@gmail.com

ଆମେ ଏ ଦେଶର ସ୍ୱାଧୀନ ପିଲା

ଏ ଦେଶ ଶିଶୁ ଆମେ
ଅଧୀନ ନୋହୁ କା'ର
ଆମ ହାତରେ ଆମ
ଦେଶ ଶାସନ-ଭାର ।

କ୍ଷେତରେ ଖଟି ଆମେ
ଚଷିବୁ ଆମ ଭୂଇଁ
ଧାନ, ଗହମ, ବିରି
ଆଣିବୁ କେତେ ବୋହି ।

ବୋଇତ ବଣିଜରେ
ରଖିବୁ ଆମ ମନ
ଆପେ ବଢ଼ିବ ଆମ
ଦେଶର ଧନମାନ ।

ଚାକିରି କରିବାକୁ
ପାତିବା ନାହିଁ ହାତ
ପର ଦୁଆରେ ସାରି
ଦେବା ନାହିଁ ମହତ ।

ଦେଶର ବିପଦରେ
ସଇନ କାମ କରି
ଆମ ଦେଶକୁ ଆମେ
ରଖିବା ହାତେ ଧରି ।

Digitized by srujanika@gmail.com

ଛୁଆଁ ଅଛୁଆଁ କଥା
ଦେଶରେ ଅଛି ଯାହା
ରଖିବା ନାହିଁ ଆମେ
ରଖିବା ନାହିଁ ତାହା ।

ଗରିବ ମୂଲିଆର
ପେଟକୁ ଦେବା ଦାନା
ତେବେ ଉଡ଼ିବ ସିନା
ସ୍ୱାଧୀନ ଦେଶ ବାନା ।

ଲୋକ ତ ଗଡ଼ି ସଢ଼ି
ମରୁଚି ଉପାସରେ
ସ୍ୱାଧୀନତା ମଉଜ
କାହିଁରେ ଏ ଦେଶରେ ?

କି ଗୀତ ଗାଇବ ରେ'
କି କଥା କହିବ ସେ
ଦିନ ରାତି ଯେ' ମୁଠା
ଭାତକୁ ଟାକି ବସେ ।

ଅକାଳ ନଇବଢ଼ି
ଭସାଇ ନିଏ ଘର,
ମରୁଡ଼ିରେ ଫସଲ
ଉଜୁଡ଼ିଯାଏ ଯା'ର ;

ମନ ଖୋଲି ହସିବା
ସୁଯୋଗ ନାହିଁ ଯା'ର
ସେଇ ତ ଆମ ଭାଇ
ସ୍ୱାଧୀନ ଭାରତର ।

❑❑

Digitized by srujanika@gmail.com

ବରଷା ହେଲା

ବରଷା ହେଲା
ନୀଳ ଆକାଶରୁ ପାଣି ଝରିଲା,
ବିରୂପା ନଈରେ ପାଣି ପଶିଲା
ପାଣି ରଙ୍ଗ ବଦଳିଲା...
ଆହା କି ବଢ଼ିଆ ଆମ ସଫା ପାଣି
ମାଟିଆ ମାଟିଆ ହେଲା ।

ପାଣିରେ ମିଶିଲା ମାଟି
ନଈ ଦି' କଡ଼ରୁ ଶହ ଶହ ଧାର
ନଈକି ଆସିଲା ଛୁଟି ।

ନଈ ଉଛୁଳିଲା ଦି'କୂଳ ଖାଇ
ସେ ପାଣି ପଶିଲା ବିଲରେ ଯାଇ...
ବାଡ଼ିରେ ଯାଇ...
ପଟୁମାଟି ଢାଳି ଦେଲା...
ବିଲରେ ବାଡ଼ିରେ ତାହାପରେ କେତେ
ବଢ଼ିଆ ଫସଲ ହେଲା ।

❑❑

Digitized by srujanika@gmail.com

ଫଗୁଣ ପୂନେଇଁ

ଫଗୁଣ ପୂନେଇଁ ଟିକେ ଦୂରେ ଥାଇ
ଆସିବା ଆସିବା ହେଲାଣି
ମାଘମାସର ସେ ବାଘ ପରି ଶୀତ
କାହିଁ ତ କୁଆଡ଼େ ଗଲାଣି ।

ବରଗଛଟାରେ ଲଦି ହୋଇଲାଣି
ନାଲିଆ ନାଲିଆ ପତର,
ବଉଳ ବାସନା ଆମ୍ବତୋଟା ତଳେ
ସତେ କି ଯେମିତି ଅତର ।

ପବନ ଦେଲାଣି ଦକ୍ଷିଣ ଦିଗରୁ
ନାଆଁଟି ଦକ୍ଷିଣା ପବନ
ଦିହରେ ବାଜିଲେ ଲାଗଇ ସତେକି
ପାଇଛି ମୁଁ ନୂଆ ଜୀବନ ।

ନାହିଁ ଟାଣ ଖରା ପବନ ମଧୁରା
ଶୀତ ନାହିଁ, ନାହିଁ କାକର
ଆକାଶରେ ଜହ୍ନ ପଡ଼େ ଘନ ଘନ
ଫଗୁଣ ପୂନେଇଁ ମଧୁର ।

□□

Digitized by srujanika@gmail.com

ସଭା ବସିଥିଲା ସରଗପୁରେ

ସଭା ବସିଥିଲା
ସରଗପୁରେ
ସଭାପତି ହେଲେ
ବଡ଼ ଠାକୁରେ
ଉଠି ପଚାରିଲେ "ଭାଇ-
କାହାର କଅଣ
କହିବାର ଅଛି
ଗୋଟି ଗୋଟି ଯାଅ କହି ।"

ଉଠି ଠିଆ ହେଲା
ବିଲୁଆନନା
"ଆମ କଥା ପ୍ରଭୁ
ହେଉ ହେ ଘେନା
ହାତ ପାଇଁ ଆମ ଅଳି,
ଆମକୁ ଦୁଇଟି
ହାତ ଦିଅ ପ୍ରଭୁ
ମଣିଷର ଯେଉଁଭଳି ।"

ବାଘ, ଭାଲୁ , ସିଂହ
ଟେକିଲେ ମୁଖ
ଶୁଣ୍ଢ ଟେକିଦେଲେ
ହାତୀ ଯେତେକ,
ଆଉ ଯେତେ ଯିଏ ଥିଲେ-

Digitized by srujanika@gmail.com

‘‘ହାତ ଦିଅ ପ୍ରଭୁ
ହାତ ଦିଅ ପ୍ରଭୁ’’
ସେ ସଭାରେ ପାଟି କଲେ ।

ହାତ ଟେକିଦେଲେ
ବଡ଼ ଠାକୁର
ପାଟିଗୋଳ
କମିଗଲା ଏଥର,
ଉଠି ପଚାରିଲେ ‘‘ଭାଇ, -
ଆଉ ଯିଏ ଯାହା
କହିବାକୁ ଚାହେଁ
ଏଇଠାରେ ଯାଉ କହି ।’’

ପକ୍ଷୀ ମହଲରୁ
ଉଠିଲା ଶାରୀ
‘‘ଆମ କଥା ପ୍ରଭୁ
ତାଙ୍କରି ପରି
ଆମର ବି ହାତ ନାହିଁ,
ଆମକୁ ଦୁଇଟି
ହାତ ଦିଅ ପ୍ରଭୁ
ଖଟି ଖାଇବାର ପାଇଁ ।’’

ପକ୍ଷୀ ମହଲରେ
ଉଠିଲା ରୋଳ
ଆଉ ଏକ କଥା
ମାଗ ଚଞ୍ଚଳ
ଆଗେଇ ଆସିଲା ବଣି,
‘‘ଆମକୁ ଠାକୁର
ପାଠ ଦିଅ’’ ବୋଲି
ମାଗିଦେଲା ସେହିକ୍ଷଣି ।

Digitized by srujanika@gmail.com

ଭାଲୁ ଚାହିଁଦେଲା
ବାଘ ମୁହଁକୁ
ସିଂହ ଠାରିଦେଲା
ବୁଢ଼ା ଓଟକୁ
ବେକ ଟେକିଦେଲା ଓଟ,
"ପାଠ ମାଗିବାକୁ
ଆମେ ଭୁଲିଥିଲୁ
ଆମକୁ ଦିଅନ୍ତୁ ପାଠ ।

ମଣିଷ ଜାତିକି
ପାଠ ଦେଇଚ
କାମ କରିବାକୁ
ହାତ ଦେଇଚ
ଆମକୁ ଦେଇନ ତାହା,
ଆମେ କ'ଣ ତମ
ପିଲାପିଲି ନୋହୁ
ପିଲାପିଲି, ଚଉବାହା ?"

ପଶୁ ପକ୍ଷୀ କଥା
ଶୁଣି ଠାକୁର
ମୁରୁକି ହସିଲେ
ଥରକୁ ଥର
"ଭଲ କାମ ତମେ କର
ମଣିଷ ଜନମ
ଦେବି ମୁଁ ତୁମକୁ
ସତ୍ୟ କଲି ସାତ ଥର ।"

Digitized by srujanika@gmail.com

ସବୁ ମଣିଷର
ହାତ ତ ଅଛି
କି କାମ କରନ୍ତି
ଅଛି କି ଲୁଚି ?
ତୁମେ କି ନ ଜାଣ ତାହା,
ମଣିଷ ହାତରେ
ତୁମ ଦୁନିଆରେ
କରୁଅଛି ଯାହା ଯାହା ।

ହରିଣ ଆସିଲା
ଆଗକୁ ଧାଇଁ
"ଆମ କଥା ଟିକେ
ଶୁଣ ହେ ସାଇଁ
ମଣିଷ ଆମକୁ
ଶିକାର କରେ
ଆମକୁ ସେ ବିନା-
ଦୋଷରେ ମାରେ,
ଏଇ କାମ କରିବାକୁ
ଠାକୁରେ ତାହାକୁ
ହାତ ଦେଇଅଛ
ଆମ ବଂଶ ମାରିବାକୁ ?"

"ଚୋରି କରେ ଲୋକ
ସେଇ ହାତରେ
ଦେଖିଥିବ କି ନା
ଶୁଣ ହେ ଥରେ
ଆଖିରେ ଦେଖିଚି ମୁହିଁ,

Digitized by srujanika@gmail.com

ଭୁକିଦେଲି ଯେବେ
ନିର୍ଘାତ ପିଟିଲା।''
କୁକୁରଟି ଦେଲା କହି।

ଠାକୁର କହିଲେ
ଅତି ଆଦରେ
''ଶୁଣ ପଶୁ-ପକ୍ଷୀ
ଶୁଣରେ ଥରେ
ମଣିଷ ଜନମ ପାଇ,

ହାତ ଥାଉଁ ଥାଉଁ ଖଟି ନ ଖାଉଛି
ପର ଘରେ ପଶି ଚୋରି ଯେ କରୁଛି
ବିନା ଦୋଷେ ଯେବେ ଜୀବନ ମାରୁଚି..
ପଶୁ ଜନ୍ମ ଦେବି ମୁହିଁ
ପକ୍ଷୀ ଜନ୍ମ ଦେବି ମୁହିଁ
ସନ୍ଦେହ ନାହିଁ ନାହିଁ।''

❑❑

Digitized by srujanika@gmail.com

ସରଗ ଫୁଲ

ସରଗ ଫୁଲ
ଧୋବ ଫରଫର ଭାରି ଉଜଳ ।
ନିଇତି ରାତିରେ ଫୁଟେ,
ଦିନରେ ଦେଖିଲେ ଯେତେ ଅନେଇଲେ
ଆଖିକି ନ ଦିଶେ ଗୋଟେ ।

ରାତିରେ ସେ ଭାରି ବଢ଼ିଆ ଦିଶେ
ସରଗ ଫୁଲରୁ ଆଲୁଅ ଆସେ ।
ଭାରି ଟିକି ଟିକି ଦିଶେ,
କହିବ କିଏ ସେ କେଡ଼େ ବିରାଟ ସେ
ଆମକୁ ଅନେଇ ହସେ ।

ଭଲ ଲାଗେ ତାକୁ ଦେଖିବା ପାଇଁ
ଭାବୁଚି ମୁଁ କିଛି ଆଣନ୍ତି ଯାଇଁ
ବଡ଼ ହେଲେ ଦିନେ ଯିବି
ସାଥିରେ କୁନାକୁ ନେବି ।

❑❑

Digitized by srujanika@gmail.com

ମୁଁ କହିବି କଥାଟିଏ

ତୁ କହିବୁ ହୁଁ

ଶ୍ରୀ ନନ୍ଦକିଶୋର ସାମଲ

Digitized by srujanika@gmail.com

Digitized by srujanika@gmail.com

ମୁଁ କହିବି କଥାଟିଏ
ତୁ କହିବୁ ହୁଁ

ଶିଶୁ ପୁସ୍ତକଟି ମୋର ବାପା ସ୍ୱର୍ଗତ ହରେକୃଷ୍ଣ ସାମଲ,
ବୋଉ ସ୍ୱର୍ଗତା ପଦ୍ମା ଦେଈଙ୍କ ଅଦେଖା ହାତରେ ଅର୍ପଣ କଲି ।

-ନନ୍ଦ

ପ୍ରକାଶିକା :
ଶ୍ରୀମତୀ ରେବା ଦେଈ, କୁସୁପୁର, କଟକ

ପ୍ରଥମ ପ୍ରକାଶ-୧୯୮୫

Digitized by srujanika@gmail.com

ଅଭିମତ

କବି ନନ୍ଦକିଶୋର ସାମଲଙ୍କ " ମୁଁ କହିବି କଥାଟିଏ ତୁ କହିବୁ ହୁଁ " କବିତା ପୁସ୍ତିକା ପଢ଼ିବା ସୁଯୋଗ ମିଳିବା ମୋ ପାଇଁ ଆନନ୍ଦଦାୟକ ଘଟଣା ।

ଯଥାର୍ଥରେ କୁହାଯାଇଛି- "କବିତ୍ୱଂ ଦୁର୍ଲଭସ୍ତତ୍ର, ଶକ୍ତିସ୍ତସ୍ତ ସୁଦୁର୍ଲ୍ଲଭା ।"

ବର୍ଣ୍ଣିତ ପୁସ୍ତିକାର ପ୍ରତି ଛତ୍ର ସେଇ ଶକ୍ତିର ନିଛକ ପ୍ରତଛବି ।

ଲୋକ ଦୃଷ୍ଟିରେ ଅତି ନିକୁଛ ଜିନିଷଟିଏରୁ ଆରମ୍ଭ କରି ବିଶ୍ୱନିୟନ୍ତାଙ୍କ ସଂପର୍କରେ ଯେପରି ସରଳ ତରଳ ପଦବିନ୍ୟାସ ଦ୍ୱାରା ଚିରନ୍ତନ ସତ୍ୟର ନିଗୂଢ଼ ବୈଜ୍ଞାନିକ ତତ୍ତ୍ୱକୁ ଏଥିରେ ପରିବେଷଣ କରାଯାଇଛି, ତାହାହିଁ ଯଥାର୍ଥ କବିତ୍ୱ । ବାଲି କହୁଛି "ପଥର ଥିଲି ମୁଁ ଗୋଡ଼ି ପାଲଟିଲି, ଆଜି ମୁଁ ପାଲଟି ଯାଇଚି ବାଲି " ମୂଳ ପ୍ରକୃତିର ରୂପାନ୍ତରୀକରଣରେ "ଛୋଟ ହେଲେ ବି ମୁଁ କାମରେ ଲାଗିବି:.." ଇତ୍ୟାଦି ବର୍ଣ୍ଣନା କବିଚାତୁରୀରେ ରସୋତ୍ତୀର୍ଣ୍ଣ ହୋଇପାରିଚି ।

କବିତା "ଏଇ କି ସେଇ" । ବ୍ରହ୍ମୋପାସକ ଯେଉଁ ନିଗୂଢ଼ ତତ୍ତ୍ୱ ସକଳର ଉଲ୍ଲେଖ କରନ୍ତି କବି ସେଗୁଡ଼ିକୁ ଗଛ, ଲତା, ପୋଖରୀ, ନଈ, ନାଳ ପ୍ରଭୃତିରେ ଦେଖି ସେଇଠି ଜଗତସାଇଁ ଜଗବନ୍ଧୁଙ୍କୁ ଦେଖାଇ ପାରିଛନ୍ତି ।

ଛୁଆଁ ଅଛୁଆଁ ଭେଦଭାବ ହଟେଇବାକୁ "ଆମେ କିଆଁ ତାକୁ ଛୁଇଁବା ନାହିଁ, ଆମେ ତ ମଣିଷ ସିଏ ତ ମଣିଷ" କବିତା କଅଁଳ ଶିଶୁ ମନରେ ବେଶ୍ ପ୍ରଭାବ ପକାଇ ପାରିବ ।

ମୋ ମତରେ ତେଇଶଟି କବିତା ତେଇଶଟି ମାହାର୍ଦ୍ଧ ପୁତୁଳା । ଏହା ଶିଶୁ ହୃଦୟ ପାଇଁ ଅନାବିଳ ଓ ପବିତ୍ର ।

- ପଣ୍ଡିତ ଶ୍ରୀ ରତ୍ନାକର କର

Digitized by srujanika@gmail.com

ବାଲି ମୁଁ ଚାହିଁଚି ବଲବଲ କରି

ବାଲି ମୁଁ ଚାହିଁଚି ବଲବଲ କରି
ତମ ଏ ନଈର ଶେଯରେ ଶୋଇ
କାହିଁ କେତେ ଦୂରୁ ଠେଲି ପେଲି ମତେ
ଆଣିଚି ତମ ଏ ବିରୂପା ନଈ ।

ପଥର ଥିଲି ମୁଁ ଗୋଡ଼ି ପାଲଟିଲି
ଆଜି ମୁଁ ପାଲଟି ଯାଇଚି ବାଲି ।
କୁଆଡ଼କୁ ମତେ ନେବ ଇଏ ଠେଲି
ନାହିଁ ଜାଣିଲିରେ ନାହିଁ ଜାଣିଲି ।

କେତେ ଚୂନା ଚୂନା କଲାଣି ସେ ମତେ
ଚୂନାକରି ମୋର ଆଗର ଦିହ,
ଆଗ ନାଁ ମୋର ଲୁଚାଇ ଦେଲାଣି
ସେଥିଲାଗି ମନେ ନାହିଁ ମୋ' କୋହ ।

ସେ ସବୁ ଭୁଲିଚି ଭୁଲିଚି ମୁହିଁ
ଛୋଟ ହେଲେବି ମୁଁ କାମରେ ଲାଗିବି
ନିଅରେ କିଏସେ ମତେ ଗୋଟାଇ ।

ଯେତେ ଯାହା ତମେ
ଯୋଉଠି ଦେଖୁଚ,
ଛୋଟ ବୋଲି ତମେ
ଯାହାକୁ ଭାବୁଚ,
ସବୁଥିରେ କାମ ଅଛିରେ ରହି ।

❑❑

Digitized by srujanika@gmail.com

ଏଇ କି ସେଇ ?

ଏଇ କି ସେଇ
ଜଗବନ୍ଧୁ ବୋଲି ଯାହାକୁ କହୁଚ
ଯାହାକୁ କହୁଚ ଜଗତ ସାଇଁ ?
ଗଛ ସେ କରିଚି
ଲତା ସେ କରିଚି
ବଣରେ କରିଚି ଏତିକି ଗଛ,
ପୋଖରୀ ଭିତରେ
ନଈ ଓ ନାଳରେ
ତିଆରି କରିଚି ଏତିକି ମାଛ ।

ପାହାଡ଼ କରିଚି
କେତେ ବା କେଜାଣି
କୋଉଠୁ ଆଣି ସେ ଏତେ ପଥର,
କେମିତି ଖଞ୍ଜିଲା
କେତେ ଦିନ ଲାଗି
ଆକାଶକୁ ରଖି ମୁଣ୍ଡଟି ତାର ।

ଦରିଆ ପାଣିକି
ଆଖି ପାଏନାହିଁ
ଏତେ ପାଣି ପୁଣି ଏମିତି ନେଳୀ,
ଏତେ ନୀଳ ରଙ୍ଗ
କୋଉଠୁ ଆଣି ସେ
ଦରିଆ ପାଣିରେ ଦେଇଚି ଗୋଳି ।

Digitized by srujanika@gmail.com

ଆକାଶ କରିଚି
ନେଳିଆ ଆକାଶ
ଆମ ରାଇଜର ସବା ଉପରେ ।
ଆଲୁଅ ଜାଳିଚି
କେତେ ବା କେଜାଣି
କେମିତି ନେଇ ସେ ଏତେ ଉପରେ ?

ଏଇ କି ସେଇ
ଜଗବନ୍ଧୁ ବୋଲି ଯାହାକୁ କହୁଚ
ଯାହାକୁ କହୁଚ ଜଗତ ସାଇଁ ?

❑❑

Digitized by srujanika@gmail.com

ଆମେ ତ ମଣିଷ, ସିଏତ ମଣିଷ

ଆମେ କିଆଁ ତାକୁ ଛୁଇଁବା ନାହିଁ ମା'
କ'ଣ ହେଇଚି ତାର
ଆମେ ତ ମଣିଷ, ସିଏତ ମଣିଷ
ଇଏ ମା' କୋଉ ବିଚାର ?

ସିଏତ ମୋହର ପାଖରେ ବସୁଚି
ଏକାଠି ପଢୁଚୁ ଆମେ
ଘରକୁ ପଶିଲେ ମନା କରିଦିଅ
କାହିଁକି କେଜାଣି ତମେ !

ତମେ ତାକୁ ମାଆ ଡାକି ଆଣ ଯାଇ
ସିଏ ମୋର ସାଙ୍ଗ ଭାରି
ଭାରି ଭଲପିଲା ସେଇ ପିଲାଟି ମା
ନାଁ ତାର ନରହରି ।

ତମେ ମା' ତାକୁ ଛୁଉଁ ନାହଁ ସିନା
ଠାକୁର କରିନି ତାହା,
ଦାସିଆ ବାଉରି କଥା ଶୁଣିଥିବ
ଗୀତ ଶୁଣିଥିବ ମାଆ ।

□□

Digitized by srujanika@gmail.com

ସୋଲ ଦେଖିଥିବ ସୋଲ

ସୋଲ ଦେଖିଥିବ ସୋଲ,
ପୋଖରୀ ଭିତରୁ ଗୋଟେଇ ସାଉଁଟି
ମାଳୀ କରିଥାଏ ମୂଲ ।
ସୋଲରେ ଚଢ଼େଇ
ସୋଲରେ ବଗ
ସୋଲରେ ହରିଣ
ସୋଲରେ ବାଘ
ଟୋପଲି ଟୋପର କରେ,
ସୋଲର ମୁକୁଟ କିଣିନିଏ ଲୋକ
ବାହାଘରେ ବ୍ରତଘରେ ।

ତୁଳା ପରି ସୋଲ ହାଲକା ଭାରି
ମାଳିଆଣୀ ତାକୁ ଆଦର କରି
ସେଥିରେ ସେ କରେ ହାର,
ସୋଲରେ ତିଆରି ଚିଜ ବିକି କରେ
ଦି' ପଇସା ରୋଜଗାର ।

ଶିବଙ୍କ ମୁଣ୍ଡରେ ସୋଲ ଟୋପର
ଚଢ଼ାନ୍ତି ଏ ଲୋକ ଥରକୁ ଥର
ନିଜ ମନ କଥା କହି,
ଶିବ ଠାକୁରଙ୍କୁ ଗୁହାରି କରନ୍ତି
କେତେ ମନ କଥା ନେଇ ।

ତୁଳା ପରି ସୋଲ ପାଣିକି ଶୋଷେ
ଫୁଲି ଫୁଲି ଓଜନିଆ ହୁଏ ସେ
ସୋଲ କଥା ଏହିପରି,
ସେଇ ସୋଲ ସିନା ହଜିହଜି ଯାଏ
ଆଜି ସେ ଅଦରକାରୀ ?

□□

Digitized by srujanika@gmail.com

ଛତା

ଛତା ...
ମୁଁ ସିନା କହେନା କଥା
ଖରା ବରଷାରେ
ସବୁରି ଦୁଆରେ
ପଡ଼ିଥାଏ ମୋ' କଥା ।

ଛତା ...
କିଏ ନ ଜାଣେ ମୋ' କଥା
ମୋ' କଥା ପଡ଼ିଲେ
ଏଡ଼େ ଟିକେ ଛୁଆ
ଟୁଙ୍ଗାରି ଦିଏ ତା ମଥା ।

ଛତା ...
କାହା ଘରେ ମୁହିଁ ନ'ଥା ?
ମୋହରି ପାଖରେ
ନଇଁ ଯାଇଥାଏ
ସୂର୍ଯ୍ୟ ଦେବତାର ମଥା ।

❑❑

Digitized by srujanika@gmail.com

ମତେ ତମେ ଫୁଲଟିଏ କର

ଭାରିତ ହସୁଚ ବଉଳ ମାଳତୀ
ଭାରିତ ହସୁଚ ମଲ୍ଲୀ
ଭାରିତ ବଢ଼ିଆ ଦିଶୁଛ ଗୋ ତୁମେ
ପବନରେ ହଲିହଲି ।

ଭାରିତ ହସୁଚ ବଉଳ କେତକୀ
ଭାରିତ ହସୁଚ ହେନା
ତୁମରି ଦିହର ବଢ଼ିଆ ବାସନା
ଦିଗ ମହକାଏ ସିନା ।

ଭାରିତ ବଢ଼ିଆ ଦିଶୁଛ ଗୋ ତୁମେ
ନାଲି ନୀଳ ଧଳା ହୋଇ
ତୁମକୁ ଦେଖିଲେ ତୁମକୁ ଚାହିଁଲେ
ଭୋକ ନାହିଁ ଶୋଷ ନାହିଁ ।

ତିଆରି କରିଚି ତୁମକୁ କିଏ ସେ
କିଏ ସେଇ କାରିଗର ?
ନାଁ ତାର ଟିକେ କହି ଦିଅନ୍ତନି
ଏଇ ଏ କାନରେ ମୋର ।

ଫୁଲଟିଏ ମତେ କରି ସେ ଦିଅନ୍ତେ
ତାଙ୍କୁ ମୁଁ କହନ୍ତି ଯାଇ
ବହୁତ ଦିନରୁ ମନ କରିଚି ମୁଁ
ଫୁଲଟିଏ ହେବାପାଇଁ ।

Digitized by srujanika@gmail.com

ଫୁଲ ହେବି ଯେବେ ଶୁଣିଥା ସରବେ
ଲୋକ ମନେ ଦେବି ସୁଖ
ଆହେ ସଜଫୁଲ, କାହିଁ ତମ ତୁଲ
କାହିଁ ତମ ଠେଇଁ ଦୁଃଖ ?

ଡାଳରୁ ତୁମକୁ ଛିଡ଼େଇ ନେବାକୁ
ମନ ମୋର ବଳେ ନାହିଁ
ଡେମ୍ଫରୁ ତୁମକୁ ଖସେଇ ଦେବାକୁ
ହାତ ମୋ ଚଳୁନି କାହିଁ !

ସବୁଜ ରଙ୍ଗର ପତର ଭିତରେ
ତୁମକୁ ଦେଖିଚି ଯିଏ
ତୁମ ରୂପରଙ୍ଗ ଭୁଲିବାର ନୁହଁ
ଭୁଲିକି ପାରିବ ସିଏ ?

(କଟକ ବେତାର କେନ୍ଦ୍ରରୁ ପ୍ରଚାରିତ)

❑❑

Digitized by srujanika@gmail.com

ଜଣେ ଥିଲେ ରାଜା

ଜଣେ ଥିଲେ ରାଜା,
ତାଙ୍କର ଥିଲା ଭଳିକି ଭଳି
ଜୋତା ଆଉ ମୋଜା ।

ହାତୀ ଥିଲା
ଘୋଡ଼ା ଥିଲା
ହୀରା ନୀଳା ମୋତି,
ତାଙ୍କ ଘରେ
ରହୁଥିଲା,
ତାଙ୍କ ପାଟହାତୀ ।

ରାଇଜରେ
ଥିଲା ଯେତେ
ନଈ, ନାଳ, ବଣ,
ସବୁଥିରେ
ରାଜାଙ୍କର
ଅଧିକାର ଜାଣ ।

ଯୋଉ ଆଡ଼େ
ଦେଖ ଯାହା
ରାଜାଙ୍କର ତାହା,
ପାହାଡ଼
ଜଙ୍ଗଲ ଆଦି
ଆଉ ଯେତେ ଯାହା ।

Digitized by srujanika@gmail.com

ପରଜାଙ୍କୁ
ପୁଅପରି
ପାଳୁଥିଲେ ରାଜା,
ଭାରି ଭଲ
ପାଉଥିଲେ
ତାହାଙ୍କୁ ପରଜା ।

❑❑

Digitized by srujanika@gmail.com

ବାଘ

ଗହଳିଆ ଜଙ୍ଗଲ ଭିତରେ
ବାଘ ତାର ଲୁଚିଛପି ରହେ,
ଦିନରେ ସେ ମୋଟେ ବାହାରେନି
ରାତି ହେଲେ ଭାରି ଖୁସିହୁଏ ।

ରାତିରେ ସେ ବାରକୋଶ ବୁଲେ
ବାଘ ଭାରି ବଡ଼ିଆ ଶିକାରୀ,
ତାକୁ ଦେଖି ଆଉ ଆଉ ଜୀବ
ଦଉଡ଼ନ୍ତି କୁଦା ମାରିମାରି ।

ଘାସ କୁଟା ଗାଈଗୋରୁ ପରି
ଖାଏନାହିଁ ଜଙ୍ଗଲର ବାଘ,
ମାଂସକୁ ସେ ଭାରି ଭଲପାଏ
ହରିଣର ମାଂସ ଭାରି ବାଗ ।

ଜଙ୍ଗଲରେ ମଣିଷ ଦେଖିଲେ
ଜୀବନରେ ତାକୁ ଦିଏ ମାରି,
କାଳେ ତାକୁ ମଣିଷ ମାରିବ
ସେଇପରି ମନେ ଭୟ କରି ।

ବାଘ ଭାରି ବଳବାନ୍ ଜୀବ
କାହାରିକି ଡର ନାହିଁ ତାର,
ରାଜାପରି ଜଙ୍ଗଲ ମୂଲକେ
ଘୂରିବୁଲେ ପାହାଡ଼ ପ୍ରାନ୍ତର ।

Digitized by srujanika@gmail.com

ଜଙ୍ଗଲର ସବୁଜ ଦିହରେ
ନିଜ ଦିହ ଦିଏ ସେ ମିଶାଇ,
ପାହାଡ଼ର ନିଛାଟିଆ ଖୋଲେ
ଦିଏ ସିଏ ନିଜକୁ ହଜାଇ ।

ଏ ମଣିଷ ବାଘ ଦେଖି ଡରେ
ବାଘ ଡରେ ମଣିଷକୁ ଦେଖି,
ମଣିଷର ମାଂସ ସେ ଖାଏନା
ପାଇଗଲେ ଦିଏ ଟିକେ ଚାଖି ।

ବଣ, ହୁଡ଼ି, ପାହାଡ଼, ଝରଣା
ବୁଲିବାରେ ଭାରି ତାର ସୁଖ,
ବାରଜାତି ଫୁଲ ବାସନାରେ
ଭୁଲିଯାଏ ନିଜ ମନୁ ଦୁଃଖ ।

❑❑

Digitized by srujanika@gmail.com

ବାରିରେ ସଜନା, ପିଢ଼ାରେ ପୋଇ

ଶୀତଦିନେ କରୁ କୋଶଳା ଶାଗ
ଖରାଦିନେ କରୁ ଖଡ଼ା,
ବାରି ନେଉଟିଆ ଭାରି ସୁଆଦ
କହୁଥିଲେ ଜେଜବୁଢ଼ା ।

ବାରି ବାଇଗଣ, ଲଙ୍କାମରିଚ
ବାରମାସୀ ଫଳ ସିଏ,
ପୋଇଶାଗ ମଜା କିଏ ବୁଝିବ
ରାଇତା ଖାଇନି ଯିଏ ।

ରଞ୍ଜାଗୋଟାଯାକ କଖାରୁ ଜହ୍ନି
ବରଷା ଦିନରେ ମାଡ଼େ,
ଜହ୍ନିଫଳ ଫଳେ ବେତାକୁ ବେତା
ପାଟିରୁ ଅରୁଚି ଛାଡ଼େ ।

ଶୀତଦିନେ କରୁ ବିଲାତିଆଳୁ
ବିଲାଇତି ବାଇଗଣ,
ବାରିରେ ସଜନା ପିଢ଼ାରେ ପୋଇ
କଖାରୁ ପଣକୁ ପଣ ।

ଖାଇଖାଇ ପାଟି ଅରୁଚି ହୁଏ
ହାଟବଜାରରେ ବିକୁ,
ଖାଇବାକୁ ଆମ ଖାଇବା ଚଳେ
ବେଶ୍ ଦି' ପଇସା ଦେଖୁ ।

❑❑

Digitized by srujanika@gmail.com

କୂଅକୁ ଫିଟିଛି ଝର

" କୂଅ ପାଣି ଆମ
ହେଇଟି ଜେଜ ମ !
ଯେତିକି ଅଛି ତ ସେତିକି. ଅଛି,
କିଏ କୋଉ ବାଟେ
କୂଅ ଭିତରକୁ
କେତେବେଳେ ପାଣି ଢାଳି ଦେଉଚି ?

କାଢୁଚୁ ତ ଆମେ ବହୁତ ପାଣି
ଯେତିକି କାଢୁଚୁ
ସେତିକି ପଶୁଚି
କେମିତି କେଜାଣି ନ ହୁଏ ଜାଣି ।

କହିଲ କହିଲ ଜେଜ କହିଲ,
ନ କହିବ ଯେବେ
ଶୁଣ ଜେଜ ତେବେ
ତମର ଆମର ନ ହେବ ଭଲ ।"

"ଯାହା ପଚାରିଲୁ କଥାଟି ଛୋଟ
ତାକୁ ସିନା ନାତି କରୁରେ ମୋଟ
କୂଅକୁ ଫିଟିଚି ଝର,
ସେଇ ବାଟେ ପାଣି କୂଅରେ ପଶଇ
ସେଇ ବାଟେ ପାଣି କୂଅକୁ ଆସଇ
ଶୁଣ ନାତିଟୋକା ମୋର ।"

❑❑

Digitized by srujanika@gmail.com

ତମେ ସବୁ ସାନ ସାନ ପିଲା

ତମେ ସବୁ ସାନ ସାନ ପିଲା
ଆମ ପରି ବଡ଼ ହେବ ଦିନେ
ତମର ଏ ବୟସ ନ ଥିବ
କଥାଟିକି ରଖିଥିବ ମନେ ।

ଆଖି ଅଛି ଦେଖିବା ପାଇଁକି
ସେ ଆଖିରେ ଭଲ କଥା ଦେଖ
ଯାହା ଦେଖ ଯା'ଶୁଣ ଯୋଉଠି
ବାଛି ବାଛି ଭଲ କଥା ଶିଖ ।

ହାତ ଅଛି କାମ କରିବାକୁ
ଗୋଟେ ନୁହେଁ ଦୁଇଟି ତୁମର
ସେ ହାତରେ କାମ କର ପିଲେ
ସେ ହାତରେ ଭଲ କାମ କର ।

ତୁମେ ନୁହଁ ହାତୀ, ଘୋଡ଼ା, ଓଟ
ତୁମେ ନୁହଁ କୁଆ, ଶୁଆ, ବଣି
ତୁମଠେଇଁ ଗୁଣ ରହିଚିରେ
ଭଲ ମନ୍ଦ ପାରିବାକୁ ଜାଣି ।

ସେ ଗୁଣଟି କାମରେ ଲାଗିଲେ
ଭାରି ଭଲ ହେବ ତମ ପାଇଁ
ସେଇଥିରେ ମଣିଷପଣିଆ
ରହିଚିରେ ଛୁଆ ଛୁଆ ଭାଇ ।

❑❑

Digitized by srujanika@gmail.com

ବଡ଼ ବୋଲି ତମେ ଯାହାକୁ କହୁଚ

ବଡ଼ ବୋଲି ତମେ ଯାହାକୁ କହୁଚ
ମୁଁ ତାକୁ କହୁଚି ଛୋଟ,
ସରୁ ବୋଲି ତମେ ଯାହାକୁ କହୁଚ
ମୁଁ ତାକୁ କହୁଚି ମୋଟ ।

ଧନ ବୋଲି ତମେ ଯାହାକୁ କହୁଚ
ମୁଁ ତାକୁ କହୁନି ଧନ,
ସେଇ ସିନା ଏକ ମହତ ମଣିଷ
ସଜାଡ଼ି ପାଇଚି ମନ ।

କୋଠାବାଡ଼ି ଯା'ର ଅଛିରେ କୁମର
ପଡ଼ିଆ ଗଡ଼ିଆ ଅଛି,
ହାତୀ ଆଉ ଘୋଡ଼ା ଅଛି ଥୋଡ଼ାଥୋଡ଼ା
ଟଙ୍କା ସୁନା ରୁପା କିଛି ।

ଟଙ୍କା ସୁନା ଧନ ଏଇଠି ରହିବ
ସାଙ୍ଗରେ ଯିବେନି କେହି
ଧରମ କରମ ଯେତେ ଭଲ କାମ
ପାଖେ ପାଖେ ଥିବେ ରହି ।

❑❑

Digitized by srujanika@gmail.com

ତାରାଫୁଲ

''ତାରାଫୁଲଟିଏ
ତୋଳି ଦିଅ କିଏ
ମୋ ଧନ ହାତରେ
ପଡୁରେ ଖସି,
ତାରାଫୁଲଟିଏ
ଆଶା କରି କରି
ଦି' ଦିନ ହେଲା
ଅଡ଼ି ବସିଚି ।

ଯେତେ ମୁଁ କହିଲି
ଯେତେ ବୁଝେଇଲି
ହାତ ପାଇବନି
ତାରାଫୁଲକୁ,
ପିଲା ମନ ସେ'ତ
ଭୁଲିଲା ନାହିଁତ
ସିଏ ଆଶା କଲା
ତାରାଫୁଲକୁ ।

ମଲ୍ଲୀ ତୋଳି ଦେବି
ତରାଟ ତୋଳିବି
ତାରାଫୁଲ ପରି
ଭାରି ଧୋବଲା,

Digitized by srujanika@gmail.com

ତାରାଫୁଲ ନେଇ
କେହି ଖେଳି ନାହିଁ
ରାଜା ପିଲା ଅବା
ସମ୍ରାଟ୍ ପିଲା ।

ଏଠୁ ଭାରି ଦୂର
ମାପି ହେବ ନାହିଁ
ତାରାଫୁଲମାନେ
ଫୁଟନ୍ତି ଯହିଁ,
ସେଠିକି ଯାଆନ୍ତି
ଜଗତ ଈଶ୍ୱର
ମଣିଷ ଯିବାର
ସୁବିଧା ନାହିଁ ।

❑❑

Digitized by srujanika@gmail.com

ଖଡ଼ି ଦିଅ ମତେ ଦିଅ ଖଡ଼ି

ଖଡ଼ି ଦିଅ ମତେ ଦିଅ ଖଡ଼ି
ମୁଁ ଯିବି ପରା ପାଠ ପଢ଼ି
        ଆଗେ ମୁହିଁ ଯିବି
        ସୁନାପିଲା ହେବି
ଡେରି କଲେ ଯିବି ପଛେ ପଡ଼ି ।

ସିଲଟ ରଖିଚି ଖଡ଼ି ନାହିଁ
କୋଉଠି ହଜିଲା ଜାଣିନାହିଁ
        ସବୁଆଡ଼ ବୁଲି
        ବହୁତ ଖୋଜିଲି
ଖଡ଼ି ରଖିବାକୁ ମୁଣି ନାହିଁ ।

ଆଲମାରି ସନ୍ଧି ଖଟତଳ
ଖୋଜିଖୋଜି ମୋର ଗଲା ବେଳ
        ଦେଇକି କହିଲି
        ଆଇକି କହିଲି
କହିଲେ ତାଙ୍କର ନାହିଁ ବେଳ ।

ଚାପୁଡ଼ା ଖାଇଲି କାନମୋଡ଼ି
ଆଉ ହଜେଇବି ନାହିଁ ଖଡ଼ି
        ରଖିବି ସାଇତି
        ମୋ ଜିନିଷପାତି
ଆଉ ଦିନେ ଯିବି ନାହିଁ ହୁଡ଼ି ।

□□

Digitized by srujanika@gmail.com

ନଈବଢ଼ି ହେଲା

ନଈବଢ଼ି ହେଲା କାନ୍ଥ ପଡ଼ିଗଲା
ଗାଁରେ ପଶିଲା ପାଣି
ଏତେ ପାଣି ହବ ଗାଁ କୁ ପଶିବ
କିଏ ଏହା ଥିଲା ଜାଣି ?

ବେଙ୍ଗ ବାହାରିଲେ ସାପ ବାହାରିଲେ
ଛାନିଆ ହୋଇଲେ ଲୋକେ
ଚୁଲି ଭିତରକୁ ପାଣି ପଶିଗଲା
ସେ ଲୋକେ ରହିଲେ ଭୋକେ ।

ଘରେ ଯାହା ଥିଲା ଖାଇବା ଦରବ
ବୁଡ଼ିଗଲା ଭାସିଗଲା
ମଣିଷ ମନର ଆଶା ଓ ଭରସା
ଖସିଗଲା ଖସିଗଲା ।

ଗାଈଗୋରୁ କଥା ନ କହିଲେ ଭଲ
ଯେତେ ହଇରାଣ ହେଲେ
ବୋବେଇ ବୋବେଇ ନିଜ ମନକଥା
ପଦାରେ ପକେଇ ଦେଲେ ।

ପାଣି ପିଇବାକୁ ପାଣି ନ ମିଳିଲା
କୂଅପାଣି ହେଲା ଗୋଳି
ସଡ଼କରେ ପାଣି ନହଡ଼ା ମାରିଲା
ଛୁଆ ନ ପାରିଲେ ଖେଳି ।

ଭାସିଗଲେ କେତେ ବୁଡ଼ିମଲେ କେତେ
ମଣିଷ ଓ ପଶୁ-ପକ୍ଷୀ
କିଏ କେଉଁଠେଇଁ ମରିହଜି ଗଲେ
କିଏ କାହିଁ ତାର ସାକ୍ଷୀ !!

❑❑

Digitized by srujanika@gmail.com

ବରଷା ଆସିଲା

ବତାସ ଆସିଲା
ଘର ଭାଙ୍ଗିଦେଲା
ଚାଳ ନେଇଗଲା ଉଡ଼େଇ,
କେଡ଼େ କେଡ଼େ ଗଛ
ଭାଙ୍ଗି ଚୂନା କଲା
ଗଛରୁ ପତର ଝଡ଼େଇ ।

ବତାସ ଆସିଲା
ବ଼ରଷା ଆସିଲା
ଖସିଲା ସରଗ ପଥର,
ନଡ଼ା ଛପରର
ଯେତେ ଚାଳଘର
ରହିବ ନାହିଁରେ ଏଥର ।

ବତାସ ଆସିଲା
ବରଷା ଆସିଲା
ଘରଯାକ ପାଣି ଭାସିଲା,
ଯେତିକି ଯେତିକି
ପାଣି ବୋହିଦେଲୁ
ସେତିକି ସେତିକି ପଶିଲା ।

Digitized by srujanika@gmail.com

ବତାସ ଆସିଲା
ଅନ୍ଧାର ହେଲା
ମୁହଁ ନ ଦିଶିଲା ମୁହଁକୁ,
ଯିଏ ଯହିଁ ଥିଲା
ସେଇଠି ରହିଲା
ଡାକ ପକାଇଲା ଦିଅଁକୁ ।

ବତାସ ଆସିଲା
ବରଷା ଆସିଲା
ଦାନା କନା ନେଲା ଛଡ଼େଇ,
କିଏ ଜାଣିଥିଲା
ଆଖି ପିଛୁଳାକେ
ଦୁନିଆରୁ ଦେବ ଉଡ଼େଇ ।

❑❑

Digitized by srujanika@gmail.com

ଘଷି-ଚାଳି

ଘଷି-ଚାଳି ସେ'ତ ଘଷି-ଚାଳି
ଗରିବ ଲୋକର ସୁନାଥଳି
ଘଷି ସିନା ଆମ ମହତ ରଖିଚି,
ତୁଲିରେ ନିଜକୁ ଜାଳିଜାଳି ।

ବଇଶାଖ ଖରା ଥାଉଥାଉ
ଘଷି ଶୁଖି ହୁଏ ଠାଉଠାଉ
ଘଷି ପାଇଁ ଭାଡ଼ି ସଜାଡ଼ି ସଜାଡ଼ି,
ଥାକଥାକ କରି ରଖିଦେଉ ।

ତୋଟା ନାହିଁ ଆମ ତୋଟା ନାହିଁ
ବାଡ଼ିରେ ବି ଗଛ ଗୋଟା ନାହିଁ
କାଠ ଜାଳ ଆଶା ଭରସା ହରାଇ,
ସବୁ ଆଶାଯାକ ଘଷିଠେଇଁ ।

ଘଷିଗୁଣ୍ଡା ଜାଳ ଚାଳଘରେ
ଛପର ତାହାର ବରଡ଼ାରେ
ଉଚ୍ଚ କରିଅଛୁ ମୂଳହୁଆ ତାର,
ପାଣି ଡରେ ଖାଲି ପାଣି ଡରେ ।

ଧୋଇଆ ମୂଳକେ ଆମ ଘର
ନଇବଢ଼ି ପାଇଁ ଆମ ଡର
ଯେତେ ଉଚ୍ଚ ପଛେ ହେଉ ଘଷିଭାଡ଼ି
ପାଣି ପଶିଯାଏ ସବୁଥର ।

❑❑

Digitized by srujanika@gmail.com

ଫୁଲଟିଏ ଫୁଟିଥିଲି ମୁହିଁ

ଫୁଲଟିଏ ଫୁଟିଥିଲି ମୁହିଁ
ଅଗନାଗ୍ନି ବନସ୍ତ ଭିତରେ
ଫୁଲଙ୍କର ଯାହା ଯାହା ଥାଏ
ତାହାତାହା ଥିଲା ମୋ କତିରେ ।

ସେଠି ଥିଲେ ବାଘ, ଭାଲୁ, ହାତୀ
ସାପ ଆଉ ହରିଣ ହରିଣୀ
ସେଠି ଥିଲେ କୁଆ, ଶୁଆ, ଶାରୀ
ବାଜପକ୍ଷୀ ବଗ ଆଉ ବଣି ।

ସେଠି ଥିଲେ ଶାଳ, ପିଆଶାଳ
ଜାମୁ, କେନ୍ଦୁ, ଖଜୁରି, ପଣସ
ମାଳମାଳ ତାଳ ଥିଲେ ସେଠି
ସେଠି କେହି ନ ଥିଲେ ମଣିଷ ।

ରୂପ ଥିଲା, ରସ ଥିଲା ମୋର
ବାସନାରେ ଫାଟି ପଡୁଥିଲି
ଦିନକାଳ ସରିଲା ଯେଦିନ
ସେଦିନ ମୁଁ ଡେମ୍ଫରୁ ଖସିଲି ।

ମତେ କେହି ଆଦର କରନ୍ତୁ
ଏ ଭାବନା ନାହିଁ ଥିଲା ମୋର
ମତେ ଯିଏ ଫୁଲ ଜନ୍ମ ଦେଲା
ମୁଁ ଗାଇଲି ସୁନାମ ତାହାର ।

❑❑

Digitized by srujanika@gmail.com

ଘମ

ଘମରେ ରଖୁ ଧାନ
    କୋଳଥ ବିରି,
ପାରନ୍ତି ନାହିଁ ମୂଷା
    ତା ଦେହ ଚିରି ।

ଘମଟି ଓଢ଼ନିଆ
    ଭାରି ଟାଣୁଆ
ହଟି ଯାଆନ୍ତି ସେଠି
    ମୂଷା ବାଣୁଆ ।

ମୂଷା ଦାନ୍ତଟି ଅଟେ
    ଭାରି ମୁନିଆ
ଘମକୁ ଦେଖିଦେଲେ
    ହୁଏ ଛାନିଆ ।

ଚାରିକଡ଼ରେ ଘୂରେ
    ନ ଯାଏ କତି,
ଘମର କଳାଦେହ
    ଟାଣୁଆ ଅତି ।
ନିଆଁରେ ପଡ଼ି ପଡ଼ି
    ଉଠିଚି ଯିଏ,
ତାହାକୁ କାଟିବାକୁ
    ଅଛିରେ କିଏ ?
ପାଉଁଶ କରି ନାହିଁ
    ନିଆଁ ଯାହାକୁ,
ଦାନ୍ତରେ କାଟିଦେବ
    ମୂଷା ତାହାକୁ ?

❑❑

Digitized by srujanika@gmail.com

ମହୁମାଛି

ମହୁମାଛି ଫେଣାଟିଏ କରେ
ସେଥିରେ ସେ ମହୁ ରଖେ ଆଣି
ସେଥିରୁ ସେ ଟିକେବି ଖାଏନା
କିଏ ଜାଣେ କାହିଁକି କେଜାଣି ।

ଝୁଲୁଥାଏ ଫେଣାଟି ଗଛରେ
ଝୁଲେ ବସି ମହୁମାଛି ତହିଁ
ଗହଳିଆ ଜଙ୍ଗଲ ଭିତରେ
ଗୀତ ବୋଲେ ଗୁଣୁଗୁଣୁ ହୋଇ ।

ନାଚିକୁଦି ଆନନ୍ଦ ହୁଏ ସେ
ଦୁଃଖଶୋକ ନ ଥାଏ ତା' ମନେ
ସାଥିମେଳେ କଟାଏ ସେ ଦିନ
ସ୍ନେହ ଆଉ ମମତା ବନ୍ଧନେ ।

ମହୁଫେଣା ଭାଙ୍ଗିଯାଏ ତାର
ଭାଙ୍ଗେ ତାକୁ ଏ ମଣିଷ ଯାଇ
ଝରଝର ଝରିପଡ଼େ ମହୁ
ସବୁଯାକ ତୋଳି ଧରେ ସେଇ ।

କେତେ ଦିନ ପରିଶ୍ରମ ଫଳ
ନେଇଯାଏ ଏଇ ଏ ମଣିଷ
ଫେଣା ଛାଡ଼ି ଉଡ଼ିଯାଏ ମାଛି
ତେବେବି ସେ ସଦା ହସହସ ।

Digitized by srujanika@gmail.com

ମହୁମାଛି ଆଉ ଫେଣା କରେ
ଯିଏ ଯେତେ ମହୁ ନେଉ ବୋହି
କାରିଗରୀ ସ୍ୱଭାବ ତାହାର
ଜଗତକୁ ଦିଏ ସେ ଦେଖାଇ ।

କ୍ଷମା ଦିଏ ମଣିଷ ଜାତିକି
ପଦେ ହେଲେ ନ କହେ ସେ କିଛି
ମହୁ ଯେବେ ମଣିଷର ଲୋଡ଼ା
'ମନା ନାହିଁ' କହି ବୁଲେ ମାଛି ।

ମହୁମାଛି ଜନମ ତାହାର
ପରପାଇଁ ସଞ୍ଚିଥାଏ ମହୁ
ପରପାଇଁ ଜୀବନ ଦେବାକୁ
ଧାଇଁଥାଏ ଯାହା ପଛେ ହେଉ ।

❑❑

Digitized by srujanika@gmail.com

ଗଛଟିଏ ହୋଇଥାନ୍ତି ଯେବେ

ଗହଳିଆ ଜଙ୍ଗଲ ଭିତରେ
ଗଛଟିଏ ହୋଇଥାନ୍ତି ଯେବେ,
ଡାଳପତ୍ର ଦେଇ ମୋ ଦେହରୁ
ପର ସେବା କରିଥାନ୍ତି ତେବେ ।

ସେଇଠେଇଁ ଠିଆ ଠିଆ ରହି
ଖରାବର୍ଷା କାକର ସହନ୍ତି,
ମତେ ଯିଏ ହାଣୁ ଅବା ମାରୁ
ତାକୁ ପଦେ କିଛି ନ କହନ୍ତି ।

ବରଷାରେ ଭାରି ଖୁସି ହୋଇ
ଗାଧାନ୍ତି ମୁଁ ବରଷାପାଣିରେ,
ଚେର ମୋର ପାଣି ଶୋଷିଶୋଷି
ବଢ଼ିଥାନ୍ତା ବଢ଼ିଆ ଠାଣିରେ ।

ପତ୍ର ଫୁଲ ଫଳ ଥାନ୍ତା ମୋର
ଫୁଲ ମୋର ବଢ଼ିଆ ବାସନ୍ତା,
ନାଲି ନାଲି କଅଁଳ ପତର
ମେଞ୍ଚା ମେଞ୍ଚା ମୋ ଦେହେ ହସନ୍ତା ।

ପର ସେବା କେତେ ମୁଁ କରନ୍ତି
ମୋ ନିଜର ସବୁ କଥା ଭୁଲି,
ଗଛଟିଏ ହୋଇଥାନ୍ତି ଯେବେ
ଖେଳିଥାନ୍ତି ପବନରେ ଝୁଲି ।

❑❑

Digitized by srujanika@gmail.com

ମୁଁ କହିବି କଥାଟିଏ, ତୁ କହିବୁ ହୁଁ

ମୁଁ କହିବି କଥାଟିଏ
ତୁ କହିବୁ ହୁଁ
ତୁ ଗାଇବୁ ଗୀତଟିଏ
କେନ୍ଦରା ହେବ କୁଁ ।

ନଈ ବଢ଼େ ଯୋର ବଢ଼େ
ପାଣି କହେ ସୁ
ସାପ କହେ ମୁଁ ବଡ଼
ବେଙ୍ଗ କହେ ମୁଁ ।

ଘୋଡ଼ା ଚାଲେ ଟପ୍ ଟପ୍
ଗାଡ଼ି ଚାଲେ ଘୁ
ହୁଡ଼ି ତଳେ ହୁଙ୍କା ମୂଳେ
ସାପ କରେ ସୁ ।

କାଉ କରେ କା-କା
କୋଇଲି କରେ କୁ
ମୁଁ କହିବି ତୁ ଶୁଣିବୁ
ତୁ କହିବୁ ମୁଁ ।

ଚାହାଳିରେ ପିଲା ପଢ଼େ
ଅ, ଆ, ଉ,
କାହାଳି ବାଜିଲେ ଶୁଭେ
ଭେଁ ପୁଁ ପୁଁ ।

ଥଣ୍ଡା ଟିକେ ଧରିଦେଲେ
ନାକ ସୁଁ ସୁଁ
ମୁଁ କହିବି କଥାଟିଏ
ତୁ କହିବୁ ହୁଁ ।

❑❑

Digitized by srujanika@gmail.com

ତୋଟାରେ ମୁଁ ଶୁଖିଲା ପତର

ତୋଟାରେ ମୁଁ
ଶୁଖିଲା ପତର
ଶୁଖି ଶୁଖି ସଳିତା ହେଲିଣି,
ମତେ ତମେ
ଗୋଟେଇ ନିଅରେ
ମୁହିଁ ହେବି ବଢ଼ିଆ ଜାଳେଣି ।

ମୁଁ ହେଲିଣି
ଆଣ୍ଠିଏ ବହଳ
ସେଠି ଟିକେ ପହଁରା ମାରୁନ ?
ସବୁବେଳେ
ଦେଖୁଚ ତ ମତେ
ମତେ ତମେ ପଦେ ପଚାରୁନ ?

ଜାଳ ମତେ
ଢାଳ ଭାଇ ନେଇ
ମୁଁ ଜଳିବି ହୁତୁ ହୁତୁ ହୋଇ,
ଭାତ ଡାଲି
ତରକାରି କରି
ସୁଖେ ତମେ ଚଳିଯାଅ ଭାଇ ।

ମୁଁ ତୁମର
ଭଲକୁ କହୁଚି
ମତେ ଯେବେ ନ ନେବରେ ତୋଳି,
ଏଇଠି ମୁଁ
ଏଇ ମାଟି ପରେ
କିଛି ଦିନେ ହୋଇଯିବି ଗୋଳି ।

ମତେ ନେଇ
କାମରେ ଲଗାଅ
ମନଖୋଲା ହସଟେ ହସିବି,
'ତମ ପରି
ଡରିବି ନାହିଁ ମୁଁ
ନିଆଁ ଦେଖି ଧସେଇ ପଶିବି ।

□□

Digitized by srujanika@gmail.com

Digitized by srujanika@gmail.com

ମୋତେ ଯେତେବେଳେ ଦଶ ବରଷ

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପୁସ୍ତକ

ନନ୍ଦକିଶୋର ସାମଲ, କୁସୁପୁର, କଟକ

ପ୍ରଥମ ପ୍ରକାଶ-୧୯୯୦

ପ୍ରକାଶିକା :
ଶ୍ରୀମତୀ ମାଳତୀଲତା ପଣ୍ଡା
ସୂର୍ଯ୍ୟ ପ୍ରକାଶନୀ
ଭୁବନେଶ୍ୱର

Digitized by srujanika@gmail.com

ମୋତେ ଯେତେବେଳେ ଦଶ ବରଷ

ମୋତେ ଯେତେବେଳେ
ଦଶ ବରଷ
ବାପାଙ୍କ ସାଙ୍ଗରେ
କରେ ମୁଁ ଚାଷ
ବେଳେବେଳେ ଧରେ ହଳ,
ହଳ ଛାଡ଼ିଦିଏ
ବାପାଙ୍କ ହାତକୁ
ହଟିଗଲାବେଳେ ବଳ ।

ବାପାଙ୍କ ସାଙ୍ଗରେ
ନଳିତା କାଟେ
ଗୋଛା ବୋହିନିଏ
ପୋଖରୀ ତୁଠେ
ହଳିଆ ମୂଲିଆ ମେଳେ,

କାମ କରିବାକୁ
ଭାରି ଭଲ ଲାଗେ
ନଳିତା କାଟିଲା ବେଳେ ।

ସବୁଦିନେ ଆମ
ବିଲରେ ଚାଷ
ଗହମ ମାଣ୍ଡିଆ
ମୁଗ ସୋରିଷ
କି ଖରା, ବର୍ଷା ଶୀତ,
ବାପା ମୋର ଭାରି
କାମିକା ମଣିଷ
ସଦା ଛଳବଳ ହାତ ।

Digitized by srujanika@gmail.com

ବାରି ବାଇଗଣ
ପିଆଜ ନେଇ
ବାପାଙ୍କ ସାଙ୍ଗରେ
ହାଟକୁ ଯାଇ
ବେପାର ବଣିଜ କରେ,
ବାପା ଯେତେବେଳେ
ଯୁଆଡ଼େ ଯାଆନ୍ତି
ମୁହିଁ ବସି ଦଣ୍ଡି ଧରେ ।

ପାଠବେଳେ ପାଠ
ପଢ଼େ ମୁଁ ଘରେ
ଦରକାର ବେଳେ
ଖଟେ ବିଲରେ
ବାପା ପଚାରନ୍ତି "କୁନା,
ପଢ଼ାପଢ଼ି ଛାଡ଼ି
ବିଲରେ ଖଟୁଚୁ
ପାଠ ମାରା ହେବ ସିନା ।"

"ମାରା ହେବା ଚିଜ
ନୁହେଁ ସେ ବାପା
ଭିତର ବାହାର
ସବୁ ତା ସଫା
ଜ୍ଞାନର ଭଣ୍ଡାର ସେହି,
ଥରେ ପଢ଼ିଦେଲେ
ସବୁ ପାଠଯାକ
ମନେ ରଖିଦିଏ ମୁହିଁ ।"

❑❑

Digitized by srujanika@gmail.com

ଘରେ

ନିଜେ ସୁତରା ରଖିବି
ନିଜକୁ,
ନିଜ ବିଛଣା, ଶୋଇବା
ଶେଯକୁ ।

ଯାହା ମା' ଦେବେ ତା'
ଖାଇବି,
ପର ଭଲ ଗୁଣଯାକ
ଗାଇବି ।
ଖରା ପଡୁ ନ ପଡୁଣୁ
ଉଠିବି,
ଟିକେ ବାଡ଼ିବଗିଚାରେ
ଖଟିବି ।
ପାଠ ପଢ଼ିବି ମୁଁ ମନ
ଲଗେଇ,
ବାପା ବହି ଦେଇଛନ୍ତି
ଯୋଗେଇ ।

ଦୁଃଖୀ ଗରିବର କଥା
ଶୁଣିବି,
ତାକୁ ନିଜ ଲୋକ ପରି
ମଣିବି ।

Digitized by srujanika@gmail.com

ଯାହା ଦରକାର ତାହା
କରିବି,
ଯାହା ବାଧାବିଘ୍ନ ଆସୁ
ବରିବି ।

ବାପା ମା କଥା ମାନି
ଚଳିବି,
ଖେଳ ଖେଳିବାର ବେଳେ
ଖେଳିବି ।
ବାପା ମାରନ୍ତିନି ଦିନେ
ଆମକୁ,
ଶୁଣ, ଖୋଲି କହୁଚି ମୁଁ
ତୁମକୁ ।
ଅତି ଆଦର ସେନେହ
ଯତନ,
ଆମ ଘରର ସାଇତା
ରତନ ।

□□

Digitized by srujanika@gmail.com

ରୋଷେଇ ଘରେ

ଦି' ଓଳି ମା ରୋଷେଇ କରେ
ଚୁଲିଟି ପାଖରେ ବସି,
ନିତି ନିତି କରେ ତିଅଣ ଶାଗ
ସବୁବେଳେ ସିଏ ଖୁସି ।

ଘର ଗୋଟାଯାକ ପାଇଟି କରେ
ଆମେ ନ ଉଠୁଣୁ ଉଠି
ଲିପି ପୋଛି ଥାଏ ଘର ଦୁଆର
ଚକଟି ଗୋବର ମାଟି ।

ସଫା ରଖିଥାଏ ଘର ଦୁଆର
ବାସନ କୁସନ ମେଞ୍ଜେ
ସାତ ଦିନେ ଥରେ ସାବୁନ୍ ମାରି
ଲୁଗାପଟା ଯାକ କାଚେ ।

ମା' ମୋର ଯେବେ ପରିବା କାଟେ
ଧୋଇଧାଇ ଦିଏ ମୁହିଁ
ଚୁଲି ନିଭିଗଲେ ଜାଳିଦିଏ ମୁଁ
ଭାରି ଖୁସି ହୁଏ ସେଇ ।

ତା'ଠାରୁ କେତେ କାମ ଶିଖିବି
ରୋଷେଇଘରକୁ ଯାଇ
ମା'ମୋର ଯେବେ ବେସର ବାଟେ
ପରିବା ସନ୍ତୁଳେ ମୁହିଁ ।

□□

Digitized by srujanika@gmail.com

ଗୁହାଳ ଘରେ

ତିନିଟି ବାଛୁରୀ
ଗୋଟିଏ ଗାଈ
ଗୁହାଳ ଭିତରେ ରୁହନ୍ତି,
ଦିନବେଳେ ଯାଇଁ
ଚରନ୍ତି କାହିଁ
ରାତିରେ ସେ ଘରେ ଶୁଅନ୍ତି ।

ଗୁହାଳ ଘରଟି
ନଡ଼ା ଛପର
ଚଟାଣଟି ତାର ପଥର
ଗୁହାଳକୁ ମାଆ
ସୁତୁରା କରେ
ଗୋଟିଏ ଦିନରେ ଦି'ଥର ।

ମୂତ ପୋଛେ ମୁହିଁ
ମଝିରେ ଯାଇଁ
ମାଆ କର୍ମବେଳେ ରୋଷେଇ,
''ଘାସ କେରା ନେଇ
ପକାରେ' କୁନା
ଭାତ ମୁଁ ଦେଉଚି ବସେଇ ।''
ଆମର ଯେମିତି
ଜୀବନ ଅଛି
ଗାଈର ବି' ଅଛି ସେମିତି,

Digitized by srujanika@gmail.com

ଜାଣି ଜାଣି ଆମେ
ହେଳା କରିବା
　　　　ଗୋ-ମାତାର ପାଇଁ କେମିତି ?

ଏଇ କଥା ଗୋଟି
ଶୁଣିଚି ମୁହିଁ
　　　　ବାପା କହୁଥିଲେ ଆମକୁ,
ମାଆ ମୋର କହେ
ଅଳପ କଥା
　　　　ଟାକି ରହିଥାଏ କାମକୁ ।

ସେବା କରିବାଟି
ଭାରି ବଢ଼ିଆ
　　　　ମାଆ କହୁଥିଲେ ଶୁଣିଚି,
ସେଇ ମୋ' ମା' ତା'
ଉଦାହରଣ
　　　　କଥାଟିକି ସତ ମଣିଚି ।

❑❑

Digitized by srujanika@gmail.com

ଫୁଲ ବଗିଚାରେ

ଫୁଲ ବଗିଚାରେ
ଅନେକ ଫୁଲ,
ଦୂରକୁ ଦିଶଇ
ଭାରି ଡଉଲ ।

ନାଲି, ହଳଦିଆ
ନେଳିଆ, ଧଳା
ଅନେକ ରଙ୍ଗର
ଲାଗିଚି ଲୀଳା ।

ଗୋଲାପ, ଟଗର
ହେନା, ମାଳତୀ
କନିଅର, ମଲ୍ଲୀ
ଚମ୍ପା, ସେବତୀ ।

ବଗିଚା ମଝିରେ
ଛୋଟ ଗଡ଼ିଆ
ନୀଳ ନୀଳ କଇଁ
ତହିଁ ବଢ଼ିଆ ।

Digitized by srujanika@gmail.com

ଚଢ଼େଇ ଆସନ୍ତି
ପଲକୁ ପଲ
ଗଡ଼ିଆ-ପାଣିରେ
ହୁଅନ୍ତି ଗେଲ ।

ଗଡ଼ିଆ-ପାଣିରୁ
ମାଛ ଖାଆନ୍ତି
ଭାରି ମଉଜରେ
ମଜା କରନ୍ତି ।

ସଞ୍ଜବେଳେ ଥରେ
ସକାଳେ ଥରେ
ଫୁଲ ବଗିଚାରେ
ନିତି ମୁଁ ଘୂରେ ।

ଫୁଲଗଛ ମୂଳେ
ଗଡ଼ିଆ-ପାଣି
ଦିନକୁ ଦି'ଥର
ଦିଏ ମୁଁ ଆଣି ।

ଗଛରୁ ଛିଡ଼ାଇ
ପୋକା ପତର
ଫୋପାଡ଼ି ଦିଏ ମୁଁ
ଥରକୁ ଥର ।

Digitized by srujanika@gmail.com

ଦିନକର କଥା
ରଖିଚି ମନେ
ମଲ୍ଲୀ ଫୁଲଟିଏ
ଛିଣ୍ଡାଇ ଦିନେ ।

ହାତେ ଧରିଥିଲି
ଦେଖିଲେ ମାଈଁ
ବାପାଙ୍କ ଆଗରେ
କହିଲେ ଯାଇଁ ।

ବାପା ଯା' କହିଲେ
ଶୁଣିଲି କାନେ
ସେଇ ଦିନଠାରୁ
ରଖିଲି ମନେ ।

ଦରକାର ହେଲେ
ତୋଳିବି ଫୁଲ
ତେବେ ସିନା ତାର
ରହିବ ମୂଳ ।

ଅଯଥାରେ କିଛି
କରିବି ନାହିଁ
ବାପା ବୋଉଠଉଁ
ଶିଖିଚି ମୁହିଁ ।

❑❑

Digitized by srujanika@gmail.com

ପଡ଼ିଶା ଘରେ

ଆମ ଘରଠାରୁ ଅଳପ ଛାଡ଼ିଚି
ନିଧିଆ ବାରିକ ଘର
ବାଳ କାଟିବାକୁ ଯାଏ ତା' ଘରକୁ
ତା' ଘର ଭାରି ସୁତର ।

ଦିନେ ଯାଇଥିଲି ଯାହା ମୁଁ ଦେଖିଲି
ମନଟି ଗଲା ମୋ ପୋଡ଼ି
ନିଧିଆ ମଉସା, ମାଉସୀ ସେଦିନ
ଜରରେ ଅଛନ୍ତି ପଡ଼ି ।

ମତେ ଦେଖି ଦୁହେଁ ଖୁସି ହୋଇଗଲେ
ମଉସା କହିଲା, "କୁନା
ଜର ଛାଡ଼ିଗଲେ ବାଳ କାଟିଦେବି
ଅନା ମୋ' ଦିହକୁ ଅନା ।"

କିଛି ନ କହି ମୁଁ ଲେଉଟି ଆସିଲି
ମା'କୁ କହିଲି ମୋର
"ମାଆଲୋ ଦେଖିଲି, ନିଧିଆ ମଉସା
ମାଉସୀକୁ ଭାରି ଜର ।"

ମା' ମୋର ବସି ବାର୍ଲି ଆଉଟିଲା
ଗଲି ମୁଁ ଓଷଦ ପାଇଁ
ଓଷଦ ଆଣିଲି ବଇଦ ପାଖରୁ
ମା'ଠୁଁ ପଇସା ନେଇ ।

Digitized by srujanika@gmail.com

ମା' ସହିତରେ ଗଲି ତା'ଘରକୁ
ଅଉଷଧି ପଥି ନେଇ
ଭାରି ଖୁସି ହେଲେ ମଉସା ମାଉସୀ
ଆମକୁ ପାଖରେ ପାଇ ।

'ଆଗ ଗୋଡ଼ରେ ତୋ
କଣ୍ଟା ନ ବୋହୁରେ'
ମାଉସୀ କହିଲା ହସି
ଓଷଦ ଖୋଇଲୁ, ବାର୍ଲି ପେଇଦେଲୁ
ଆମେ ତାଙ୍କ ପାଖେ ବସି ।

❑❑

Digitized by srujanika@gmail.com

ନଈ ଘାଟରେ

ବରଷା ଦିନରେ ଉଛୁଳେ ନଈ
ନଈ ବହିଯାଏ ଦି'କୂଳ ଖାଇ ।

ସେପାରି ଯାଆନ୍ତି ଏପାରି ଲୋକ
ନାହା ବାହିନିଏ ଟୋକା ନାବିକ ।

ପାରିହେବା ଲାଗି ଲାଗଇ ଭିଡ଼
ନାବିକ କହଇ ଅଳପ ଚଢ଼ ।

କେହି କଥା ମାନେ, ମାନେନା କେହି
ନାଚାର ହୁଅଇ ନାଉରୀ ଭାଇ ।

ସେଦିନ ଘଟଣା ଘଟିଲା ଯାହା
କଥାରେ କେମିତି କହିବି ତାହା ?

ନାଉରୀ ଡାକିଲା "ଶୁଣ ହୋ ଶୁଣ
ଭରାକରେ ନେବି ଚାଳିଶ ଜଣ ।

ସେଥିରୁ ଅଧିକ ଚଢ଼ିଲେ କେହି
ମୋର ଦୋଷ ଆଉ ଧରିବ ନାହିଁ ।"

କେ କାହିଁ ଶୁଣୁଚି ନାଉରୀ-ବୋଲ
ଚଢ଼ିଗଲେ ଲୋକ ପଲକୁ ପଲ ।

Digitized by srujanika@gmail.com

ନାହା ଛାଡ଼ିଦେଲା ନଈରେ ମାଝି
ନାହା ଯାଇଁ ହେଲା ନଈର ମଝି ।

ବୁଡ଼ିବାକୁ ଆଉ ଅଳପ ଥିଲା
ନାହା ଭିତରକୁ ପାଣି ପଶିଲା ।

ମଝି ନଈଟାରେ ବୁଡ଼ିଲା ନାହା
କିଏ ଅଛି ସେଠି ହେବାକୁ ସାହା ?

ପହଁରି ଜାଣିଚି ନାଉରୀ ପିଲା
ପହଁରି ପହଁରି କୂଳ ଧରିଲା ।

ବୁଡ଼ି ମରିଗଲେ କେତେକ ଲୋକ
ଭାସି-ଭାସି ଗଲେ ଆଉ କେତେକ ।

ନାଉରିଆ ବୋଲ ନ ମାନି ଲୋକେ
ପୋକମାଛି ପରି ମଲେ ଅନେକେ ।

ସାବଧାନ ଯିଏ ହୁଏରେ ଭାଇ
ଜିତିଯାଏ ସବୁ ଜାଗାରେ ସେଇ ।

❑❑

Digitized by srujanika@gmail.com

ତୋଟାରେ

ତୋଟା କାହିଁ କି'ରେ
ସନା ଭାଇ,
ଏତେ ତୋଟା ଥିଲା
କିଏ ସଫା କଲା
ସାତଟି ବରଷ
ପୂରି ନାହିଁ !

ନାଁ ଥିଲା ତାର
'ବଡ଼ ତୋଟା'
ଆମ୍ବ ଫଳ ଥିଲା
ଭାରି ମିଠା ।
ଭାଡେଇ ଜାମୁର
କେମିତି ଆଦର
ସେଥିରୁ ତ କାହିଁ
ନାହିଁ ଗୋଟା ?

ଗଛ ବଢ଼ିଥିଲା
ଖରା ଖାଇ
ବରଷାରେ ତିନ୍ତି
ଓଦା ହୋଇ ।
ପବନ ବାଜିଲେ
ଗଛ ଦୋହଲିଲେ
କେତେ ଭଲ ଲାଗେ,
ମନେ ନାହିଁ ?

Digitized by srujanika@gmail.com

କେତେମୋଟାସୋଟା
ଜାମୁ, କେନ୍ଦୁ,
ଆମ୍ବ ଓ ପଣସ,
ଆରେ ବନ୍ଧୁ,
ଦେଖିଦେଲେ ପେଟ
ପୂରି ଯାଉଥିଲା
ତା' ଦେହରୁ ଝରା
ଜଳ ବିନ୍ଦୁ ।

କିଏ ସେ ମୁଣ୍ଡେଇ
ଥିଲା ତାକୁ
ତରବର ହେଲା
କାଟିବାକୁ,
ଗଛଗୁଡ଼ା କାଟି
କିସ ପାଇଲାଟି
ପଚାରିବା କି'ରେ
ଯାଇ ତାକୁ ?

ନାଁ ରଖିଲାନି
ପକେଇଲା,
ନୂଆ କଥାଟିଏ,
ଶିଖେଇଲା ।
ଯେତେ ଯହିଁ ତୋଟା
ରହିବନି ଗୋଟା
ଭଲ ଫଳଟିଏ
ଚଖେଇଲା ।

Digitized by srujanika@gmail.com

ଡାଳ ଦେଉଥିଲା
ଢାଳ ପାଇଁ
ଅମଳଢାନଟି
ଆମ ପାଇଁ
ଥିଲା ତୋଟା ତଳ
କେତେ ସୁଶୀତଳ
(ଆଜି) ଖରା ମାରେ ସେଠି
ଚାଇଁ ଚାଇଁ ।

ଟାଣି ଆଣୁଥିଲା
ବରଷାକୁ
ଜୀବଜଗତର
ଭରସାକୁ ।
ଗଛ ନ ଲଗାଇ
କାଟିଗଲେ ଭାଇ
ପାଇବାଟି ଆଉ
ବରଷାକୁ ?

❑❑

Digitized by srujanika@gmail.com

ସଡ଼କରେ

ସଡ଼କ କୋଉଠି ନାହିଁ ?
ଗାଁ ଗହଳରେ
ସହର ବଜାରେ
ସଡ଼କଟି ସବୁଠେଇଁ ।

ସଡ଼କର ଅଛି ଅନେକ ନାମ
ଦିନ ରାତି ସେଠି ଲାଗିଚି କାମ
ଏକ ନାମ ତାର 'ପଥ'
ପଥଟି ନ ଥିଲେ କେମିତି ଚାଲନ୍ତା
ତୁମ ନନ୍ଦିଘୋଷ ରଥ ।

ସଡ଼କ ନ ଥିଲେ ଏଇ ଏ ଲୋକ
ସହନ୍ତା ନାହିଁ କି ଓପାସ ଭୋକ
କୁଆଡ଼େ ଯାଆନ୍ତା କାହିଁ,
ଯିଏ ଯୋଉଠେଇଁ ସିଏ ସେଇଠେଇଁ
ରହି ଥାଆନ୍ତାରେ ଭାଇ ।

ଆଉ ଗୋଟେ କଥା ଶୁଣରେ ଭାଇ
ପାଣି ଟୋପାଏ ତ ମିଳନ୍ତା ନାହିଁ
ହୁଅନ୍ତା ସବୁ ଅଚଳ,
କାହାରି ସହିତ କାହାରି କୋଉଠି
ହୋଇ କି ପାରନ୍ତା ମେଳ ?

ତୁମ ପାଦଧୂଳି ଦିହରେ ବୋଳି
ଦିହଯାକ ତାର ହୋଇଚି ମଳି
ବରଷାକୁ ରହେ ଚାହିଁ
ବରଷକେ ଥରେ ଆଷାଢ଼ ମାସରେ
ଧୋଇଧାଇ ହେବା ପାଇଁ ।

Digitized by srujanika@gmail.com

ନିଇତି ସକାଳୁ ପାଦ ପ୍ରହାର
ସଞ୍ଜଯାଏ ସହି, ଆଜି ପଥର
ତା' ପରି ସହିବ କିଏ ?
ଶୁଣ ଶୁଣ କଥା ଯୁଗର ବାରତା
ଆମକୁ ଦେବରେ କିଏ ?

ସାବଧାନ ଆଜି ନୁହେଁ ଏ ଲୋକ
ସଡ଼କ ଉପରେ ଦେଖାଏ ଟେକ
ଚାଳକ ଚଳାଏ ଗାଡ଼ି,
ଦିନ ଦି' ପହରେ ମଣିଷ ଉପରେ
ଚକା ଯାଇଥାଏ ଚଢ଼ି ।

ଏଇପରି କେତେ ଘଟଣା ଘଟେ
ମଣିଷ ଜୀବନ ମାଟିରେ ଲୋଟେ
ଦାୟୀ କିଏ ଏଥିପାଇଁ ?
ଆଜି ଯାହାଯାହା ଦେଖୁଚରେ' ତାହା
ଅସାବଧାନତା ପାଇଁ ।

❑❑

Digitized by srujanika@gmail.com

ଗାଧୁଆ ତୁଠରେ

ନଈରେ ଗାଧାଏ ନଈକୂଳିଆ
ନଈକୂଳେ କରି ଘର,
ଗଡ଼ିଆ ପାଣିରେ ଗାଧାଏ ଲୋକ
ନଈଟିଏ ନାହିଁ ଯାର ।

ନଈ ଯା'ର ନାହିଁ ପୋଖରୀ ନାହିଁ
କୂଅମୂଳ ତାର ଭଲ,
ସେଠାରେ ନ ଥାଏ ଲୋକଗହଳି
ନାହିଁ ଥାଏ କିଛି ଗୋଳ ।

ପ୍ରତି ଗାଁ ପାଖେ ନଈରେ ତୁଠ
କରିଛନ୍ତି ଗାଁବାଲା,
ବଡ଼ି ସକାଳରୁ ଦୁଇଟା ଯାଏ
ସେଇଠି ଗାଧୁଆ ପାଲା ।

ଗାଧୁଆତୁଠରେ ବହୁତ ଲୋକ
ପାଣିକି ଯାଆନ୍ତି ପଶି,
କିଏ ତରତର, କେ କରେ ମଠ
ଦିହହାତ ଘଷି ଘଷି ।

ଗାଧୁଆତୁଠରେ ଜାଗା ଅଳପ
ବିଳମ୍ବ କରିବା ନାହିଁ
ଚଞ୍ଚଳ ସାରିବା ଗାଧୁଆ କାମ
ଆନକୁ ସୁବିଧା ଦେଇ ।

Digitized by srujanika@gmail.com

ଖେଳ ପଡ଼ିଆରେ

ଗାଁ ସେ ମୁଣ୍ଡର
ବଡ଼ ପଡ଼ିଆ
ତା' ସେ ପାଖକୁ
ଟିକି ପଡ଼ିଆ
ଏ ପାଖକୁ ବଡ଼ ନାଳ,
ଗୋଟିଏ ପାଖରେ
ନଈ ବହିଯାଏ
ଆର ପଟେ ତୋଟା ମାଳ ।

ପଡ଼ିଆଟି ମତେ
ବଢ଼ିଆ ଦିଶେ
ମଝିରେ ମଝିରେ
ଅନେଇ ହସେ
ନ ହସିପାରେନା ରହି,
ନୀରବ ମଉନ
ବଡ଼ ପଡ଼ିଆ ସେ
କେତେ କଥା ଯାଏ କହି ।

ପଛ କଥା ମୋର
ମନକୁ ଆସେ
ତା' ପାଖରେ ମୁଁ
ଘଡ଼ିଏ ବସେ
ଖେଳିବାକୁ ହୁଏ ମନ,
ମନକୁ ଆସନ୍ତି
ପିଲାଦିନ ସାଥୀ
କୁନ, ଟୁନ, ନବଘନ ।

Digitized by srujanika@gmail.com

ଜିତିଚି ମୁଁ କେତେ
ହାରିଚି କେତେ
ହାରିଗଲେ ଦୁଃଖ
ଲାଗେନି ମତେ
ଜିତି ମୁଁ ହୁଏନି ଖୁସି,
ହାରିବା ଜିତିବା
ଜିତିବା ହାରିବା
ଦୁଇ କଥା ଅଛି ମିଶି ।

ବାଗୁଡ଼ି ଖେଳରେ
ପାହିଚି ରାତି
ଗାଳି ମୁଁ ଶୁଣିଚି
ଖେଳରେ ମାତି
ଗାଳି ମୋ ଦିହର ମଳି,
ବୋଉ ମୋ ପଚାରେ
'କି ଖେଳ ଖେଳୁରେ
ଦିହଯାକ ବୋଝେ ଧୂଳି ।'

ଏଇ ସେଇ ଆମ
ଖେଳପଡ଼ିଆ
ଏଇ ସେଇ ଆମ
ଟିକି ଗଡ଼ିଆ
କାହାକୁ ଭୁଲିନି ମୁହିଁ
ଭୁଲି ନାହିଁ ମୋର
ଏଇ ଏ ଗାଆଁର
ତୋଟା, ବିଲ, ନାଳ, ନଈ ।

❑❑

Digitized by srujanika@gmail.com

ନଈକୂଳେ

ଏଇ ମୋ ଗାଁ ନଈ
ଏଇ ଗାଁର
ପଛ ପଟରେ
ଆସ୍ତେ ଯାଏ ବହି
ଏଇ ମୋ ଗାଁ ନଈ ।

ବରଷା ଦିନେ
ଏଇ ନଈରେ
ବହୁତ ପାଣି ଆସେ,
ଅତରା ବୁଢ଼ି
ଗୋଳିଆ ପାଣି
ଗାଁ ଭିତରେ ପଶେ ।
ଦୁଃଖ ନୁହେଁ କହି
ଏଇ ମୋ ଗାଁ ନଈ ।

ଭସେଇ ନିଏ
ଘର ଦୁଆର
ଗାଁରେ ପଡ଼େ ସୁଅ,
ସବୁରି ଘରେ
ଚୁଲି ଅଚଳା
ସବୁରି ମନେ କୋହ ।

Digitized by srujanika@gmail.com

ସାପ କହଇ
ମୁଁ ବଡ଼
ବେଙ୍ଗ କହଇ ମୁହିଁ
ଏଇ ମୋ ଗାଁ ନଈ ।

ବୁଡ଼ାଇ ରଖେ
ଧାନ କିଆରି
ଭାଙ୍ଗଇ ବନ୍ଧ ବାଡ଼,
ଦେଖିଲେ ଥରେ
କଲିଜା ଥରେ
ପାଣିର ଯୋଉ ତୋଡ଼ ।
କଥାରେ ନୁହେଁ କହି
ଏଇ ମୋ ଗାଁ ନଈ ।

ଶ୍ରାବଣ ଯାଏ
ଭାଦ୍ରଅ ଯାଏ
ଅଶିଣ ମାସ ଆସେ,
ଆସ୍ତେ ଆସ୍ତେ
ଏଇ ରାଇଜୁ
ବରଷା ଦିନ ଖସେ ।
ସେ ଦିନର ସେ
ଗୋଳିଆ ପାଣି
ନଈରେ ଆଉ ନାହିଁ
ଏଇ ମୋ ଗାଁ ନଈ ।
ସୁନା ପିଲାଟି

Digitized by srujanika@gmail.com

ପରି ସେ ଚାଲେ
ପାଦକୁ ପାଦ ଗଣି,
ଶେଯରେ ତାର
ବାଲି ଯାତରା
ଯେମିତି ସୁନାଖଣି ।
ଭାରି ସୁନ୍ଦର ସେଇ
ସେଇ ମୋ ଗାଁ ନଈ ।

ତୁଠକୁ ଗଢ଼େ
କଳସୀ ହାତେ
ଗାଁର ଭୁଆସୁଣୀ,
ହାତେ ଓଢ଼ଣା
ପକାଇ, ନିଏ
ନଈ ତୁଠରୁ ପାଣି ।
କଳସୀ କାଖେ ଥୋଇ
ଏଇ ମୋ ଗାଁ ନଈ ।

❑❑

Digitized by srujanika@gmail.com

ହାଟ ବଜାରରେ

ହାଟକୁ ଆସନ୍ତି ଅନେକ ଲୋକ
କିଣା ବିକା ସେଠି ଲାଗେ ଅନେକ ।

ସଉଦା କିଣିବା ପଇସା ଦେଇ
ବାକି ମାଗି ମାନ ହାରିବା ନାହିଁ ।

ପଇସାକୁ ଚାହିଁ ସଉଦା ସାଗି
ଯଥାବେଳେ ଯିବା ଘରକୁ ଫେରି ।

ପଇସା ନାହିଁ ତ ସଉଦା ନାହିଁ
ଦୁଃଖ କାହିଁକିରେ ସେଇଥିପାଇଁ ?

ସହିବାକୁ ଯେବେ ନାହିଁ ଶକତି
କୋଉଠୁ ମିଳିବ ଶାନ୍ତି ମୁକତି ?

ଗହଳି ଭିତରେ ପଶି କାହିଁକି
ଅସୁବିଧା ଦେବା ଅନ୍ୟ ପାଇଁକି ?

ଶୃଙ୍ଖଳା ଭିତରେ ପଶିଲେ ଥରେ
କେହି କି ସେଥିରୁ ଆଉ ବାହାରେ ?

❑❑

Digitized by srujanika@gmail.com

ଆମେ ଏ ମାଟିର ସୁନାଫରୁଆ

ନନ୍ଦକିଶୋର ସାମଲ

Digitized by srujanika@gmail.com

ଆମେ ଏ ମାଟିର ସୁନାଫରୁଆ

ନନ୍ଦକିଶୋର ସାମଲ

ପ୍ରଥମ ପ୍ରକାଶ- ୧୯୯୧

ପ୍ରକାଶକ:
ପ୍ରଦୀପ୍ତ କିଶୋର ସାମଲ
କୁସୁପୁର, କଟକ

Digitized by srujanika@gmail.com

ଆମେ ଏ ମାଟିର ସୁନାଫରୁଆ

ଆମେ.....
ସଜ ଫୁଲ ପରି
ନରମ,
ହସି....
ହସେଇବା ଆମ
ଧରମ ।

ଆମେ
ଗୋଲାପ, ମାଧବୀ,
ମରୁଆ,
ଆମେ
ଏ ମାଟିର ସୁନା-
ଫରୁଆ ।

ଆମେ
ତେଲ ଲୁଣଠାରୁ
ଅଲଗା,
ଆମେ
ସାଇବେରିଆର
ବଲଗା ।

ଆମେ
କଞ୍ଚା କଣି ପରି
ନହକା,
ଆମେ
ନଈ ସମୁଦର
ନଉକା ।

Digitized by srujanika@gmail.com

ଆମେ
ନୀଳ ଆକାଶର
ତାରକା,
ଆମେ
କଷଟି ପଥର,
କରକା ।

ଆମେ
ସରଳ ତରଳ
ଭୀଷଣ,
ଟାଣି
ନେବାକୁ ଏ ବିଶ୍ୱ
କଷଣ ।

ଆମେ
ନୀଳ ସାଗରର
ନୀଳିମା,
ପୋଛି
ଧୋଇବାକୁ ବିଶ୍ୱ
କାଳିମା ।

ଆମେ
ଟାଣ ଖରା ପରି
ଟାଣୁଆ,
ଆମେ
ବଣରାଇଜରେ
ବାଣୁଆ ।

Digitized by srujanika@gmail.com

ଆମେ
ମରୁ- ବୋଇତରେ
ନାବିକ,
ଆମେ
ଏ ମାଟିର କବି
ଭାବୁକ ।

ଆମେ
ପ୍ରତିରକ୍ଷା ପଥେ
ସଇନ,
ଆମେ
ବୋଧିଦ୍ରୁମ ତଳେ
ମଉନ ।

ଆମେ
ଏ ମାଟିର ନୀଳ
ଯମୁନା,
ଆମେ
ଏ ଜାତିର ଭାବୀ
ନମୁନା ।

ଆମେ
ଏ ଭୂଇଁର ବୀର
ପାଇକ,
ଆମେ
ଦେଶ-ବନ୍ଦନାର
ଗାୟକ ।

ଆମେ
ଶାଳ, ପିଆଶାଳ,
କଙ୍ଗଡ଼ା,
ଆମେ
ଫୁଲ-ଫଳଭରା
ଚାଙ୍ଗଡ଼ା ।

❑❑

Digitized by srujanika@gmail.com

କାହିଁକି ମୁଁ ଜାଣେନାହିଁ

ମତେ ଯିଏ କଲା ଗାଈ,
ତତେ ସିଏ ଦେଲା
ମଣିଷ ଜନମ
କାହିଁକି, ମୁଁ ଜାଣେନାହିଁ ।

ତୋ' ଘରେ ରହିଲି
ପାଞ୍ଚ ବରଷ
ଖାଇବାକୁ ମତେ
ମିଳିଲା ଘାସ
ପିଇଲି ପେଜ ତୋରାଣି,
ପିଢ଼ିଆ ସହିତ
ଚୋକଡ଼ ଗୋଳିଲା
ସେଥିରେ ତୋର ଘରଣୀ ।

ତୋ'ଘର ଘରଣୀ
ବଢ଼ିଆ ଲୋକ
ଜାଣିପାରେ ମତେ
ହୋଇଲେ ଭୋକ
ଛଣବିଡ଼ା ଦିଏ ଥୋଇ,
ତା'ରି ମୁହଁକୁ
ଅନେଇ ଅନେଇ
ସବୁଯାକ ଦିଏ ଖାଇ ।

Digitized by srujanika@gmail.com

ତିନିଟି ବାଛୁରୀ
ଜନମ କଲି
ମନ ମୁତାବକ
ଦୁଧ ମୁଁ ଦେଲି
ଗୋବରରେ କଲୁ ଘଷି,
ଦୁଧ ବି ବିକିଲୁ
ଦହି ଛେନା କଲୁ
ଦିନ ଗଲା ହସିହସି ।

ଭଲଭଲ ଚିଜ
ଖୋଇଲୁ ମତେ
ଦୁଧ ଦୁହିଁନେଲୁ
ମୋ'ଠଉଁ କେତେ
ନେଲୁ ବୋଲି କିଛି ଦେଲୁ,
ମତେ କାହିଁକିରେ
ବୁଢ଼ୀ ବୟସରେ
ଆଜି ହଟହଟା କଲୁ ?

ବଳ ଗଲା ମୋର
ବୟସ ଗଲା
ଆଉ କି ପାଇବୁ
ମୋଠଉଁ ଭଲା
ଚାଲି ତ ପାରୁନି ସେତେ,
ବଳ ଥିଲାବେଳେ
ଏପଟ ସେପଟ
ଦଉଡୁଥିଲି ମୁଁ ଯେତେ ।

ନେଇନାଇ ସାରି
ଏଇୟା କଲୁ ?
କଂସେଇ ହାତକୁ
ଧରେଇ ଦେଲୁ ?

Digitized by srujanika@gmail.com

ମାଟି ମୁଠେ ଦେଲୁ ନାହିଁ ?
ଆଶା କରିଥିଲି
ମଣିଷପଣିଆ
ତୋ'ଠୁ ପାଇବା ପାଇଁ ।

ବେକରେ ଲଗେଇ
ନୂଆ ଦଉଡ଼ି
କଂସେଇଟା ମତେ
ନେଲା ଘୋଷାଡ଼ି
ସେଇଠି ପଡ଼ିଲି ଶୋଇ,
ତୋର ଆଗଟାରେ
ନିର୍ଘାତ ପିଟିଲା
ହଳିଆ ପାଞ୍ଚଣ ନେଇ ।

'ଆହା' ବୋଲି ଟିକେ
କହିଲୁ ନାହିଁ
ଏଡ଼ିକି ନିଷ୍ଠୁର
ହେଲୁରେ ତୁହି ?
କି ଦୋଷ ଥିଲାରେ ମୋର,
କେତେ ଦୁଧ-ଦହି
ତତେ ଖୋଇନାହିଁ
ନିଶ୍ୱାସ ପଡୁରେ ମୋର ।

ଧାର ଧାର ବହି-
ଗଲାରେ ଲୁହ ।
ସହି ହେଲା ନାହିଁ
ମନର କୋହ ।
ପଶୁବଧ କରି ପେଷା,
ସେ କାହୁଁ ବୁଝିବ
ଗାଈଗୋରୁ କଥା
ନିରୀହ ଗାଈର ଭାଷା ?

Digitized by srujanika@gmail.com

ତୋର ଘରଣୀର
ମୁହଁଟି ଦିଶେ
ଗହ୍ଳା ପୂନେଇର
ସଞ୍ଜବେଳେ ସେ
ଫୁଲମାଳଟିଏ ନେଇ,
ଠିଆ ହୋଇଗଲା
ଗୁହାଳ ଭିତରେ
ବେକ ଦେଖେଇଲି ମୁହିଁ ।

ଚିତା ନାଇଦେଲା
ଖୋଇଲା ପିଠା
କାକରା ଚକୁଳି
ଆହା କି ମିଠା !
ମନେପଡ଼େ ଆଜି ମୋର ;
ଘରୁ ଗଲାବେଳେ
ଦେଖୁତ ନାହିଁରେ
ଘରଣୀ ମୁହଁଟି ତୋର ।

ବିଦା କରିଦେଲୁ
କୁଆଡ଼େ ତାକୁ
ପାଖ ପଡ଼ିଶାର
କାହା ଘରକୁ ?
ଆସି ସେ ଖୋଜିବ ମତେ,
ନାରୀ ମନ ସେ'ତ
ବୁଝିବ ନାହିଁ ତ
ବୁଝେଇଲେ ତାକୁ ଯେତେ ।

❑❑

Digitized by srujanika@gmail.com

କାହିଁରେ ଏଠି ସେ ଖୁସି

ଭାବୁଚୁ ଏଠି ମୁଁ
ଖୁସିରେ ଅଛି
ପିଞ୍ଜରା ଭିତରେ
ଖେଳି ବୁଲୁଚି,
ଖେଳ ନୁହେଁ, ନୁହେଁ ଖେଳ,
ବାଟ ଟିକେ ପାଇଁ
ଖୋଜୁଚିରେ ଭାଇ
ତୁହି ମୋର ହେଲୁ କାଳ ।

ପକ୍ଷୀ ଜଗତରୁ
ଅଲଗା କରି
ମତେ ସିନା ଏଠି
ରଖିଚୁ ଧରି,
କହିପାରୁଥିଲେ କଥା,
କହିପାରୁଥିଲେ
ଶୁଣେଇ ଦିଅନ୍ତି
ତତେ ମୋ ମନର କଥା ।

ବଳ ନାହିଁ ମୋର
ସାହସ ନାହିଁ
ଏଡ଼େ ପିଞ୍ଜରାଟା
ଭାଙ୍ଗିବା ପାଇଁ
ସେତିକି ଥାଆନ୍ତା ଯେବେ,

Digitized by srujanika@gmail.com

ସ୍ୱାଧୀନତାର ସେ
ମୂଲ୍ୟ ମୁଁ ତତେ
ଦେଖେଇ ଦିଅନ୍ତି ଏବେ ।

ମନେପଡ଼େ କେତେ
ଚାନ୍ଦିନୀ ରାତି
ମନେପଡ଼ନ୍ତି ମୋ
ସାଙ୍ଗ ଓ ସାଥୀ
ମନେପଡ଼େ ବଣଭୂଇଁ,
କୋଉଠି ରହିଲେ
କେମିତି ରହିଲେ
ମୋର ସେ ଭଉଣୀ ଭାଇ ?

ମିଳିଲାନି ଟୋପେ
ଝରଣା ଜଳ
ମିଠା ଖଟା କେତେ
ପାଚିଲା ଫଳ
କାହିଁ ସେ ଖୋଲା ପବନ,
ଆଦରେ ଅଜାଡ଼ି
ଦେଇଥିଲା ଯିଏ
ଆମକୁ ନୂଆ ଜୀବନ ।

ଶାଳ, ପିଆଶାଳ,
ଅସନ, ଆମ୍ବ,
ସାହାଡ଼ା, ବାହାଡ଼ା,
ଅଁଳା, ନିମ୍ବ,
ଗହଳ ପତରେ ପଶି,
ଗୀତ ପଦେପଦେ
ଗାଇ ଦେଉଥିଲି
କାହିଁରେ ଏଠି ସେ ଖୁସି ?

❑❑

Digitized by srujanika@gmail.com

ସେଥିରୁ ଦି'ଗଛ ଲଗାରେ ଭାଇନା

ନଡ଼ିଆଟି ଭାରି
ବଢ଼ିଆ ଚିଜ
ଯେମିତି ଖାଇଲେ
ଭାରି ମଉଜ
ଭାରି ଉପକାରୀ ନଡ଼ିଆ,
ସେଥିରୁ ଦି'ଗଛ
ଲଗାରେ ଭାଇନା
ବାଡ଼ି ପକେଇଚୁ ପଡ଼ିଆ ।

ତିଅଣରେ ହୁଏ
ନଡ଼ିଆ ଲୋଡ଼ା
ଶାଗରେ ପଡ଼ିଲେ
ଶାଗ ଖରଡ଼ା
ପିଠା-ପୁର ହୁଏ ନଡ଼ିଆ,
ଗୁଡ଼ ସହିତରେ
ଚକଟି ଖାଇଲେ
ପାଟିକି ଲାଗଇ ବଢ଼ିଆ ।
ଭୋଗ ଲଗା-ହୁଏ
ନଡ଼ିଆ କୋରା
ଭାରି ସୁଆଦିଆ
ନଡ଼ିଆ ବରା
ତେଲ ରନ୍ଧା ହୁଏ ନଡ଼ିଆ,
ସେଥିରୁ ଦି'ଗଛ
ଲଗା ମ ପିଇସା
ବାଡ଼ିଟା ପଡ଼ିଚି ପଡ଼ିଆ ।

Digitized by srujanika@gmail.com

ନଡ଼ିଆ ବାହୁଙ୍ଗା
ଶୁଖିଲେ ଢାଳ
ପିଞ୍ଚରୁ ପହଁରା
ମାଳକୁ ମାଳ
ନଡ଼ିଆ ପତର ଚଟେଇ,
ନଡ଼ିଆକତାରୁ
ଗଦି, ପା'ପୋଛ
ମନେପକା ବୁଦ୍ଧି ଖଟେଇ ।

ନଡ଼ିଆକତାର
ଦଉଡ଼ି ଟାଣ
ବଜାରରୁ କିଆଁ
ଦଉଡ଼ି ଆଣ
ଘରେ ବସି ବଳ ଦଉଡ଼ି,
ଗଛଟିଏ ଥିଲେ
ଦଉଡ଼ି ବଳିଲେ
ପାଇବ ପଇସା କଉଡ଼ି ।

ନଡ଼ିଆ ଗଛଟି
ବଢ଼ିଆ ଦିଶେ
ଶୁଖିଲା ନଡ଼ିଆ
ଗଛରୁ ଖସେ
ହାଲୁକା ସେ ଭାରି ହାତକୁ,

Digitized by srujanika@gmail.com

ଶଶଟି ତାହାର

କାଟି ଖଣ୍ଡ କର

ଟାକି ରହିବ ସେ ଭାତକୁ ।

ଏତେ ଉପକାର

କରଇ ଯିଏ

ଅତି ଆପଣାର

ଆମର ସିଏ

ତାର ପାଇଁ କର ଯତନ,

ଆମକୁ ଦବ ସେ

ଦଉଛି ଯେମିତି

ଅଜାଡ଼ି ତା' ଧନ ରତନ ।

❑❑

Digitized by srujanika@gmail.com

ଦାନା ବି ଦେଇଚି ସଭିଙ୍କି ସେଇ

କିଏ ସେ ସେଇ,
ତାଙ୍କ ପରି ଜଣେ
ଏଡ଼େ କାରିଗର
ସଦା ହସହସ ସୁନ୍ଦର ମଧୁର
ଦୁନିଆ ଭିତରେ
ନାହିଁରେ ନାହିଁ ।

ଗଛ ବଢ଼େଇଚି
ଲତା ବଢ଼େଇଚି
କେତେ ପାଣି ଦେଇ
କୋଉଠୁ କେତେ,
କେତେ ପରକାର
ଛୋଟ-ବଡ଼ ଗଛ
ପୋତି ଦେଇଚି ସେ
କରି ଆଗପଛ,
କେତେ ମିଠା ଫଳ
ନିତି ଝରିପଡ଼େ
ଫୁଲ ତ ଫୁଟଇ
ଯାହାକୁ ଯେତେ ।

ନଈ ପୋଖରୀରେ
ଜାତିଜାତି ମାଛ,
ଜାତିଜାତି କେତେ
କଙ୍କଡ଼ା କଇଁଛ,
ଜନମ ଦେଇଚି

Digitized by srujanika@gmail.com

ଜୀବନ ଦେଇଚି
ଦାନା ବି ଦେଇଚି
ସଭିଙ୍କି ସେଇ ।

ପାହାଚ କରିଚି
ନ ହୁଅଇ ଗଣି
ସବୁଜ ସୁନ୍ଦର
ମନ ନିଏ ଟାଣି,
ପଥର ଯୋଡ଼ିଚି
କେମିତି କେଜାଣି
ଏମିତି ପଥର
କେମିତି ବା ଆଣି,
ଆକାଶକୁ ତାର
ମୁଣ୍ଡ ନଗେଇଚି
ଏଠୁ କେତେ ଦୂର
ନ ହୁଏ ଜାଣି ।

ଦରିଆ ପାଣିକି
ଆଖି ପାଏନାହିଁ
ଯେତେ ଯେତେ ଦେଖ
ସେତେ ନୂଆ ସେଇ,
ଏତେ ପାଣି ଏଠି
ରଖିଲା କେମିତି ?
ଭାରି ତ ନେଳିଆ
ଦିଶୁଚି ପାଣି,

Digitized by srujanika@gmail.com

କେତେ ନୀଳ ରଙ୍ଗ
ଗୋଳିଚିରେ ଏଠି
କୋଉଠୁ ଆଣି ସେ
କୋଉଠୁ ଆଣି ?

ଆକାଶ କରିଚି
ନୀଳ ରଙ୍ଗ ଦେଇ,
କାହିଁ କେତେ ଦୂରେ
ରଖିଚିରେ ନେଇ,
ତାକୁ ବି ଚାହିଁଲେ
ଆଖି ପାଏ ନାହିଁ
ଯେତେ ଚାହୁଁଥିଲେ
ବଢ଼ିଆ ଦିଶେ,
ଦିନ ବେଳେ ଖରା
ରାତି ହେଲେ ତରା
ପୂନେଇଁରେ ଚାନ୍ଦ
ମୁରୁକି ହସେ ।

Digitized by srujanika@gmail.com

ଖଟିବି ମୁଁ ଯେତିକି ପାରିବି

ଘରେ ମୋର
ବାପା, ବୋଉ, ଭାଇ
ଦାଦା, ଖୁଡ଼ି,
ଅଜା ଆଉ ଆଇ
ମତେ ଯିଏ ଭାରି ଭଲପାଏ
ସିଏ ମୋର
ସୁଲୋଚନା ଦେଈ ।

ମୋ' ଦିହରେ
ତେଲ ମାଖିମାଖି
ହାତ ଧରି
ଗାଧେଇ ନିଏ ସେ
ରାମାୟଣ ମହାଭାରତରୁ
ମତେ କେତେ
କାହାଣୀ କହେ ସେ ।

ମୋ' ଆଇକି ସତୁରିରୁ ବେଶି
ଗୋଡ଼ ହାତ
ଥରିଲାଣି ତାର,
ସେଥିରେ ସେ
ସବୁ କାମ କରେ
ନିତି ଲିପେ
ଘର ଓ ଦୁଆର ।

ବୋଉ ମୋର
ତରକାରି କଲେ
କାଟି ଦିଏ
ଆଳୁ ବାଇଗଣ

Digitized by srujanika@gmail.com

ଚୁଲିମୁଣ୍ଡେ ଚୁଲି ଢାଳେ ବସି
ପିଠା କଲେ
ବାଟି ଦିଏ 'ଆଣ' ।

ମୋ' ମାଆକୁ
ମନାକଲି ଦିନେ
ଆଉ କାମ
ନ କରିବା ପାଇଁ
ସିଏ ଯାହା କହିଦେଲା ମତେ
ଶୁଣିଶୁଣି
କାବା ହେଲି ମୁହିଁ ।

''ହାତଗୋଡ଼ ଚଳୁଥିବା ଯାଏ
ଖଟିବି ମୁଁ
ଯେତିକି ପାରିବି
ବସି ଶୋଇ
କେମିତିରେ ମୁହିଁ
ଏଡ଼େ ବଡ଼
ଦିନଟି ସାରିବି ?''

ମାଆ ମୋର
ଆଜି ଆଉ ନାହିଁ
ମରି ହଜି
ଗଲାଣି କୁଆଡ଼େ
'ଖଟିବି ମୁଁ ଯେତିକି ପାରିବି'
ସେ କଥାଟି
ଏବେ ମନେପଡ଼େ ।

❑❑

Digitized by srujanika@gmail.com

ମୋ ଜୀବନ ସୁଆଦ ସେଇଠି

ମହୁମାଛି
ଫେଣାଟିଏ କରେ
ସେଥିପାଇଁ
　　　　ଜାଗା ନିଏ ବାଛି,
ସେଥିରେ ସେ
ମହୁ ରଖେ ଆଣି
ସେଥିରୁ ସେ
　　　　ଖାଏ ନାହିଁ କିଛି ।

ଝୁଲି ରହେ
ଫେଣାଟି ଗଛରେ
ତଥି ପରେ
　　　　ଝୁଲେ ବସି ସିଏ,
ଗହଳିଆ
ପତର ଭିତରେ
ବେଳେବେଳେ
　　　　ହସି ଗୀତଗାଏ ।

ସେ ଫେଣାଟି
ଭାଙ୍ଗିଯାଏ ଦିନେ
ଭାଙ୍ଗେ ତାକୁ
　　　　ଏଇ ଏ ମଣିଷ,
ଫେଣା ଫାଟି
ଝରିପଡ଼େ ମହୁ
ସେ ଫେଣାଟି
　　　　ସେଠି ହୁଏ ଶେଷ ।

Digitized by srujanika@gmail.com

ପୃଥିବୀର
ଶ୍ରେଷ୍ଠ ଜୀବ ବୋଲି
ଏ ମଣିଷ
ପିଟୁଛି ନାଗରା,
ନିରୀହ ଏ
ମାଛି ମାରିବାକୁ
ନିଆଁହୁଳା
କରଇ ଆଶରା ।

ଲକ୍ଷ ଫେଣା
କରିପାରେ ମୁହିଁ
ମୋ ଜୀବନ
ସୁଆଦ ସେଇଠି,
ଫେଣାଟିକି
ଭାଙ୍ଗି ଦେଇ କେହି
ଭାବିଚ ମୁଁ
ଦବିଯିବି ସେଠି ?

ମହୁ ନେଲ
ହଉ, ଭଲ କଲ
ମୋ' ଘରଟି
ପୋଡ଼ିଦେଲ କିଆଁ ?
ଏ କଥା ବି
ଶୁଣିଥାଅ ଭାଇ,
ସେଥିପାଇଁ
ନୁହେଁ ମୁଁ ଛାନିଆ ।

Digitized by srujanika@gmail.com

ଏଠି ଟିକେ
ମୋ' କହିବା କଥା
କାରିଗରୀ
ଜାଣେ କାରିଗର,
ମହୁ ମୋର
ସଞ୍ଚିତ ଦରବ
ନେଇଗଲ
ଦୁଃଖ ନାହିଁ ମୋର ।

ତମେ ଯେବେ
ଶିଖି ପାରିଥିବ
ପର ପାଇଁ
କରିବାକୁ କିଛି,
'ପର ମନେ
ଆଘାତ ନ ଲାଗୁ'
ଏହା ଯେବେ
ନେଇଥିବ ବାଛି,
ମୁଁ ନିଜକୁ
ଧନ୍ୟବାଦ ଦେବି
ଆଉ ମଧ
କହିବି ମୁଁ ବୁଲି,
'ଏ ମଣିଷ
ବିବେକୀ ଓ ଜ୍ଞାନୀ'
ଏହା କେହି
ନ ଯାଅରେ ଭୁଲି ।

❑❑

Digitized by srujanika@gmail.com

Digitized by srujanika@gmail.com

ସିଏ ମୁଁ ତମେ

ନନ୍ଦ କିଶୋର ସାମଲ

ପ୍ରଥମ ପ୍ରକାଶ-୧୯୯୨

ମୂଲ୍ୟ-ଟ୧୫.୦୦

ପ୍ରକାଶକ :
ପ୍ରଦୀପ୍ତ କିଶୋର ସାମଲ
କୁସୁପୁର, କଟକ

ଏହି ପୁସ୍ତକରେ ସ୍ଥାନ ପାଇଥିବା 'ନଡିଆ' କବିତାଟି ପୂର୍ବରୁ
'ଆମେ ମାଟିର ସୁନା-ଫରୁଆ' ପୁସ୍ତକରେ
''ସେଥିରୁ ଦି'ଗଛ ଲଗାରେ ଭାଇନା''
ଶୀର୍ଷକରେ ପ୍ରକାଶ ପାଇଛି ।
ତେଣୁ ଏଠାରେ 'ନଡିଆ' କବିତାକୁ ବାଦ ଦିଆଗଲା ।

-ସମ୍ପାଦକ

Digitized by srujanika@gmail.com

ମୋ ଗାଁ

ଭାରି ଭଲ ଲାଗେ
ମତେ ମୋ ଗାଁ
ଆଲୁଅ ପବନ ତା'ର,
ଯୋଉଠି ରହିଲେ
ଯୁଆଡ଼େ ଗଲେ
ମନେ ପଡ଼ିଯାଏ ମୋର ।

ମନେପଡ଼େ ତା'ର
ଟିକି ଗଡ଼ିଆ
କଅଁଳ କଳମନଟି,
ଟିକିଏ ଦୂରର
ନୀଳ ପାହାଡ଼
ପାହାଡ଼ ଝୁମୁକି ଝାଟି ।

ନାଳ ସେପାରିର
ଧାନ କିଆରି
ଏ ପାରିର ତାଳବଣ,
ସେଇଠି ପାଖର
କିଆ ଗୋହିରୀ
କଣ୍ଟିବୁଦା ପଣପଣ ।

ବଉଳ ବାସନା
ଭାରି ବଢ଼ିଆ
ବଉଳବଣରୁ ଆସେ,
ନିତି ନିତି ଥରେ
ସଞ୍ଜ ପହରେ
ସେଠି ମୁଁ ଘଡ଼ିଏ ବସେ ।

Digitized by srujanika@gmail.com

ଗାଁ ବିଲ ତଳେ
ବିଲୁଆ ଭୁକେ
ଘଡ଼ିଏ ହୋଇଲେ ରାତି
ରାତି ଅଧ ହେଲେ
ସେଠି କୁଆଡ଼େ
ଜଳି ଉଠେ କେତେ ବତୀ ।

ଗାଁ ପଛ ଆଡ଼େ
ବିରୂପା ନଈ
କୋଉ କାଳୁ ଯାଏ ବହି,
ଶାନ୍ତ ସରଳ
ତରଳ ସେ'ତ
ଜଳଦାନ ଦେଇଦେଇ ।

ଗାଁ ଚାଟଶାଳୀ
ଆଜି ବି ଅଛି
ପିଲାଏ ପଢ଼ନ୍ତି ପାଠ,
ଛୁଟି ହେଇଗଲେ
ସେଇ ସେ ପିଲେ
ସଡ଼କେ କରନ୍ତି ନାଟ ।

ଭାରି ଭଲ ଲାଗେ
ମତେ ମୋ ଗାଁ
ଆଲୁଅ ପବନ ତା'ର,
ଯୋଉଠି ରହିଲେ
ଯୁଆଡ଼େ ଗଲେ
ମନେ ପଡ଼ିଯାଏ ମୋର ।

❑❑

Digitized by srujanika@gmail.com

ସହିବା ଗୁଣ ବେଶି

ଚାଷୀ
ସବୁବେଳେ ସେ ଖୁସି,
ସକାଳୁ ଉଠି
ପଖାଳ ଖାଏ
ହଉ ପଛକେ ବାସି ।

ଚାଷୀ
ରହେନାହିଁ ସେ ବସି,
କିଛି ଗୋଟାଏ
କରିଥାଏ ସେ
ବିଲବାଡ଼ିରୁ ଆସି ।

ଚାଷୀ
ଗଡ଼ିଆ ଜଳେ ପଶି
ମାଛ ଦୋ'ଟି
ଅଣ୍ଡାଳି ଧରେ
ଅଳ୍ପ ହେଉ ବା ବେଶି ।

ଚାଷୀ
ନ ଥାଏ କେବେ ରୁଷି,
ଯା' ପାଏ ସେ
ତା' ଖାଏ ସେ
ସେଇଥିରେ ସେ ଖୁସି ।

Digitized by srujanika@gmail.com

ଚାଷୀ
ବିଲରେ ବୁଣେ ଫେଣି,
ବାଡ଼ିରେ କରେ
ଶାଗ, ପରିବା
ଫସଲ ବାରମାସୀ ।

ଚାଷୀ
ମାଟିରେ ଯାଏ ମିଶି,
ଚନ୍ଦନ ମଣେ
ମାଟି କାଦୁଅ
ଦିହରେ ଦେଲେ ନେସି ।

ଚାଷୀ
ଗୋଡ଼ରେ ତେଲ ଘଷି,
ସେକି ନିଏ ତା
ପାଦ ଦୋ'ଟି
ଚୁଲି ମୁଣ୍ଡରେ ବସି ।

ଚାଷୀ
ଦାଣ୍ଡ ପିଣ୍ଡାରେ ବସି,
ସଞ୍ଜିଆ ବେଳେ
ହାତରେ ବଳେ
ନଡ଼ିଆକତା-ରସି ।

ଚାଷୀ
ପାଠ ପଢ଼ିନି ବେଶି,
ନିଜ କାମକୁ
ତୁଲେଇବାକୁ
ଗଣି ଶିଖିଚି ଅଶୀ ।

Digitized by srujanika@gmail.com

ଚାଷୀ
ଅମଳ କରେ ରାଶି,
ଘଣାକୁ ନେଇ
ତେଲ କରେ ସେ
ଅବା କଳରେ ପେଷି ।

ଚାଷୀ
ସହିବା ଗୁଣ ବେଶି,
ଖରା କାକର
ବରଷାଧାର
ସହିସହି ସେ ଖୁସି ।

□□

Digitized by srujanika@gmail.com

ସତୁରି ବରଷ ତଳେ

ଦୋକାନର ନାଁ କାଣ୍ଡି
ଚାରି ପଇସାର
ସଉଦା କିଣି
ଲୋକେ ମାରୁଥିଲେ ହେଣ୍ଡି ।

ମାଙ୍କଡ଼ ଆସନ୍ତି ମାଡ଼ି
କଖାରୁ ଖାଆନ୍ତି
ପିଢ଼ାରେ ଚଢ଼ି
ହୁଁ-ହୁଁ କରି ରଡ଼ି ।

'ହୁକେ ହୋ' 'ହୁକେ ହୋ'
କିଆବୁଦା ମୂଳେ
ବିଲୁଆ ଭୁକେ
ଶୋ'ରେ ବାଇଆ ଶୋ ।

ଗାଁର ପୁରୁଷ ନାରୀ
ବାଟ ବରମୂଳେ
ଢାଳନ୍ତି ବାରି
ସକାଳୁ ଗାଧେଇ ସାରି ।

କେବଳ ଶଗଡ଼ ଗାଡ଼ି
କଦବା କେଉଠି
ଗାଁ ସଡ଼କେ
ବେଳେବେଳେ ଯାଏ ଗଡ଼ି ।

ଯୁଆଡ଼େ ଦେଖିବ ଗଛ
ପନିପରିବା ତ
ଯାହାକୁ ଯେତେ
ନଈ ପୋଖରୀରେ ମାଛ ।

Digitized by srujanika@gmail.com

କଣ୍ଢିବୁଦା ଭଳି ଭଳି
ସେଇଟି ପାଖରେ
କଣ୍ଢେଇ କୋଳି
ଅଣ୍ଟି ପୂରିଯାଏ ତୋଳି ।

ଝଙ୍କା ବର ଡାଳେଡାଳେ
ଚିଁ ଚିଁ ହୋଇ
କେତେ ବାଦୁଡ଼ି
ଉଡ଼ିଯାନ୍ତି ବେଳେବେଳେ ।

କଣ୍ଟାବୁଦା ବୁଦିବୁଦି
ମା' ସାଙ୍ଗରେ ତା
ଛୁଆ ନେଉଳ
ଖେଳୁଥାଏ କୁଦିକୁଦି ।

ନାଲିଆ ନେଳିଆ ପକ୍ଷୀ
ଏ ଡାଳରୁ ଉଡ଼ି
ସେ ଡାଳେ ବସେ
ଭାରି ମଜା ଲାଗେ ଦେଖି ।

ଉଡ଼ନ୍ତି ଲୋଟଣି ପାରା
ଫିଟିଫିଟି ପର
ଆକାଶ ସାରା
କାହାକୁ ନ ଦେଇ ଧରା ।

ସାଧାସିଧା ଥିଲେ ଲୋକ
ସାଧାସିଧା ତାଙ୍କ
ବେଶପୋଷକ
ପେଟରେ ନଥିଲା ଭୋକ ।

Digitized by srujanika@gmail.com

ଗାଆଁକୁ ପଶଇ ବାଘ
ବାର କୋଶ ବୁଲେ
ଏକା ରାତିକେ
ପଡ଼େ ତା' ପାହୁଲ ଦାଗ ।

ଗାଁ' ଯାକ ଚାଳଘର
ଗାଆଁକୁ ମାନଇ
ଭାରି ସୁନ୍ଦର
ରାତିରେ ଟିକିଏ ଡର ।

ସଞ୍ଜକୁ ରୋଷେଇ ବସେ
ସବୁ ଚାଳଘରୁ
ଉଠଇ ଧୂଆଁ
ଦୂରକୁ ସୁନ୍ଦର ଦିଶେ ।

ଆଦର ସେନେହ ଶ୍ରଦ୍ଧା
ବହି ଯାଉଥିଲା
ଝରଣା ପରି
କୋଉଠି ନ ପାଇ ବାଧା ।

ସତୁରି ବରଷ ତଳେ
ଘିଅ ଦୁଧ ଆଉ
ମାଛ ମାଉଁସ
ଖାଇଲେ ବୋଇଲେ ବଳେ ।

❑❑

Digitized by srujanika@gmail.com

ଫୁଲ

ସବୁଠେଇଁ ଖାଲି
ଆଳୁ ବାଇଗଣ
ପିଆଜ ରସୁଣ ମେଞ୍ଚାକୁ ମେଞ୍ଚା,
ଏଡ଼େ ବଡ଼ ଡମ
ଗାଆଁଟା ଭିତରେ
କାହିଁରେ କୋଉଠି ଫୁଲବଗିଚା ?

ଆଗ କଥା ସବୁ
ଭୁଲିକି ଗଲାଣି
ଫୁଲଟି ଖୋଜିଲେ ମିଳେ ତ ନାହିଁ,
କେତେ ଜାତି ଫୁଲ
ଆଗେ ଫୁଟୁଥିଲା
ସେ ଫୁଲରୁ ଗୋଟେ କୋଉଠି କାହିଁ ?

କେତେ ଆମ୍ବତୋଟା
କଟା ସରିଲାଣି
ଆଉ ତ ନାଇଁ ସେ ଆମ୍ବବଉଳ,
ବସନ୍ତ ଆସିବ
ଫୁଲ ଫୁଟେଇବ
ଫୁଲଗଛ କାହିଁ, କି ହେଲା କାଳ !

ହସି ସେ ହସାଏ
ତୁମକୁ ଆମକୁ
ସମସ୍ତଙ୍କୁ ହସି କହେ ତ ସେଇ,
ମନ ଖୋଲି ଟିକେ
ହସରେ ମାନବ
ଯେତେ ଦିନ ଏଠି ଅଛୁରେ ତୁହି ।

Digitized by srujanika@gmail.com

ଆମକୁ ଯେ ଏଠି
ଫୁଲ କରିଅଛି
ମଣିଷ କରିଚି ସେଇ ତୁମକୁ,
ତୁମରି ମୁହଁରେ
ହସ ଦେଖିବାକୁ
ଚାହିଁଚି କେମିତି ଚାହାଁନି ତାକୁ ।

ବନ୍ଧୁ କରିଚୁ
ସମସ୍ତଙ୍କୁ ଆମେ
ଆମର ତ କେହି ଶତ୍ରୁ ନାହିଁ,
ସେଥିପାଇଁ ଆମେ
ହସିପାରୁଅଛୁ
ଶୁଣିଥା ମୋ' ପ୍ରିୟ ଭଉଣୀ ଭାଇ ।

ତୁମେ ସେଇପରି
ପ୍ରିୟ ବନ୍ଧୁ ହେ
ତୁମେ ସେଇପରି କଟାଅ କାଳ,
ଦେଖଦେଖ ତୁମ
ଆଗରେ କେମିତି
ପାଣିସୁଅ ପରି ଛୁଟିଚି ବେଳ ।

❑❑

Digitized by srujanika@gmail.com

ଛୁଆଁ-ଅଛୁଆଁର କଥା

ବୁଝିଲିରେ ବାପ
ବୁଝିଲି ମୁହିଁ
ମଣିଷ ଭିତରେ
ଅଛୁଆଁ ନାହିଁ
          ପାରି ନ ଥିଲି ମୁଁ ଦେଖି,
ପାଠ ବି' ଅକ୍ଷର
ପଢ଼ିବାରୁ ମୋର
          ଫିଟି ଯାଇଅଛି ଆଖି ।

ବୁଢ଼ାଦିନେ ପାଠ
ପଢ଼ିଲି ମୁହିଁ
ପଢ଼ିଲି ମୁଁ କେତେ
ପୁରାଣ ବହି
          ଗାନ୍ଧିବୁଢ଼ାର ସେ ବ୍ୟଥା,
ଜାଣିବାକୁ ମତେ
ସୁବିଧା ମିଳିଲା
          ଛୁଆଁ-ଅଛୁଆଁର କଥା ।

Digitized by srujanika@gmail.com

ଆମେ ତ ମଣିଷ
ସିଏ ମଣିଷ
ମିଳିମିଶି ଆମେ
ଚଳିବା ଆସ
ବଡ଼ କିଏ, କିଏ ସାନ ?
ଏଇପରି ଯିଏ
ବିଚାର କରିଚି
ସେଇ ତ ଆମରି ମନ ।

ସେ ମନକୁ ଆସ
ବୁଝେଇଦବା
ଅଛୁଆଁ ଭାବଟି
ହଟେଇ ଦବା
ମନ ହେଇଯିବ ସୁନା,
ସମସ୍ତଙ୍କୁ ଆମେ
ଆଦର କରିବା
ଛୁଟାଇ ଆଦର ବନ୍ୟା ।

Digitized by srujanika@gmail.com

ମୋ' ପୁଅ ଜୀବନ
ରଖିଲା ଯିଏ
ବାଉରି ଘରର
ପିଲାଟି ସିଏ
ପୂରନ୍ତା ନଈରୁ ଛାଣି,
ବୁଡ଼ି ଯାଉଥିବା
ପୁଅଟିକି ମୋର
କୂଳକୁ ଆଣିଲା ଟାଣି ।

କେମିତି ଭୁଲିବି
ସେଇ କଥାକୁ
କେମିତି କହିବି
ଅଛୁଆଁ ତାକୁ
ପ୍ରଭୁ ନ କରିଚି ଯାହା,
ସାମାନ୍ୟ ଗୋଟିଏ
ମଣିଷ ହେଇ ମୁଁ
କେମିତି କରିବି ତାହା ?

❑❑

Digitized by srujanika@gmail.com

ସେ ହସ ଲିଭିଚି ଆଜି

ପିଲାଟି ବେଳରୁ ଖେଳେ ମୁଁ ଏଠି
ଏଇଠି ଖେଳେ ମୁଁ ଖେଳେ ସେଇଠି
ଆସି ଖେଳୁଥିଲି ଚକାଭଉଁରୀ
ଚିଲିକା ପାଣିକି ଦି' ଭାଗ କରି
ଆଜି ଖେଳୁଥିଲି ଏକା,
ଆଉ ଟିକେ ପରେ
ଆସି ଯାଇଥା'ନ୍ତେ
କେତେ ସାଙ୍ଗସାଥୀ ସଖା ।

ସେ ସୁଯୋଗ ଆଉ ଯୁଟିଲା ନାହିଁ
ଦଇବ ତାହାକୁ ନେଲା ଛଡ଼େଇ
ଶରଟିଏ ଗଲା ମୋ ଦେହେ ଗଳି
ଚିଲିକା ଛାତିରେ ପଡ଼ିଲି ଟଳି
ମୋ / ଚଢ଼େଇ ଜୀବନ କେତେ,
କିଏ ସେ ମାରିଲା
କୋଉଠୁ ମାରିଲା
କାହିଁକି ମାରିଲା ମତେ ?

'ଭାଲେରୀ' 'ସୋଲରି' 'ମାମୁ ଭଣଜା'
'ଢଟିଆ ନାସି'ରେ କରେ ମୁଁ ମଜା,
ସେ ସୁଖ ସରିଲା ଆଜିଠୁଁ ମୋର
ମୋ ଦେହରୁ ଛୁଟେ ରକତ ଧାର
ଏଇ ମୋ ମୃତ୍ୟୁ-ଶର,
ଆଉ ଲୋ ଚିଲିକା
ଦେଖା ହେବନାହିଁ
ଆଜିଠଉଁ ତୋର ମୋର ।

Digitized by srujanika@gmail.com

ମା’ କାଳିଜାଇ ରହିଲୁ କାହିଁ ?
ଗଲାବେଳେ ତତେ ଦେଖିଲି ନାହିଁ,
ସରିଗଲା ମୋର ଉଡ଼ିବା ସୁଖ
ଚିଲିକା ପାଣିରେ ବୁଡ଼ିବା ସୁଖ
କିଛି ମୁଁ ପାରୁନି ଭାବି,
ଲିଭିଲିଭି ଆସେ
ଏଇ ମୋ ଆଖିରୁ
ଚିଲିକା-କୂଳର ଛବି ।

କୋଉଠି ରହିଲୁ ‘ମାମୁ ଭଣଜା’
ଭୁଲିପାରୁନି ମୁଁ ତୋ’ କୋଳ ମଜା,
ଏବେବି ମୋ ମନେ ଉଠୁଚି ଭାସି
‘ଭାଲେରୀ’ ‘ସୋଲରି’ ‘ଜଟିଆ ନାସି’
କାହାକୁ ଭୁଲିନି ମୁହିଁ,
ଭୁଲିନି ଚିଲିକା
ତୋର ନୀଳ ଜଳ
ସେଇଠି ମୋ ସାଙ୍ଗ ଭାଇ ।

‘ଚଢ଼େଇହଗା’ରେ ‘ଚଢ଼େଇହଗା’
ତତେ ଦେଖୁନାହିଁ ମୁଁ ହତଭାଗା,
ତୋ କୋଳେ କାଟିଚି କେତେ ବରଷ
କେତେ ଦେଖିଚୁ ମୋ’ ମୁହଁରେ ହସ
ସେ’ ହସ ଲିଭିଚି ଆଜି,
ପକ୍ଷୀ-ରାଇଜରୁ
ଚିଲିକା ଛାତିରୁ
ଆଜି ମୁଁ ଯାଉଚି ହଜି ।

❑❑

Digitized by srujanika@gmail.com

ବଉଳି

ଦୁଧ ଦଉଥିଲା ବଉଳି ଗାଈ
କାହିଁ ସେ'ତ ଆମ ଗୁହାଳେ ନାହିଁ
ବଉଳି କୁଆଡ଼େ ଗଲା ?
ଏଓଳି ସେଓଳି ଦି' ଓଳିଯାକ
କେତେ ଦୁଧ ଦଉଥିଲା !

କାହିଁଲୋ ମା' ଆମ ବଉଳି କାହିଁ ?
ହଜିଚି କି ଯିବି ଖୋଜିବା ପାଇଁ ?
ଘାସ ମୁଁ ଆଣିଚି ଘାସ,
କାହିଁ ମାଆ, ଆମ କଅଁଳ ବାଛୁରୀ
କାହିଁ ତୋ' ମୁହଁରେ ହସ ?

''କ'ଣ କରିବି ମୋ' ବାପଧନ
ବୁଝିବ କି ତୋର ଅବୁଝା ମନ
ବଉଳି ନାହିଁରେ ନାହିଁ,
ମୁଁ ତାକୁ ନେଇ ହାଟରେ ବିକିଚି
ଆଉ ସେ ଆସିବ ନାହିଁ ।

ତାର / ବେକ ପଘା ଧରି ଟାଣିଲି ଯେତେ
ପଛକୁ ସେ ଟାଣି ହେଲାରେ ସେତେ
ତାର / ଯିବାକୁ ନ ଥିଲା ମନ,
ଜବରଦସ୍ତ ମୁଁ ଟାଣିନେଇ ତାକୁ
ବିକିଦେଲି ହାଟଦିନ ।

Digitized by srujanika@gmail.com

କୁଆଡ଼େ ଗଲା ସେ
ନେଲା କିଏ ସେ
ସବୁବେଳେ ତାର ମୁହଁଟି ଦିଶେ
ଭୁଲି ମୁଁ ପାରୁନି ତାକୁ
ତାଆରି ପାଖରେ କାଟିଥିବା କେତେ
ସଞ୍ଜ ଆଉ ସକାଳକୁ ।''

''କେତେ କାହ୍ନୁଥିବେ
ବାଛୁରୀ ଗାଈ
କାହ୍ନୁ ତ ଥିବେ ଲୋ ଲୁହ ଗଡ଼େଇ
ଶୋଉ ତ ନ ଥିବେ କେହି,
କଅଁଳି ବାଛୁରୀ ମତେ ଖୋଜୁଥିବ
କଅଁଳିଆ ଦୂବ ପାଇଁ ।

ଦୂବଘାସ ପାଇଁ କାହିଁକି ଯିବି
କଅଁଳିଆ ଦୂବ କାହାକୁ ଦେବି
ହାତେ ଧରିଥିଲେ ଦୂବ,
ମୁହଁଟି ବଢ଼େଇ ଦୂବ ଖାଇବାକୁ
କିଏ ଆଉ ଟାଣିହବ ?

ଆଉଁସି ଦିଏ ମୁଁ
ଯେବେ ଲୋ ତାକୁ
ମୋ' ଦିହରେ ଘଷେ ତାର ଦିହକୁ,
କୋଉଠି ସେ କିଏ ଥିଲା
ଦୁଧ ଟୋପେ ଟୋପେ ପାଉଥିଲୁ ତା'ଠୁଁ
ତାକୁ ବି ଛଡ଼େଇ ନେଲା ?''

❑❑

Digitized by srujanika@gmail.com

ସ୍ୱାଧୀନତା ସିନା ସେଇ

ପିଞ୍ଜରାରେ ମତେ ରଖିଚୁ ଧରି
ଭାଙ୍ଗିପାରୁନି ମୁଁ ଏଡ଼େ ପିଞ୍ଜରି
          ସେତକ ପାରନ୍ତି ଯେବେ
ସ୍ୱାଧୀନ ମନର ସୁଆଦ ଟିକକ ଚଖେଇ ଦିଅନ୍ତି ତେବେ ।

ମୋର ରବ ଶୁଣି ଭାବୁଚୁ କି'ରେ
ଗୀତ ମୁଁ ଗାଉଚି ମନ ଖୁସିରେ
          ନା / ଗୀତ ଗାଏନା ମୁଁ କାନ୍ଦେ
ପକ୍ଷୀଟିଏ ହେଇ ଉଡ଼ି ପାରିଲିନି କରମକୁ ମୋର ନିନ୍ଦେ ।

ମନେ ପଡ଼ନ୍ତି ମୋ' ସାଙ୍ଗ ଓ ସାଥୀ
ଶାଳବଣର ସେ ଜହ୍ନରାତି
          ମୋର / ଶାଳ ପିଆଶାଳ ବଣ,
ଅଛି କି ନ ଅଛି ସେଇଠି ସେମିତି ସନ୍ଦେହ ମୋର ମନ ।

ଯେତେହେଲେ ସେ ମୋ ଜନମ ମାଟି
ଗୋଟିଏ ଗଛ ବି ନ ଥାଉ ସେଠି
          ସେଇ ମୋ ସରଗପୁର
ତାହାରି କୋଳରେ କଟିଚି ଅନେକ ବର୍ଷ ମାସ ଦିନ ମୋର ।

ଏଠି ମିଳେନା ସେ ଝରଣା ଜଳ
ଖଟା ମିଠା କେତେ ପାକଲା ଫଳ
          ଆଉ ସେ ଶୀତଳ ଛାଇ
ଖାଇବା ପିଇବା ଭୁଲୁଥିଲି ଟିକେ ବସିଗଲେ ସେଠି ଯାଇ ।

Digitized by srujanika@gmail.com

ଯୁଟିଲାନି ଟିକେ ଉଡ଼ିବା ପାଇଁ
ଦି' ଦି'ଟା ମୋ ପକ୍ଷ ଥାଇ
ଫଗୁଣ ପୂନେଇ ଦିନେ
କେତେ ଉଡୁଥିଲି ଏ ଡାଳ ସେ ଡାଳ ଆମ୍ବ ମହୁଲ ବନେ ।

ସ୍ୱାଧୀନ ଯୁଗର ମଣିଷ ତମେ
ସ୍ୱାଧୀନ ଯୁଗର ପକ୍ଷୀ ଆମେ
ଆମକୁ ବନ୍ଦୀ କରି,
କେମିତି ଗାଉଚ ସ୍ୱାଧୀନତା ଗୀତ ଜାତୀୟ ପତାକା ଧରି ?

ନିଜ କଥା ନିଜେ ଭାବୁଚ, ଭାବ
ପରକୁ ଟିକିଏ ଦିଅରେ ଠାବ
ସ୍ୱାଧୀନତା ସିନା ସେଇ,
କଥାରେ କହୁଚ ଯେତେ ଯେତେ କଥା କାମରେ ତ ମୋଟେ ନାହିଁ ।

❑❑

Digitized by srujanika@gmail.com

ରଜକୁ ସୁନ୍ଦର ଦୋଳି

ରଜକୁ ସୁନ୍ଦର ଦୋଳି
ରଜକୁ ସୁନ୍ଦର ବୁଢ଼ାଚକୁଳି
ପୋଡ଼ପିଠା ଭଳିଭଳି ।

ମାଚେଇ ପୂରିଲାଣି ଅଶା
ପାକଲା ତାଳ ମୁଁ ଯିବିରେ ଖସି
ଏଇ ଦୁନିଆରୁ ଭାସି ।

ଆମ ପିଲାବେଳ ରଜ
କଥା ଦି' ପଦ କହିବି ଆଜ
ଶୁଣିବାକୁ ହୁଅ ସଜ ।

ରଜ ତିନିଦିନ ଯାକେ
ଦାନ୍ତକାଠିଟିଏ ଭାଙ୍ଗେନି କେହି
ଆଗରୁ ସେ ଭାଙ୍ଗି ରଖେ ।

ଢାଗାଢାଗା ଆମ୍ବତୋଟା
ସବୁରି ବାରିରେ ବଉଳ ଆମ୍ବ
ଗଛ ଭାରି ମୋଟାମୋଟା ।

Digitized by srujanika@gmail.com

ଡାଳେ ଡାଳେ ପଟା-ଦୋଳି
ଦିନକ ଆଗରୁ ଲଗେଇଥାନ୍ତି
ଗାଁ'ର ଟୋକାଏ ମିଳି ।

ସ୍ନେହ ଆଦରର ବୋଝ
ବୋହି ପାରନ୍ତିନି ପିଲାଠୁଁ ବୁଢ଼ା
ସେଇ ତ ରଜ ମଉଜ ।

ଗାଁ-ବୋହୂ ଝିଏ ମିଳି
ରଜ ତିନିଦିନ ଖେଳନ୍ତି ଦୋଳି
ସଜ ହେଇ ଭଳିଭଳି ।

କେତେ ରଜଭାର ଆସେ
ଉଖୁଡ଼ା, ପଣସ, ନଡ଼ିଆ, ଆମ୍ବ,
ସପୁରି ବଢ଼ିଆ ବାସେ ।

ସବୁ ଘରେ ପିଠା-ପୋଡ଼
କପୂର ମରିଚ ନଡ଼ିଆ ଛେନା
ପୂର ସହିତରେ ଗୁଡ଼ ।

'ଶାଗୁଆଡି' ଭାଗ ବସେ
ଗୋଟିଏ ଭାଗକୁ ଷୋଳପଇସା
ବଳି ପଡ଼ିଯାଏ ଶେଷେ ।

Digitized by srujanika@gmail.com

ସେ କାଳର କେତେ ନାରୀ
ଖାଆନ୍ତିନି ଶାଗୁଆତି ତର୍କାରି
ସେଥିପାଇଁ ଘୃଣା ଭାରି ।

ସଡ଼କରେ ପାରି ପାଲ
ବୁଢ଼ାବୁଢ଼ା ଲୋକେ ଖେଳନ୍ତି ପଶା
ବୋହିପଡୁଥାଏ ଗେଲ ।

ଢୋଲ ପେଁକାଳି ବାଜେ
ଟୋକାଏ ଖେଳନ୍ତି ବାଗୁଡ଼ି ଖେଳ
ଘରକୁ ଫେରନ୍ତି ସଞ୍ଜେ ।

ରଜ ତିନି ଦିନ ପଡ଼େ
ବସୁମତୀ ମାଆ ଗାଧୁଆ ଦିନ
ଚତୁର୍ଥ ଦିନରେ ପଡ଼େ ।

❑❑

Digitized by srujanika@gmail.com

ଗଛ ନାହିଁ, ନାହିଁ ଛାଇ

ସୁଆଦିଆ ଜାମୁକୋଳି
କେତେ ଖାଉଥିଲେ ଗଛରୁ ତୋଳି
ମନେ ପକାନିରେ ଭୋଳି ।

ଏଠି ଯେତେ କିଆବୁଦା
ଦିନ ଦି'ପହରେ କେତେ ନେଉଳ
ଏଠି ମାରୁଥିଲେ କୁଦା ।

ମେଲଣ ପଡ଼ିଆ ତୋଟା
ସେଠି ଯେତେ ଥିଲା ଆମ୍ବ ପଣସ
କାହିଁରେ ସେଥିରୁ ଗୋଟା ?

ନଈକୂଳ ତାଳବଣ
ତୁ ଦେଖିଥିଲୁ ମୁଁ ଦେଖିଚି
କାଟିନେଲେ କେଇ ଜଣ ।

ବରଗଛଟିଏ ଖୁଣ୍ଟା
ନିରୀହଟି ପରି ଠିଆ ହେଇଚି
ଡାଳଯାକ ତା'ର କଟା ।

Digitized by srujanika@gmail.com

କାହିଁ ସେ କଦମ୍ବ ଡାଳ
କଦମ୍ବ ଫୁଲକୁ କେଡ଼େ ଶରଧା
କୁଆଡ଼େ ଗଲା ସେ ବେଳ !

ପାଚି ଝଡୁଥିଲା କେନ୍ଦୁ
ପାଚି ଝଡୁଥିଲା ପାକଲା ଆମ୍ବ
ମନେ ପକାନିରେ ବନ୍ଧୁ !

ପଦା କରିଦେଲା ତୋଟା
କେଡ଼େ ସୁନ୍ଦର ସେ କଦମ୍ବ ଗଛ
ରହିଲା ନାହିଁରେ ଗୋଟା ।

ଗଛ ନାହିଁ, ନାହିଁ ଛାଇ
ଯୋଉ ଛାଇତଳେ ଚରିବୁଲନ୍ତି
ପଲପଲ ଗୋରୁଗାଈ ।

ନାହିଁ ସେ ମନୁଆ ବଟ
ବଇଶାଖ ମାସ ଖରାବେଳରେ
ଗୁଣ୍ଡୁଚି କରନ୍ତି ନାଟ ।

❑❑

Digitized by srujanika@gmail.com

ସିଏ ମୁଁ ତମେ

ଭାରତ ଆମ
ଜନମ ଭୂଇଁ
ଭାରତ ଆମ ମାତା
ତା' କୋଳେ ଆମେ
ଶୁଣୁଚେ ନିତି
ନୂଆ ନୂଆ କଥା ।

ହିନ୍ଦୁ ଆମେ
ବୌଦ୍ଧ ଆମେ
ଆମେ ଖ୍ରୀଷ୍ଟିୟାନ
ଶିଖ ଆମେ
ଜୈନ ଆମେ
ଆମେ ମୁସଲମାନ ।

ସମସ୍ତେ ଆମେ
ଜନ୍ମ ଏଠି
ଏଇ ଭାରତଭୂଇଁ
ଭାଷା ଅନେକ
ଜାତି ଅନେକ
ହେଲେ ବି ଆମେ ଭାଇ ।

ଆମ୍ଭେ ଯାହାକୁ
ଈଶ୍ୱର କହୁ
ତାଙ୍କର ସିଏ ଆଲ୍ଲା

Digitized by srujanika@gmail.com

ତୁଚ୍ଛାକୁ ଏତେ
ବାଡ଼ିଆପିଟା
    ତୁଚ୍ଛାକୁ ଏତେ ହଲ୍ଲା ।

ସବୁ ମନକୁ
ଏକାଠି କରି
    ରହିବା ଆସ ଆମେ
ଭାଇ ପରିକା
ମିଶି ଚଳିବା
    ସିଏ-ମୁଁ-ତମେ ॥

❑❑

Digitized by srujanika@gmail.com

Digitized by srujanika@gmail.com

ଆମ ଲାଗି ଯିଏ ଶହୀଦ ହେଲେ

ଲେଖକ - ନନ୍ଦକିଶୋର ସାମଲ
କୁସୁପୁର, କଟକ

ପ୍ରଥମ ପ୍ରକାଶ- ୧୯୯୨

ପ୍ରକାଶକ
ନିଖିଳ ଉତ୍କଳ ଶିଶୁମେଳା ସମିତି
ଚଣ୍ଡୀଖୋଲ ଛକ, କଟକ

୨୪୦

Digitized by srujanika@gmail.com

କେମିତି ଆସିବ ସ୍ୱାଧୀନତା ?

ଡରି ନାହଁ ତୁମେ ମରିବାକୁ
ମରିବାକୁ ଅବା ହାରିବାକୁ,
ଆଗେଇ ଆସିଛ ବାଘାଯତୀନ୍
ଦେଶ ପାଇଁ କିଛି କରିବାକୁ ।

ତୁମ ଦେହେ ଥିଲା କାଠେ ବଳ
ଖାଲି ବଳ ନୁହେଁ କଉଶଳ,
ପାଠପଢ଼ା ବେଳେ ଶିଖି ଦେଇଥିଲ
ମଲ୍ଲଯୁଦ୍ଧ ଆଉ ଖଣ୍ଡାଖେଳ ।

ଚାକିରିଟି କଲ ସରକାରୀ
ତାହା ଥିଲା ଭାରି ଦରକାରୀ,
ଭାରତବାସୀର ନିର୍ଯାତନାକୁ
ଦେଖିଦେଖି ତୁମେ ଗଲ ଥରି ।

ପ୍ରତିଶୋଧ ତାର ନେବାପାଇଁ
ତୁମ ମନ ହେଲା ବିଦ୍ରୋହୀ,
ଉଣ୍ଡି ବସିଲ ସମୟ ସୁବିଧା
ତହୁଁ କିଛି କାଳ ଗଲା ବହି ।

କଟେଇବା ଲାଗି ଖଁରାଛୁଟି
ପହଞ୍ଚିଲ ଯାଇ ମାମୁଘଟି,
ବାଘ ନେଇଗଲା ସେଇ ଲୋକଟିକି
ଯାଇଥିଲା ଯିଏ ଝାଟି କାଟି ।

Digitized by srujanika@gmail.com

ମାମୁ ବାହାରିଲେ ଶିକାରକୁ
ତମେ ବାହାରିଲ ଦେଖିବାକୁ,
ଗର୍ଜି ଧାଇଁଲା ମହାବଳ ଏକ
ଡେଇଁବାକୁ ତୁମ ଉପରକୁ ।

ନର୍ଭୀକ ତୁମେ ବୀର ପରି
ଅଟଳ ଅଚଳ ମେରୁ ସରି,
ତୀକ୍ଷ୍ଣ ତୁମ ସେ କର କରବାଳେ
ବିକ୍ଷତ କଲ ଚିରିଚିରି ।

ଯୁଟିଗଲେ ଆଉ ଗାଁ ଲୋକ
ମୋଡ଼ି ଦେବା ପାଇଁ ବାଘ ବେକ,
ତୁମେ ତାକୁ ମାରି ସାରିଥିଲ
ଲିଭାଇ ତାହାର ଶେଷ ଭୋକ ।

(ତୁମ) ସାହସିକତାର ସୀମା ନାହିଁ
(କେହି), ଅତ୍ୟାଚାରୀର କ୍ଷମା ନାହିଁ,
ବାଘ ମାରି ତମେ 'ବାଘାଯତୀନ'
ତୁମକୁ ଡାକିଲେ ସାଇ-ଭାଇ ।

ପରାଧୀନ ଥିଲା ଦେଶମାତା
ସେଥିଲାଗି ଥିଲା ଆକୁଳତା,
ସଂଗ୍ରାମ ପାଇଁ ଅସ୍ତ୍ର କାହିଁରେ
କେମିତି ଆସିବ ସ୍ୱାଧୀନତା ?

ଯତୀନ୍ ହେ କିଛି କାମ କର
ଅସ୍ତ୍ର ତ ଭାରି ଦରକାର,
ସେଇ ଦାୟିତ୍ୱକୁ ତୁମେ ହିଁ ଭାଜନ
ଉଗ୍ରପନ୍ଥୀଏ କଲେ ସ୍ଥିର ।

Digitized by srujanika@gmail.com

ଶଗଡ଼ ଗାଡ଼ିକୁ ବୋଝ କରି
ଅସ୍ତ୍ର ଆସୁଥାଏ ସରକାରୀ,
ଅସ୍ତ୍ରାଗାରରେ ପହଞ୍ଚିବା ଆଗୁଁ
ଉଗ୍ରପନ୍ଥୀଏ ନେଲେ ମାରି ।

ସନ୍ଦେହ କଲେ ସରକାର
ଯିଏ ଏ ଲୁଟିର ସର୍ଦ୍ଦାର,
ମନେ ହୁଏ ସିଏ ବାଘାଯତୀନ୍
ଯୋଉଠି ପାଉଚ ତାକୁ ଧର ।

ଗିରଫ ଖବର ଜାଣିପାରି
ନିଜ ସହଯୋଗୀ ସାଥେ ଧରି,
ଛଦ୍ମବେଶରେ ବାଘାଯତୀନ୍
ଓଡ଼ିଶା ଆସିଲେ ଛପି କରି ।

ଦିନଦିନ ଆଉ ରାତିରାତି
ସ୍ୱାଧୀନତା ପାଇଁ ମାତିମାତି,
ମୟୂରଭଞ୍ଜର କପ୍ତିପଦାରେ
ଦୁଃଖକୁ କଲ ଚିର ସାଥୀ ।

ଭାରତ-ଜନନୀ ଜୟଗାନ
ଆକୁଳିତ କଲା ତନୁମନ,
ସଂଗ୍ରାମ ପଥେ ତୁମେ ଅବିରତେ
ଆଗେଇ ଆସିଲ ଘନଘନ ।

ତୁମକୁ ଖୋଜିଲା ସରକାର
ନ ପାଇବା ଖାଲି ହେଲା ସାର,
କପ୍ତିପଦାର ଜଙ୍ଗଲେ ତହୁଁ
ଖୋଜିବାରେ ହେଲା ତତ୍‌ପର ।

Digitized by srujanika@gmail.com

ସେହି ଜଙ୍ଗଲେ ସାଧୁବେଶେ
କାଟୁଥିଲ କାଳ ଅବଶେଷେ,
ଗ୍ରାମବାସୀଟିଏ ତୁମକୁ କହିଲା
'ସର୍କାରୀ ସିପେଇ ଏଇ ଆସେ ।'

ସାଧୁବାବା ତହୁଁ ଗଲ ଧାଇଁ
ସାଥିଙ୍କି ଖବର ଦବାପାଇଁ,
ସେଇ ସାଧୁ ତୁମେ ହେ ବାଘାଯତୀନ୍
ଜାଣିବାକୁ ଆଉ ବାକି ନାହିଁ ।

ଘୋଷଣା କରିଲା ସରକାର
ଦୁଇଶହ ଟଙ୍କା ପୁରସ୍କାର,
ବଙ୍ଗଳାର ଦଳେ ଡକାୟତ ଏଠି
ଛପିଥିବା କଥା ଲକ୍ଷ୍ୟ କର ।

(ଆମ) ସମସ୍ତ ଯୋଜନା ଯିବ ସରି
ଇଂରେଜ ଆମକୁ ନେବ ଧରି,
ଧରା ଦେଇ କିଆଁ ଜେଲ ଭୋଗିବା
ସମ୍ମୁଖ ରଣ ଭଲ ଭାରି ।

ଶୁଣରେ ନରେନ୍, ଚିତ୍ତପ୍ରିୟ
ମନୋରଞ୍ଜନ ଶୁଣିଥାଅ
ଶୁଣିଥାଅ ପ୍ରିୟ ଜ୍ୟୋତିଷ ଭାଇନା
ରଣ କରିବାକୁ ସଜ ହୁଅ ।

ବୁଢ଼ାବଳଙ୍ଗ ଏ ନଈ ଦେଖ
ଆମେ ଯିବା ତାର ଆର ପାଖ,
ଗାଆଁଟାରେ କିଆଁ ଲଢ଼ିବା ଆମେରେ
ନିରୀହ ଲୋକରେ ଦେଇ ଦୁଃଖ ।

Digitized by srujanika@gmail.com

କଥାଟି ସାଥିଏ ମାନିନେଲେ
ନଈ ଆରପଟେ ଚାଲିଗଲେ
ଗ୍ରାମଲୋକେ ତାଙ୍କୁ ଡକାୟତ ଭାବି
ଧରିବା ପାଇଁକି ଗୋଡ଼େଇଲେ ।

ବିଧାତା ବିଚାର ତୁମ ପାଇଁ
ଅନୁକୂଳ ଆଉ ହେଲା ନାହିଁ,
ହୁଙ୍କା ଉହାଡୁ ଧରିଲେ ତୁମକୁ
ଇଂରେଜ ପାଇକ ଘେରିଯାଇ ।

ସମ୍ମୁଖ ରଣ କରିକରି
ବିଦେଶୀ ସଇନ ମାରିମାରି,
ଶେଷେ ଧରା ହେଲ ହେ ବାଘାଯତୀନ୍
ଦେଶମାତୃକା ସେବା କରି ।

ଡାକ୍ତରଖାନା ଖଟିଆରେ
ତୁମେ ଚାଲିଗଲ ଆଁରପାରେ
ମରି ନାହଁ ତୁମେ ହେ ବାଘାଯତୀନ୍ !
ଅମର ହୋଇଚ ଏଇ ପୁରେ ।

କେହିତ କାହାକୁ ଊଣା ନୁହଁ
ନରେନ୍ ଜ୍ୟୋତିଷ, ଚିତ୍ତପ୍ରିୟ,
ମନୋରଞ୍ଜନ, ବାଘାଯତୀନ୍
ପଞ୍ଚସଖା ହେ ସ୍ମରଣୀୟ ।

❑❑

Digitized by srujanika@gmail.com

ଦେଶ ପାଇଁ ଯିଏ ଜୀବନ ଦେଲା

ନିର୍ଭୀକ ତୁମେ ପିଲାଟି ବେଳରୁ
ପିଲାଟି ବେଳରୁ ସ୍ୱାଧୀନଚେତା,
ଯେତେ ଝଡ଼ଝଞ୍ଜା ଆସିଚି ଯୋଉଠି
ପାତିତ ଦେଇନ କୋଉଠି ମଥା ।

କୁସ୍ତି କସରତ ତରବାରୀ ଖେଳ
ବନ୍ଧୁକ ଚାଳନା ଶିଖିଲ ହେଳେ
ସେଇ ଖେଳ ତୁମ ବୃଥା ହେଲାନାହିଁ
କାମରେ ଲାଗିଲା ଠିକଣା ବେଳେ ।

ନିଆଁ କେବେ କାହିଁ ଲୁଚି ରହିଚିକି
ଯେତେ ଘୋଡ଼େଇଲେ ଯତନ କରି,
ତୁମ କାମ ଆଉ ଲୁଚି ରହିଲାନି
ଫୁଟି ଦିଶୁଥିଲା ପରଦା ଚିରି ।

ଇଂରେଜ ମାରଣ ଯେତେ ଆନ୍ଦୋଳନ
ଘଟିଗଲା ଯହିଁ ହେ ଖୁଦିରାମ,
ଅତ୍ୟାଚାରୀ ସେ ଫିରିଙ୍ଗି ଘୋଷିଲେ
ତୁମରି କାମ ସେ ତୁମରି କାମ ।

ବଙ୍ଗ ସରକାର ଖୋଜିଲେ ତୁମକୁ
ଅପରାଧୀ ବୋଲି ଧରିବା ପାଇଁ,
ବ୍ରଜସୁନ୍ଦରଙ୍କ ନିମନ୍ତ୍ରଣକ୍ରମେ
ତୁମେ ଆସିଗଲ ଓଡ଼ିଶା ଭୂଇଁ ।

Digitized by srujanika@gmail.com

ଉତ୍କଳର ବନ୍ଧୁ ଗୋପବନ୍ଧୁଙ୍କର
ବନ୍ଧୁ ସେ ଦାସ ବ୍ରଜସୁନ୍ଦର
ତାଙ୍କରି ଭବନେ କାଳ କଟେଇଲ
ପାଇଲ ଅମାପ ସ୍ନେହ ଆଦର ।

ଗୋପବନ୍ଧୁ ସହ ଆଲୋଚନା ହେଲା
ଭବିଷ୍ୟତ୍ କଥା, ପନ୍ଥା ନେଇ,
ହେଲ ଆଗଭର ନିର୍ଭୀକ ବୀର
ଦେଶମାତୃକା ମୁକ୍ତି ପାଇଁ ।

'ସୁନାର ବଙ୍ଗଳା' ବହି ବିକୁବିକୁ
ଧରାପଡ଼ିଗଲ ଇଂରେଜ ହାତେ,
କେତେ ସିପାହିଙ୍କୁ ମାରି ଶୋଇଦେଲ
ନିର୍ମମ ତୁମ ମୁଷ୍ଟି ଘାତେ ।

'କାହାକୁ ଧରୁଚ ହେ ଗୋରା ସିପାହି'
ସତେନ୍ଦ୍ର ବାବୁ କହିଲେ ଡାକି,
ଏ ଯେ କଲେକ୍ଟର ସାହେବଙ୍କ ପୁଅ
ସନ୍ଦେହ ଯାଙ୍କୁ କାହିଁକି ଦେଖି-

'ସୁନାର ବଙ୍ଗଳା' ବହିର ଲେଖକ
ସତେନ୍ଦ୍ର କଥା ଶୁଣି ସିପାହି,
ଅପରାଧ ପାଇଁ କ୍ଷମା ମାଗିନେଲେ
ଖୁଦିରାମ ତହୁଁ ଗଲେ ପଳାଇ ।

Digitized by srujanika@gmail.com

ଅତ୍ୟାଚାରୀ ସେ କିଙ୍ଗସ୍ ଫୋର୍ଡ଼ର
ଅତ୍ୟାଚାରର ନ ଥିଲା ସୀମା,
ନିରୀହ ଜନତା ଭାରତୀୟ ପାଇଁ
ମନରେ ନ ଥିଲା କରୁଣା ଜମା ।

ସେଇ ଅନ୍ୟାୟର ପ୍ରତିଶୋଧ ପାଇଁ
କିଙ୍ଗସ୍ ଫୋର୍ଡ଼କୁ ମାରିବା ପାଇଁ,
ବାଙ୍କୁଡ଼ାର ସାଥୀ ପ୍ରଫୁଲ୍ଲ ସହିତ
ମୁଜାଫରପୁର ଆସିଲ ଧାଇଁ ।

ନୀଳ ରଙ୍ଗର ଗାଡ଼ି ଚଢ଼ିଗଲା
ଫୋର୍ଡ଼ ସାହେବ କ୍ଲବ୍ ଆଡ଼େ,
ଫେରନ୍ତା ଗାଡ଼ିକି ବୋମା ଫିଙ୍ଗିଲ
ସେଇଠି କୋଉଁଠି ଲୁଚି ଉହାଡ଼େ ।

ଗାଡ଼ିରେ ନ ଥିଲା ଫୋର୍ଡ଼ସାହେବ
ମାତ୍ର ଦୁଇଟି ନିରୀହା ନାରୀ,
ତୁମ ଲକ୍ଷ୍ୟର ଆଢୁଆଳଟାରେ
ସେଇଠି ପଡ଼ିଲେ ଅକାଳେ ଝରି ।

କଥା କୁହାକୁହି ହେଉଥିଲେ ଲୋକେ
ଦୁଇଜଣ ମେମ୍ ଜୀବନ ଗଲା,
କିଏ ସେ ଯୁବକ ଥିଲାରେ କେଉଁଠି
ଫୋର୍ଡ଼ ଗାଡ଼ିକି ବୋମା ଫିଙ୍ଗିଲା ।

Digitized by srujanika@gmail.com

'ତାହା ହେଲେ ଫୋର୍ଡ଼ ବଞ୍ଚିଯାଇଚି'
କହୁ କହୁ ଦେଲ ସହସା କହି,
ତୁମକୁ ଭାବିଲେ ଆତତାୟୀ ବୋଲି
ଗିରଫ କରିଲେ ଗୋରା ସିପାହି ।

ସିଂହଭୂମ-ଠେଇଁ ଗିରଫ ହୋଇଲେ
ତୁମ ପ୍ରିୟ ବନ୍ଧୁ ପ୍ରଫୁଲ୍ଲଚାକି,
ଯୁଝି ଯୁଝି ମଲେ ନିଜର ଗୁଳିରେ
'ବନ୍ଦେ ମାତରମ୍' କହି କହିକି ।

ଭାରତମାତାର ଜୟଗାନ କରି
ତୁମେ କାରା-କକ୍ଷେ ପଶିଲ ଯାଇ,
ପାରାଧାଡ଼ି ପରି ଜନତା ଛୁଟିଲେ
କେବଳ ତୁମକୁ ଦେଖିବା ପାଇଁ ।

'ବନ୍ଦେ ମାତରମ୍' ଧ୍ୱନିଟି କେବଳ
ମନ୍ଦ୍ରିତ ହେଲା କୋଠରି ସାରା,
ପ୍ରତିଶୋଧର ସେ ବହ୍ନିର ଶିଖା
ଆଖିକଣେ ରହିଥିଲା ଅସରା ।

ବିଚାରର ଦିନ ଆଗେଇ ଆସିଲା
ଦୁଃଖିତ ହେଲ ସେଇଥିପାଇଁ,
ନିରୀହ ଦୁଇଟି ନାରୀ ହତ୍ୟାରେ
ଲକ୍ଷ୍ୟ ନ ଥିଲା, ଥିଲ ଶୁଣାଇ ।

Digitized by srujanika@gmail.com

"କେବଳ ଫୋର୍ଡ଼୍‌କୁ ମାରିବା ପାଇଁକି
ଗାଡ଼ି ଉପରକୁ ଫିଙ୍ଗଲି ବୋମା,
ନିରୀହ ଦୁଇଟି ମେମ୍ ଥିବାର
ଜାଣି ମୁଁ ନ ଥିଲି ଆଗରୁ ଜମା ।

ଦୁଃଖିତ ମୁହିଁ ଅନୁତପ୍ତ ବି
ନିରୀହା ଦୁଇଟି ନାରୀକୁ ମାରି,
ଫୋର୍ଡ଼ ସାହେବ ହତ୍ୟା ପାଇଁକି
ଯାଇଥିଲି କିନ୍ତୁ ଶପଥ କରି ।"

ସାହସିକତାର ପରିଚୟ ଆଉ
ଯା ଠାରୁ ଅଧିକ କି ଥାଇପାରେ ?
ଯାହାକୁ ଡରନ୍ତି ଲୋକ ସାଧାରଣ
ପରାଭୂତ ସିଏ ତୁମ ପାଖରେ ।

ଫାଶିଦିନ ଗୋଟି ପାଖେଇ ଆସିଲା
ଫାଶିକାଠ ପରେ ଚଢ଼ିଲ ଯାଇ,
ଗୀତା ପାଠ ସାରି ନିଜ ଗଳେ ନିଜେ
ଫାଶି ଦଉଡ଼ିଟି ଛନ୍ଦିଲ ନେଇ ।

ଲିଭିଗଲା ସିନା ଜୀବନ ପ୍ରଦୀପ
ଲିଭିଲାନି ତୁମ ସାହସିକତା,
ସ୍ୱାଧୀନତା କଥା ମନକୁ ଆସିଲେ
ମନକୁ ଆସଇ ତୁମରି କଥା ।

❑❑

Digitized by srujanika@gmail.com

ଆଜି ରାତିରେ ମୁଁ ଘାଟ ଜଗି ଯିବି

ବାର ବରଷର ବାଳି
ନଈରେ ନାଉରି ସାଜି,
ନଈ ପାରିକରି ପେଟ ପାଳୁଥିଲା
ନିଜ ଦୁଃଖ ନିଜେ ହେଜି ।

ମା'-ବୁଢ଼ୀ ଥାଏ ଘରେ
ରୋଷେଇ ମୁଠିଏ କରେ,
ଅଭାବ ଭିତରେ ଚଳିଯାଉଥିଲେ
ଶାଗ ଆଉ ପଖାଳରେ ।

ସେ ଦିନର କାମ ସାରି
ବାଳି ଆସୁଥାଏ ଫେରି,
ନଈ ବରମୂଳେ ଏତେ ଲୋକ ଦେଖି,
ସେ ବାଟେ ଆସିଲା ଘୂରି ।

'କେତେ ସହିବାରେ ଭାଇ'
କହୁଥାଏ ସନା କେଇ,
ଅତ୍ୟାଚାରୀ ଏ ଇଂରେଜ ଶାସନ
ଦେଲାଣି ଜୀବନ ଖାଇ ।

ଇଜ୍ଜତ ମହତ ଗଲା
ନୋହିଲା କଥା ତ ହେଲା,
ଅନ୍ୟାୟ ଆଉ ଅନାଚାର ତାର
ସୀମା ଲଂଘନ କଲା ।

Digitized by srujanika@gmail.com

କଥା ଶୁଣୁଥିଲା ବାଜି
କହିଲା ମନକୁ ହେଜି,
ଯାହା କରିବାକୁ କହିବେ କରିବି
ଯାହା କହିବେ ମୁଁ ରାଜି ।

ଗୋଟେ କାମ ତୋର ପାଇଁ
କରିକି ପାରିବୁ ତୁହି ?
ପାରି କରିବୁନି ଗୋରା ପାଇକଙ୍କୁ
ଯେତେ ଯାହା ହେଲେ ତହିଁ ।

'ଶପଥ କରୁଚି ଆଜି
ଶପଥ କରୁଚି ବାଜି,
ଗୋରା ହେଉ ଅବା ରାଜାଲୋକ ହେଉ
ପାରି କରିବିନି, ରାଜି ।

ଜୀବନଟି ପଛେ ଯିବ
ଯା' କହୁଚି ତା' ହବ,
ଆପଣମାନଙ୍କ କଥାରୁ ଟିକେ ବି
ଏ ବାଜିଆ ନ ଟଳିବ ।'

ବାର ବରଷର ପିଲା
ସାହସ ଦେଖନି ଭଲା,
କରତାଳି ପରେ କରତାଳି ଉଠି
ନଈକୂଳ ଉଛୁଳିଲା ।

Digitized by srujanika@gmail.com

ମା'କୁ କହିଲା ଯାଇ-
'ପ୍ରଜାର ଆଦେଶ ନେଇ,
ଆଜି ରାତିରେ ମୁଁ ଘାଟ ଜଗି ଯିବି
ଦିଅ ମା' ଖାଇବା ପାଇଁ ।'

'ଗୋରା ସିପାହିର ଦଳ
ଘୋଟିଲାଣି ତାଙ୍କ କାଳ,
ପୋକ-ମାଛି ପରି ମଣିଷ ମାରନ୍ତି
ତାଙ୍କୁ ଅଛି କା'ର ବଳ !

ନ ଯାଆ ମୋ ବାପଧନ
ମା' କଥା ଥରେ ମାନ,
ଛଅଟା ନାହିଁ କି ନଅଟା ନାହିଁ ମୋ
ତୁହି ମୋ ଜୀବନ ଧନ ।'

ମାଆ କଥା ଦେଲା ଏଡ଼ି
ଘାଟକୁ ଆସିଲା ମାଡ଼ି,
ଝିପିଝିପି ମେଘ ବିଜୁଳି ସହିତ
ମାରୁଥିଲା ଘଡ଼ଘଡ଼ି ।

ନୀଳକଣ୍ଠପୁର ଘାଟ
ଭୁବନଠୁଁ କିଛି ବାଟ,
ସେ ଘାଟରେ ଥିଲା ବାଜିଆ ରାଉତ
ପହଞ୍ଚିଲେ ଗୋରା-ଥାଟ ।

Digitized by srujanika@gmail.com

'କିଏ ଅଛ ଡଙ୍ଗା ଆଣ
ବିଳମ୍ବ ନ କରି ଆଣ',
ସେ ପାରିରେ ଥାଇ ତୁହାଇ ତୁହାଇ
ଡାକିଲେ ପାଇକଗଣ ।

ଛାର ମରଣକୁ ଡରି
ବାଟିଆ ଯିବନି ଥରି,
ଆସିଥିଲା ଦିନେ ଚାଲିଯିବ ଦିନେ
କର୍ତ୍ତବ୍ୟ କରି କରି ।

ଉତ୍ତର ନାହିଁ ଦେଲା
ନୀରବରେ ବସିଗଲା,
ପରଜାକୁଳର କଥା ସେ ମାନିବ
ଆଗରୁ ଶପଥ ଥିଲା ।

ଭୀମ ଗର୍ଜନ କରି
ସିପାହି ଛାଡ଼ିଲେ ହୁରି,
'ନାହା ଆଣିବାକୁ ଡେରି କଲେ ତୋତେ
ଜୀବନରେ ଦେବୁ ମାରି ।'

'ଡଙ୍ଗା ମୁଁ ନେବି ନାହିଁ
ଶୁଣରେ ଗୋରା ସିପାହି,
ପାରିହବା କଥା ମନରୁ ଭୁଲିଥା
ପରଜା ଆଦେଶ ନାହିଁ ।'

ନାଉରିର ଟାଣ କଥା
ମନେ ଆଣିଦେଲା ବ୍ୟଥା,
ଗର୍ଜିଉଠିଲା ବନ୍ଧୁକ ନାଦ
ଟଳିଲା ନାଉରି ମଥା ।

❑❑

Digitized by srujanika@gmail.com

ଶପଥ ନେଲି ମୁଁ ଉଦ୍ଧାମ ସିଂ

ଜାଲିଓ୍ୱାନାବାଗ ହତ୍ୟାକାଣ୍ଡର ପ୍ରତିଶୋଧ ନେବା ପାଇଁ
ଶପଥ ନେଲି ମୁଁ ଉଦ୍ଧାମ ସିଂ, ଅସ୍ତ ରବିକି ଚାହିଁ
ଭାରତୀୟ ଏଇ ନିରୀହ ଜନତା କିସ କରିଥିଲେ ତୋର
ନିରବଚ୍ଛିନ୍ନ ଗୁଳିବର୍ଷଣେ ଭାଙ୍ଗିଲୁ ପଟୁଆର
ଶାସକ ଆସନେ ରହି
ଏଡ଼େ ଅନ୍ୟାୟ ଅତ୍ୟାଚାରକୁ କିଏ ସେ ସହିବ କାହିଁ ।

ସେ ଦିନ ମାର୍ଚ୍ଚ ତେର ତାରିଖରେ ସାଧାରଣ ଏକ ସଭା
କକ୍ସଟନ ହଲ ସଭାମଞ୍ଚଟି ହୋଇଥାଏ ମନଲୋଭା
ଗାଧୋଇ ପାଧୋଇ ନିଜର ପୁରୁଣା ରିଭଲଭରଟି ଧରି
ବାହାରିଲେ ସିଂ ଘର ମାଲିକର ଭଡ଼ା ପରିଶୋଧ କରି
ଭାଷଣ ଶୁଣିଲ ବସି
ଜଣେ ପରେ ଜଣେ ବକ୍ତୃତା ଦେଲେ ସଭାମଞ୍ଚକୁ ଆସି ।

ଜାଲିଓ୍ୱାନାବାଗ ହତ୍ୟାକାଣ୍ଡ ପୁରୋଧା 'ଡାୟାର' ଆସି
ଭାରତଭୂଇଁର କାହାଣୀ ଗପିଲେ ମଞ୍ଚରେ ହସି ହସି
କିପରି ରଚିଲେ ଦମନର ଲୀଳା ଭାରତଭୂଇଁରେ ଯାଇ
ପୋକମାଛି ପରି ଲୋକ ସେ ମାରିଲେ ସଂଖ୍ୟା ଯାହାର ନାହିଁ ।
ଶାସନ କେମିତି ହୁଏ,
ଶିଖେଇ ଦେଇଚି ବିଶ୍ୱକୁ ସେଠି ଶିଖି ନେଇଥିବେ ପୋଏ ।
ଘନଘନ କରତାଳି,
ସମର୍ଥନରେ ସଭାମଞ୍ଚକୁ ଦେଉଥିଲା ଉଚ୍ଛାଳି ।

ଦେଖିଥିଲେ ଯାହା, ଶୁଣିଲେ ସେଇଆ ରକ୍ତ ଉଠିଲା ତାତି
ଜନ୍ମମାଟିର ନିନ୍ଦାଗାନରେ ବିଦାରିତ ହେଲା. ଛାତି
ସମ୍ଭାଳି ଆଉ ପାରିଲେନି ସିଂ ଝାମ୍ପି ପଡ଼ିଲେ ତହିଁ
ଡାୟାର ସହ ଅନ୍ୟମାନଙ୍କୁ ଗୁଳି ବର୍ଷିବା ପାଇଁ

ମାତ୍ର ଦୁଇଟି ଗୁଳି
ଡାୟାର ସାହେବ ବକ୍ଷ ଭେଦିଲା, ସେଇଠି ପଡ଼ିଲା ଟଳି ।

Digitized by srujanika@gmail.com

ନିର୍ଭୀକ ବୀର ଉଦ୍ଧାମ ସିଂ ଠିଆ ହୋଇଥିଲେ ତହିଁ
ଗିରଫ ହେଲେ ସେ ପୋଲିସ ହାତରେ ଶଙ୍କା ଟିକିଏ ନାହିଁ
ବିଚାରାଳୟର ହୁକୁମ ଆସିଲା, ଉଦ୍ଧାମ ସିଂ ଦୋଷୀ
ମୃତ୍ୟୁଦଣ୍ଡେ ଦଣ୍ଡିତ ସିଏ ଅଚିରେ ପାଇବ ଫାଶି ।
"ମୃତ୍ୟୁକୁ ଭୟ କରି
ତମେ କି ଭାବିଚ ଉଦ୍ଧାମ ଏଠୁ, ପଳେଇବ କାହିଁ ଡରି ?

ଅଭିନନ୍ଦିତ ଯେବେ ଏ ଡାୟାର ନିର୍ଦ୍ଦୋଷ ଜନେ ମାରି
ହତ୍ୟାକାରୀକି ହତ୍ୟା କରି ମୁଁ ଦଣ୍ଡିତ କେଉଁପରି ?
କୁହ ଇଂରେଜ ଜାତି
ତୁମ ଅନ୍ୟାୟ ଅତ୍ୟାଚାରକୁ କେମିତି ସହିବ ଛାତି ?
ବହୁତ ଦିନର ସଂଚିତ ଆଶା ପୂର୍ଣ୍ଣ ହୋଇଚି ମୋର
ଡର ନାହିଁ ମୋର ଭୟ ନାହିଁ ତମେ ଯାହା କରିବାର କର ।
ଡାୟାରକୁ ମାରି ଆଜି ମୁଁ ହୋଇଚି ଗୌରବ ଅଧିକାରୀ
ଗୌରବ ଯିଏ ମଣୁଥିଲା ମୋର ଭାଇ-ଭଉଣୀ କି ମାରି
ତାକୁଇ ମାରିଚି ମୁହିଁ
ମୋର ଏ ପ୍ରକାର ପ୍ରତିଶୋଧ ନିଆଁ ପ୍ରଶମିତ ହେବନାହିଁ ।

ମୃତ୍ୟୁ ଆଗରୁ ଅନ୍ତିମ ଆଶା ଏତିକି ମାତର ମୋର
ସନ୍ତାନ ହୋଇ ଜନ୍ମ ହୁଏ ମୁଁ ଏଇ ମାତା ଭାରତର
ପ୍ରଭୁ ପାଦେ ଏଇ ଅଳି
ସହାୟ ହୁଅନ୍ତୁ ମୋର ଆଶା ପଥେ ଦୟାମୟ ବନମାଳୀ ।"

ଫାଶିକାଠ ପରେ ଚଢ଼ିଲେ ଉଦ୍ଧାମ ଲିଭିଲା ଜୀବନ-ଦୀପ
ଅଲିଭା ରହିଲା ଯଶ ପଉରୁଷ ଅବଧି ନାହିଁ ଯା' ମାପ
କେମିତି ଭୁଲିବ କିଏ ?
ଏଇ ଦେଶ ପାଇଁ ନିସ୍ୱାର୍ଥଭାବେ ଜୀବନ ଦେଇଚି ଯିଏ ।

❑❑

Digitized by srujanika@gmail.com

ତାପଙ୍ଗର ଦଳବେହେରା ମୁଁ

ନରହନ୍ତା ଇଂରେଜ ଶାସକ
ଅତ୍ୟାଚାର ଅନ୍ୟାୟ ଅନୀତି,
ବେଳୁବେଳ ପ୍ରବଳ ହେଲାଣି
କେତେ ଆଉ ସହିବ ଏ ଜାତି ?

ଇଷ୍ଟଦେବୀ ମନ୍ଦିର ବେଢ଼ାରେ
ରୁଣ୍ଡୀଭୂତ ପାଇକ ସନ୍ତାନ
ତାପଙ୍ଗର ଦଳବେହେରାର
ତୁମକୁ ଏ ନମ୍ର ନିବେଦନ ।

ଏ ଶାସନ ଅବସାନ ପାଇଁ
ପାଇକର ଖଡ୍‌ଗ ଉଠୁ ଥରି
ବିଦେଶୀ ଏ ବଣିକ ଶାସକ
ଉଷ୍ମରକ୍ତେ ଖେଳିଖେଳି ହୋରି ।

ଅତ୍ୟାଚାରୀ ଇଂରେଜ ରକ୍ତରେ
ସ୍ନାନକରୁ ହସ୍ତୀଶ୍ୱରୀ ମାତା
ତୁମେକି ଏ ଖୋରଧା ପାଇକ
ତହିଁ ପାଇଁ ନୁହଁ ସାମରଥା ?

ତୁମେ ସେଇ ନିଷ୍କର ଜମିକୁ
ଦେଇ ଦେଇ ଥକିଲଣି କର
କାହିଁକିରେ ନୀରବ ନିଶ୍ଚଳ
ୟାର କିଛି ପ୍ରତିବାଦ କର ।

Digitized by srujanika@gmail.com

ପ୍ରତିବାଦ ଅବଶ୍ୟ କରିବୁ
ହସ୍ତେ ନେଇ ହସ୍ତୀର ବିକ୍ରମ
ହୀନ ନୁହେଁ ଖୋରଧା ପାଇକ
ଆଉ ତାର ସମ୍ମାନ ସଂଭ୍ରମ ।

ଉପଯୁକ୍ତ ଶାସ୍ତି ଦେବୁ ଆମେ
ଏ ବଣିକ ଇଂରେଜଙ୍କୁ ଏଠି
ଏଇ ଆମ ଆଗ୍ନେୟ ଶପଥ
ସାକ୍ଷୀ ଆମ ଏଇ ବୀରମାଟି ।

'କିଏ ଏଇ ମେଳିର ମୂଳରେ ?'
ପଚାରନ୍ତେ ଇଂରେଜ ଶାସକ
ତତ୍‌କ୍ଷଣି ଉଭା ହେଲେ ତହିଁ
ବେଇମାନ ଗୋଲାମ କେତେକ ।

'କାହିଁ ତୁମ ସେ ଦଳବେହେରା
ଯିଏ ଏଇ ମେଳିର ମୂଳରେ ?'
'ଆମେ ତାକୁ ଅବଶ୍ୟ ଧରିବୁ
ଆମେ ଟିକେ ଲାଗିଲେ କୂଳରେ ।'

'ତୁମେ ଆମ ବାହୁଛାୟା ତଳେ
ଯାହା ଇଛା ତାହା ନେଇପାର
ଦେଶଦ୍ରୋହୀ ଦଳବେହେରାକୁ
ଆଗେ ଆମ କରାୟତ୍ତ କର ।'

ରାଜି ହେଲେ ବେଇମାନ ଦଳ
ହାରକୋର୍ଟ କର୍ଣ୍ଣେଲ କଥାରେ
ଆଦେଶକୁ ଶିରୋଧାର୍ଯ୍ୟ କରି
ଖୋଜିଗଲେ ଦଳବେହେରାରେ ।

Digitized by srujanika@gmail.com

ଧରିବାକୁ ଦଳବେହେରାକୁ
ଆକ୍ରମଣ କଲେ ତା ନିବାସ
ବୃଥା ହେଲା ସକଳ ଉଦ୍ୟମ
ବୃଥା ହେଲା ସମସ୍ତ ପ୍ରୟାସ ।

ଗୁଳିଗୋଳା ବନ୍ଧୁକ ପାଖରେ
ତୁଚ୍ଛ ହେଲା ଖଣ୍ଡା ତଲୱାର
ହାରିଗଲେ ପାଇକ ସଇନ
ଛତ୍ରଭଙ୍ଗ ଦେବା ହେଲା ସାର !

'ମୃତ ଅବା ଜୀବିତାବସ୍ଥାରେ
ଯେ ଧରିବ ଦଳବେହେରାକୁ
ଏକ ସସ୍ର ମୁଦ୍ରା ପୁରସ୍କାର
ଅବହେଳେ ମିଳିବ ତାହାକୁ ।'

ପ୍ରଚାରିତ ହେଲା ଏ ଘୋଷଣା
ଗ୍ରାମେ ଗ୍ରାମେ ନଗରେ ନଗରେ
ସଚେତନ ହୋଇଲେ ଜନତା
ନଇଁଗଲେ ଥୋକେ ଦୁଃଖଭାରେ ।

'ନିଘଞ୍ଚ ଏ ଅଗନାଗ୍ନି ବନ
କୁଆଡ଼କୁ ଯିବକିରେ ଭାଇ ?'
'ଖୋଜୁଥିଲି ଦଳବେହେରାକୁ
ଦୁସ୍ଥ ଏକ କଇବର୍ତ୍ତ ମୁହିଁ ।'

'କିସ କାର୍ଯ୍ୟ ତାଙ୍କଠାରେ ତୁମ
ଶୁଣିବାକୁ ଇଚ୍ଛା ହୁଏ ମୋର
କହ ଭାଇ କେଉଁ ଇଚ୍ଛା ନେଇ
ଘର ଛାଡ଼ି ବୁଲୁଚ ବନର ?'

Digitized by srujanika@gmail.com

'ଏକ ସସ୍ର ଟଙ୍କା ମୋର ଲୋଡ଼ା
ଝିଅଟିଏ ବିବାହ ଦେବାକୁ
ମୁଁ ଖୋଜୁଚି ସେଇ ସେ ବଦାନ୍ୟ
ପୁଂସରତ୍ନ ଦଳବେହେରାକୁ ।'

'ମୁଁ ତୁମକୁ ସାହାଯ୍ୟ କରିବି
ତୁମ ଝିଅ ବିଭାଘର ପାଇଁ
ହାଇକୋଟ କଚେରିକି ଚାଲ
ମୋ ସହିତ ଟଙ୍କା ନବାପାଇଁ ।'

କିଏ ଏଇ ବଦାନ୍ୟ ମାନବ
ମୋ' ଦୁଃଖରେ ବିଗଳିତ ଏତେ
ହାଇକୋଟ କଚେରିରେ କାହୁଁ
ଇଏ ଆଣି ଟଙ୍କା ଦବ ମତେ ?

'ମିଥ୍ୟା କଥା ମିଥ୍ୟା କଥା' ଭାବି
ଭାଙ୍ଗିଯାଏ ଭଙ୍ଗାମନ ତାର
ପଛେ ପଛେ ଚାଲିଥାଏ କିନ୍ତୁ
ଦେଶପ୍ରେମୀ ଦଳବେହେରାର ।

ଖୋର୍ଦ୍ଧାର ସେ କର୍ଣ୍ଣେଲ କଚେରି
ଗର୍ଜୁଥାଏ ଲୋକ ଗହଳିରେ
ପହଞ୍ଚିଲେ ଆଗନ୍ତୁକ ଦୁଇ
ଉଭାହେଲେ ସାହେବ ଆଗରେ ।

''କିଏ ତୁମେ, ଅଭିପ୍ରାୟ କିସ
ବ୍ୟକ୍ତ କର ଯେତେ ଶୀଘ୍ର ପାର,
ତୁମେ କିହୋ ସଂଧାନ ପାଇଚ
ତାପଙ୍ଗର ଦଳବେହେରାର ?''

Digitized by srujanika@gmail.com

''ତାପଙ୍ଗର ଦଳବେହେରା ମୁଁ
ଏଇ ଜଣେ ଗରିବ ନିରନ୍ନ
ମୁଁ ଆସିଚି ଧରାଦବା ଲାଗି
ଟଙ୍କା ନେବ ଏଇ ଦୁଷ୍ଟ ଜନ ।

ହାର୍‌କୋଟ ଟଙ୍କା ଦିଅ ଯାଙ୍କୁ
ଉଦ୍‌ଘୋଷିତ ତବ ପୁରସ୍କାର
ଉପକୃତ ହେଉ ଏ ଲୋକଟି
ଏ ତୁମକୁ ଅନୁରୋଧ ମୋର ।''

ସ୍ତମ୍ଭୀଭୂତ ହେଲେ କିୟଦ୍‌କ୍ଷଣ
ହାର୍‌କୋଟ ଦେଖି ଏଇ ଦୃଶ୍ୟ
ବହୁ କଥା ମନକୁ ଆସିଲା
ହୃଦୟକୁ କରିକରି ସ୍ପର୍ଶ ।

''ଧନ୍ୟ ତୁମେ ହେ ଦଳବେହେରା
ଧନ୍ୟ ତୁମ ମହାନୁଭବତା
ଏ ତୁମର ଦେଶପ୍ରୀତି ପାଖେ
ଆପେଆପେ ନଇଁଯାଏ ମଥା ।

ଛୁଇଁ ନାହିଁ ସଂପତ୍ତିର ମୋହ
ବଞ୍ଚିବାର କାମନା ବାସନା,
ପଦ ଆଉ ପଦବୀର ମୋହ
ତୁମଠାରୁ ଦୂରେ ମହାମନା !

ଦେଖି ତୁମ ସାହସ, ବିକ୍ରମ,
ଦେଶପ୍ରେମ, ମୁଗ୍ଧ ହେଲି ମୁହିଁ
ମୁକ୍ତ ତୁମେ ହେ ଦଳବେହେରା
ମୁକ୍ତ ତୁମେ ଚିରଦିନ ପାଇଁ ।''

❑❑

Digitized by srujanika@gmail.com

ମତେ ଦିଆଯାଉ ଫାଶି

"ଅଭିଶାପ ନେଇ ଜନ୍ମ ନେଇଚି
ଭାରତ-ମାତାର କୋଳେ,
ଦେଶକାମ କିଛି
କରିବି ବୋଲିକି
ଘନଘନ ମନ ବଳେ ।

ଗୋଡ଼ ଗୋଟା ଛୋଟା
ହାତଟି ଅଚଳ
ହାତରେ ଆଙ୍ଗୁଠି ନାହିଁ,
କି କାମ କରିବି
ପଙ୍ଗୁଟିଏ ମୁଁ
ଦେଶମାତୃକା ପାଇଁ ?
କହିଦିଅ ପ୍ରିୟ ହେ ବାଘାଯତୀନ୍
କହିଦିଅ ପ୍ରିୟ ନେତା
ଦୟା କରି ପଦେ କଥା ।"

"ସମସ୍ତଙ୍କ ପାଇଁ କର୍ମ ରହିଚି
ଅଳପ ବହୁତେ ଏଠି,
ମନ ଅଛି ଯେବେ
ଉପାୟ ମିଳିବ
ଏଥେ ନାହିଁ କିଛି ତ୍ରୁଟି,
ଦରକାର କିଛି ପଡ଼ିଲେ ତୁମକୁ
ନିଶ୍ଚେ କହିବି ମୁହିଁ,
ସେଇଦିନ ଗୋଟି ନିଶ୍ଚେ ଆସିବ
ଆଉ ବେଶିଦିନ ନାହିଁ ।
ଯତୀନ୍ ଭାଇର କଥା ।
ସମୟ ଆସିବ ସୁବିଧା ଆସିବ
ଘୁଞ୍ଚିବ ଆମ ବ୍ୟଥା ।"

Digitized by srujanika@gmail.com

ବନ୍ଧୁକ ଚାଳି ଶିଖିଲା ସେଦିନୁ
ଶିଖାଇଲେ ସାଥୀ ଲୋକେ,
ପଙ୍ଗୁ ମନର ଦେଶପ୍ରୀତିକି
ତାରିଫ କରିଲେ ଥୋକେ,
କାହାକୁ ମାରିବ
ମାରିବ କେଉଁଠି ?
ବସିଲା ଜାଗାରୁ ଗୋଟିଏ ପାଦ ସେ
ଚାଲିତ ପାରଇ ନାହିଁ ।
ଏପରି ଭାବନାଧାରା
ପଙ୍ଗୁ ମନକୁ ଆକୁଳିତ କଲା
ନ ପାଇ କୂଳକିନାରା ।

"ଆଶୁ ବିଶ୍ୱାସ ଓକିଲକୁ ସେଠି
କିଏ ଅବା ନାହିଁ ଜାଣି,
ନିରପରାଧକୁ ଦଣ୍ଡ ଦେବାକୁ
କୌଶଳ ଆଣେ ଟାଣି ।
ଗୋରା ଶାସକର ହାତବାରିଶି ସେ
କଳାକୁ କରଇ ଧଳା,
ନିଜ ଭାଇ ବୁକେ ଛୁରୀ ଚାଳିବାକୁ
କରେ ନାହିଁ ଅବହେଳା ।
ସେଇ ଏ ଦେଶଦ୍ରୋହୀ
ପଙ୍ଗୁରେ ଯେବେ ତାକୁଇ ମାରିବୁ
ଧନ୍ୟ ହେବୁରେ ତୁହି ।"

Digitized by srujanika@gmail.com

"ଧନ୍ୟ ହେବାକୁ ଲୋଡ଼େନାହିଁ ମୁହିଁ
ଦେଶ ପାଇଁ କିଛି କରି,
କରଣୀୟ ଯାହା ନିଷ୍ଠେ କରିବି
ଭାବ ନାହିଁ ଯିବି ଡରି ।
ଜୀବନକୁ ମୋର ପାଣି ଛଡ଼େଇଛି
ମୃତ୍ୟୁକୁ ନାହିଁ ଡର,
ମାରିବି ମରିବି ଏଇ ମୋ ଶପଥ
ସେଥିଲାଗି ଆଗଭର ।

ଦେଶ ସ୍ୱାଧୀନତା ପାଇଁ,
ହସି ହସି ଏଇ ଜୀବନ ଦେବାକୁ
କୁଣ୍ଠା ମୋ ମନେ ନାହିଁ ।
ବିଶ୍ୱାସ କର ମତେ
ଆଶୁ ବିଶ୍ୱାସ ଜୀବନ ନେବି ମୁଁ
ଦେଖିଥାଅ, ଏଇ ହାତେ ।"

ଆଲିପୁରର ସେ ସେଣ୍ଟ୍ରାଲ ଜେଲ୍
ଫାଟକଟି ଥିଲା ମେଲା,
ସବୁଦିନ ପରି ଆଶୁ ବିଶ୍ୱାସ
ଭିତରକୁ ପଶିଗଲା ।
ସବୁଦିନ ପରି ଫାଟକ ପାଖରେ
ପଙ୍ଗୁଟି ଥିଲା ବସି,
ଫେରନ୍ତା ବାଟରେ 'ବିଶ୍ୱାସ' ବୁକେ
ବନ୍ଧୁକ ଦେଲା କଷି ।
ଚାହୁଁ ଚାହୁଁ 'ଆଶୁ' ଭୂଇଁରେ ଲୋଟିଲା
ପ୍ରାଣବାୟୁ ଗଲା ଉଡ଼ି,
ଗିରଫ କରିଲେ ଚାରୁଚନ୍ଦ୍ରକୁ
ସିପାହି ସକଳ ବେଢ଼ି ।

Digitized by srujanika@gmail.com

ହୋଇଲା ବିଚାର ଦିନ
'କି ବିଚାର ଆଉ କରିବ କାହିଁକି
ଅପରାଧୀ ମୁହିଁ ଛାଣ ।'
ପଙ୍କୁ କହିଲା ହସି
'ଦେଶଦ୍ରୋହୀକି ହତ୍ୟା କରିଚି
ମତେ ଦିଆଯାଉ ଫାଶି ।'

ଉଣେଇଶି ଶହ ନଅ ମାର୍ଚ୍ଚର
ତାରିଖ ଯେ ଉଣେଇଶି,
ପଙ୍କୁ ଓରଫ ଚାରୁଚନ୍ଦ୍ରକୁ
ଫାଶି ଦିଆଗଲା, ଫାଶି ।
ସବୁଦିନେ ଯୋଉପରି
ଫାଶିଖୁଣ୍ଟରେ ଝୁଲିବା ଆଗୁ ସେ
ଦିଶୁଥିଲା ସେଇପରି ।
ଧନ୍ୟ ଭାରତମାତା,
ତୋର ସେବାପାଇଁ ପଙ୍କୁଟିଏ ବି
ଭୁଲିଚି ମରଣ ବ୍ୟଥା ।

❑❑

Digitized by srujanika@gmail.com

ମରି ଆଜି ଅମର ମହାନ

ଯାହାଙ୍କର ଅପୂର୍ବ ସାହସ
ବୀରତ୍ୱର ପଟାନ୍ତର ନାହିଁ,
ଯାହାଙ୍କର ଧୈର୍ଯ୍ୟ ସହିଷ୍ଣୁତା
ଦେଶପ୍ରୀତି ନ ହୁଅଇ କହି ।

ପର ପାଇଁ ଜୀବନ ଦେବାକୁ
ଯିଏ ଥିଲେ ସତତ ଚଞ୍ଚଳ,
ଏ ଜାତିକି ଚମକିତ କଲା
ଯାହାଙ୍କର ବଳ କଉଶଳ ।

ଅମାୟିକ ବ୍ୟବହାର ଯାର
କିଣିନେଲା ଲକ୍ଷ କୋଟି ମନ,
ଏ ଜାତିର ମୁକ୍ତି ସଂଗ୍ରାମକୁ
ଯାହାଙ୍କର ଦାନ ଅକଳନ ।

କଳାପାଣି ଦଣ୍ଡ ଭୋଗି ସିଏ
କାଟିଥିଲେ ନିଃସଙ୍ଗ ଜୀବନ,
ସେଇ ଆମ ନେତା କୃତ୍ତିବାସ
ମରି ଆଜି ଅମର ମହାନ ।

ଏ ଦେଶରୁ ବ୍ରିଟିଶ ଶାସନ
ମୂଳପୋଛ କରିବାକୁ ଯାଇ,
କେତେକଙ୍କୁ ସାଥୀ କରି ନେଲେ
ସଂଗ୍ରାମର ସଫଳତା ପାଇଁ ।

Digitized by srujanika@gmail.com

ବେଲୁବେଳ ହୋଇଲା ପ୍ରବଳ
ହଣାକଟା ଗଳିକନ୍ଦି ଘେରି,
ଏଥିପାଇଁ ଦାୟୀ କୃତ୍ତିବାସ
ତାଙ୍କୁ କିଏ ପାରିବରେ ଧରି !

ଯେ ଧରିବ ପୁରସ୍କୃତ ହେବ
ବହୁ ଅର୍ଥ ପାଇବ ଆମଠୁ,
ସର୍କାରର ଏଭଳି ଘୋଷଣା
ପ୍ରଚାରିତ ହେଲା ଏଠୁସେଠୁ ।

ବାସୁଦେବ ନରଇନ୍ଦ୍ର ସିଂହ
ତାଙ୍କର ସେ ନିଜର ଶ୍ୱଶୁର,
ଧରିଦେବେ ବୁଝି ଅନ୍ତୁ ସେ କ୍ୱାଇଁ
ମନେମନେ କରିନେଲେ ସ୍ଥିର ।

ଏକାନ୍ତରେ ନରଇନ୍ଦ୍ର ଦିନେ
ନିଜେ ଯାଇ ଭେଟିଲେ କ୍ୱାଇଁକୁ,
'ନିମନ୍ତ୍ରଣ ରହିଲା ହେ ବାବୁ
କାଲି ମୋର ବାସଭବନକୁ ।'

ଖାଇବାକୁ ବଢ଼ା ହୋଇଗଲା
ଭାତ, ଡାଲି, ଭଜା ଓ ତିଅଣ,
ଖାଇବାକୁ ବସୁବସୁ ତାଙ୍କୁ
ଘେରିନେଲେ ଇଂରେଜ ସଇନ ।

ବନ୍ଦୀ ହେଲେ ବୀର କୃତ୍ତିବାସ
ନିର୍ମମ ସେ ଇଂରେଜ ହାତରେ,
ଏହାଠାରୁ ଜଘନ୍ୟ କରମ
ବିଶ୍ୱେ ଆଉ କିସ ଥାଇପାରେ ?

Digitized by srujanika@gmail.com

କଳାପାଣି ଦଣ୍ଡ ହେଲା ତାଙ୍କୁ
ବରିନେଲେ ବୀର ହସି ହସି,
ପ୍ରତାରକ ଦେଶଦ୍ରୋହୀ କଥା
ମନୁ କିନ୍ତୁ ପାରିଲାନି ଖସି ।

ଦେଶଦ୍ରୋହୀ ଶ୍ୱଶୁରକୁ ଯେବେ
ଭେଟନ୍ତେ ସେ କଦବା କୋଉଠି,
ଉପଯୁକ୍ତ ଶାସ୍ତି ଦେବା ପାଇଁ
ଶତହସ୍ତ ହୁଅନ୍ତେ ସେ ସେଠି ।

ଅର୍ଥଲୋଭୀ ନରଇନ୍ଦ୍ର ସିଂହ
ଇଂରେଜର ମୁଖ୍ୟ ବୋଲକରା,
ଲୁଚିଛପି ସବୁ ସେ କରନ୍ତି
ବେଳେବେଳେ ପଡ଼ିଯାନ୍ତି ଧରା ।

ତୋଷାମଦ କରିକରି ତାଙ୍କ
ହୋଇଥାଏ କୁକୁର ପ୍ରକୃତି,
ଦୁଃଖ ଲାଗେ କିଏ ଦେଲା ତାଙ୍କୁ
ଏ ଜୀବନେ ମଣିଷ ଆକୃତି ।

ଯାହାପାରେ ତାହା କରିବାକୁ
ହେଉଥିଲେ ସଦା ଆଗଭର,
ଖାଲି ଟିକେ ପଇସା ସୁରାକ
ମିଳିଗଲେ ଆଉ ସବୁ ପର ।

'ମୁଁ ତୁମକୁ ମୁକ୍ତି ଦେଇପାରେ
ବ୍ୟକ୍ତ କର ବୀର କୃତ୍ତିବାସ,
ତୁମେ ମୋର ପତ୍ନୀକି ବଞ୍ଚାଇ
ମୋ' ମନରୁ ନିଗାଡ଼ିଚ ପ୍ରାସ ।

Digitized by srujanika@gmail.com

ପ୍ରକାଶିଲେ ଦ୍ୱୀପର ଶାସକ
ମିଷ୍ଟର କର୍ଜନ ବାଇଲି,
'ଏ ମନରେ ମୁକ୍ତିର କାମନା
କେବେବି ତ ଉଠିନି ଚହଲି ।

ମୋର ସେଇ ଶ୍ୱଶୁରର ମୁଣ୍ଡ
ମତେ ଆଣିପାରିବେ କି ଦେଇ ?
ମୁହିଁ ଚାହେଁ କଟାମୁଣ୍ଡ ତାର
ଚାଟୁକାର ସେଇ ଦେଶଦ୍ରୋହୀ ।

ସେଥିପାଇଁ ଦୁଃଖିତ ମୁଁ ଆଜି
ଦୁଃଖ ନୁହେଁ କଳାପାଣି ଦଣ୍ଡ
ଜାଣିଥିଲେ ତାର ସେ ଚକ୍ରାନ୍ତ
ଅକ୍ଳେଶରେ କରିଥାନ୍ତି ପଣ୍ଡ ।'

ସହିଗଲେ ସମସ୍ତ ଯାତନା
ହସି ହସି ବୀର କୃତ୍ତିବାସ,
ଧନ୍ୟ ଆହେ ଓଡ଼ିଆ ସଂଗ୍ରାମୀ
ଧନ୍ୟ ତୁମ ବୀରତ୍ୱ ସାହସ ।

❑❑

Digitized by srujanika@gmail.com

ଭାରତମାତାର ସିଂହଛୁଆ

'ରାଜନୀତିକ ସେ ବନ୍ଦୀ କାହିଁକି
ଡକାୟତ ପରି କାଟିବେ କାଳ
ସୁବିଧା ଥିଲେ ବି ସୁବିଧାରୁ କିଆଁ
ବଞ୍ଚିତ ହେବେ, ଏ କେଉଁ ବଳ ?'

ପ୍ରତିବାଦ କଲେ ଭଗତ ସିଂ
ପ୍ରତିବାଦ କଲେ ବଟୁକେଶ୍ୱର
'ମରଣ ପର୍ଯ୍ୟନ୍ତ ଅନଶନ କଲୁ
ଯାହା ଇଚ୍ଛା ତୁମେ କରୁଛ କର ।'

ପଚିଶ ଦିନର ଅନଶନ ପରେ
ଦିଆଗଲା ତାଙ୍କୁ ନିର୍ଯାତନା
ତେଷଠି ଦିନର ଅନଶନ ପରେ
ମୃତ୍ୟୁ ଲଭିଲେ ଯତୀନ ନନା ।

ନିର୍ମମ ଏଇ ଶାସନ କାହିଁକି
କୋଉଥିପାଇଁରେ କଅଣ ପାଇଁ ?
ଅଳପ ଦିନକୁ ବହୁତ କଥା ଏ
ରହି ନାହିଁ କେବେ ରହିବ ନାହିଁ ।

ଫାଶି ପାଇବାକୁ ଦିନଟିଏ ଥାଏ
ଜେଲରୁ ଖସିବା ସୁବିଧା ଥିଲା
ଜୀବନକୁ ଏତେ ସାଇତିବା ଲାଗି
ଭଗତଙ୍କ ନାହିଁ ପସନ୍ଦ ହେଲା ।

Digitized by srujanika@gmail.com

ସ୍ୱାଧୀନତାର ଏ ଭାଇ ସଂଗ୍ରାମୀ
କା'ଠୁ ପାଇବେ ପ୍ରେରଣା ଆଉ ?
ଫାଶି ପାଇଁ ଡରି ଆମେ ଯେବେ ଥରି
ଜେଲରୁ ଖସି ପଳେଇ ଯାଉ ।

ଦେଶ ସ୍ୱାଧୀନତା ସଅଳ ଆଣିବ
ବହୁ ସଂଖ୍ୟାରେ ଆତ୍ମବଳି
ସେଥିପାଇଁ ମୁହିଁ ଫାଶିଦଣ୍ଡକୁ
ଅନ୍ତର ସହ ବରଣ କଲି ।

ଗୋଟିଏ ଭଗତ ଚାଲିଯିବ ସିନା
କୋଟିଏ ଭଗତ ଆସିବେ ମାଡ଼ି
ଇନ୍‌କିଲାବ ଜିନ୍ଦାବାଦରେ
ଏଇ ଏ ଆକାଶ ପଡ଼ିବ ଛିଡ଼ି ।

ମୋତିଲାଲ ସହ ବିପ୍ଳବୀ ନେତା
ଅରବିନ୍ଦ ଆଉ ସୁଭାଷ ବୋଷ
ଭଗତ ସିଂଙ୍କ ଦର୍ଶନ ପାଇଁ
କାରାକକ୍ଷରେ କଲେ ପ୍ରବେଶ ।

ପତ୍ନୀ ସହିତ ଆସଫ୍ ଅଲ୍ଲୀ
କାରାଗାର କକ୍ଷେ ଆସିଲେ ଧାଇଁ
ବୀର ଶହୀଦ ସେ ଭଗତ ସିଂହକୁ
ଶେଷ ଦର୍ଶନ କରିବା ପାଇଁ ।

ଗୁଣୁଗୁଣୁ ହୋଇ ଗୀତ ଗାଇଗାଇ
ଲେଖୁଥାନ୍ତି ବସି କବିତା କିଛି
ଫାଶି ପାଇବାର ଅଳପ ଆଗରୁ
ଭଗତ ଚାହିଁଲେ ଅଲ୍ଲୀଙ୍କୁ ହସି ।

Digitized by srujanika@gmail.com

ରାଜଗୁରୁ ଆଉ ସୁଖଦେବ ସହ
ଫାଶିକାଠ ପରେ ଚଢ଼ିଲେ ଯାଇ
ଭାଗ୍ୟବାନ ତୁମେ ମାଜିଷ୍ଟ୍ରେଟ ଆଜି
ମୃତ୍ୟୁର ଲୀଳା ଦେଖିବ ଏଇ ।

ଆଖିରେ ଦେଖିବ ଭାରତ ଭୂଇଁର
ବିପ୍ଳବୀ କେଡ଼େ ଟାଣୁଆ ବୀର
ଜନ୍ମମାଟିର ଇଜ୍ଜତ ପାଇଁ
ପ୍ରାଣବଳି କେତେ ତୁଚ୍ଛ ତାର ।

ଉଚ୍ଚ ଆଦର୍ଶ ରଖିବା ପାଇଁକି
ମରିଚି ସେ କେବେ ଡରିନି କାହିଁ
ଦେଖି ବି ନ ଥିବ ସେ କମିଶନର
ପାଇ ବି ନ ଥିବ ଶୁଣିବା ପାଇଁ ।

'ତୁମ ପରି କେତେ ବିଦେଶୀ କୁତ୍ତା
ଭୁକି ଭୁକି ଏଠୁ ହୋଇବେ ଦୂର
ବିଚାରାଳୟର କାଠଗଡ଼ା ମଧ୍ୟେ
କହିଥିବା କଥା ସ୍ମରଣ କର ।

ମୁହିଁ ସେ ଯୁବକ ଭଗତ ସିଂ
ଭାରତମାତାର ସିଂହଛୁଆ
ଏଠି ମୋର ସେଇ ସ୍ପଷ୍ଟ ଜବାବ
ମୃତ୍ୟୁ ଆଗରୁ ଶୁଣିବି ତାହା ।'

❑❑

Digitized by srujanika@gmail.com

ସବୁଠେଇଁ ସେଇ ତାଙ୍କରି କଥା

ପଢ଼ାଛାଡ଼ି ଦେଲେ ଚନ୍ଦ୍ରଶେଖର
ଗାନ୍ଧିବୁଢ଼ାର ଡାକରା ପାଇ,
ସ୍ୱାଧୀନତାର ସେ ଆନ୍ଦୋଳନରେ
ଝାସ ଦେବା ଲାଗି ଉଠିଲେ ଚେଇଁ ।

ପିଲାଟି ବେଳରୁ ନିର୍ଭୀକ ସିଏ
ଖେଳ କସରତ କରନ୍ତି ନିତି,
ମନରେ ଜାଗିଲା ଦେଶ ହିତକଥା
ଅନ୍ତର ତଳେ ସ୍ୱଜାତି-ପ୍ରୀତି ।

ଗିରଫ ହୋଇଲେ ଚନ୍ଦ୍ରଶେଖର
ପୋଲିସକୁ ଦିନେ ଫୋପାଡ଼ି ଟେକା,
ହାତକଡ଼ି ଆଉ ପଡ଼ି ପାରିଲାନି
(ତାଙ୍କ) ମଣିବନ୍ଧ କଡ଼ିଠାରୁ ଅଧିକା ।

ପିଲାଟିଏ ଥିଲେ ଜେଲ ଭୋଗିଲେ
ଶୀତ ପଡ଼ିଥାଏ ଅତି ପ୍ରବଳ,
ଦିଆଗଲା ନାହିଁ ଶୀତ ଲୁଗାଟିଏ
ଅବା ଘୋଡ଼ିହେବା ପାଇଁ କମ୍ବଳ ।

ଶୀତକଷ୍ଟରୁ ରକ୍ଷା ହେବାକୁ
କସରତ କଲେ ନିଇତି ରାତେ,
ଲୁଚି ଛପି ଏହା ଦେଖନ୍ତି ପୋଲିସ
ଭାବନ୍ତି ଏ ପିଲା ସାହସ କେତେ ।

Digitized by srujanika@gmail.com

ଭାବି ନେଇଥିଲେ କ୍ଷମା ସେ ମାଗିବ
ଶୀତର ପ୍ରକୋପ ନ ପାରି ସହି,
ଭାବିଥିଲେ ଯାହା ନ ହୋଇଲା ତାହା
ସବୁ କଳପନା ଗଲା ଉଭେଇ ।

ଦିନ ଗଡ଼ିଗଲା ସମୟ ଆସିଲା
ଚନ୍ଦ୍ରଶେଖର ବନିଲେ ନେତା,
ଯୁଆଡକୁ ଗଲେ ଯୋଉଠି ଶୁଣିଲେ
ସବୁଠେଇଁ ସେଇ ତାଙ୍କରି କଥା ।

ସରକାରଙ୍କର କାନକୁ ଆସିଲା
କାନକୁହା ଦେଲେ କାନରେ କହି,
ଚନ୍ଦ୍ରଶେଖର ବିପ୍ଳବୀ ତାକୁ
ଚେଷ୍ଟା କରନ୍ତୁ ଧରିବା ପାଇଁ ।

ଏହ୍ଲାବାଦର ଆଲ୍‌ଫ୍ରେଡ ପାର୍କ
ସେଦିନ ପୋଲିସ ଘେରାଉ କଲେ,
ସାଥୀ ସହ ଥିଲେ ଚନ୍ଦ୍ରଶେଖର
ଲଢ଼ି କେତେକଙ୍କୁ ମୁକ୍ତି ଦେଲେ ।

ନିଜ ପିସ୍ତଲୁ ଗୁଳି ଚଳାଇଲେ
ଗଛ ପଛପଟେ ନିଜକୁ ରଖି,
ଅନେକ ପୋଲିସ ହତାହତ ହେଲେ
ଆଉ କେତେ ଜଣ ରହିଲେ ବାକି ।

ସରକାର ସହ ଲଢ଼ିବେ କେମିତି
ଅର୍ଥ ନ ଥିଲେ କରିବେ କିସ ?
କେମିତି କୋଉଠୁ ଅର୍ଥ ଆସିବ
ସରକାରୀ ଧନେ ବଳିଲା ଆଶ ।

Digitized by srujanika@gmail.com

କଲିକତା ଆଡୁ ଗାଡ଼ି ଆସୁଥିଲା
ସରକାରୀ ଟଙ୍କା ଖଜଣା ନେଇ,
ଚେନ୍ ଟାଣିଲେ ଟଙ୍କା ଲୁଟିଲେ
ଧାଇଁ ଯାଉଁ ଯାଉଁ ଗାଡ଼ିରୁ ଡେଇଁ ।

ଧରା ପଡ଼ିଗଲେ ସେଥିରୁ କେତେ ଯେ
ଆଉ କେତେ ଜଣ ଗଲେ ପଳେଇ,
ଚନ୍ଦ୍ରଶେଖର ନେତା ତାଙ୍କର
ଧରାହେବା ଲୋକେ କହିଲେ ଯାଇ ।

ବମ୍ବେ ଚାଲିଲେ ଚନ୍ଦ୍ରଶେଖର
ବନ୍ଦରେ କଲେ ଖଲାସି କାମ,
ସାଥିରୁ କେତେକ ଜେଲ୍ ଭୋଗିଲେ
କେତେକଙ୍କୁ ହେଲା ଫାଶି ହୁକୁମ ।

ଲୁଚି କେତେ ଦିନ ରହିବେ ସେ ଆଉ
ସମ୍ମୁଖ ରଣେ ହୋଇବେ ଉଭା,
ସମ୍ଭାଳି ଆଉ ପାରେନା ଏ ମନ
ଲିଭିଗଲେ ଯାଉ ଜୀବନ-ପ୍ରଭା ।

ଲାଲା ଲଜପତ ଏ ଦେଶର ନେତା
ଲାଠି ପାହାରରେ ଜୀବନ ଦେଲେ,
ନିର୍ମମତାର ପ୍ରତିଶୋଧ ନେବେ
ଚନ୍ଦ୍ରଶେଖର ଶପଥ କଲେ ।

ଆଗେଇ ଆସିଲେ ଚନ୍ଦ୍ରଶେଖର
ସାଥିରେ କେତେକ କର୍ମୀ ଧରି,
ବୃଥା ହେଲା ତାଙ୍କ ସକଳ ପ୍ରୟାସ
ଚିନ୍ତିତ ହେଲେ ଯିବେ କି ହାରି ?

Digitized by srujanika@gmail.com

ଶେଷରେ ଦେଖିଲେ ହଟିଯିବେ ସିଏ
ଗୁଳି ଯାହା ଥିଲା ଗଲାଣି ସରି,
କେବଳ ମାତର ରହିଚି ଗୋଟିଏ
କି କରିବେ ବୋଲି ଭାବିଲେ ଭାରି ।

ପୋଲିସ ଗୁଳିରେ ମୃତ୍ୟୁ ଆଗରୁ
ଟ୍ରିଗାର ଟିପିଲେ ନିଜର ଶିରେ,
ମୃତ୍ୟୁ ବରିଲେ ସମ୍ମୁଖ ରଣେ
ସେଇଠେଇଁ ଲୋଟିଗଲେ ଭୂଇଁରେ ।

'ଆମରି ଗୁଳିର ଶିକାର ଶେଖର'
ଅନେକ ପୋଲିସ କହିଲେ ଆସି,
ସତ କଥା ଆଉ ଲୁଚି ରହିଲାନି
ଲୋକ ହୃଦୟରେ ଉଠିଲା ଭାସି ।

ଯେଉଁ ଗଛମୂଳେ ଶହୀଦ ହେଲେ ସେ
ସେଇ ଏ ଜାତିର ପୁଣ୍ୟ ଥାନ,
ଏବେବି ଶୁଭୁଚି ସେଇ ଗଛମୂଳେ
ଭାରତମାତାର ବିଜୟ ଗାନ ।

ପ୍ରାଣବଳି ଦେଲେ ଚନ୍ଦ୍ରଶେଖର
ଏଇ ଜାତି ପୁଣି ଏ ଦେଶ ପାଇଁ,
ଯେତେ ଦିନ ଥିବ ଦେଶ ସ୍ୱାଧୀନତା
ଚିର ସ୍ମରଣୀୟ ରହିବେ ସେଇ ।

□□

Digitized by srujanika@gmail.com

ଅନ୍ୟାୟ ଆମେ ସହି ପାରିବୁନି

ରଣପୁରର ସେ ପ୍ରଜା ଆନ୍ଦୋଳନ
ହୋଇଲା ପ୍ରବଳ ବେଳକୁ ବେଳ
ଅନ୍ୟାୟ ଆମେ ସହିପାରିବୁନି
ଦେଶ ସାରା ପଡ଼ିଗଲା ଚହଳ ।

ଗଡ଼ଜାତ ଥିଲା ରାଜାର ଅଧୀନ
ନାଁକୁ ମାତର ରାଜ ଶାସନ
ନିର୍ଦ୍ଦେଶ ଥିଲା ମନ ଇଚ୍ଛା କିଛି
କରି ନ ପାରିବେ କାହିଁ ରାଜନ ।

ରଣପୁରଠାରୁ ପରଜା ମେଳିକି
ଦମନ କରିବା ଦମ୍ଭ ନେଇ
ନୟାଗଡ଼ଠାରୁ ବେଜେଲଗେଟ୍
ରଣପୁର ମୁଖେ ଆସିଲେ ଧାଇଁ ।

ଲୋଧାଚୁଆଁ ଠେଇଁ ଗାଡ଼ି ଅଟକିଲା
ରାସ୍ତା ଉପରେ ବିରାଟ କାଠ
କମ୍ପି ଉଠିଲେ ବେଜେଲଗେଟ୍
କିଏ ରୋକିବରେ ଏଠାରେ ବାଟ ।

କିଏ ଅଛି ତାକୁ ବାନ୍ଧି ଆଣରେ
ହତ୍ୟାକର ମୋ ସାମ୍ନାପଟେ
କିଏ ଅଛି ତାକୁ ରକ୍ଷା କରିବ
ଭାରତରେ କିଏ ଅଛିରେ ଗୋଟେ ।

Digitized by srujanika@gmail.com

ଫେରିଲେ ସାହେବ ରାଗଜର୍ଜର
ଫେରିଲେ ସାଥିରେ ସୈନ୍ୟ ନେଇ
ଆଦେଶ ଦେଇଛି ଗୁଳି କର ତାକୁ
ଯାହାକୁ ପାଉଚ ଯେଉଁଠି ତହିଁ ।

ଅତ୍ୟାଚାରୀ ସେ ବେଜ୍ଜେଲଗେଟ୍
ସବୁରି ଆଖିରେ ଅତ୍ୟାଚାରୀ
ଘେରିଯାଅ ତାକୁ ହତ୍ୟା କରରେ
ଲୋକ ମହଲରୁ ପଡ଼ିଲା ହୁରି ।

ସୈନ୍ୟ ସହିତ ବେଜେଲଗେଟ୍‌କୁ
ଘେରିଗଲେ ଲୋକ ସହସା ଆସି
ନିର୍ଘାତ ପିଟା ପିଟିଲେ ଠେଙ୍ଗାରେ
ପ୍ରାଣବାୟୁ ତାର ଗଳାରେ ଖସି ।

ରଘୁ, ଦିବାକର ରଣପୁର ଲୋକ
ଦିବାକର ଜଣେ ସମାଜସେବୀ
ରଘୁନାଥବାବୁ କଲେଜ ପଢୁଆ
ନେତା ବୋଲି ଯାଙ୍କୁ ମନରେ ଭାବି ।

ବଡ଼ଲାଟଙ୍କର ନିର୍ଦ୍ଦେଶ କ୍ରମେ
ଓଡ଼ିଆ ଏସ୍.ପି. ପଣ୍ଡାବାବୁ
ବିନା କାରଣରେ ବିନା ପରମାଣେ
ରଘୁ-ଦିବାକରେ କରିଲେ କାବୁ ।

ଅପରାଧୀ ବୋଲି ମିଥ୍ୟା ପ୍ରମାଣେ
ଏଇ ଦୁଇଜଣ ହୋଇଲେ ଦୋଷୀ
ମୃତ୍ୟୁଦଣ୍ଡେ ଦଣ୍ଡିତ ହେଲେ
କିଛି ଦିନ ପରେ ପାଇବେ ଫାଶି ।

Digitized by srujanika@gmail.com

ବାଉଁଶ ଠେଙ୍ଗାରେ ପିଟି ମାରିଦେଲେ
ଆମେ କେହି ନୋହୁ ଏଥିରେ ରାଜି
ବିରୋଧୀ ଦଳରୁ ଟେବୁଲ ବାଡ଼ିଆ
ପାର୍ଲିଆମେଣ୍ଟରେ ଉଠିଲା ଗର୍ଜି ।

ପାଞ୍ଚଶହ ଖଣ୍ଡ ବାଉଁଶ ଠେଙ୍ଗା
କଟା ହୋଇ ଏଠୁ ବିଲାତ ଗଲା
ଏଇ ସେଇ ଠେଙ୍ଗା, ମୃତ୍ୟୁର ହେତୁ'
ବିଲାତ ସର୍କାର ପ୍ରମାଣ ଦେଲା ।

ମହତାବଙ୍କର ଠିକ୍ ସେଇ ଦିନ
ରଣପୁରଠାକୁ ଆସିବା ଥିଲା
କେଜାଣେ କାହିଁକି କୋଉ କାରଣରୁ
ଆସିବାର ଟିକେ ବିଳମ୍ୱ ହେଲା ।

ପହଞ୍ଚିବା ଆଗୁ ସବୁ ସରିଥିଲା
ଗେଟସାହେବ ନ ଥିଲେ ଭବେ
ମୃତ୍ୟୁ ଖବର ଶୁଣିଲେ ସେ ଆସି
କଥା ହେଉଥିଲେ ଲୋକେ ସରବେ ।

ଗେଟ ହତ୍ୟାରେ ଦାୟୀ ମହତାବ
ଗଢ଼ା ସରିଥାଏ ରିପୋର୍ଟ ଗୋଟି
ଯଥାକାଳେ ଏହା ଶୁଣିଲେ ଗାନ୍ଧି
ମନକୁ ନ ଗଲା ଏଇ କଥାଟି ।

ଭାଇସରାୟଙ୍କୁ ଦେଖାକଲେ ଯାଇ
ବଡ଼ଲାଟଙ୍କୁ ସେ ଭେଟିଲେ ଯାଇ
ମହତାବଙ୍କର ଏଥେ ହାତ ଥିବା
କିଛିହିଁ ପ୍ରମାଣ ମିଳିଲା ନାହିଁ ।

Digitized by srujanika@gmail.com

ନିଶ୍ଚିତ ଏକ ମରଣ ମୁହଁରୁ
ରକ୍ଷା ପାଇଲେ ଏ ଦେଶ ନେତା
ଓଡ଼ିଶା-ମାଟିର ଗୌରବ ରବି
ଓଡ଼ିଆ ଜାତିର ପୁଣ୍ୟ ଗାଥା ।

"ହିଂସା କାହିଁକି ଅହିଂସା ପଥେ ?
ସ୍ୱାଧୀନତାର ଏ ଅନ୍ତରାୟ
ମୋ ବିଚାରରେ ବେଜେଲଗେଟ୍‌କୁ
ହତ୍ୟା କରିବା ହେଲାନି ନ୍ୟାୟ ।"

ଜାତିର ଜନକ ଗାନ୍ଧି ଟିକିଏ
ବିବ୍ରତ ହୋଇ ଲେଖିଲେ ବସି
ପ୍ରକାଶିତ ହେଲା 'ହରିଜନ'ରେ ତା
ଲୋକଲୋଚନରେ ଉଠିଲା ଭାସି ।

ନବ ଚଉଧୁରୀ ପତ୍ର ଲେଖିଲେ-
କହିବେ କି ବାପୁ ପଦିଏ କଥା
ରଣପୁରର ସେ ଅମାନୁଷିକତା
ବେଜେଲଗେଟ୍‌ର ନିଷ୍ଠୁରତା ।

ମା' ଭଉଣୀର ମାନସମ୍ମାନ
ରଖିବାକୁ ଯେବେ ଆମକୁ ମନା
ନାଚାର ଆମେତ ସେଇଥିପାଇଁକି
ନାଚାର ଆମେତ ହେ ମହାମନା ।

ବେଜେଲଗେଟ୍ ସେ ଗୋଟିଏ ଲୋକକୁ
ମାରିଦେଇ ଯେବେ ଏ ଲୋକେ ଦୋଷୀ
ଲକ୍ଷ ଛାତିକି ଗୁଳି କରି ଏଇ
ସାହେବ କେମିତି ପାରିବେ ଖସି ?

Digitized by srujanika@gmail.com

ଆଗରୁତ କିଛି କହିଲେନି ପଦେ
ଚେତାବନୀ ଦେଇ ସରକାରକୁ
ନିର୍ଯାତନାର ପ୍ରୟୋଗ କାହିଁକି
ଆନ୍ଦୋଳନକୁ ଦାବି ଦେବାକୁ ।

ଅବିକଳ ଏଇ ଚିଠିର ନକଲ
ପ୍ରକାଶ ପାଇଲା 'ହରିଜନ'ରେ
ଛାପିବାକୁ ଦେଲେ ବାପୁଜୀ ଗାନ୍ଧି
ପ୍ରତିବାଦ କିଛି ନ କରି ତାରେ ।

ଆମେ ଦୁଇଜଣ ପୂରା ନିର୍ଦ୍ଦୋଷ
ଦିବାକର, ରଘୁ ଅପିଲ କଲେ
ବଡ଼ଲାଟ ସେଇ ଇଂରେଜ ଲୋକ
କିଛି ଶୁଣିବାକୁ ଅରାଜି ହେଲେ ।

ଊଣେଇଶି ଶହ ଏକଚାଳିଶର
ଏପ୍ରିଲ ମାସ ତାରିଖ ଚାରି
ଭାଗଲପୁରର କାରାଗାର ବୁକେ
ଦୁଇଟି ଜୀବନ ପଡ଼ିଲା ଝରି ।

□□

Digitized by srujanika@gmail.com

ଶାସନ ନ କରି ଶୋଷଣ କଲା

'ଗୋମାତା ଚର୍ବି ବ୍ୟବହୃତ ହୁଏ
ନୂଆ ଏନ୍‌ଫିଲ୍‌ଡ ରାଇଫଲରେ,
ସରକାରର ଏ ନିର୍ଦ୍ଦେଶନାମା
ଶୁଣିଲ ତ ଏବେ ଶୁଣିଲ କିରେ ?

ଜାତି ନେଲା ଆମ ଧର୍ମ ବି ନେଲା
ଶାସନ ନ କରି ଶୋଷଣ କଲା,
ଅତ୍ୟାଚାରୀ କି ଜବାବ ଦେବକି
ନୀରବ ରହିବ କୁହରେ ଭଲା ?

ମଙ୍ଗଳ ପାଣ୍ଡେ
କହିଲେ ଡାକି
ଜବାବ ଦିଅରେ ହିନ୍ଦୁ ସିପାହି
ମୌନ କାହିଁକି ଏସବୁ ଦେଖି ?

ନୀରବତା ଆଉ ନୁହେଁ ଶୋଭନୀୟ
ଶୁଣିଯାଅ ପ୍ରିୟ ମଙ୍ଗଳଭାଇ,
ଧର୍ମଦ୍ରୋହୀକୁ ଶାସ୍ତି ଦେବାକୁ
ହିନ୍ଦୁ ସିପାହି ହଟିବୁ ନାହିଁରେ
ହଟିବୁ ନାହିଁ ।

ନିର୍ଦ୍ଦୟ ଆମେ ନିଷ୍ଠୁର ଥିଲୁ
ଗୋରା ଶାସକର ନିର୍ଦ୍ଦେଶରେ
ଦଳିଦେଲୁ କେତେ ହିନ୍ଦୁ ସିପାହି
ନିଜ ଦେଶଭାଇ ନିର୍ଦ୍ଦୋଷରେ ।

Digitized by srujanika@gmail.com

ଆଉ ହେବ ନାହିଁ

ସେ କଥା ଆଉ

ମାନିବୁନି ଏଇ ସରକାର କଥା

ରହୁ ଅବା ଏଇ ଜୀବନ ଯାଉ ।

ଆଇନ ଅମାନ୍ୟ ଆନ୍ଦୋଳନରେ
ହିନ୍ଦୁ ସିପାହି ଉଠିଲେ ମାତି,
ଧର୍ମଦ୍ରୋହୀକି ଶାସ୍ତି ଦିଅରେ
ଶାସ୍ତି ଦିଅରେ ହିନ୍ଦୁ-ଜାତି ।

ହରସନ୍ ଶୁଣି ଗର୍ଜି ଉଠିଲେ
ସବୁରି ମୂଳେ ଏ ମଙ୍ଗଳ ପାଣ୍ଡେ,
ବନ୍ଦୀ କରରେ କିଏ ଅଛ ତାକୁ
ବନ୍ଦୀ କରରେ ତାହାକୁ ଚାଣ୍ଡେ ।

ପାଟିକଥା ତାଙ୍କ ପାଟିରୁ ସରିନି
ହରସନ୍ ବକ୍ଷେ ବାଜିଲା ଗୁଳି,
ଆଖିପିଛୁଳାକେ ସିଏ ସେଇଠେଇଁ
ପାଣ୍ଡେ ଗୁଳିରେ ପଡ଼ିଲେ ଟଳି ।

ମିଷ୍ଟରଦାହ ଲେପଟନାଣ୍ଟ ସେ
ଦ୍ୱିତୀୟ ଗୁଳିରେ ଶିକାର ହେଲେ,
ସଂଖ୍ୟାହୀନ ସେ ଇଂରେଜ ସେନା
ପାଣ୍ଡେକୁ ଆସି ଘେରାଉ କଲେ ।

ନିଜ ଗୁଳି ନିଜ ଛାତିରେ ବସାଇ
ପାଣ୍ଡେ ଚାହିଁଲେ ମରିବା ପାଇଁ,
ଆହତ ହେବାଟି ସାର ହେଲା ସିନା
ଶେଷ ଇଚ୍ଛା ଆଉ ମେଣ୍ଟିଲା ନାହିଁ ।

Digitized by srujanika@gmail.com

ବାରାକପୁରର ଜେଲ ଭିତରେ
ମଙ୍ଗଳ ପାଣ୍ଡେ ପାଇବେ ଫାଶି,
ଲୋକଟିଏ କେହି ରାଜିତ ହେଲେନି
ପାଣ୍ଡେଙ୍କ ଗଳାରେ ଦେବାକୁ ରଶି ।

ସ୍ଥାନାନ୍ତର ତାଙ୍କୁ କରାଗଲା ସେଠୁ
ଖୋଜି ଅଣାଗଲା ବଧିବା-ଜନ,
ସେଇମାନେ ଆସି ମଙ୍ଗଳ ପାଣ୍ଡେଙ୍କୁ
ଫାଶି ଦେବାପାଇଁ ହେଲେ ଭାଜନ ।

ଧର୍ମ ପାଇଁକି ପ୍ରତିବାଦ କରି
ମର୍ମ ଯାହାର ଉଠିଚି ଥରି,
ସେଇ ଏ ଦେଶର ବୀର ସନ୍ତାନ
ଏ ଦେଶ ଦାୟାଦ ଥାଅରେ ସ୍ମରି ।

❑❑

Digitized by srujanika@gmail.com

ଚଳିବନି ବନ୍ଧୁକ ଶାସନ

'ବାର୍ହାଟିକୁ ଦେଇ ଦିଅ ଜାନି ?'
ପଚାରନ୍ତେ ଇଂରେଜ ସିପାହି,
'ଏ ବାର୍ହା ମୋ' ତୀରରେ ମରିଚି
ତମେ କିଏ ୟାକୁ ନବା ପାଇଁ ?'

ଏତେ ସ୍ପର୍ଦ୍ଧା ଏତେ ଅହଂକାର
ଜାଣିନାହୁଁ ଇଂରେଜ ଶାସନ ?
ଦେଖୁଚୁ ଏ ହାତରେ ବନ୍ଧୁକ
ଏକା ଚୋଟେ ନେବୁ ତୋର ପ୍ରାଣ ।

ବନ୍ଧୁକକୁ ଡରେନାହିଁ ଜାନି
ହାତେ ଥିଲେ ଧନୁ ତୀର ତାର,
ଅନୀତିକୁ ପ୍ରଶ୍ରୟ ଦେବାକୁ
ଶିଖିନାହିଁ ଏ ଦେଶର ବୀର ।

'ଆମେ ତେବେ ଏ ବାର୍ହା ମାରିଚୁ
ଏଇ ଆମେ ବନ୍ଧୁକ ଫୁଟାଇ,
କାହିଁ ତୋର ପ୍ରମାଣରେ ଏଠି
ଏଠି ତୋର ସାକ୍ଷୀ କିଏ କାହିଁ ?''

ସାକ୍ଷୀ ମୁହିଁ କନ୍ଧରାଜା ଜାନି
ସାକ୍ଷୀ ଏଇ ତରୁ-ତୃଣ-ଲତା
ମୋ ହାତରୁ ଏ ବାର୍ହା ନେବାକୁ
ଆସ୍ଫାଳନ କରନାହିଁ ବୃଥା ।

Digitized by srujanika@gmail.com

ଶୁଣ ତେବେ ହେ କନ୍ଧ ରାଜନ
ଏ ବାର୍ତ୍ତାକୁ ମୁଣ୍ଡରେ ମୁଣ୍ଡାଇ,
ଗ୍ରାମେଗ୍ରାମେ ବୁଲ ଆମ ସାଥେ
ଏଥି ପାଇଁ ଶାସ୍ତି ତୋର ଏଇ ।

କଥାଗୋଟି ପ୍ରଚାରିତ ହେଲା
ସେ ଅଞ୍ଚଳ ଘୁମୁସର ସାରା,
ପ୍ରତିହଂସା-ପ୍ରତିଶୋଧ-ବହ୍ନି
ବେଲୁବେଳ ହେଲା ଦିଗହରା ।

'ଚଳିବନି ବନ୍ଧୁକ ଶାସନ
ଚଳିବନି ଶୋଷଣ ପେଷଣ,
ଡାକ ଦେଲେ ସର୍ଦ୍ଦାର ବିଶୋଇ
ଏକଜୁଟ ହୁଅ ବନ୍ଧୁଗଣ !

ଏ ସବୁର ମୁକାବିଲା ପାଇଁ
ମାଡ଼ି ଆସି ସିଂଧୁଉର୍ମି ପରି,
ଦଳିବାକୁ ଅରାତି ଶାସନ
ଗର୍ଜିଉଠ ସିଂହନାଦ କରି ।

ମାତିଗଲେ କନ୍ଧକୋହ୍ଲ ଯେତେ
ତାତିଗଲେ ଧନୁତୀର ଧରି,
ସଂଖ୍ୟାହୀନ ସଶସ୍ତ୍ର ସଇନ
ମାରିମାରି ଦେଲେ ପଦାକରି ।

Digitized by srujanika@gmail.com

ଜାଣିବାକୁ ବାକି ରହିଲାନି
ଆନ୍ଦୋଳନ ମୂଳରେ ସେ କିଏ,
ଖୋଜାଗଲା ଦୋରା ବିଶୋଇକୁ
ଅଭଯୁକ୍ତ ବ୍ୟକ୍ତି ବୋଲି ସିଏ ।

ଖୋଜାଖୋଜି ଚାଲିଲା ଅନେକ
କିନ୍ତୁ କିଛି ନ ମିଳିଲା ପତ୍ତା,
ଦୋରା କେବେ ଦେହ ତ୍ୟାଗ କଲେ
ଏବେ ମଧ୍ୟ ଅଜ୍ଞାତ ସେ କଥା ।

ଝରିଗଲ ବଣମଲ୍ଲୀ ପରି
ଚାରିଆଡ଼େ ବାସ ମହକାଇ,
ସେ ଆତ୍ମାର ସଦ୍‌ଗତି କାମନା
କରୁ ଆମେ ହେ ଦୋରା ବିଶୋଇ !

❑❑

Digitized by srujanika@gmail.com

ଯୁଝି ଯୁଝି ହାରିଗଲ ଜୟୀ

ବାଘିତୋଟା ଝଙ୍କା ବରଡାଳ
ଥରିଯାଏ ମଝିରେ ମଝିରେ,
ସେ ତୁମର ମରଣ ଦେଖିଚି
ତାକୁ ସିଏ ଯେବେ କେବେ ସ୍ମରେ ।

ସତ୍ୟ କହି ଶତ୍ରୁକୁ ଜିତିଚ
ଏ ଦେଶର ମାନ ଉଦ୍ଧାରଣେ,
ଜାତି ପାଇଁ ପ୍ରାଣବଳି ତବ
ଏ ଦେଶର ସ୍ୱାଧୀନତା-ରଣେ ।

ନାହିଁ ନିଜ ସ୍ୱାର୍ଥ ପାଇଁ କିଛି
ସେଥିଲାଗି ଧରିନାହି ଅସି,
ପର ଦୁଃଖ କଷ୍ଟ ନିବାରଣେ
ଯାହା ତୁମ ବଳ କଷାକଷି ।

ରଣ କଲ ଦୀର୍ଘଦିନ ଧରି
ସେ ମେଜର ଫ୍ଲେଚର ସହିତ,
ଯୁଝିଯୁଝି ହାରିଗଲ ଜୟୀ
ପରିଶେଷେ ହୋଇଲ ପରାସ୍ତ ।

ଅଧିକୃତ ହେଲା ଖୋର୍ଦ୍ଧାଦୁର୍ଗ
ଇଂରେଜର ହେଲା କରାୟତ୍ତ,
ତ୍ୟାଗ କଲ ଭବନର ମାୟା
ହେବା ପାଇଁ ଦେଶ ହିତେ ରତ ।

Digitized by srujanika@gmail.com

ଧରାହେଲେ ତବ ନରପତି
ଶ୍ରୀମୁକୁନ୍ଦ ଇଂରେଜ ହାତରେ,
ବାରବାଟୀ ଦୁର୍ଗେ ବନ୍ଦୀଭାବେ
କେତେ କାଳ କାଟିଲେ ସେଠାରେ ।

ଦେଶସେବା କରିବା ପାଇଁକି
ଆଚରିଲ ବ୍ରହ୍ମଚର୍ଯ୍ୟ ବ୍ରତ,
ପ୍ରତ୍ୟାଖ୍ୟାତ ହେଲା କାଞ୍ଚିଦେବୀ
ଆଶାକରି ତୁମରି ସ୍ୱାମୀତ୍ୱ ।

ପ୍ରତିହିଂସା-ପରାୟଣା ନାରୀ
ବରିନେଲା ଇଂରେଜ ଶରଣ,
ପ୍ରତାରିତ ହେଲା ପରିଶେଷେ
ବୃଥା ହେଲା ତବ ନିନ୍ଦାଗାନ ।

କାଞ୍ଚିଦେବୀ ଅଳପ ବୟସୀ
ରୂପଗୁଣେ ଅନୁପମା ନାରୀ,
ଶେଷେ କଲା ମରଣ ବରଣ
ତୁମ ରୂପ ଗୁଣ ସ୍ମରିସ୍ମରି ।

'ମୁକ୍ତି ଯେବେ ଚାହଁ ନରପତି
ବିଦ୍ରୋହର ଦାୟୀ କିଏ କହ ?
ଷଡ଼ଯନ୍ତ୍ରେ ଲିପ୍ତ କିହେ ତୁମେ
ତୁମେ ତାର ଉତ୍ତରଟି ଦିଅ ?'

Digitized by srujanika@gmail.com

ପଚାରନ୍ତେ ଇଂରେଜ ଶାସକ
ଭୟଭୀତ ହେଲେ ନରପତି,
'ସବୁ ପାଇଁ ଦାୟୀ ରାଜଗୁରୁ
ନୁହେଁ ମୁହିଁ' କହିଲେ ଝଟତି ।

ଧନ ଆଉ ଜୀବନ ଲୋଭରେ
ପାଲଟିଲେ ବିଶ୍ୱାସଘାତକ,
ଟିକେ ହେଲେ ରାଜଗୁରୁ କଥା
ଚିନ୍ତିଲେନି ସେ ଲୋକପାଳକ ।

ସହାୟକ ବିଶ୍ୱାସୀ କେମିତି
ଥିଲେ ତାଙ୍କ ରାଜଗୁରୁ ଜୟୀ,
ସାମାନ୍ୟ ସେ ସ୍ୱାର୍ଥଟିକ ପାଇଁ
ଆଗପଛ ଚିନ୍ତିଲେ ତ ନାହିଁ ।

ବିଦ୍ରୋହର ଷଡ଼ଯନ୍ତ୍ର ପାଇଁ
ପୂରାପୂରି ଦାୟୀ ତୁମେ ବୋଲି,
ଉଦ୍‌ଘୋଷିତ ହେଲା ପୁରେପୁରେ
ତୁମେ କିନ୍ତୁ ନ ଥିଲ ଚହଲି ।

ବାଘିତୋଟା ଝଙ୍କା ବରଡାଳେ
ବାନ୍ଧି ତୁମ ଦୁଇ ଗୋଡ଼ ଯାକ,
ସେଇଠେଇଁ ଫାଶି ଦିଆଗଲା
ଦେଖିଛନ୍ତି ଅଗଣିତ ଲୋକ ।

Digitized by srujanika@gmail.com

କାହାପାଇଁ ଏତେ ନିର୍ଯାତନା
କାହାପାଇଁ ମୃତ୍ୟୁ ନେଲ ବରି ?
ସବୁ ସିନା ଦେଶମୁକ୍ତି ପାଇଁ
ଯାହା ଯହିଁ ଯାଇଅଛ କରି ।

କାରାଗାରେ କାଟିଲ ଜୀବନ
ଦୁର୍ବିଷହ ନିରାନନ୍ଦମୟ,
ସେ ମନକୁ ଛୁଇଁତ ନ ଥିଲା
କାହିଁ କେବେ ଦୁଃଖ ଆଉ କୋହ ।

ମନ୍ତ୍ରୀପଦ ତୁଚ୍ଛ ମଣିଥିଲ
ପରାଧୀନ ଭାରତ ଭୂଇଁରେ,
ହେ ଉଦାର ମହାନ ପୁରୁଷ
ଦେଶ ତୁମ, ତୁମ ପାଇଁ ଝୁରେ ।

ମୃତ୍ୟୁ ତୁମ ମଣିଷପଣିଆ
ନିର୍ଭୀକତା ପାରି ନାହିଁ ନାଶି,
ଯୁଗେଯୁଗେ ରହିଚି ରହିବ
ଦେଶ-ପ୍ରୀତି ତବ ଅବିନାଶୀ ।

❑❑

Digitized by srujanika@gmail.com

ଏ ଦେଶ ଆମର ଜନ୍ମଭୂଇଁ

'ଏ ଦେଶ ଆମର ଜନ୍ମଭୂଇଁ
ଏ ମାଟି ଆମର କର୍ମଭୂଇଁ
ସବୁଠେଇଁ ଆମ ପୂରା ଅଧିକାର
ପାହାଡ଼ ଜଙ୍ଗଲ ସାଗର ନଇ ।'

ବିରସା ଛାଡ଼ିଲା ସିଂହରଡ଼ି,
ଏ ସବୁରୁ ଆମେ ବଞ୍ଚିତ କିଆଁ ?
କନ୍ଧ-ସମାଜ ଆସରେ ମାଡ଼ି ।

'ଜଙ୍ଗଲକର' ଦେବାରେ କାହାକୁ
କିଏ ବଢେଇଚି ଜଙ୍ଗଲ ଏଠି ?
ନିର୍ଯାତିତ ଓ ଲାଞ୍ଛିତ ତୁମେ
ନାହିଁକିରେ ତୁମ ହାତରେ ଲାଠି ?

ତାଲା ପଡ଼ିଯାଉ ଦାରୁ ଦୋକାନରେ
ରଣ କରନାହିଁ ଆଜିଠୁ ଆଉ,
ସ୍ୱାଧୀନତା ପାଇଁ ସଂଗ୍ରାମ କର
ଏ ଗୋରା ଶାସକ ଏ ଦେଶୁ ଯାଉ ।

ରୋଗରେ ଶୋକରେ ପଡ଼ିଚିରେ ଯିଏ
ବୁଲି ସେବା କର ଘରକୁ ଘର,
ନିମକହାରାମ ଏଇ ସରକାର
ସହଯୋଗ ତା'ରେ ମୋଟେ ନ କର ।'

Digitized by srujanika@gmail.com

କଥାଟି ସବୁରି ମନକୁ ପାଇଲା
ଗର୍ଜି ଉଠିଲେ କନ୍ଧଜାତି,
କାନ୍ଧରେ ନେଇ ଧନୁ ଆଉ ତୀର
କନ୍ଧ-ଯୁବକେ ଉଠିଲେ ତାତି ।

ତୀର ମାରିମାରି, ମାରି ଶୁଆଇଲେ
ଯୋଉଠି ଦେଖିଲେ ଗୋରା ସିପାହୀ,
ରାଞ୍ଚିରେ ସେଇ ବିଚାରଆଳୟ
ଘେରାଉ କରିଣ ହେଲେ ବିଜୟୀ ।

କମ୍ପି ଉଠିଲା ଦରବାରହଲ
କମ୍ପି ଉଠିଲେ ଗୋରା ସିପାହୀ,
ବିରସାକୁ ଯିଏ ଧରି ଆଣିଦେବ
ପାଞ୍ଚଶତ ମୁଦ୍ରା ପାଇବ ସେଇ ।

ପାହାଡ଼ ଜଙ୍ଗଲ ଗଳିକନ୍ଦି, ଖୋଲ
ଖେଦିଗଲେ ଲୋକ ଖୋଜିବା ପାଇଁ,
ବୁଲିବୁଲି ଖାଲି ହାଲିଆ ହେଲେ ଯା
ବିରସା ମୁଣ୍ଡାକୁ ପାଇଲେ ନାହିଁ ।

ବିରସା ଥିବାର ଆଶା କରି ଥରେ
ସାରା ଜଙ୍ଗଲ ଘେରାଉ କଲେ,
ବନ୍ଧୁକ ଗୁଳି ବର୍ଷଣେ ଖାଲି
ସମର ବାରହା ଜୀବନ ନେଲେ ।

Digitized by srujanika@gmail.com

କନ୍ଧପଲ୍ଲୀରେ ନିଆଁ ଲଗେଇଲେ
ପୋଡ଼ିଗଲା ବହୁ ବାସଭବନ,
ଗଛତଳେ ଯାଇ ଆଶ୍ରୟ ନେଉ
ସେଠି ବନ୍ଦୀ କଲେ ଇଂରେଜ ସୈନ୍ୟ ।

ଯାବତ୍ ଜୀବନ କାରାଦଣ୍ଡରେ
ଦଣ୍ଡିତ ହେଲେ ସବୁ ଯୁବକ,
ସାମାନ୍ୟ ଦୋଷରେ ଫାଶିକାଠ ପରେ
ଝୁଲିଗଲେ କେତେ ଯୁବ ନିରେଖ ।

ବିରସାର ଯେତେ ବିଶ୍ୱାସୀ ସାଥି
ବ୍ରିଟିଶ ହାତରେ ପଡ଼ିଲେ ଧରା,
ଏକାକୀ ରହିଲେ ସାହସୀ ବିରସା
ନିର୍ଭୀକ ବୀର ସଦା ଅଥରା ।

ସାରା ଜୀବନଟା ଦୁଃଖରେ ଗଲା
ଦେଶ ପାଇଁ ଦେଶ ମୁକ୍ତି ପାଇଁ,
ବନ୍ଦୀ ହେଲେ ସେ ଚକ୍ରଧରପୁରେ
ନିର୍ଯାତନା ତ ସରିଲା ନାହିଁ ।

ଶଙ୍କିତ ହେଲେ ଗୋରା ସରକାର
ଗଣ୍ଡଗୋଳର ଆଶଙ୍କା ଦେଖି,
ବିରସାକୁ ନେଲେ ହଜାରିବାଗକୁ
ରାଞ୍ଚି ଜେଲରେ ଆଉ ନ ରଖି ।

Digitized by srujanika@gmail.com

ଜେଲ ଭିତରେ ସଢ଼ିବାକୁ ହେଲା
ଶୁଖି ଶୁଖି ହେଲେ କଙ୍କାଳସାର,
ପିଇବା ପାଣିରେ ବିଷ ଦେବାକଥା
ଶୁଣାଯାଏ ଯାହା, ସତେ କି ସାର !

ଏକଥା ବି ପୁଣି ପ୍ରଚାରିତ ହେଲା
ମହାମାରି ରୋଗ ଭୋଗେ ବିରସା,
ଜୁନ୍ ମାସର ନଅ ତାରିଖରେ
ମୃତ୍ୟୁ ଖବର ହେଲା ସହସା ।

ମୃତ୍ୟୁ ତାହାକୁ ଆଲିଙ୍ଗନ କଲା
ଲିଭେଇ ଦେଇ ସେ ଜୀବନଦୀପ,
ଶହୀଦ ହେଲେ ସେ ଏ ଦେଶ ମାଟିରେ
ଲିଭିଗଲା ତାଙ୍କ ଶୋକ ସନ୍ତାପ ।

❑❑

Digitized by srujanika@gmail.com

ଫାଶିଖୁଣ୍ଟରେ ମୁହିଁ

ସଭା ବସିଥାଏ ଇଂଲଣ୍ଡରେ ସେ
'ଇଣ୍ଡିଆ ହାଉସ'ଠାରେ
'ଜାପାନ ଜାତିଟା ଧନ୍ୟ ହେଉଚି
ନିଜ ସାହସିକତାରେ ।'

ବାରବାର ଏଇ ସମାଲୋଚନାରେ
ଭାଗ ନେଉଥିଲେ ଲୋକେ
ବୀରପଣିଆରେ ଧନ୍ୟ ସେ ଜାତି
ଆଲୋଚନା କଲେ ଥୋକେ ।

ନିର୍ଭୀକ ଏକ ଯୁବକ ପାଟିରୁ
ବାହାରି ପଡ଼ିଲା କଥା
'ବୀରପଣିଆରେ ସାହସିକତାରେ
ଭାରତ କି ସାମରଥା ?

ସମୟ ଆସିବ ଯେବେ,
ଭାରତବାସୀ ତା ବୀରପଣିଆରେ
ପରିଚୟ ଦବ ତେବେ ।

ଭାରତୀୟ ସେଇ ଯୁବକଟି ସେଠି
ଇଂଜିନିୟରିଙ୍ଗ ଛାତ୍ର
ସଭରକରଙ୍କ ସହିତ ତାଙ୍କର
ପରିଚୟ ହେଲା ମାତ୍ର ।

Digitized by srujanika@gmail.com

ଆଇନ ପଢ଼ନ୍ତି ସଭରକର
ବିଲାତ ମାଟିରେ ରହି,
ଦୁଇଜଣଯାକ ଭାରତୀୟ ବୋଲି
ପରିଚିତ ହେଲେ ତହିଁ ।

'ଭାରତୀୟ ସଂଘ' ନାମରେ ଏଠାରେ
ଅଛଇ ସଂଘ ଏକ,
ଇଂରେଜମୁଖୀ କରିବାକୁ ଏଇ
ସଂଗଠନର ଲକ୍ଷ୍ୟ ।

ଭାରତବାସୀଙ୍କୁ ଭାରତ ବିରୋଧୀ
କରିବା ଲକ୍ଷ୍ୟ ନେଇ,
ସୁନ୍ଦରୀ ଏକ ତରୁଣୀ ଏହାର
ପରିଚାଳନାରେ ସେଇ ।

ଇମାଯୋଶେଫ୍ ତା ନାମ,
ଭାରତ ବିରୋଧୀ ପ୍ରଚାର କେବଳ
ସେଇ ତରୁଣୀର କାମ ।

ସଂଯତ ଥିବ ତୁମେ,
ବହୁତ ଭୋଗିଚି ସଭରକର ମୁଁ
ଏଇ ଏ ବିଲାତ ଭୂମେ ।

ଉଇଲିୟମ କର୍ଜନୱାଲି
କଥାଟି ଟିକିଏ ଶୁଣ,
ବିଶ୍ୱାସରେ ସେ ବିଷ ଭରିଦିଏ
ବନ୍ଧୁ ତା'ରେ ନ ମଣ ।

ଅବିଶ୍ୱାସୀ ଏ ୱାଲି,
ତାଗିଦ୍ କରୁଚି ଭାଇ ମଦନ [illegible]
କଥାରେ ନ ଯିବ ଭୁଲି ।

Digitized by srujanika@gmail.com

'ଇଣ୍ଡିଆ ହାଉସ' ଦେଖୁଚ ଯାହାକୁ
ତାହା କଳ୍ପନା ମୋର,
ଭାରତବାସୀକୁ ସାଥୀ କରିବାକୁ
ଲକ୍ଷ୍ୟ ଏ ହାଉସର ।

ଦେଶ ସ୍ୱାଧୀନତା ପାଇଁ,
ପ୍ରେରଣା ଦେବାକୁ ତୋଳିଚି ମୁଁ ଯାକୁ
ବିଶ୍ୱାସ କର ଭାଇ ।

ଭାରତମାତାର ପ୍ରିୟ ସନ୍ତାନ
ଆମେ ଏଠି ଦୁଇଜଣ,
ଶୟନେ ସପନେ ଅବା ଜାଗରଣେ
ରଖିବା ତାହାର ମାନ ।

ଏତିକି ଶପଥ ନେଇ,
କର୍ମ କରିବା ଆମେ ଦୁଇ ଭାଇ
ଦେଶମାତୃକା ପାଇଁ ।

ଶପଥ ନେଉଚି ମଦନଲାଲ ମୁଁ
ଶପଥ ନେଉଚି ଏଠି,
ଦେଶସେବା ପାଇଁ ପ୍ରାଣବଳି ଦେବି
ଯୋଉଠି ଥିଲେ ବି ସେଠି ।

ଭୁଲିଯିବି ନାହିଁ ୱାଲିର କଥାରେ
ସତ୍ୟ ବଚନ ଏଇ,
ଭୁଲି ପାରିବିକି ଜନ୍ମ ଭୂଇଁକି
ଯେତେ ଦୂରେ ଥିଲେ ରହି ?

Digitized by srujanika@gmail.com

ସଭରକରଙ୍କ ଦେଶ ଅନୁରକ୍ତି
ପ୍ରୀତି ଆଉ ନେତାଗିରି,
ବିବ୍ରତ କଲା ବିଲାତବାସୀଙ୍କି
କ୍ଷୁବ୍ଧ କରିଲା ଭାରି ।

କେଉଁପରି ତାଙ୍କୁ ବନ୍ଦୀ କରିବେ
କେଉଁ ଅଭିଯୋଗ ନେଇ,
ଅଭିଯୋଗ ଏକ ପ୍ରସ୍ତୁତ ହେଲା
କେବଳ ତାଙ୍କ ପାଇଁ ।

ମିଥ୍ୟାକଥାରେ ବନ୍ଦୀ ହେଲେ ସେ
ବ୍ରିଷ୍ଟନ କାରାଗାରେ,
କଳାପାଣି ଦଣ୍ଡ ମିଳିଲା ତାଙ୍କୁ
ବହୁତ ବିଚାର ପରେ ।

ସବୁରି ମୂଳରେ ଓ୍ୱାଲି,
ମଦନଲାଲ ମୁଁ ଓ୍ୱାଲି ହାତରେ
ଏଠେଇଁ ଶପଥ ନେଲି ।

ଭାରତଭୂଇଁର ସୁନାମ ଶୁଣିଲେ
ଫାଟିଯାଏ ଯାଙ୍କ ଛାତି,
ଆତ୍ମବଡ଼ିମା ହିଂସାରେ ଯାଙ୍କ
ଶରୀର ଉଠଇ ତାତି ।

ହିଂସାରେ ହେଲେ ଘାରି,
ମଣିଷ ଭିତରେ ମଣିଷ-ପଣିଆ
କେବେ କି ହୁଅଇ ବାରି ?

Digitized by srujanika@gmail.com

ସେ ଦିନଟି ଥିଲା 'ଭାରତସଂଘ'
ଉତ୍ସବ ଶୁଭଦିନ,
ସୁନ୍ଦରୀ ଇମା କରିଥିଲେ ସେଇ
ସଂଘର ଆୟୋଜନ ।

ଡକାଯାଇଥିଲା ସେ ଦିନର ସଭା
ଜାହାଙ୍ଗୀର ହଲ୍‌ଠେଇଁ,
ସମବେତ ହେଲେ ସକଳ ଅତିଥି
ଗୋଟେ ପରେ ଗୋଟେ ଯାଇ ।

ସେ ଦିନ ସଭାର ମୁଖ୍ୟ ବକ୍ତା
ହୋଇଥାନ୍ତି ନିଜେ ୱାଲି,
ଯଥା ସମୟରେ ପତ୍ନୀ ସହିତ
ମଞ୍ଚକୁ ଗଲେ ଚାଲି ।

ସଭରକରଙ୍କ ପରାମର୍ଶରେ
ଯୁବକ ମଦନଲାଲ,
ପାଖେ ରଖିଥାନ୍ତି ଗୁଳିଭରା ତାଙ୍କ
ନିଜର ରିଭଲଭର ।

ସଭା ସରୁସରୁ ଡେରି ଟିକେ ହେଲା
ପ୍ରସ୍ଥାନ ଦ୍ୱାର ଠେଇଁ,
ନମସ୍କାର କଲେ ମଦନଲାଲ
ୱାଲିର ନିକଟ ହୋଇ ।

ପ୍ରତିନମସ୍କାର କରୁକରୁ ୱାଲି
ଭୂଇଁରେ ପଡ଼ିଲେ ଲୋଟି
ମଦନଲାଲର ରିଭଲଭରରୁ
ଗୁଳି ଯାଇଥିଲା ଛୁଟି ।

Digitized by srujanika@gmail.com

ବନ୍ଦୀ ହୋଇଲେ ଯୁବକ ମଦନ
ଗୋରା ଧଳାପାହିର ହାତେ,
ଅବିଚଳିତ ସେ ଥାଆନ୍ତି ସେଠେଇଁ
ଅତି ନିର୍ଭୀକ ଚିତ୍ତେ ।

ବିଚାର ହୋଇଲା ତାର,
ମୃତ୍ୟୁଦଣ୍ଡରେ ଦଣ୍ଡିତ ହେଲେ
ସେଇ ଭାରତୀୟ ବୀର ।

'ଦି ଡେଲି ନ୍ୟୁଜ' ଇଂଲଣ୍ଡର ସେ
ସମ୍ବାଦପତରରେ,
ପ୍ରକାଶ ପାଇଲା ଲେଖାଟିଏ ତାଙ୍କ
ସେଣ୍ଟନଭିଲେ କାରାଗାରେ ।

ମର୍ମ ତାହାର ଏଇ -
ମାତୃଭୂମି ମୋ ମା'ଠାରୁ ବଡ଼
ପ୍ରଣମେ ତା' ପାଦେ ମୁହିଁ ।

ଜନ୍ମଭୂଇଁର ଅରାତି ନାଶନ
ଆମ ଜୀବନର ବ୍ରତ,
ସେଥିପାଇଁ ଆମେ ଜୀବନ ଦେବାକୁ
ନୋହୁ କେବେ କୁଣ୍ଠିତ ।

ସେଥିପାଇଁ ସେଥିପାଇଁ...
ଆଜି ଏ ସୁଦୂର ବିଲାତ ମାଟିରେ
ଫାଶିଖୁଣ୍ଟରେ ମୁହିଁ ।

□□

Digitized by srujanika@gmail.com

ରାମପରସାଦ କହିଲେ ଡାକି

ରାମପରସାଦ ତୁମରି ପୁଅ ?
କହ ହେ ମୁରଲି ସତ୍ୟ କହ,
ଆମ ସନ୍ଦେହ ତାଲିକାରେ ସିଏ
ତମେ ତାକୁ ଆଣି ଥାନାରେ ଦିଅ ।

ଏ କଥାରେ ଯେବେ ମାନ୍ୟ ନ କର
ଭୋଗିବ ଜୀବନେ ବହୁ ଯାତନା,
ସବୁ ସମ୍ପଦ କାଢ଼ି ନିଆଯିବ
ସରକାରଙ୍କର ଦୃଢ଼ ଘୋଷଣା ।

ଡରିଲେ ମୁରଲି ଏଇ ଧମକରେ
ଭାବିଲେ ସେ ଏଠି ରହିବେ ନାହିଁ,
ପୁଅକୁ କେମିତି ଥାନାରେ ଦେବେ ସେ
ବରଂ ସେଠାରୁ ଯିବେ ପଳାଇ ।

ଶାହାଜାନପୁର ଛାଡ଼ିଲେ ମୁରଲି
ନେଁ ଛେଁ କରି ସମ୍ପତ୍ତି ବିକି,
ଗୋଓ୍ୱାଲିୟରରେ ରହିଲେ ସେ ଯାଇ
ସେ ଦିନ ସେ କଥା ମନରେ ରଖି ।

ଦେଶପ୍ରେମୀ ଜଣେ ଭାରତୀୟ ନେତା
ଫାଶି ପାଇଲେରେ କଅଣ ପାଇଁ ?
ବିବ୍ରତ ହେଲେ ରାମପରସାଦ
ବିଦ୍ରୋହ କରି ଉଠିଲେ ତହିଁ ।

Digitized by srujanika@gmail.com

କାକୋରିରେ ଏକ ଟ୍ରେନ ଲୁଟିର
ନାୟକ କିଏ ସେ କିଏ ନାୟକ ?
ରାମପରସାଦ ବିସମିଲ୍ଲା ବୋଲି
ନାଁଚି ଉଠିଲା କହିଲେ ଲୋକ ।

'କେମିତି ଆସିବ ଦେଶ ସ୍ୱାଧୀନତା'
ଯୁଆଡ଼େ ଗଲେ ସେ ଗୋଟିଏ କଥା,
ଜନ୍ମଭୂମିର ମୁକ୍ତି ପାଇଁକି
ଲଢ଼ିବେ ପଛକେ ଯାଉ ଯେ ମଥା ।

ଶୂନ୍ୟ ହାତରେ କେମିତି ଲଢ଼ିବେ
ବନ୍ଧୁକ ଗୋଳା ନିହାତି ଲୋଡ଼ା,
ସୁରୁଖୁରୁରେ ସେ କାମଟି ଚାଲନ୍ତା
ସରକାରୀ ଧନ ପଶିଲେ ଥୋଡ଼ା ।

ବାମରାଉଲିରେ ଡ଼କାୟତି ହେଲା
ଆଉ ଗୋଟେ ହେଲା ଦ୍ୱାରକାପୁରେ,
ସଂଗଠନଟି ଭଲରେ ଚାଲିଲା
କେତେ ଶାଖା ତାର ସେଇ ଅର୍ଥରେ ।

ରାମପରସାଦ କହିଲେ ଡାକି,
ସରକାରୀ ଟଙ୍କା ଏଥିରେ ଯାଉଚି
ଚେନ୍ ଟାଣରେ ସୁବିଧା ହେଞ୍ଚି ।

Digitized by srujanika@gmail.com

ଆନ୍ଦୋଳନକୁ ତେଜିବାକୁ ହେଲେ
ଅର୍ଥ ଆମର ନିହାତି ଲୋଡ଼ା,
ସରକାରର ଏ ଟ୍ରେଜେରି ଭାଙ୍ଗ
ମିଳିଯିବ ଏଠୁ ନୋଟ ବିଡ଼ା ।

ଆଲମନଗର ପଛରେ ରହିଲା
କାକୋରି ଷ୍ଟେସନ ରହିଲା ଆଗେ,
ତା'ରି ମଝିରେ ଚେନ୍ ଟାଣିଲେ
ଗାର୍ଡ଼ ଡବାରେ ଚଢ଼ିଲେ ବେଗେ ।

ଭାଙ୍ଗିଲେ ଯେବେ ଲୁହାର ଟ୍ରେଜେରି
ବାଧା ଦେଲା ଜଣେ ଗୁର୍ଖା ଆସି,
ମୃତ୍ୟୁ ଲଭିଲା ସେଇଠେଇଁ ସିଏ
ଡକାୟତେ ଗଲେ ଗାଡ଼ିରୁ ଖସି ।

ଜାଣିବାକୁ ଆଉ ବାକି ରହିଲାନି
ଷଡ଼ଯନ୍ତ୍ରର ଆସାମୀ କିଏ,
ଗିରଫ କରିଲେ ଜଣଜଣ କରି
ଯାହାକୁ ଯେଉଁଠି ପାଇଲେ ଯିଏ ।

ରାମପରସାଦ ଆସଫାକଉଲ୍ଲା
ରାଜେନ୍ଦ୍ର ଲାହାଲି ଆଉ ରୋଶନ,
ବନ୍ଦୀ ହୋଇଲେ ବ୍ରିଟିଶ ହାତରେ
ପରେ ପରେ କଲେ କାରାବରଣ ।

Digitized by srujanika@gmail.com

ଡକାୟତି ପାଇଁ ଫାଶି ଦିଆଗଲା
ବିସମିଲ୍ଲା ଗଲେ ଗୋରଖପୁର,
କାରାଗାର କକ୍ଷେ ଦେଶମାତୃକା
ବନ୍ଦନା ଗାଇ ହେଲେ ବିଭୋର ।

ଫାଶି ପାଇବାକୁ ଦିନଟିଏ ଥାଏ
ପିତାମାତା ଗଲେ ପୁଅକୁ ଦେଖି,
କାନ୍ଦି ଉଠିଲେ ରାମପରସାଦ
ଆଖିଲୁହ ହେଲା ନିମ୍ନମୁଖୀ ।

ଗଉରବ ଆଉ ଗର୍ବ ଏହାଠୁଁ
ଅଧିକ କେଉଁଠି ଅଛିରେ କାହିଁ ?
ଫାଶି ପାଉଅଛୁ ମୋ ବାପଧନରେ
ଫାଶି ପାଉଚୁ ତୁ ତୋ ଦେଶପାଇଁ ।

ଧନ୍ୟ ଜନନୀ ବୀର ପ୍ରସବିନୀ
ଧନ୍ୟ ଲୋ ତୋର ସନ୍ତାନ ପ୍ରୀତି,
ପୁତ୍ର ମରଣ ଅବଶ୍ୟମ୍ଭାବୀ
ଜାଣି ଶୁଣି ମନେ ନଥିଲା ଭୀତି ।

□□

Digitized by srujanika@gmail.com

ବଞ୍ଚିତ କେଉଁପରି

'ସମ୍ବଲପୁର ରାଜଗାଦିର ମୁଁ ପ୍ରକୃତ ଅଧିକାରୀ
ସାଏ ମହାରାଜ ବଂଶଧର ମୁଁ ବଞ୍ଚିତ କେଉଁପରି ?
ବଞ୍ଚିତ କେଉଁପରି...
କହି କମ୍ପିଲେ ବୀର ସୁରେନ୍ଦ୍ର, ଖଡ୍‌ଗ ଉଠିଲା ଥରି ।

ବାର ପାହାଡ଼ର ଗୁମ୍ଫାରେ ପଶି ପଣ କରୁଅଛି ମୁହିଁ
ଲୁପ୍ତ କରିବି ଇଂରେଜ ସତ୍ତା ଶୁଣିଥା ମୋ ଦେଶଭାଇ
ଆଗେଇ ଆସରେ ଆସ-
ଉଦ୍ଧତ ଏଇ ଇଂରେଜର ଏ ରାଜପଣ ଏଠୁ ନାଶ ।

ସମ୍ବଲପୁରେ ରାଜା କରିଚିରେ ବାମଣ୍ଡାରୁ ଲୋକ ଆଣି
ସବୁ ସେ କରିଚି, କରୁଚିରେ ଏଠି ଧରଣୀକୁ ସରା ମଣି
ବହପ ବଢ଼ିଚି ତାର,
ସୀମା ଲଂଘନ କରିଚିରେ ତାର ଅନୀତି ଅତ୍ୟାଚାର ।

ସମ୍ବଲପୁର ରାଜାର ବାର୍ତ୍ତାବାହକ ହତ୍ୟାପାଇଁ
ଗିରଫ ହୋଇଲେ ସୁରେନ୍ଦ୍ର ସାଏ ସରକାର କଲେ ଦାୟୀ
ପାଞ୍ଚ ବରଷ କାରା-
ଦଣ୍ଡରେ ହେଲେ ଦଣ୍ଡିତ ବୋଲି ବିଚାରରେ ହେଲା ସାରା ।

ନାରାୟଣ ସିଂ ସମ୍ବଲପୁର ନୃପତିର ପ୍ରରୋଚନା
ବୃଦ୍ଧି କରିଲା ଆଉ ଦି' ବର୍ଷ କାରାର ମିଆଦ ସିନା
ଶେଷେ ସେ ଜୀବନ ସାରା
ହଜାରିବାଗର କାରାକକ୍ଷରେ ଦୁଃଖେ ଭୋଗିଲେ କାରା ।

Digitized by srujanika@gmail.com

ବିଦ୍ରୋହ କଲେ ବଙ୍ଗଳାସେନା ସହସା ଉଠିଲେ ରାଗି
କଏଦୀମାନଙ୍କୁ ମୁକ୍ତ କଲେ ସେ ଜେଲ ଫାଟକ ଭାଙ୍ଗି
ସତର ବର୍ଷ ପରେ
ମୁକ୍ତ ସୁରେନ୍ଦ୍ର ବାହୁଡ଼ିଲେ ତାଙ୍କ ପ୍ରିୟ ସମ୍ବଲପୁରେ ।

ସୁଗଠିତ ଏକ ସୈନ୍ୟ ଫଉଜ ଗଢ଼ିଲେ ସେ ତହୁଁ ଆସି
ସରକାର ସହ ସମ୍ମୁଖ ରଣ କରିବା ଲକ୍ଷ୍ୟ ପୋଷି
ଡେବିରିଗଡ଼ର ଠେଇଁ
ପରାଭୂତ ହେଲେ କାପ୍‌ଟେନ୍ 'ଲେ' ଛତ୍ରଭଙ୍ଗ ଦେଇ ।

ଡାୟାର ଆସିଲେ ଘୁମୁସରଠାରୁ ଏଲଉଇନ ମାନ୍ଦ୍ରାଜରୁ
ବ୍ରହ୍ମପୁରର ଉଇଣ୍ଡହାମ, ପଦାତିକ ରାୟପୁରୁ
ସମ୍ବଲପୁର ଠେଇଁ
ସମବେତ ହେଲେ ସୈନ୍ୟସକଳ ସମ୍ମୁଖ ରଣ ପାଇଁ ।

ସମ୍ବଲପୁର ଶାସନଭାର କମ୍ବରଲେଜି ନେଲେ
ରାଜଗାଦି କାଳେ ମାରିନେବେ ସାଏ ଭାରି ଭୟଭୀତ ହେଲେ
ଆଦେଶ ବିହିଲେ ବସି
କିଏ ଅଛ କାହିଁ ସୁରେନ୍ଦ୍ର ସାଏକୁ ବନ୍ଦୀ କରରେ ଆସି ।

ବନ୍ଦୀ ଜୀବନ କାଟିବାକୁ ହେଲା ନିର୍ଜନ କାରାଗାରେ
ମାସ ମାସ କେତେ ବର୍ଷ ବିତିଲା ଦୁଃଖ ଓ ହାହାକାରେ
ନିଥର ପଥର ପରି
ସହିଗଲେ ସବୁ କେବଳ ମାତ୍ର ନିଜ ପଥ ଅନୁସରି ।

Digitized by srujanika@gmail.com

କିଛିଦିନ ପରେ ନିର୍ଦ୍ଦୋଷ ବୋଲି ରାୟ ଦେଲା ଅଦାଲତ
କିନ୍ତୁ ଚାହିଁଲା ରିଚାର୍ଡସାହେବ ଚିଫ୍‌କମିଶନର ମତ
ବିପରୀତ କଥା କହି
ରିଚାର୍ଡସାହେବ ମତ ଦେଲେ ତାଙ୍କୁ ମୁକ୍ତି ନ ଦେବା ପାଇଁ ।

ଦୀର୍ଘ ଦିନର କଏଦୀ ଜୀବନ ହେଲା ତାଙ୍କ ପାଇଁ କାଳ
ଦୃଷ୍ଟିଶକ୍ତି ହରାଇ ବସିଲେ ହରାଇ ବସିଲେ ବଳ
ଅଠରଶ ଛଅସ୍ତରୀ
ମସିହାରେ ପୁଣି ବନ୍ଦୀ ହେଲେ ସେ କାରାଗାର ନେଲେ ବରି ।

ଫେବୃୟାରୀ ମାସ ଅଠେଇଶ ରାତି ଅଠରଶ ଚୌରାଅଶୀ
ସଂଘର୍ଷମୟ ତାଙ୍କ ଜୀବନେ କାଳ ହେଲା କାହୁଁ ଆସି
ରାତ୍ରି ଗୋଟାଏ ବେଳେ
ମୃତ୍ୟୁ ସହିତ ଯୁଝି ଯୁଝି ବୀର ହାରିଗଲେ ଅବହେଳେ ।

❑❑

Digitized by srujanika@gmail.com

ନନ୍ଦ କିଶୋର ସାମଲ

ଦୁଷ୍ଟ ଦୁଷ୍ଟଙ୍କର ମେଳ

Digitized by srujanika@gmail.com

ହସି ହସେଇବା ଧରା

ନନ୍ଦକିଶୋର ସାମଲ

ପ୍ରଥମ ପ୍ରକାଶ-୧୯୯୩

ପ୍ରକାଶକ :
ବର୍ଣ୍ଣମାଳା ପ୍ରକାଶନୀ
ରାଜାବଗିଚା, କଟକ

ଏହି ପୁସ୍ତକରେ ସ୍ଥାନ ପାଇଥିବା
'ଆମେ ପରା ଭାଇ ଉଡା ଚଢେଇ' କବିତାଟି
ପୂର୍ବରୁ 'ଗୁଣ୍ଡୁଚିମୂଷାର ପିଠିରେ ଗାର'
ପୁସ୍ତକର 'ପାରାଦଳେ ଥିଲେ'
ଶୀର୍ଷକରେ ପ୍ରକାଶ ପାଇଥିବାରୁ ଏହି ପୁସ୍ତକରୁ
ତାହା ବାଦ ଦିଆଗଲା ।

-ସମ୍ପାଦକ

Digitized by srujanika@gmail.com

ହସି ହସେଇବା ଧରା

ନୂଆ ବରଷର
ନୂଆନୂଆ କଥା
ଆମକୁ ଲାଗିବ ନୂଆ,
ଆଗାମୀ ଯୁଗର
ଭବିଷ୍ୟତ ଆମେ
ଆମେ ଆଜି ଯେତେ ଛୁଆ ।

ଗଛରେ ଧରିବ
ନୂଆ ଫୁଲ-କଷି
ଆକାଶେ ଉଇଁବ ରବି,
ନାଲି ଟହଟହ
ସିନ୍ଦୂରା ଫାଟିବ
ଘେନି ନୂଆନୂଆ ଛବି ।

ନୂଆ ହୋଇ ଖରା
ଧରାକୁ ଆସିବ
ନୂଆ ମେଘ ଦେବ ରଡ଼ି,
ବିଜୁଳି ମାରିବ
ଚିକ୍ ଚିକ୍ ଚିକ୍
ନୂଆ ହେବ ଘଡ଼ଘଡ଼ି ।

Digitized by srujanika@gmail.com

ନୂଆ କରି ନୂଆ
ପବନ ବହିବ
କଅଁଳ ଶିଶୁଟି ପରି,
ନୂଆ କରି ଯିବ
ବିଲକୁ ହଳିଆ
ଧାନ ବିହନକୁ ଧରି ।

କେତେ ଜାତି ଫୁଲ
ଗଛରେ ହସିବେ
ହସିବେ ଆକାଶେ ତାରା,
ନୂଆ ରୂପ ନେଇ
ନୂଆ ଛୁଆ ଆମେ
ହସି ହସେଇବା ଧରା ।

❑❑

Digitized by srujanika@gmail.com

ମନେ ପଡ଼ିଯାଏ ମୋର

ଭାରି ଭଲ ଲାଗେ
ମତେ ମୋ ଗାଁ
ଆଲୁଅ ପବନ ତାର,
ଯୋଉଠି ରହିଲେ
ଯୁଆଡ଼େ ଗଲେ
ମନେ ପଡ଼ିଯାଏ ମୋର ।

ମନେପଡ଼େ ତାର
ଟିକି ଗଡ଼ିଆ
କଅଁଳ କଳମ ନଟି,
ଟିକିଏ ଦୂରର
ନୀଳ ପାହାଡ଼
ପାହାଡ଼ ଝୁମୁକି ଝାଟି ।

ନାଳ ସେପାରିର
ଧାନ କିଆରି
ଏ ପାରିର ତାଳବଣ,
ଗାଁ ତୋଟା ତଳ
କିଆ ଗୋହିରି
ଲୁଳୁଳା ପଣପଣ ।

ବଉଳ ବାସନା
ଭାରି ବଢ଼ିଆ
ବଉଳ ବଣରୁ ଆସେ,
ନିତି ଥରେଥରେ
ସଞ୍ଜ ପହରେ
ସେଠି ମୁଁ ଘଡ଼ିଏ ବସେ ।

Digitized by srujanika@gmail.com

ଗାଁ ବିଲ ତଳେ
ବିଲୁଆ ଭୁକେ
ଘଡ଼ିଏ ହୋଇଲେ ରାତି,
ରାତି ଅଧ ହେଲେ
ସେଠି କୁଆଡ଼େ
ଜଳି ଉଠେ କେତେ ବତି ।

ଗାଁ ପଛଆଡ଼େ
ବିରୂପା ନଈ
କୋଉକାଳୁ ଯାଏ ବହି,
ଶାନ୍ତ ସରଳ
ଭାରି ନିର୍ମଳ
ଜଳଦାନ ଦେଇ ଦେଇ ।

ଗାଁ ଚାଟଶାଳୀ
ଆଜି ବି ଅଛି
ପିଲାଏ ପଢ଼ନ୍ତି ପାଠ,
ଛୁଟି ହେଲାବେଳେ
ଗାଁ ସଡ଼କେ
ପିଲାଏ କରନ୍ତି ନାଟ ।

ଭାରି ଭଲଲାଗେ
ମତେ ମୋ ଗାଁ
ଆଲୁଅ ପବନ ତାର,
ଯୋଉଠି ରହିଲେ
ଯୁଆଡ଼େ ଗଲେ
ମନେ ପଡ଼ିଯାଏ ମୋର ।

❑❑

Digitized by srujanika@gmail.com

ସବୁ ଆମ ପାଇଁ ନୂଆ

ଆମେ ସବୁ
ଯେତେ ଛୁଆ
ଯା’ ଦେଖେଇବ
ଯା’ ଶିଖେଇବ
ସବୁ ଆମ ପାଇଁ ନୂଆ ।

ନୂଆନୂଆ ଚିଜ
ଦେଖୁଚୁ କେତେ
ଆମ ହାବୁଡ଼କୁ
ଆସୁଚି ଯେତେ
ଏ ଘର ଆମକୁ ନୂଆ
ଏ ଗାଆଁ ମଣିଷ
ଏ ଘର ଜିନିଷ
ଆଉ ଆମ ବାପା ମାଆ ।

ଏ ଗାଆଁ ସଡ଼କ
ଏ ଗାଆଁ ନଇ
ବାଡ଼ି ନେଉଟିଆ
ସଜନା ଛୁଇଁ
ଏ ଗାଆଁ ଟିକି ଗଡ଼ିଆ,
ଗାଆଁ ସେ ମୁଣ୍ଡର
ନଡ଼ିଆ ବଗିଚା
ତା’ ପାଖ ବଡ଼ ପଡ଼ିଆ ।

□□

Digitized by srujanika@gmail.com

ଆଲୁଅ କଲା ସେ ଘରବାହାର

ପବନ ବାଜିଲା
ଡିବି ନିଭିଗଲା
ହାରିକିନି ଦେଖି
                କେତେ ହସିଲା,
ଲାଜ ହୋଇଗଲା
ଡିବିକି ସେଦିନ
କବାଟ କଣରେ
                ନୂଚି ବସିଲା ।

ସେଦିନ ଭାବିଲା
ଆଉ ଜଳିବିନି
ଆଉ ଶୁଣିବନି
                ଯେତେ ଡାକିଲେ,
ପବନ ତାହାର
ଜୀବନ ନେଇଚି
ପବନକୁ ଆଉ
                ନ ଯିବ ଭଲେ ।

ଘର ଗୋଟାଯାକ
ଖୋଜା ପଡ଼ିଗଲା
ଡିବି କାହିଁ ଡିବି
                କୋଉଠି ଅଛି,
ହାରିକିନି ହସି
ହସି ଚାହୁଁଥିଲା
ଡିବି ଲାଗି କେତେ
                ଖୋଜା ପଡ଼ିଚି ।

Digitized by srujanika@gmail.com

ସିଏ କ'ଣ ଆଉ
ଦେଖା ଦେଇଥାନ୍ତା
ସେଇ ହ୍ୟାରିକିନି
ଦେଖେଇ ଦେଲା,
କବାଟ କଣରେ
ତାକୁ ଦେଖି ମାଆ
ଅତି ଶରଧାରେ
ଆଦରି ନେଲା ।

ସଳିତା ତେଜିଲା
ପେଟେ ଖୋଇଦେଲା
ପୋଛିପାଛି ଦେଲା
ଦେହକୁ ତାର,
ପେଟ ପୂରିଲା ତା'
ନାଟ ବାହାରିଲା
ଆଲୁଅ କଲା ସେ
ଘର ବାହାର ।

❑❑

Digitized by srujanika@gmail.com

ହଳଦୀପତର ଲୁଗା ପିନ୍ଧିଛ କି ?

ଚକୁଳି ଡାକିଲା "କାକରା,
ଖାଇଲା ବେଳରେ
ମଜା ବାହାରିବ
କିଏ ଭଲ
କିଏ ନାକରା" ।

"ଲାଜ ନାହିଁ
କଥା କହୁଛୁ,
ବିରି ଚାଉଳର ଚକୁଳି ପିଠାରେ
ନିଜେ ନିଜେ ବଡ଼ ହଉଛୁ ।
ଖାଲି ତତେ କିଏ
ଖାଏରେ ?
ତୁ'ଟା କୁଆଡୁ
ସୁଆଦିଆ ହବୁ
କିଏ ତୋ ପାଖକୁ
ଯାଏରେ ।

ପୂର ପଶେ
ଛେନା ନଡ଼ିଆ,
ଗୁଡ଼ କଥା ଓଲୁ
କାହୁଁ ଜାଣିବୁରେ
ମିଠା ମିଠା କେଡ଼େ ବଢ଼ିଆ ।"

Digitized by srujanika@gmail.com

''ପିଠା ସିନା ମିଠା କାକରା ।
ସେଇ ମିଠା ଲୋକ
ତଣ୍ଟି ବାନ୍ଧି ଦିଏ
କେତେ ଖାଆନ୍ତିରେ ନାଁକରା ।

ସରୁ କନା ପରି
ଚକୁଳି,
ସେଥିରେ ଟିକିଏ
ଦୁଧ ଢାଳିଦେଲେ
ଗୋଟିଏ ଗୋଟିଏ
ପାକୁଳି ।
ପେଟ ପୂରା କରି
ଖାଇଲେ,
ଅସୁତର କେବେ
ହୁଏନାହିଁ ପେଟ
ଗିଲାସେଟି ପାଣି
ପିଇଲେ ।''

ମଣ୍ଡା ଶୁଣୁଥିଲା
ଶିକାରେ,
''ତୁ' କାକରାଟା
ଏକା ପୂର ପିଠା
ତୁ' ବଡ଼ ତୋ'
ଦେଖାରେ ।''

''କିରେ,
ଛେନାମଣ୍ଡା କେଡ଼େ
ନରମ,
ଅଥାରରୁ କାଢ଼ି
ଟଟକା ଖାଇବ

Digitized by srujanika@gmail.com

ଟିକେ ଟିକେ ଥିବ
ଗରମ...''

କଥା ଶୁଣୁଥିଲା
ଏଣ୍ଡୁରି,
''ଲାଜ ନାହିଁ ମଣ୍ଡା
ଜନମରୁ ହୁଣ୍ଡା
ଚାତର କରୁଚୁ
ବାହାରି....

କିରେ ......
ବୁଢ଼ାଟିମାନ ତ
ହେଲଣି,
ହଳଦିପତର
ଲୁଗା ପିନ୍ଧିଚ କି
ହେଳିହେଳି
କେହି କହନି ??''

❑❑

Digitized by srujanika@gmail.com

ମଣିଷ ଭିତରେ ଜଣେ

ମଣିଷ କାହିଁକି ମରେ,
ଘରଦ୍ୱାର ଛାଡ଼ି
କୁଆଡ଼େ ଯାଏ ସେ
ସେ'ତ ଆଉ ନାହିଁ ଫେରେ ?

ଆମରି ଗାଆଁର
ରାଧୁ ମଳିକ,
ସମସ୍ତେ କହନ୍ତି
ବଢ଼ିଆ ଲୋକ,
ଯୁଆଡ଼େ ଯାଏ ସେ
ଘରକୁ ଆସେ,
ରହେ ନାହିଁ କାହିଁ
ମାସେ ବରଷେ ।

ଘରଟିକୁ ତାର ଛାଡ଼ି,
ଦି' ବରଷ ହେଲା
କୁଆଡ଼େ ଯେ ଗଲା
ଦିନେ ତ ଆସେନା ମାଡ଼ି ।

କୋଠାଘର ନୁହେଁ
ମଳିକ ଘର,
ମାଟିକାନ୍ଥ ତାର
ନଡ଼ାଛପର
ନୁଆଣିଆ ଚାଳ ଛୋଟ,
ଘରେ ନାହିଁ ଧନ
ଚାଉଳ କି ଧାନ
ବିରି ମୁଗ ଆଉ ଝୋଟ ।

Digitized by srujanika@gmail.com

ଭାରି ଭଲଲାଗେ
ତାକୁ ସେ ଘର,
ଆମକୁ କହିଚି
ବହୁତ ଥର,
ଛାଞ୍ଚୁଣି ପହଁରା ଧରି,
ସେଇ ଘରଟିକି
ପାଞ୍ଚ ପାଞ୍ଚ ଥର
ଦିନକୁ ଦିଏ ପହଁରି ।

କେମିତି ଭୁଲିଲା
ଛୁଆ ପୁଅକୁ,
ଭୁଲିଗଲା ତାର
ବାରି କୂଅକୁ,
ବାରିର ସ୍ବଜନା ଛୁଇଁ,
କେମିତି ଭୁଲିଲା
ବାରି ଗଡ଼ିଆର
ଟିକି ଟିକି ନୀଳ କଇଁ ?

କେମିତି ଭୁଲିଲା
ନଈ ତୁଠକୁ,
ନିତି ଯାଏ ଯୋଉ
ବେଣା ପାଟକୁ,
ସେଇ ବରଗଛ ଛାଇ ;
ଯୋଉଠୁ ସେ ଆସେ
ସେଠି ଟିକେ ବସେ
ସେଇ ସେ ରାଧୁଆଭାଇ ।

ବୋଝେ ଘାସ କାଟେ
ସକାଳୁ ଯାଇ,
ଶୀତ ନାହିଁ ତାର
କାକର ନାହିଁ,
ବାରି ମଦରଙ୍ଗା ଶାଗ,

Digitized by srujanika@gmail.com

ରାଧୁଆଭାଇର
ପାଟିରୁ ଶୁଣିବୁ
ଭାଜି ଦେଲେ ଭାରି ବାଗ ।

ସବୁବେଳେ ତାର
ମୁଣ୍ଡରେ ଠେକା,
ଯୁଆଡ଼େ ଯାଏ ସେ
ଯାଏ ସେ ଏକା,
ମରଦ ସେ
ଭାରି ଡେଙ୍ଗା,
ସବୁବେଳେ ତାର
ହାତରେ ଧରେ ସେ
ମସ୍ତ ବାଉଁଶ ଠେଙ୍ଗା ।

ଦିନ ରତରତ
ହେବାର ଦେଖି,
ନଈକି ଗଡ଼ଇ
ରାଧୁ ମଳିକି,
ଘରଣୀକି ଡାକି କହେ,
''ସୋରିଷ ବେସର
ବାଟି ରଖିବୁ ଲୋ
ମୋହର ଆସିବା ଯାଏ ।''

ଚଣ୍ଡୀ ପାଠଠାରୁ
ଜୋତା ସିଲେଇ,
ରାଧୁଆ ଭାଇକି
ଅଜଣା ନାହିଁ,
ସବୁ କଥା ସିଏ ଜାଣେ,
ସମସ୍ତେ କହନ୍ତି
ରାଧୁଆଭାଇଟା
ମଣିଷ ଭିତରେ ଜଣେ ।

Digitized by srujanika@gmail.com

ସେ ଦିନ ଦେଖିଚି
ଆଖିରେ ମୁହିଁ,
ନିଆଁ ଲାଗିଗଲା
ସେ ପାଖ ସାହି,
ସେଇ ସେ ମଳିକ ପୁଅ,
ପାଣି ଟାଣିଟାଣି
ଶୁଖେଇ ଦେଇଚି
ତିନିଟା ପୂରନ୍ତା କୂଅ ।

ଧନ୍ୟ ସେ ରାଧୁଆ
ରାଧୁ ମଳିକ,
ଦେଖି ନ ପାରେ ସେ
ପରର ଦୁଃଖ,
ସେ ଦୁଃଖ ନେବାକୁ ହରି,
ଯା' ପାରେ ତା
କରିପାରେ ସିଏ
କିଏ କାହିଁ ତା' ପରି ।

ରାଧୁଆ ପରି ମୁଁ
କାମିକା ହେବି,
କାମ କରି ଟିକେ
ଦାମିକା ହେବି,
ପର ଦୁଃଖେ ହେବି ଦୁଃଖୀ ;
ପର ପାଇଁ ଯାହା
ପାରିବି କରିବି
ସେଇଥିରେ ହେବି ସୁଖୀ ।

❑❑

Digitized by srujanika@gmail.com

ମାଛ ଧରି ଆଉ ନ' ଯା

ଅଜା,
ଏଇଟା କୁଆଡ଼େ 'ବଜା',
କି ଦୋଷ କଲେ ଯେ
ଚୂନି ଚୂନି ମାଛ
ତାଙ୍କୁ ଧରି ଦିଅ ସଜା ?

ଅଜା,
ବୋଧେ ଭାବୁଚ ମାଛଙ୍କୁ ପ୍ରଜା,
ମୀନ ମାରି ହୀନ
କଥାଟିକି ଘେନ
କଥାଟିକି ଭୁଲି ନ' ଯା ।

ଅଜା,
ତମେ କରିଚ ଏ ବଜା ?
ଲାଗି କେତେ ଦିନ
ହେ ଶିଳ୍ପୀ ମହାନ
କରିଲ ଏପରି ସଜା ?

ଅଜା ମ, ଅଜା,
ମହୁରାଳି ମାଛ ଭଜା,
ପଖାଳ ଭାତକୁ
ଟାକି ରହିଥାଏ
ସକାଳକୁ ଭାରି ମଜା ।

Digitized by srujanika@gmail.com

ଅଜା,
ତମର / ନିତି ତ କୋଥଳି ପୂଜା,
ନିତି ମାଛ ଧରି
ଯାଅ କେଉଁପରି
ମୁହଁରେ ନାହିଁକି ଲଜା ?

ଶୁଣ ଅଜା,
ମାଛ ଧରି ଆଉ ନ' ଯା,
ଆମେ ଆଜିଠଉଁ
ମାଛ ଖାଇବୁନି
ମାଛ ତରକାରି, ଭଜା ।

ହେଇତି ଅଜା,
ତମେ ତ ଖାଉଚ ସିଝା,
ଆମେ ସବୁ ତମ
ତିଅଣ ଚାଖିବୁ
ସେଥିରେ ତ ଭାରି ମଜା ।

ହଉ ଯାହା ହେଲା ଅଜା,
ମୋ ପାଇଁ ଆଣିବ ଗଜା,
ପାଟିରେ ପଶିଲେ
ମିଠା ଉଠେଇଲେ
ମାଛଠାରୁ ଢେର ତାଜା ।

ଅଜା,
କିଣି ଦିଅନ୍ତନି ବାଜା,
ଯାତରା ଦଳଟି
କରନ୍ତି ମୁଁ ଏଠି
ରାତିରେ ହୁଅନ୍ତି ରଜା ।

Digitized by srujanika@gmail.com

ଅଜା,
ସେଦିନ ନ ଥିଲା ରେଜା,
ପଇସା ମାଗିଲି
ନାହିଁ ନାହିଁ କଲ
ଶେଷରେ କହିଲ 'ଯା' ଯା'।

ହଉ ଯାହା ହେଲା ଅଜା,
ଆଇକି ଟିକିଏ ବୁଝା,
ସିଏ କିଆଁ ମତେ
ପଇସା ଦେଉନି
କିଣି ଖାଇବାକୁ ଭୁଜା।

ଆଉ ଶୁଣ ତୁମେ ଅଜା,
କହିବି ଖବର ତାଜା,
ସକାଳ ପହରୁ
କୁଆଡ଼େ ଗଲ ଯେ
ଆଇର ଲାଗିଚି ଖୋଜା।

ଅଜା,
ମତେ ତ ଦେଇଚ ମୋଜା,
ସେଇଥିରୁ ହଲେ
ଗୋଡ଼ରେ ପୂରାଇ
ନିଜକୁ ଟିକିଏ ସଜା ?

ଅଜା,
କେତେ ଖାଇଥିବ ମଞ୍ଜା,
ବେସର ବାଟଣ
ଦେଇ ରାଇ କଲେ
କେମିତି ମହକେ ଖଞ୍ଜା।

Digitized by srujanika@gmail.com

ଅଜା ମ,
କରନ୍ତେନି ଏଠି ରଞ୍ଜା,
କଖାରୁ ଲଟାଟି
ତଳେ ମାଡ଼ିଲାଣି
:ଦେଖନି କେମିତି ତାଜା ।

ଅଜା,
ସେ ଅମଳ ଭୁଲି ଯା ଯା,
ଆମ ବେଳେ ଦେଖ
କାଗଜ କଲମ
ତୁମର ଲେଖନୀ ଖୋଜା ।

❑❑

Digitized by srujanika@gmail.com

ଅଜା ପଚାରିଲେ ଆଈ କି

ନନ୍ଦ କିଶୋର ସାମଲ

୩୨୯

Digitized by srujanika@gmail.com

ଅଜା ପଚାରିଲେ ଆଈକି

ନନ୍ଦ କିଶୋର ସାମଲ

ପ୍ରଥମ ପ୍ରକାଶ : ୨୦୦୩

ମୂଲ୍ୟ-ଟ୧୬.୦୦

ପ୍ରକାଶକ :
ଅନୀଲ ଜେନା
କୁସୁପୁର, କଟକ-୭୬୪ ୨୮୫

Digitized by srujanika@gmail.com

ଅଜା ପଚାରିଲେ ଆଈକି

ଅଜା ପଚାରିଲେ ଆଈକି
''ସେ ଘରେ ତ କେହି ଗୋଟିଏ ନାହିଁ
ପଙ୍ଖାଟି ଘୁରୁଚି କାହିଁକି ?

ଟି.ଭି. ବି ଲାଗିଚି
ସେ ଘରେ,
କେହି ତ ଦେଖୁନ
ଲାଗିଚି ଟି.ଭି.
ତମେ ତ ବସିଚ ଏ ଘରେ ।

ତୁଛାଟାରେ ଜଳେ ହିଟର,
ରୋଷେଇବାସ ତ କରୁନ କେହି
ଅଯଥା ଉଠୁଚି ମିଟର ।

ପାଣି ଭାସିଯାଏ ଦାଣ୍ଡରେ,
କଳଟାକୁ
କିଏ ମୋଡ଼ି ଦେଇଚ
ପାଣି ଯାଇ ଗାଁ ମୁଣ୍ଡରେ ।

ତୁମ ଦରକାର ଯେତିକି,
ତୁମେ କିଆଁ ତା'ଠୁ ଅଧିକା କର
କାହିଁକି ନ କରି ସେତିକି ?

ଏଇମିତି ଯେବେ କରିବ,
କେଇଟା ଦିନରେ
ତୁମରି ଧନ
ତୁମରି ଦେଶରୁ ସରିବ ।

ଏଣିକି /
ସବୁ କଥା ରଖ ନଜର,
କାହିଁକି ଭୁଲୁଚ
ଭୁଲି ଯାଉଚ
ଏ ସବୁ ତ ତମ ନିଜର ।''

❑❑

Digitized by srujanika@gmail.com

କୋଉଠି ସିଏ ?

କାହିଁ ସେ କୋଉଠି
କୋଉଠି ସିଏ ?
ମୋ' ପୁଅ ଜୀବନ ରଖିଚି ଯିଏ ।

''ସେଇ ପିଲା ମୁଁ
ଏଇ,
ବ୍ରାହ୍ମଣ ପିଲାକୁ ପାଣିରୁ ଆଣିଚି
ଛାତିରେ ବାଉରି ହୋଇ ।

କିସ କହିବାକୁ ଚାହୁଁଚ ମାତା
ମୁଁ କରିଚି ମୋ' କରିବା କଥା
ତାକୁ/ବୁଡ଼ିଯାଉଥିବା ଦେଖି,
ମଣିଷଛୁଆ ମୁଁ ମଣିଷଛୁଆକୁ
ପାଣିରୁ ଆଣିଚି ଟେକି ।

ପୂରନ୍ତା ନଈକି ପଡ଼ିଚି ଡେଇଁ
ବୁଡ଼ନ୍ତା ପିଲାକୁ ଧରିବା ପାଇଁ
ସାପମୁଣ୍ଡ କାଟି କାଟି,
ସୁଅ ଛୁଟିଥାଏ ଗର୍ଜନ କରି
ଡରି ମୁଁ ଆସିନି ହଟି ।''

''କି କହିବି ତତେ କି ଦେବି ଧନ
ତୋ' ପାଇଁ ଏ ପ୍ରାଣେ ନାହିଁ ଆସନ,
କଥା ତ ଆସେନି ପାଟିକି ମୋର
କେମିତି ଶୁଝିବି ତୋ' ଉପକାର ?''

Digitized by srujanika@gmail.com

''ଉପକାର ଆଶା ନେଇ,
ଡେଇଁ ନ ଥିଲି ମୁଁ ଜନନୀ ଲୋ, ତୋର
ପୁଅକୁ ଧରିବା ପାଇଁ ।''

''ଛୋଟ ବୋଲି ତତେ କହିବ କିଏ
ଏଇଭଳି କାମ ଦେଖିଚି ଯିଏ
ତ୍ୟାଗ ଆଉ ସେବା କରି,
କେହି ତ କୋଉଠି ବାପ ମୋ'ଧନରେ
ଜୀବନରେ ନାହିଁ ହାରି ।

ଆ' ମୋ' ଘରକୁ ଆ'ମୋ ଧନ
ତୁହି ପରା ମୋର ଜୀବ ଜୀବନ,
ତୋ' ପାଇଁ ମୋ' ଘର ଖୋଲା,
ଆଜିଠୁଁ ଏ ପିଲା ବ୍ରାହ୍ମଣ ନୁହେଁରେ
ତୁ' ନୋହୁ ବାଉରି ପିଲା ।''

❑❑

Digitized by srujanika@gmail.com

ସହିଯା'ରେ ବାପା

''ଏ ମାଘ ଆସିଚି
ବାଘ ପରି
ଶୀତ କୁହୁଡ଼ିକି
ସାଥେ ଧରି,
ଭଲ ଲାଗେନା ମା,
ଏ ସକାଳ ସଞ୍ଜ
ଦି' ଓଳି ତାକୁ ଡରି ଡରି ।

ସକାଳୁ ଉଠିଲେ
ଡର ତାକୁ
ମନ ହୁଏନାହିଁ ଖାଇବାକୁ,
ମନ ହୁଏ ଖାଲି
ସକାଳେ ସଞ୍ଜେ
ଘୋଡ଼ିଘାଡ଼ି ହୋଇ ଶୋଇବାକୁ ।

କମ୍ବଳ ଚଦର କାହିଁ ଏତେ
ଏ ଶୀତ ଖୋଜୁଛି ଯେତେ ଯେତେ,
ନିଆଁ ଟିକେ ମାଆ
ଜଳେଇ ଦେ' ଲୋ
ଥରେଇ ଦେଲାଣି ଶୀତ ମତେ ।''

''ମାଘକୁ ଏ ଶୀତ
ବାଘ ପରି
କିନ୍ତୁ /_ ଫଗୁଣ ଚଇତେ
ଛାଗ ପରି,
ସହିଯା'ରେ ବାପା
ସହିଯାଆ ଟିକେ
ଜୀବନେ ପାରିବୁ ସବୁ କରି ।''

❑❑

Digitized by srujanika@gmail.com

ବିକିବି ନାହିଁ ମୁଁ ରଖିବି ତାକୁ

କେତେଗୁଡ଼େ ବାଟ ଚାଲିଯାଇଥିଲା
ଡାକ ପକେଇଲି
“ଶୁଣ୍‌ରେ ଭାଇ,
ତୋ’ ଟଙ୍କା ତୁ ଫେରେଇ ନେଇଯା’
ମୋ’ ଗାଈ ମତେ ଦେ’ ଫେରେଇ ।
ବିକିବି ନାହିଁ ମୁଁ
ରଖିବି ତାକୁ,
କାନ୍ଦି କାନ୍ଦି ଯେବେ
ମୋ’ ଘରୁ ଯିବ ସେ
କେମିତି ଭୁଲିବି
ତାର୍ ମୁହଁକୁ ?

ମୋ’ ଘରୁ ସିଏ
ବିଦାହେଲା ବେଳେ
ମୁଁ ଦେଖିଚି ତା’ ଆଖିରେ ଲୁହ,
ସେଇ ଲୁହ ଦାଗ
ଏବେବି ଲିଭିନି
କେମିତି ମୁଁ ତାକୁ ବିକିବି କହ ?
ନବାକୁ ଆସିଚି
ନେବି ଫେରାଇ,
ଯେତେ ଟଙ୍କା ଦେଲେ
ଯେତେ ଯାହା କଲେ
ମୁଁ ତାକୁ ଆଉ ବିକିବି ନାହିଁ ।

Digitized by srujanika@gmail.com

ମତେ ସିଏ ଏତେ ଭଲ ପାଉଥିଲା
ଜାଣି ନଥିଲି ରେ
                    ନ ଥିଲି ଜାଣି
ତୁ' ତାକୁ ଏଠୁ ଟାଣିନେଲାବେଳେ
କେତେ ନ ହେଲା ସେ ପଛକୁ ଟାଣି ।
ଆଉ କି କରନ୍ତା
                    କହରେ ଭାଇ,
ସେଇ କ'ଣ ତାର ମନକଥା ନୁହେଁ
ଆଉ ସେ କହନ୍ତା କିସ ଫିଟେଇ ?

ରକତ ଦେଇ ସେ
ଗଢ଼ିଚି ଆମକୁ
ଏକା ମତେ ନୁହେଁ
                    ପିଲାଙ୍କୁ ମୋର,
ବିଲକୁ ଦେଇଚି
ବାଡ଼ିକି ଦେଇଚି
ଅଜାଡ଼ି ସେ କେତେ ଖତ ଗୋବର ।
କିସ ନ ଦେଇଚି
                    ସିଏ ଆମକୁ,
ମରିଗଲା ପରେ
ଏଇ ମୋ' ବାରିରେ
ମାଟି ମୁଠେ ମୁହିଁ ଦେବି ତାହାକୁ ।
                    ସେଇ ହେବ ତାର
                    ସ୍ୱର୍ଗ ଭୂଇଁ
                              ନେ'ରେ ଭାଇନା
                              ନେ' ତୋ' ପଇସା
                              ମୁଁ ତାକୁ ଆଉ ବିକିବି ନାହିଁ ''

❑❑

Digitized by srujanika@gmail.com

ମଲ୍ଲୀ ଫୁଲଟିଏ ପରି

ଖାଇବା ପିଇବା ରହିବା ଘର
ସେଥିରେ ନଥାଏ ସେତେ ଆଦର,
ଯେତିକି ଦର୍କାର ସେତିକି ହେଲେ
ଚଳିଯାଏ ତାଙ୍କ ଦିନଟି ଭଲେ,
ଫୁଲ ପରି ତାଙ୍କ ମନ,
ଜୀବନରେ ଦିନେ ଖୋଜିନାହାନ୍ତି ସେ
ମାନ ସନମାନ ଧନ ।

ନିଜ ପାଇଁ କିଛି ନାହାନ୍ତି କରି
ଖେଳି ନାହାନ୍ତି ସେ ପଇସା ଧରି,
ଅତି ଟାଣ ତାଙ୍କ ମନର ବଳ
ନିଜ କଥାରେ ସେ ପୂରା ଅଟଳ,
ଯାହା ସେ କହନ୍ତି ଥରେ,
ତାହା ସେ କରନ୍ତି ଅତି ଯତନରେ
ତାଙ୍କ ସେଇ ଜୀବନରେ ।

ଏ ଦେଶରେ ତାଙ୍କୁ ନ ଜାଣେ କିଏ
ସାରା ପୃଥିବୀରେ ଯୋଉଠି ଯିଏ,
ଭଲ ଗୁଣ ଦେଖି ଦୁନିଆ ହସେ
ତାଙ୍କ ଭଲ ଗୁଣ ଏ ଦେଶେ ବାସେ,
ମଲ୍ଲୀ ଫୁଲଟିଏ ପରି,
ସେଇ ମହାତମା ବାପୁଜୀ ଗାନ୍ଧି
ଅହିଂସା ଅସ୍ତ୍ରଧାରୀ ।

□□

Digitized by srujanika@gmail.com

ଆମେ ଭଲ ପାଉ ଦେଶକୁ

କିଏ ଭଲ ପାଏ
କାହାକୁ ?
ମା' ଭଲ ପାଏ
ପିଲାକୁ ତାର
ପିଲେ ଭଲ ପା'ନ୍ତି
ମାଆକୁ ।

ହଂସ ଭଲ ପାଏ
ପାଣିକି ,
ପିଲେ ଭଲ ପା'ନ୍ତି ଦେଖିବାକୁ ତାର
ପହଁରି ଖେଳିବା ଠାଣିକି ।

ସୂର୍ଯ୍ୟ ଭଲ ପା'ନ୍ତି
ଦବାକୁ,
ଯୋଗୀ ଭଲ ପାଏ ଥାଳ ପତେଇ
ଚାଉଳ ମୁଠାଏ ନବାକୁ ।

ଶିଶୁ ଭଲପାଏ
କାନ୍ଦକୁ,
ମା' କୋଳେ ବସି
ବଢ଼ାଏ ହାତ
ଆକାଶର ରୁପା ଚାନ୍ଦକୁ ।

Digitized by srujanika@gmail.com

ଗାଈ ଭଲ ପାଏ
ଘାସକୁ,
ଘାସକେରା ହେଲେ
ସବୁ ସେ ଭୁଲେ
ଭଲ ପାଏ ସେ' ତା' ରସକୁ ।

ଆମେ ଭଲ ପାଉ
ଆମ/ଦେଶକୁ
ନଈ ନାଳ ତାର
ପାହାଡ଼ ବଣ
ସବୁଜ ସୁନ୍ଦର ବେଶକୁ ।

Digitized by srujanika@gmail.com

ଇଏ ମୋର ଅଜା ବୁଢ଼ା

ଇଏ ମୋର ଅଜାବୁଢ଼ା,
ସବୁ ଦାନ୍ତ ଯାକ
ରହିଚି ତାଙ୍କର
ଚୋବାନ୍ତି ସେ ଭଜାଚୁଡ଼ା ।

ତାଙ୍କୁ ପୂରିଲାଣି ଅଶୀ,
ତିନି ବରଷର
ଛୁଆଟି ପରି
ଗଡ଼ିଯାଆନ୍ତି ସେ ହସି ।

ଚଶମା ଲଗାନ୍ତି ନାହିଁ,
ଖାଲି ଆଖିରେ ସେ
ଗୀତା ଭାଗବତ
ପଢ଼ନ୍ତି ସୁର ଲଗେଇ ।

ଗାଧାନ୍ତି ସେ କେତେବେଳେ,
ମତେ ହେଇଗଲା
ଦଶ ବରଷ
ଦେଖି ନାହିଁ ମୁହିଁ ତୋଳେ ।

ଚଢ଼ନ୍ତିନି ଶୂନ୍ୟଗାଡ଼ି,
ଶିଖି ନାହାନ୍ତି ସେ
ଶୂନ୍ୟ ଗାଡ଼ି ଚଢ଼ା
ପାଦରେ ଯାଆନ୍ତି ମାଡ଼ି ।

Digitized by srujanika@gmail.com

ଭାରି ସେ ପାରନ୍ତି ଖଟି,
କାମ ତ କରନ୍ତି
ଟୋକାଙ୍କ ପରି
ରାତି ଚାରିଟାରୁ ଉଠି ।

ଗଛଟି କରିବା ପାଇଁ,
ସଉକ ତାଙ୍କର
ବହୁତ ବେଶି
ଭାରି ସ୍ନେହ ଗଛଠେଇଁ ।

ନଡ଼ିଆ ପଣସ ଆମ୍ବ,
କେତେ ଗୁଆ ଗଛ
ଧାରିକି ଧାରି
ଆମ / ବାଡ଼ିରେ କେଳି କଦମ୍ବ ।

ଫୁଲବଗିଚାରେ ପଶି,
ଭୁଲିଯାଆନ୍ତି ସେ
ଶୋଷ ଓ ଭୋକ
ଫୁଲ ପରି ହସିହସି ।

ଦେଖି ନାହିଁ ତାଙ୍କ ରାଗ,
ଭାରି ସୁଆଦିଆ
କଥା ତାଙ୍କର
ଶୁଣିବାକୁ ଭାରି ବାଗ ।

Digitized by srujanika@gmail.com

ସବୁ କଥା ସହିବାକୁ,
ମତେ ସେ କହନ୍ତି
ଅନେକ ଥର
ସତକଥା କହିବାକୁ ।

ତାଙ୍କ କାମ ତାଙ୍କ କଥା,
କାହିଁ କୋଉ ଦିନ
କାହାରି ମନେ
ଦିନେ ତ ଦେଇନି ବ୍ୟଥା ।

ଅଜା ମୋର ଅଜା ପରି,
ତାଙ୍କ ସାଙ୍ଗରେ
କାଟେ ମୁଁ ଦିନ
ବେଳେବେଳେ ମଜା କରି ।

❑❑

Digitized by srujanika@gmail.com

ମରୁ-ବୋଇତ

ମରୁଭୂମି ଯାକ ବାଲି
ଓଟ ଚାଲେ ହଲି ହଲି,
ବୋଝ ଭାର ନେଇ
ଓଟ ଚାଲିଥାଏ
ଖାଇବା ପିଇବା ଭୁଲି ।

ମଟର କି ଶୂନ୍ଯଗାଡ଼ି
ବାଲିରେ ନ ପାରେ ଗଡ଼ି,
ଦଳଦଳ ଲୋକ
ପିଠିରେ ବସେଇ
ଓଟ ଚାଲିଥାଏ ମାଡ଼ି ।

ଓଟଟିଏ ନାହିଁ ଯା'ର
ସୁଖ ନାହିଁ ମନେ ତା'ର,
ଖାଇବା ପିଇବା
ଶୋଇବା ବସିବା
ସବୁଥିରେ ହରବର ।

ଖରାଦିନ ଖରା ପରି
ଶୀତ ଦିନ ଶୀତ ଥିରି,
ଖରା ଦିନେ ଯୋଉ
ବାଲି ଝଡ଼ ଉଠେ
ଅନେକ ଯାଆନ୍ତି ମରି ।

ମରୁରେ ଚାଲଇ ଓଟ
ନଈରେ ଚାଲଇ ବୋଟ,
ଓଟକୁ କହନ୍ତି
ମରୁ ବୋଇତ
ଏ / ଭୂଗୋଳ ବହିର ପାଠ ।

□□

Digitized by srujanika@gmail.com

ମୁଁ ତୁମ ସବୁଜ ବଣ

ମୁଁ ତୁମ ସବୁଜ ବଣ
ସବୁଜ ସୁନ୍ଦର ରୂପଟି ମୋର
କଲ କିଆଁ ଅକାରଣ ?

ଅନେକ ଅନେକ ପକ୍ଷୀ
କୁଆଡ଼େ ଗଲେ ଯେ ରହିଲେ କାହିଁ
ମୁଁ / କାହାକୁ ପାରୁନି ଦେଖି ।

ବାଘ ଭାଲୁ ସିଂହ ଠାଣି
ଦେଖିଦେଲେ ମୋର ପେଟ ପୂରିଯାଏ
ମନ ନେଇଥାଏ ଟାଣି ।

ଏଠି / ମୁହିଁ ତ ଗଲିଣି ମରି
ମୁହିଁ ତ ଗଲିଣି ସରି
ଆଉ/କିଏ କାହିଁକିରେ ଖୋଜିବ ମତେ
ଆଜି ମୁଁ ଅଦରକାରୀ ।

ଏ ନୀଳ ଆକାଶ ପଥେ
କେତେ କଳା ମେଘ
ଭାସି ଯାଉଚିରେ
ଟିକେ ତ ଚାହୁଁନି ମତେ ।

Digitized by srujanika@gmail.com

ଦିନେ ମୁଁ ଡାକିଲି, ମେଘ,
‘‘ଏଇ ବାଟେ ଯାଉ
କଥା ତ ନ କହୁ
ମୋ’ ଠେଇଁ କଲୁ କି ରାଗ ?’’

ସେ ମତେ କହିଲା ହସି,
‘‘ତୁ / କୋଉଠି ଅଛୁ ଲୋ ବସି ?
ଦେଖି ତ ପାରୁନି
ତତେ ମୁଁ କୋଉଠି
ଏଣୁ ମୁଁ ଯାଉଚି ଭାସି ।

ପାଣି ଦେଉଥିଲି ମୁହିଁ
ତୋ’ ମୁହଁକୁ ଚାହିଁ ଚାହିଁ,
ତତେ ମୁଁ ଖୋଜୁଚି
ଯେତେ ଲୋ ଯହିଁ
କୋଉଠି ତ ପାଉନାହିଁ ।

ତୁ / କୋଉଠୁ ଡାକୁଚୁ ମତେ
ଦେଖି ତ ପାରୁନି
ତୋର ସେ ରୂପ
ମୁଁ ଚିହ୍ନିବି ପାରୁନି ତତେ ।’’

Digitized by srujanika@gmail.com

ମାଟି

ଏ ମାଟି ଆମକୁ କିସ ନ ଦେଇଚି
ଆଉ ଦେଇଥାନ୍ତା କିସ,
ତାଆରି ଛାତିକି ଚିରିଦେଲେ ମିଳେ
ଯୁଗ ଯୁଗ ଇତିହାସ ।

ପିଲାଟି ବେଳରୁ ଆମକୁ ପାଳିଚି
ଖାଇବାକୁ ଦେଇ ଦେଇ,
ଗଛରେ ରଖିଚି ଜାତିଜାତି ଫଳ
ଏଠିସେଠି ସବୁଠେଇଁ ।.

କାଠ ତ ଦେଇଚି ଘର କରିବାକୁ
ଛପର ପାଇଁକି ନଡ଼ା,
ପରିବା ଶାଗ ତ ଅଜାଡ଼ି ଦେଇଚି
ନେଉଟିଆ ଆଉ ଖଡ଼ା ।

ମୁଗ, ବିରି, ଧାନ, କୋଳଥ, ମାଣ୍ଡିଆ
କଅଣ ସେ ଦେଇ ନାହିଁ,
ସବୁଜ ସୁନ୍ଦର ରୂପଟିକୁ ତାର
କିଏ ବା ଭୁଲିଚି କାହିଁ ?

ତାଆରି ଛାତିରେ କେତେ ଯେ ପାହାଡ଼
ପରବତ ଏଠି ସେଠି,
ଭାରି ନିରିମଳ ଝର ଫିଟିପଡ଼େ
ତାଡ଼ିଦେଲେ ଟିକେ ମାଟି ।

Digitized by srujanika@gmail.com

ଖଣି ଖାଦାନ ତ ଅନେକ ଅନେକ
ମାଟି ତାଡ଼ିଦେଲେ ମିଳେ,
ଲୁହା ମାଙ୍ଗାନିଜ ପେଟ୍ରୋଲ କୋଇଲା
ସବୁ ଏଇ ମାଟି ତଳେ ।

ନଈ ନାଳ କୂଅ ପୋଖରୀ ବାମ୍ଫିର
ଅଭାବ ତ ନାହିଁ କାହିଁ,
ଭାରି ନିରିମଳ ଜଳ ମିଳିଯାଏ
ଆମକୁ ପିଇବା ପାଇଁ ।

ଯାହା ଯେତେବେଳେ ଯିଏ ଖୋଜିଦିଏ
ତାହା ସେ ତାହାକୁ ଦିଏ,
ଦୟାମୟୀ ଏଇ ମାଟିମାଆ ପରି
ଆଉ ଜଣେ କାହିଁ କିଏ ?

❑❑

Digitized by srujanika@gmail.com

ପନିକି

ପନିକି ମୁଁ
କାଟେ ପନିପରିବା
ଭଜା ତରକାରି ପାଇଁ,
ପନିକି ବୋଲିକି ଜିନିଷଟିଏ
କିଏ ନ ଜାଣିଚ ଭାଇ ?

ଭାରି ଦରକାରୀ
ମୁହିଁ ତୁମରି
ଖଣ୍ଡା ପରି ମୋର ଧାର,
ଲୁହାରେ ତିଆରି କରିଚି ମତେ
ତମ ଦେଶ କାରିଗର ।

ବାଳିଆ, ଚିତଳ, ଶେଉଳ, ରୋହି
ମାଛ ଯେତେ ବଡ଼ ବଡ଼,
କାଟି ଖଣ୍ଡଖଣ୍ଡ କରିଦିଏ ମୁଁ
ଚିରି କରେ ଫାଡ଼ଫାଡ଼ ।

ଅସୁନ୍ଦର କିଏ
ସୁନ୍ଦର କିଏ
ସେ କଥା ନ ଥାଏ ବୁଝି,
ତୁମେ ଯା' କରାଅ, କରେ ମୁଁ ତାହା
ତୁମ ରାଜିରେ ମୁଁ ରାଜି ।

Digitized by srujanika@gmail.com

କଟାକଟି କାମ
ଯେତେ ତୁମର
ସବୁଯାକ ମୁଁ କରେ,
ସେଥିଲାଗି ମାଆ ରଖଇ ମତେ
ତାର ଆଖି ସାମ୍ନାରେ ।

କାଟିବାକୁ ଭାରି ଭଲ ପାଏ ମୁଁ
ସେଇ ମୋ କର୍ମ ସାର,
ସେଇଥିପାଇଁ ତ କରେ ମୁଁ ନିତି
କରିବା କର୍ମ ମୋର ।

❑❑

Digitized by srujanika@gmail.com

କିଏ ଆଉ ସିଏ କିଏ

ଗରିବ ଘରର ପିଲାଟି ସେ
ବାପା ନାହିଁ ତାର ମାଆ ନାହିଁ,
ଯିଏ ଥିଲେ ସିଏ ଚାଲିଗଲେ
ଆଉ ତାର କେହି ସାହା ନାହିଁ ।

ମା' ଯାଇଥିଲା ଘାସ କାଟି
କାମୁଡ଼ିଲା ତାକୁ ରଣା ସାପ,
କୁହାକୁହି ହେଲେ ଗାଁ ଲୋକେ
ସିଏ କୁଆଡ଼େ ତା' ଅଭିଶାପ ।

ତାର/ବାପା ଯାଇଥିଲା ମୂଲ ଲାଗି
ଭାଙ୍ଗୁଭାଙ୍ଗୁ ଏକ ଭଙ୍ଗା ଘର,
ଢିଅ ମାରୁମାରୁ ଶାବଳରେ
ଭୁଶୁଡ଼ି ପଡ଼ିଲା କାନ୍ଥ ତାର ।

ମା' ଯାଇଥିଲା ବାପା ଗଲା
ଜଣେ ହେଲେ କେହି ରହିଲେନି,
ମରିବା ଆଗରୁ ସେଇମାନେ
ତାକୁ / ପଦେ କିଛି ହେଲେ କହିଲେନି ।

Digitized by srujanika@gmail.com

ସେମାନେ ଯୋଉଠି ରହୁଥିଲେ
ସେଇଟା ତାଙ୍କର ଚାଳିଘର,
ସେଇ ଚାଳିଆକୁ ଆଶା କରି
ଲୋକେ ମାରିଲେଣି ଆଖିଠାର ।

ପିଲାଟି ବୁଲିଲା ଏଠି ସେଠି
ଓପାସ ଭୋକରେ ଚାଲିଚାଲି,
କାମ ଦେଖୁଥିଲା ଠିଆ ହୋଇ
କାମ କରୁଥିଲେ ଦଳେ କୁଲି ।

ଛୋଟକାଟର ସେ ଷ୍ଟେସନଟି
ସେଠି ରହି ଜଣେ କୁଲି ଘରେ,
ନିଇତି ସକାଳୁ ସଞ୍ଜ ଯାଏ
ତା' ସାଙ୍ଗରେ ସେ କାମ କରେ ।

ପାଞ୍ଚ ବରଷର ଛୁଆଟିଏ
କୋଉଠୁ ଦଉଡ଼ି ଆସିଆସି,
ଚାହିଁ ହସୁଥିଲା ଏଣେ ତେଣେ
ରେଳ ଗାଡ଼ିଟିଏ ଗଲା ଆସି ।

ତାକୁ ଟେକିନେଲା ସେଇ ପିଲା
କାମ କରୁଥିଲା ସେଠି ଯିଏ,
ଲୋକେ ଘେରିଗଲେ, ପଚାରିଲେ
"ଇଏ କିଏ ଆଉ ସିଏ କିଏ ?"

Digitized by srujanika@gmail.com

ଷ୍ଟେସନ ମାଷ୍ଟ୍ରଙ୍କ ସ୍ତିରୀ ଆସି
କାନ୍ଦି ଗଡ଼ିଗଲେ ଧୂଳିଟାରେ,
''କିଏ ତା' ଜୀବନ ତୁଚ୍ଛ କରି
ମୋ ଧନ ଜୀବନ ରଖିଲାରେ ?''

ବଡ଼ ହେବୁ ଦିନେ ବାପଧନ
ଏଇ ତ ସୂଚନା ଏଇ ତାର,
କଲ୍ୟାଣ କରୁଚି ବାପରେ ମୁଁ
ପର ହିତେ ଥାଉ ମନ ତୋର ।

ଆ' ମୋ' ଘରକୁ ଧନମଣି
ଯିଏ ପାର ସିଏ ହୁଅ ତୁହି,
ଆଜିଠୁଁ ଏଇ କୁଲିକାମ
କରିବାକୁ ତତେ ହେବନାହିଁ ।

ପାଠ ପଢ଼େଇବି ତତେ ମୁହିଁ
ତୁ' ଯାହା ପଢ଼ିବୁ ଯେତେ ପାଠ,
ତୋ' ଆଖି ଆଗରେ ଖୋଲିଯିବ
ଆଉ କେତେ କେତେ ନୂଆ ବାଟ ।''

❑❑

Digitized by srujanika@gmail.com

ଆମ ଘର

ଏଇ ଘରଟିରେ ଜନମ ମୋର,
ଘର ନୁହେଁ ଇଏ ସରଗ ପୁର
ଏଇ ଘରେ ଆମେ
ଏକାଠି ଥାଉ,
ଏକାଠି ଖାଉ,
ଏକାଠି ବସୁ
ଏକାଠି ହସୁ,
ବୁଢୀ ମା' ପାଶେ
ଗପ ଶୁଣୁ ଶୁଣୁ ନିଦଟି ଆସେ ।

ଏଇଟି ଆମର ରୋଷେଇ ଘର,
ରଖିବା ତାହାକୁ ସଫାସୁତର
ଏଇଠାରେ ମାଆ
ପରିବା କାଟେ
ବେସର ବାଟେ,
ଡାଲି ରଗଡ଼େ,
ଶାଗ ଖରଡ଼େ,
ଗଢ଼଼ଇ ପିଠା
ଆରିସା, କାକରା, ଆହା କି ମିଠା !

Digitized by srujanika@gmail.com

ଏଇଟି ଆମର ଫୁଲ ବଗିଚା,
ତଳେ ପଡ଼ିଛି କି ଘାସ ଗାଲିଚା ।
ଉଡ଼ି ଉଡ଼ି ଆସେ
ପରଜାପତି,
ତରକା ଅତି !
ଏଇଠି ବୁଲେ,
ଫୁଲରେ ଝୁଲେ,
କଳସୀ ଆଣି
ଫୁଲଗଛ ମୂଳେ ଦିଏ ମୁଁ ପାଣି ।

ଏଇଟି ମୋହର ପଢ଼ିବା ଘର,
ସଜାଇ ରଖେ ମୁଁ ବହିପତର,
ଏଇ ଘରେ ନିତି
ମନ ହରଷେ,
ଗଣିତ କଷେ,
ମୋ ବହି ପଢ଼େ,
ଖେଳଣା ଗଢ଼େ,
ଧରେ ମୁଁ ତୂଳୀ
ଛବି କରି ବସେ ଭଲିକି ଭଳି ।

❑❑

(ଦ୍ୱିତୀୟ ଶ୍ରେଣୀ ମୋ ପାଠ ବହିରେ ସ୍ଥାନ ପାଇଥିବା 'ଆମ ଘର' କବିତା,
ଯାହାକି 'ଆମ ଘର' ମୂଳ କବିତାର କିଛି ଅଂଶ ୧୯୬୩ ମସିହାରୁ ଅଦ୍ୟାବଧି ଚଳିତ)

ଆଦିବାସୀ
ଆମେ
ଆଦିବାସୀ

(ଅପ୍ରକାଶିତ ପାଣ୍ଡୁଲିପି)

(୬ଷ୍ଠ ଶ୍ରେଣୀର ''ସାହିତ୍ୟ'' ବହିରେ
ଏହି କବିତାର କିଛି ଅଂଶ ଚଳୁଥିଲା)

Digitized by srujanika@gmail.com

ଆଦିବାସୀ ଆମେ ଆଦିବାସୀ

ଆଦିବାସୀ ଆମେ
ଆଦିବାସୀ
ଆମେ ଏ ଭୂଇଁର
ଅଧିବାସୀ ।
ପାହାଡ଼ ଜଙ୍ଗଲ
ଆମ ପାଇଁ ଭଲ
ଏଇଠେଇଁ ଆମେ
ଭାରି ଖୁସି ।

ଡର ନାହିଁ ଆମ
ଭୟ ନାହିଁ
ହାତେ ଧନୁ ତୀର
ଥିଲେ ରହି,
ବାଘ, ଭାଲୁ, ସିଂହ
ହରିଣ ହରିଣୀ
ସହିତରେ ଦିନ
ଯାଏ ବହି ।

ଶାଗୁଆନ, ଶାଳ,
ପିଆଶାଳ,
ମହୁଲ, କଦମ୍ବ,
ଆମ୍ବ, ତାଳ,
ଦେଖିଦେଲେ ଥରେ
ଏଇ ପେଟ ପୂରେ
ଗଛ ଓ ଲତାର
ଫୁଲଫଳ ।

Digitized by srujanika@gmail.com

(ଏଠି) ମହୁଲ ପାଚିଲେ
ଭାରି ବାସେ
ଖାଇବା ପାଇଁକି
ଭାଲୁ ଆସେ,
ସାରା ରାତି ବୁଲେ
ଗଛ ତଳେତଳେ
ଥକା ହେଇଗଲେ
ଟିକେ ବସେ ।

ଆମକୁ ଦେଖିଲେ
ଭାରି ଡରେ
ଛୁଟିଯାଏ ସେଠୁ
ଡରେ ମରେ ।
ସିଏ ଯେବେ କେବେ
ଆକ୍ରମଣ କରେ
ନାଛିଦଉ ତାକୁ
ଧନୁ ଶରେ ।

ଏଠି ସବୁ ଭଲ
ମନ୍ଦ ନାହିଁ
ଆମର କପଟ
ଛନ୍ଦ ନାହିଁ,
ସରଳ ସୁନ୍ଦର
ମଧୁର ଜୀବନ
ଆମକୁ ଦେଇଚି
ବଣଭୂଇଁ ।

ରୋଗୀ ଅଛି ଏଠି
ଭୋଗୀ ନାହିଁ
ଭିକାରି ନାହିଁ କି
ଯୋଗୀ ନାହିଁ ।
ଏଇ ବୀର ଜାତି
ଦୁଇ ହାତ ପାତି
କା' ଦୁଆରେ କିଛି
ମାଗେ ନାହିଁ ।

Digitized by srujanika@gmail.com

(ଆମର) କଳିଆ ନାହିଁ କି
କଳି ନାହିଁ
ମେଳି ଯେବେ ଅଛି
ନ୍ୟାୟ ପାଇଁ ।
ଗୋଷ୍ଠୀ ଚେତନ
ଏକ ଚିତ୍ତ ମନ
ସଦା ସର୍ବଦା
ଆମଠେଇଁ ।

ଝୋଟ ନାହିଁ ଏଠି
ପାଟ ନାହିଁ
ବାବାଜି ନାହିଁ କି
ମଠ ନାହିଁ ।
ପାଖରେ ଥିଲେ ବି
ଶାଗୁଆନ, ଶାଳ
ସେଥିରେ ତିଆରି
ଖଟ ନାହିଁ ।

ପରବ କେତେକ
ଅଛି ରହି
ଆଉ ମୁଲକରେ
ଯେତେ ଯହିଁ ।
ଚଇତି ପରବ
ସେ ଆମ ସରବ
ଆମେ ପାଳୁ ଆମ
ନୂଆଖାଇ ।

(ଆମର) ଇଟା ସିମେଣ୍ଟର
କୋଠା ନାହିଁ
ପାହାଡ଼ୀ ନଇରେ
ପଠା ନାହିଁ ।
ଆମର କୁଡ଼ିଆ
ଆମକୁ ବଢ଼ିଆ
ଆରିସା କାକରା
ପିଠା ନାହିଁ ।

Digitized by srujanika@gmail.com

ଆମର ସେମିତି
ବାସ ନାହିଁ
(ଏଠି)ବଣ ଜଙ୍ଗଲର
ଶେଷ ନାହିଁ ।
ପରର ଖେତରେ
ଖଟି ଖାଉ ଆମେ
ମଜୁରିଆ ଆମେ
ଏଇଠେଇଁ ।

ଶିଆଳି ପତର
ଠୋଲା କରି
ବଜାରରେ ବିକେ
ଆମ ନାରୀ ।
ଆମେ ବଜାରକୁ
ଯାଉ ବିକିବାକୁ
ଶୁଖିଲା ଜାଳେଣି
ଭାର ଧରି ।

ମରା ଗଛ କାଟୁ
ଆମେ ଯାଇ
ଶୁଖିଲା ପତର
ଜାଳ ପାଇଁ ।
ଜିଅନ୍ତା ଗଛକୁ
ଚୋଟ ମାରିବାକୁ
ଆମ ହାତ ମୋଟେ
ଚଳେ ନାହିଁ ।

ମଦ ଖାଉ ଆମେ
ଋଣ କରି
ସୁଧ ବଢ଼ିଯାଏ
ଭାରି ଭାରି ।
ଯାହା ଜମି କିଛି
ଯାହାର ରହିଚି
ସାହୁ ନିଏ ତାକୁ
ପଟି ମାରି ।

Digitized by srujanika@gmail.com

ପୂରେ ନାହିଁ କିନ୍ତୁ
ଆମ ପେଟ
ଯେତେ ଯାହା କଲେ
ଛଟପଟ ।
ଅପାଠୁଆ ଆମେ
ମୂରୁଖ ପରଜା
ଆମ ମିହନ୍ତରେ
ସାହୁ ମୋଟ ।

ଖାଇବା ପିନ୍ଧିବା
ଆମ ପାଇଁ
ଯେତେ ଦଉଡ଼ିଲେ
ଅଣ୍ଟେ ନାହିଁ ।
ସବୁ ସାରତକ
ସିଏ ମାରିନିଏ
କଅଣ ଥାଏ ଯେ
ଆମ ପାଇଁ ?

ଆମ ଏ ମୁଲକେ
ବହୁ ଲୋକ
ସମ୍ଭାଳି ନ ପାରି
ପେଟ ଭୋକ,
ମାହାଜନ ଘରେ
ରହି 'ଗୋତି'' କରେ
କାହାକୁ କହିବା
ନିଜ ଦୁଃଖ ?

ରୋଗରେ ଶୋକରେ
ବାହାଘରେ
ରଣ କରୁ ଆମେ
ସାହୁ ଘରେ ।
ଶୁଝି ଶୁଝି ଆମ
ଚୁଟି ପାଚିଯାଏ
ସେ ରଣ ଶୁଝିବା
ନାଇଁ ସରେ ।

Digitized by srujanika@gmail.com

ଠକି ଭଣ୍ଡି ନିଏ
ମହାଜନ
ଆମଠଉଁ ଟାଣି
ଆମ ଧନ ।
ଆମ ଘରେ ପଶି
ଆମ ସରନ୍ଧ୍ରା
ସୁଯୋଗ ନିଏ ସେ
ରାତି-ଦିନ ।

ମାଣ୍ଡିଆ ଚୂନାକୁ
ଜାଉ କରି
ଖାଇ ଖଟୁଥାଉ
ଛାତି ଚିରି ।
ଆମ୍ଭ ଟାକୁଆର
ଜାଉ ଖାଉ କେବେ
କେବେ ସୁଆଁ ଚୂନା
ଜାଉ ଧରି ।

କୌପୀନ ପିନ୍ଧେ
ଆଦିବାସୀ
ସେଥିରେ ତ ସିଏ
ଭାରି ଖୁସି ।
ପାଞ୍ଚହାତି ଖଦି
ନାରୀ ତାର ପିନ୍ଧି
ଅଣ୍ଟାରେ କାନିକି
ଥାଏ ଖୋଷି ।

ମରା-ଘାସଛିଆ
ମାଟି ଘର
ସୁନ୍ଦର ଭାରି
ପରିଷ୍କାର ।
ଅସନା ଅଳିଆ
ଯାବତ ମଳିଆ
ସଫା କରେ ନିତି
ବାରବାର ।

Digitized by srujanika@gmail.com

ଶିଆଳି ଘାଟରେ
ଠୋଲା ସିଝେଁ
ସେଇଥିରେ ଜାଉ
ବାଢ଼ି ନେଇ,
ଖାଏ ବେଳେବେଳେ
ଜାଉ ଲାଉଖୋଳେ
ଆଉ କେବେ ବେଳେ
ପତ୍ର ଥୋଇ ।

ସବୁବେଳେ ତା'ର
ମନ ଖୁସି
ଆଗରେ ଦୁଃଖ
ରାଶିରାଶି ।
ଦୁଃଖ ତାହାକୁ
ଆସେ ଛୁଇଁବାକୁ
ତାକୁ ଦେଖି ସିଏ
ଦିଏ ହସି ।

ସଂଗୀ ତ ତାର
ପ୍ରାଣ--ଧନ
ତାକୁ ସାଥୀ କରି
କାଟେ ଦିନ ।
ବାଟ ଚାଲୁଚାଲୁ
ମାଣ୍ଡିଆ ଖେତରେ
ଧାନ କିଆରିରେ
ଗାଏ ଗାନ ।

ସଂଗୀତପ୍ରେମୀ
ଆଦିବାସୀ
କଳା-କୌତୁକେ
ହସି ରସି ;
ମାଦଳ ବାଜିଲେ
ସିଏ ନାଚ କରେ
ପାଖ ପଲ୍ଲୀରୁ
ଆସିଆସି ।

Digitized by srujanika@gmail.com

ଝରଣା ପରି ତା'
ଝରେ ହସ
କି' ଖରା, ବରଷା,
ଶୀତ ମାସ ।
ସବୁ ଦୁଃଖକୁ
ଲିଭେଇ ଦିଏ ତ
ମହୁଲ କଦମ୍ବ
ଫୁଲ-ବାସ ।

ଏକ ମନ ସେ'ତ
ଏକ ଚିତ୍ତ
ସବୁ ବିଚାରରେ
ଏକ ମତ ।
ପାଳି ଅନୁସାରେ
ଖଟେ ସେ ଖେତରେ
(ତାର)/ଗୋଷ୍ଠୀ ଚେତନା
ଏକୀଭୂତ ।

ସବୁଜ ପତର
ଶେଯ ପାରେ
ଗଛ ଛାଇତଳେ
ଥକା ମାରେ ।
ଭାରି ବଢ଼ିଆ ସେ
ମଧୁର ପବନ
ଦୁଃଖ ବିଷାଦ
ସବୁ ହରେ ।

ଧାଙ୍ଗଡ଼ା ଧାଙ୍ଗଡ଼ୀ
ନାଚ ଗୀତ
ଭାରି ସୁଆଦିଆ
ପ୍ରାଣ ମିତ ।
ଲାଉ-ଖୋଳ ଆଣି
ତହିଁ ତାର ଟାଣି
ତାକୁ କରେ ତା'ର
ବାଦ୍ୟଯନ୍ତ୍ର ।

Digitized by srujanika@gmail.com

ଝିଅଟିର ମନ
ନାହିଁ ଥିଲେ
ବାହାଘର ହୁଏ
ନାହିଁ ଭଲେ ।
ସେ ଝିଅ ପ୍ରଶ୍ନର
ଠିକ୍ ଉତ୍ତର
ପରଜା ପିଲାଟି
ନାହିଁ ଦେଲେ ।

ଅଭାବ ଅଶିକ୍ଷା
ଥାଉ ଯେତେ
ଶାନ୍ତି ଯାହାର
ହୃଦଗତେ,
ଋଣ ଓ ଶୋଷଣ
ପେଷଣ କଷଣ
ଶାନ୍ତିର ପାଖେ
ସେ' ବା କେତେ ?
ଭାରି ବିଶ୍ୱାସୀ
ଆଦିବାସୀ
ସମୟ କାଟେନି
ବସି ବସି ।
କେତେ ସ୍ନେହ କରେ
ଗଛ ଲତାଠାରେ
ଦୁଃଖ ତ ତା'ର
ରାଶି ରାଶି ।

ମଣିଷକୁ ଭଲ
ପାଇବାକୁ
ତା'ର ଭଲ ଗୁଣ
ଗାଇବାକୁ,
ମୂର୍ଖ ହେଲେ ବି
ସବୁ ଜାଣିଚି ସେ
ମଣିଷକୁ ଭଲ
କହିବାକୁ ।

Digitized by srujanika@gmail.com

ଧନ ବଡ଼ ନୁହଁ
ମାନ ବଡ଼
ଏ ମନ୍ତୁ ଧନକୁ
ତଡ଼ ତଡ଼ ।
ଜୀବନକୁ ତମେ
ପାଖ କୁ ନ ଆଣି
ପାଖକୁ ଆଣୁଚ
ତୁଚ୍ଛା ଜଡ଼ ?

ବଣରାଇଜର
ବଣଫୁଲ
ତାକୁ ସରି ନୁହେଁ
ସୁନା ମୂଲ ।
ଆମ ଏ ନାରୀର
କାନରେ ବେକରେ
ସେ'ତ ମରକତ
ମଣି ତୁଲ ।

ଆମେ / ନୂଆ ଢଙ୍ଗରେ
ଚାଷ କରି
ବନ-ପରବତ
ମାଟି ଚିରି,
ଅନେକ ଫସଲ
ଉପୁଜେଇଲୁଣି
ଧାନ, ଆଖୁ, ମକା,
ମୁଗ, ବିରି ।

(ଏଠି) ସହର ବଜାର ବସିଲାଣି
(ଏଠୁ) ଅନ୍ଧାର କ୍ରମେ
ଖସିଲାଣି ।
ଆମ ପିଲା ଏବେ
ପାଠଶାଠ ପଢ଼ି
ବଡ଼ ଆସନରେ
ବସିଲେଣି ।

Digitized by srujanika@gmail.com

(ଆମ) ଅନ୍ଧାରି ମୁଲକ
ହସିଲାଣି
ଆମ ବଗିଚାରେ
ତରାଟ ମନ୍ଦାର
ମଲ୍ଲୀ କନିଅର
ବାସିଲାଣି ।

(ଏଠି) ବିଜୁଳି ଆଲୁଅ
ଜଳିଲାଣି
କଳ-ପାଣି ଟୋପେ
ମିଳିଲାଣି ।
ଆମ ଅଞ୍ଚଳେ
ଦୁଃଖ ଦହନ
ଟଳିଲାଣି ଟିକେ
ଟଳିଲାଣି ।

ଆମ ପାଇଁ ଆମ
ସରକାର
ଏଠି ଯାହା ଯାହା
ଦରକାର,
ଆମ ପ୍ରତିନିଧି
ସେଠେଇଁ କହନ୍ତି
ଏଠି ବୁଲିବୁଲି
ଘରଘର ।

ସ୍କୁଲ କଲେଜ
କେତେଠେଇଁ
ଖୋଲା ସରିଲାଣି
ଆମ ପାଇଁ ।
ପାଠ ପଢ଼ିବାକୁ
ଶିକ୍ଷିତ ହବାକୁ
ସୁବିଧା ଆସିଚି
ନିଅ ଭାଇ ।

Digitized by srujanika@gmail.com

ଚାକିରି ପାଇଁକି
ସରକାର
ବାଟ କରିଚନ୍ତି
ପରିଷ୍କାର ।
ଭଲ ପାଠ ପଢ଼ି
ନାଁ ଅରଜିବା
କେବଳ ଆମର
ଦରକାର ।

ଆସ ଭାଇ ବନ୍ଧୁ
ସାଥୀ ହେଇ
ଯେ ଆସିବ ଏଠୁ
କାଠ ପାଇଁ,
ବୁଝେଇ କହିବା
କହିଦବା ତାକୁ
ଏ ବଣରୁ କାଠ
କାଟ ନାହିଁ ।

କଟେଇ ଦବାନି
ଆଉ ଗଛ
ପୋଖରୀ କରିବା
ଛାଡ଼ି ମାଛ ।
ମୂରୁଖରୁ ଆମେ
ପାଠୁଆ ହେଲୁଣି
ବୁଝିଲୁଣି ସବୁ
ଆଗ ପଛ ।

ତିଆରି କରିବା
ନୂଆ ବଣ
ଗଛ ଲଗେଇବା
ପଣପଣ,
ହରାଇଛୁ ଯାହା
ଫେରେଇ ଆଣିବା
ମନବଳ ଆମ
ଭାରି ଟାଣ ।

Digitized by srujanika@gmail.com

ଜଙ୍ଗଲ ଆମ
ପ୍ରିୟ ସାଥୀ
ବାଘ, ଭାଲୁ, ସିଂହ
ବଣହାତୀ ।
ଶାଳ ପିଆଶାଳ
ମହୁଲ ହସିଲେ
କୁଣ୍ଢେ ମୋଟ ହବ
ଆମ ଛାତି ।

ଆସରେ ସଉରା,
ପରଜା, ବଣ୍ଡା,
ଗଣ୍ଡ, ସାଆଁତାଳ,
ଭୂୟାଁ, ମୁଣ୍ଡା,
ଜୁଆଙ୍ଗ, ଲାଞ୍ଜିଆ,
କନ୍ଧ, ପାହାଡ଼ିଆ,
କୁଟିଆ, ମାଳିଆ
ଗଣ୍ଡା ଗଣ୍ଡା ।

ଆମେ ସବୁ ଏଠି
ଭାଇ ଭାଇ
ନାଚିବାରେ ଆସ
ଥେଇଥେଇ,
ଧିତାମ୍ ଧିତାମ୍
ମାଦଳ ବାଜିବ
ନାଚି ଲୋଟିଯିବା
ଗୀତ ଗାଇ ।

❑❑

Digitized by srujanika@gmail.com

''କିଶୋର ବୟସରୁ ଶିଶୁ ସାହିତ୍ୟ ରଚ଼ନାରେ ମନୋନିବେଶ କରି ଓଡ଼ିଆ ଶିଶୁ ସାହିତ୍ୟକୁ ଆପଣ ନାନା ଦିଗରୁ ସମୃଦ୍ଧ କରିଛନ୍ତି ।''

ଶିଶୁ ସାହିତ୍ୟ ସମିତି

ଓଡ଼ିଶା ସରକାର, ଭୁବନେଶ୍ୱର

''ଆପଣ ଶିଶୁ ସାହିତ୍ୟାକାଶରେ ହେଉଛନ୍ତି ଅମ୍ଳାନ ଧ୍ରୁବତାରା । ଶିଶୁଗଳ୍ପ, କବିତା, ନାଟକ, ଗୀତିନାଟ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଲେଖନୀ ଚାଳନାକରି ଆପଣ ପ୍ରତିଷ୍ଠିତ ।''

'ଘୁଙ୍ଗୁର'- ଭୁବନେଶ୍ୱର

ସାହିତ୍ୟର ସେତୁବନ୍ଧରେ ଗୁଣ୍ଡୁଚ଼ି ମୂଷା ପରି ଆପଣ ଯେଉଁ ବାଲି ମୁଠାକ ଝାଡ଼ି ଦେଇଛନ୍ତି, ତା ସୁନା ରଙ୍ଗରେ ଉକୁଟି ଉଠୁଚ଼ି । ମଳିଧୂଳି ଗୋଳା ଆମର ଏଇ ପୃଥିବୀରେ ଝାଟିମାଟିର କୁଡ଼ିଆଘରେ ଆପଣ ବିଞ୍ଚିଦେଇଛନ୍ତି ସରଗରୁ ତୋଳି ଫୁଲ ଆଞ୍ଜୁଳାଏ । ସେଇଥିପାଇଁ ଆପଣଙ୍କ ପିଠିରେ ସଫଳତାର ସ୍ୱାକ୍ଷର ଗାରଭଳି ସବୁଦିନେ ଉଜ୍ଜ୍ୱଳ ଦିଶୁଛି ଓ ଯେତେ ଉହାଡ଼ରେ ଥିଲେବି ଫୁଲର ମହକ ପରି ଆପଣ ବାରି ହୋଇ ପଡୁଛନ୍ତି ।''

ଗୋକର୍ଣ୍ଣିକା ସାହିତ୍ୟ ସମାଜ,

ଧର୍ମଶାଳା, ଯାଜପୁର

''ସ୍ୱାଧିନତା ପରବର୍ତ୍ତୀ ଆଧୁନିକ ଶିଶୁ ସାହିତ୍ୟ କ୍ଷେତ୍ରରେ ଆପଣଙ୍କ ସ୍ଥାନ ଶୀର୍ଷରେ । ଆପଣ ଜଣେ ପ୍ରତିଭାଧର ପ୍ରଜ୍ଞା ପୁରୁଷ ଓ ଶିଶୁ ସାହିତ୍ୟ ଜଗତର କୁଶଳୀ ବିନ୍ଧାଣୀ ।''

ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ,

ପୁରୀ

Digitized by srujanika@gmail.com

[illegible] ରୋଷେଇ ଘର
[illegible] ଭାରି ସୁନ୍ଦର
[illegible]

ଏଇଟି ଆମର ଫୁଲ ବଗିଚା
ତଳେ ପଡ଼ିଛି କି ଘାସ ଗାଲିଚା
ପରଜା ପତି,
ଡରକା ଅତି,
ଏଇଠି ବୁଲି
[illegible]

Digitized by srujanika@gmail.com